ISSN : 2583-5270

# ସାହିତ୍ୟ ଚର୍ଚ୍ଚା

ଜୁଲାଇ ୨୦୨୫



Vol-4 • Issue-5 • July 2025 • Monthly • Rs.40 • 68 Pages • Bhubaneswar

# ସାହିତ୍ୟ ଚର୍ଚ୍ଚା

SAHITYA CHARCHA

ଓଡ଼ିଆ ସାହିତ୍ୟର ନବଦିଗନ୍ତ

ISSN : 2583-5270, RNI Regd. No. : ODIODI/2022/81590

ଭାଗ-୪ • ସଂଖ୍ୟା-୫ • ଜୁଲାଇ ୨୦୨୫ • ମାସିକ • ଟ.୪୦ • ୬୮ ପୃଷ୍ଠା • ଭୁବନେଶ୍ୱର

ମୁରବି
**ମହାପ୍ରଭୁ ଶ୍ରୀଜଗନ୍ନାଥ**

ସମ୍ପାଦକ
**ନିହାର ରଂଜନ ଶତପଥୀ**

ଉପଦେଷ୍ଟା
**ପୂର୍ଣ୍ଣଚନ୍ଦ୍ର ମିଶ୍ର**
**ଦୁର୍ଗା ଚରଣ ଷଡ଼ଙ୍ଗୀ**
**ବଳଦେବ ମହାରଥା**
**ପ୍ରଶାନ୍ତ ଭୂୟାଁ**

ସହ-ସମ୍ପାଦକ
**ପ୍ରଭାତ ରଞ୍ଜନ ବେହୁରା**
**ଦେବାଶିଷ ମୁଦୁଲି**

ପରିଚାଳନା ନିର୍ବାହୀ
**ଗୋଲଖ ଚନ୍ଦ୍ର ଦାସ**

ଅକ୍ଷର ସଜ୍ଜା
**ଶ୍ରୀଧର ପ୍ରଧାନ**

ୱେବ୍‌ସାଇଟ୍ ପରିଚାଳକ
**ପ୍ରଭଞ୍ଜନ ବଳିୟାରସିଂ**

ପ୍ରଚ୍ଛଦପଟ ଚିତ୍ରାଙ୍କନ
**ବଳଦେବ ମହାରଥା**

ଯୋଗାଯୋଗ
**ସାହିତ୍ୟ ଚର୍ଚ୍ଚା**, ୧୯, ଆର୍ଯ୍ୟ ଭିଲେଜ୍,
ଡୁମୁଡୁମା, ଫେଜ୍-୪,
ଭୁବନେଶ୍ୱର-୭୫୧୦୧୯
ଫୋନ୍ : (୦୬୭୪) ୩୫୫୨୯୪୭
ମୋବାଇଲ : ୯୩୬୮୭୭୨୫୦୬
**E-mail: info@sahityacharcha.com**
**Website: www.sahityacharcha.com**

**ମୂଲ୍ୟ : ଟ. ୪୦/-**

## ।। ସୂଚୀ ।।

| | |
|---|---|
| ପାଠକଙ୍କ ମତାମତ | ୦୨ |
| ନବଗୁଞ୍ଜରର ନବଚିତ୍ରଣ (ସମ୍ପାଦକୀୟ) | ୦୩ |
| ସାଂପ୍ରତିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା (ପ୍ରବନ୍ଧ): ମହୀମୋହନ ତ୍ରିପାଠୀ | ୦୫ |
| ଦାରୁବ୍ରହ୍ମ (କବିତା): କୁଳମଣି ଓଝା | ୦୯ |
| ମୁଁ କ୍ଷେତ୍ର ଯିବି (ଗଳ୍ପ): ବନଜ ଦେବୀ | ୧୦ |
| ହୋ ଭଗତେ (ରମ୍ୟ ରଚନା): ଅଭୟ ଦାଶ | ୧୩ |
| ଇତିହାସ ଓ ଦର୍ଶନରେ ମୈତ୍ରୀଦେବ ଶ୍ରୀଜଗନ୍ନାଥ (ପ୍ରବନ୍ଧ): ବସନ୍ତ କୁମାର ପଣ୍ଡା | ୧୬ |
| ଏତେ ଭଲପାଆନ୍ତି ମତେ (ଅନୁଭୂତି): ଶୈଳବାଳା ମହାପାତ୍ର | ୨୧ |
| ଜଗନ୍ନାଥ ସଂସ୍କୃତିରେ ନୀଳମାଧବ ଉପାସନା (ପ୍ରବନ୍ଧ): ଦୋଳଗୋବିନ୍ଦ ବିଶୀ | ୨୪ |
| ରଥଯାତରେ ଜୟ ବଳଦେବ (ବ୍ୟଙ୍ଗ): ଅଜୟ କୁମାର ମିଶ୍ର | ୨୯ |
| ଝରକା (ଗଳ୍ପ): ରବି ପଣ୍ଡା | ୩୩ |
| ଲେଖକ ଓ ବ୍ୟକ୍ତିଗତ ଜୀବନ (ପ୍ରବନ୍ଧ): ଛାୟାକାନ୍ତ ଷଡ଼ଙ୍ଗୀ | ୩୭ |
| ଦୁଇଟି ନିୟମ (ଗଳ୍ପ): ଜାକିର ଖାନ୍ | ୪୦ |
| ସାରସ୍ୱତ ସ୍ରଷ୍ଟା ଅଜୟ କୁମାର ମିଶ୍ରଙ୍କ ସହ ଅନ୍ତରଙ୍ଗ ଆଳାପ (ସାକ୍ଷାତକାର) | ୪୩ |
| ଶାନ୍ତି ନିକେତନରୁ ପ୍ରକାଶିତ ପତ୍ରପତ୍ରିକା: ଏକ ଅନୁଧ୍ୟାନ (ପ୍ରବନ୍ଧ): ସୋନାଲି ସାହୁ | ୪୭ |
| ଦେଶାନ୍ତର (ଅନୁବାଦ): କନକ ମଂଜରୀ ସାହୁ | ୫୦ |
| ଲୋକଭାଷା ବନାମ ସାହିତ୍ୟର ଭାଷା (ପ୍ରବନ୍ଧ): ଜ୍ୟୋତିପ୍ରଭା ମହାନ୍ତି | ୫୩ |
| ଭାଇ (ଗଳ୍ପ): ହରେକୃଷ୍ଣ ସାହୁ | ୫୯ |
| ଦାଦନର ଦୁଃଖ (କବିତା): ବେଣୁଧର ସୂତାର | ୬୨ |
| ଦୁଇଟି ମିନିଗପ (ଗଳ୍ପ): ଲକ୍ଷ୍ମୀଧର ସାହୁ | ୬୩ |
| ହରିଣ ଗଲା ହାରି (ଶିଶୁଗଳ୍ପ): ରବୀନ୍ଦ୍ରନାଥ ମାଝୀ | ୬୪ |
| ଆତ୍ମମଗ୍ନା (ପୁସ୍ତକ ସମୀକ୍ଷା): ନିହାର ଶତପଥୀ | ୬୬ |
| ସାହିତ୍ୟ ସମାଚାର | ୬୭ |
| ଆପଣାକିଆ (ଶେଷ ପୃଷ୍ଠା): ପ୍ରଶାନ୍ତ ଭୂୟାଁ | ୬୮ |

# ପାଠକଙ୍କ ମତାମତ


ଆମ ପାଠାଗାରର ବହୁ ସୃଜନମନସ୍କ ପାଠକମାନେ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାଟିକୁ ଖୁବ୍ ଶ୍ରଦ୍ଧା ସହକାରେ ବସି ପଢ଼ନ୍ତି। ଜୁନ୍ ମାସରେ ପ୍ରକାଶିତ ସମ୍ପାଦକଙ୍କ ସଂପାଦକୀୟ 'ନାମବାଚକ ବିଶେଷ୍ୟ' ଖୁବ୍ ଯୁଗୋପଯୋଗୀ। ପ୍ରବନ୍ଧ ବିଭାଗରେ ଫକୀରମୋହନ ସାହୁଙ୍କ 'ସାହିତ୍ୟିକର ଗର୍ଭବେଦନା' ପ୍ରତି ସାହିତ୍ୟିକଙ୍କ ହୃଦୟକୁ ଛୁଇଁଥିବ ନିଶ୍ଚୟ। ସେହିପରି ସଦାନନ୍ଦ ନାୟକଙ୍କ 'ଯାଜ୍ଞସେନୀରେ ବିସଙ୍ଗତି' ନିଶ୍ଚୟ ଗ୍ରହଣଯୋଗ୍ୟ।

ଗଣଔପନ୍ୟାସିକ ଭାଗିରଥି ଦାସଙ୍କ ସହ ସାକ୍ଷାତକାର ନିଜେ ସଂପାଦକ କରିଥିବାରୁ ଅଧିକ ରୁଚିଶୀଳ ହୋଇଛି। ମୋଟ ଉପରେ ପତ୍ରିକାର ଗଳ୍ପ, କବିତା, ଅନୁବାଦ, ବିଜ୍ଞାନ ସାହିତ୍ୟ ବ୍ୟଙ୍ଗ ଓ ଶିଶୁ ସାହିତ୍ୟ, ସବୁ ବିଭାଗର ପୃଷ୍ଠା ନିଶ୍ଚୟ ପାଠକଙ୍କ ହୃଦୟକୁ ଛୁଇଁବ। ସାହିତ୍ୟ ଚର୍ଚ୍ଚାର ପ୍ରକାଶନୀ ଦ୍ୱାରା ପ୍ରକାଶିତ ମାନସ ରଞ୍ଜନ ମହାପାତ୍ରଙ୍କ 'ବହି ବହି ବହି' ପୁସ୍ତକଟି ପ୍ରତି ବହିମଣିଷ ନିଜ ପାଖରେ ରଖିବା ଉଚିତ।

**ବିକାଶ କୁମାର ଶତପଥୀ**
baichadhei@gmail.com

'ସାହିତ୍ୟ ଚର୍ଚ୍ଚା'ର ଜୁନ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧଗୁଡ଼ିକ ଅତି ଉଚ୍ଚକୋଟୀର ଏବଂ ମୌଳିକ ଲେଖା ଭଳି ଲାଗିଲା। ଫକୀରମୋହନ ସାହୁଙ୍କ 'ସାହିତ୍ୟିକର ଗର୍ଭବେଦନା ଓ ସର୍ଜ୍ଜନଶୀଳତା' ପ୍ରବନ୍ଧଟି ମୋତେ ସଂପୂର୍ଣ୍ଣ ନୂଆ ଲାଗିଲା। ସାହିତ୍ୟରେ ଏପରି ଲେଖାର ଆବଶ୍ୟକତା ନିଶ୍ଚିତ ଭାବେ ରହିଛି। ଗୋଟିଏ ଲେଖା ଯେତେବେଳେ ଲେଖାଯାଉଛି, ଲେଖାର ପ୍ରଶଂସା ସହିତ ତ୍ରୁଟିବିଚ୍ୟୁତିକୁ ମଧ୍ୟ ଆମକୁ ଦର୍ଶାଇବାକୁ ପଡ଼ିବ। ତାହାହେଲେ ଜଣେ ନିରପେକ୍ଷ ଆଲୋଚକ ବା ସମାଲୋଚକ ହୋଇପାରିବ।

**ଲାଲା ନଗେନ୍ଦ୍ରନାଥ ବେହେରା**
lalalajpat35@gmail.com




ମତାମତ ପଠାଇବା ପାଇଁ ଇ-ମେଲ୍ ଠିକଣା:
info@sahityacharcha.com

ଜୁନ୍ ସଂଖ୍ୟା ପାଇଲି। ସମ୍ପାଦକୀୟ ଓ ଶେଷ ପୃଷ୍ଠା ନିଶ୍ଚିନ୍ତ ପ୍ରଥମ ବୋଲି କୁହାଯାଇପାରିବ। ଏ ସଂଖ୍ୟାରେ ପ୍ରକାଶିତ ପ୍ରବନ୍ଧ ଉଚ୍ଚକୋଟୀର। ଅନେକ ଲୋକ ଅର୍ଥ ନବୁଝି ଶବ୍ଦ ପ୍ରୟୋଗ କରନ୍ତି। ଗାୟକ ଅର୍ଥ ନବୁଝି ଗୀତ ସଂଗୀତ ଗାନ କରନ୍ତି। ଜଣେ ଗାୟକ ସାଲବେଗଙ୍କ ବିଖ୍ୟାତ 'ଚାଲ ସଖି ଆମ୍ଭେ ଦର୍ଶନ କରିବା' ଭଜନର ଶେଷ ପଦଟିକୁ ଭୁଲ ଗାଇଲେ- 'କାଳ ଗଜକୁ ସିଂହ ପ୍ରାୟେଣ' ବଦଳରେ 'କଳା ଗଜକୁ ସିଂହ ପ୍ରାୟେଣ' ବୋଲି। ବାକି ସବୁ ଅଂଶ ନବୁଝି ଗଜ (ହାତୀ) କଳା, ତେଣୁ କାଳ ଗଜ ଭୁଲ ମୁଦ୍ରଣ ଭାବିନେଲେ। ଆଉ ଜଣେ ଗାୟିକା ଗାଇଛନ୍ତି - 'କାଳ ଗଜକୁ ସିଂହ ପ୍ରୟାଣ' ବୋଲି। ଜୁନ୍ ମାସର 'ଅନୁଭୂତି' ସ୍ତମ୍ଭଟି ପଢ଼ି ଏଗୁଡ଼ିକ ମନେପଡ଼ିଲା।

ଆଉ ଗୋଟିଏ କଥା, ଜୁନ୍ ସଂଖ୍ୟାର ପ୍ରବନ୍ଧ 'ସାହିତ୍ୟିକର... ସର୍ଜ୍ଜନଶୀଳତା' ପଞ୍ଚମ ପୃଷ୍ଠାର 'କୁକୁର' ସପ୍ତମ ପୃଷ୍ଠାରେ 'ବିରାଡ଼ି' ହୋଇଯାଇଛି। ଅବଶ୍ୟ ଏହା ବିଶେଷ କ୍ଷତିକାରକ ତ୍ରୁଟି ନୁହେଁ। ତଥାପି... ମୁଁ ଭାବୁଛି, ଏଥିରେ ଶବ୍ଦଟି ସର୍ଜ୍ଜନଶୀଳତା ହେବ ନା ସୃଜନଶୀଳତା ହେବ? ଆଉ ଗୋଟିଏ ଶବ୍ଦ ମଧ୍ୟ ଦେଖିଲି 'ମନାକର୍ଷକ'। ସାଧାରଣତଃ ଚିତ୍ତାକର୍ଷକ ଶବ୍ଦଟି ବ୍ୟବହୃତ ହୁଏ। ସମାନ ଅର୍ଥ-ବହ ହେଲେ ସୁଦ୍ଧା ଟିକିଏ ଗୁରୁଚଣ୍ଡାଳ ଦୋଷ ଥିଲାପରି ଲାଗୁଛି। 'ଶେଷ ପୃଷ୍ଠା'ରେ ଯେଉଁ ପଦଟି ଉଦ୍ଧୃତ, "ସଜନା ଗଛ... ଭାରି ଶରଧା।" ସେହି ବୋଲିଟା ମଞ୍ଜୁଷାରେ ବି ପ୍ରୟୋଗ ହେବା ଶୁଣିଛି। ଅମିତ୍ରାକ୍ଷର ଅର୍ଥହୀନ, ଯତିହୀନ। ତେବେ ଆମେ ଶୁଣିଛୁ 'ମୁନିଗା ଗଛ ମୂଳେ କୁଢାଇଲି ପାଉଁଶ, କାନ ବାଟେ ଗଲା ଋଷିକୂଲ୍ୟା ନଦୀ'। ଶଜନା, ସଜନା, ମୁନିଗା ସବୁ ଗୋଟାଏ ହିଁ।

**ପ୍ରମୋଦିନୀ ପଣ୍ଡା**
parthpanda2@gmail.com

ସମ୍ପାଦକୀୟ

# ନବଗୁଞ୍ଜରର ନବଚିତ୍ରଣ

ନବଚିତ୍ରଣ ଏକ ଗର୍ହିତ କାର୍ଯ୍ୟ ନୁହେଁ; କାରଣ ନବୀନତାକୁ ଆମେ ପ୍ରଗତି ବା ସକାରାତ୍ମକତାର ଏକ ସୂଚକ ବୋଲି ଧରିନେଇଥାଉ । କିନ୍ତୁ ଏହି ନବଚିତ୍ରଣ ଯେତେବେଳେ ଅପଚିତ୍ରଣର ସ୍ତରକୁ ଖସିଆସେ ସେତେବେଳେ ଆମକୁ ସେଥିରେ ନକାରାତ୍ମକତା ଦିଶିଯାଏ । ଓଡ଼ିଆ ଭାଷା ଓ ସାହିତ୍ୟର ଅମୂଲ୍ୟ ବିଭବ, ସାରଳା ମହାଭାରତରେ ବର୍ଣ୍ଣିତ ଶ୍ରୀକୃଷ୍ଣଙ୍କ ନବଗୁଞ୍ଜର ରୂପ ପ୍ରସଙ୍ଗରେ ଆମେ ଏହି କଥା କହୁଛୁ । ତାଙ୍କର ଏହି ଅନନ୍ୟ ରୂପର ବର୍ଣ୍ଣନା ସାରଳା ମହାଭାରତକୁ ଛାଡ଼ିଦେଲେ ଅନ୍ୟ କେଉଁଠି ଦେଖିବାକୁ ମିଳେ ନାହିଁ । ସାରଳା ଦାସଙ୍କର ଏକ ମୌଳିକ କବି-ଚିନ୍ତନ ଭାବରେ ତାଙ୍କ ଦ୍ୱାରା ରଚିତ ମହାଭାରତରେ ଏହା ସ୍ଥାନ ପାଇବା ଆମ ଜାତିର ଏକ ଗୌରବ ବୋଲି କୁହାଯାଇପାରେ । ସାରଳା ମହାଭାରତର ମଧ୍ୟପର୍ବରେ ଅଛି ଯେ ଶ୍ରୀକୃଷ୍ଣ ନିଜ ବନ୍ଧୁତ୍ୱର ନିବିଡ଼ତା ପରୀକ୍ଷା କରିବା ପାଇଁ ନଅଗୋଟି ଜୀବର ସମାହାରକୁ ନେଇ ଅର୍ଜୁନଙ୍କ ସମ୍ମୁଖରେ ଏକ ଅଦ୍ଭୁତ ରୂପରେ ଉଭା ହୋଇଥିଲେ । ସେହି ରୂପ ମଧ୍ୟରେ ସମାହିତ ଥିଲା କୁକୁଡ଼ାର ମୁଣ୍ଡ, ବୃଷଭର ଚୂଳ, ମୟୂରର କଣ୍ଠ, ସର୍ପର ପୁଚ୍ଛ, ସିଂହର କଟି, ବ୍ୟାଘ୍ର, ଅଶ୍ୱ, ହସ୍ତୀର ଗୋଟିଏ ଲେଖାଏଁ ପାଦ ଓ ଅନ୍ୟ ପାଦଟି ଥିଲା ପଦ୍ମ ଧାରଣ କରିଥିବା ମଣିଷର ହାତ ।




ଆମ ଆଧ୍ୟାତ୍ମିକ ପରମ୍ପରାରେ ଶ୍ରୀକୃଷ୍ଣ ଓ ଶ୍ରୀଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ଭାବରେ ଗ୍ରହଣ କରାଯାଇଛି । ସେଥିପାଇଁ ଷୋଡ଼ଶ ଶତାବ୍ଦୀରେ ସନ୍ଥକବି ଦିବାକର ଦାସ ଗାଇ ଉଠିଥିଲେ, 'ଜଗନ୍ନାଥ ଯେ ଷୋଳ କଳା, ତହୁଁ କଳାଏ ନନ୍ଦବଳା ।' କିନ୍ତୁ ଆମେ, ବିଶେଷତଃ ଆଧୁନିକ ଯୁଗର ଲେଖକ, ଆଲୋଚକ ଓ ଚିତ୍ରକରଗଣ, ଜଗନ୍ନାଥଙ୍କର ସେହି ନବଗୁଞ୍ଜର ରୂପଟିକୁ ଏବେ କେଉଁଠୁ ଆଣି କେଉଁଠି ଯେ ଥୋଇଦେଲେଣି ତାହା ଚିନ୍ତାର ବିଷୟ । ଆଜିକାଲି ବିଭିନ୍ନ ପତ୍ରପତ୍ରିକା, କଳା ପ୍ରଦର୍ଶନୀ, ଟେଲିଭିଜନ୍, ସାମାଜିକ ଗଣମାଧ୍ୟମ ଓ ଏପରିକି ଐତିହ୍ୟ ଗ୍ରାମ ରଘୁରାଜପୁରର ପାରମ୍ପରିକ ପଟ୍ଟଚିତ୍ରଗୁଡ଼ିକରେ ମଧ୍ୟ ନବଗୁଞ୍ଜରଙ୍କ ଦୁଇପ୍ରକାର ରୂପ ଦେଖିବାକୁ ମିଳୁଛି । ଗୋଟିଏ ହେଲା, ସାରଳା ଦାସଙ୍କର ବର୍ଣ୍ଣନା ଅନୁଯାୟୀ ମୂଳ ରୂପ ଏବଂ ଅନ୍ୟଟି ହେଲା ତାହାର ଏକ ଅପଚିତ୍ରଣ, ଯେଉଁଥିରେ ତାଙ୍କ ହାତରେ ପଦ୍ମ ଫୁଲ ପରିବର୍ତ୍ତେ ଶୋଭାପାଉଛି ଗୋଟିଏ ନୀଳଚକ୍ର । ସେହିପରି ତାହାଙ୍କ ପୁଚ୍ଛ ହିଁ ଏକ ସର୍ପ ('ଅହିବର ପୁଚ୍ଛା') ହେବା ପରିବର୍ତ୍ତେ କେତେକ ଚିତ୍ରରେ କୁବ୍‌ଜରୁ ଗୁଡ଼େଇ ହୋଇ ଏକ ଅସଂଯୁକ୍ତ ପ୍ରାଣୀ ଭାବରେ ଲମ୍ବିଆସିଛି ସର୍ପଟିଏ । ଏବେ କିଛି ଦିନ ତଳେ ଭୁବନେଶ୍ୱର ସହରର ଉପକଣ୍ଠରେ ପୁରୀ ଯିବା ରାସ୍ତାରେ ଦୃଷ୍ଟିରେ ପଡ଼େ ନୂତନ ଭାବରେ ସ୍ଥାପିତ ଏହିଭଳି ଏକ ନବଗୁଞ୍ଜର ମୂର୍ତ୍ତି, ଯେଉଁଥିର ହାତରେ ଧରାଇଦିଆଯାଇଛି ନୀଳଚକ୍ରଟିଏ । କଥା ହେଲା, ନବଗୁଞ୍ଜରକୁ ଏଭଳି ଅବାସ୍ତବ ସ୍ୱରୂପ ଦେଲା ବା କିଏ ? ଯିଏ ଏହା କରିଥାଆନ୍ତୁ ନା କାହିଁକି, ଏହା ଯେ ସାରଳା ଦାସଙ୍କର ମୂଳକୃତିରେ ଥିବା ଅବଧାରଣା ପ୍ରତି ଏକ ଅପମାନ ଏଥିରେ ସନ୍ଦେହ ନାହିଁ ।

ଆମପାଇଁ ଆଉ ଏକ ଅନୁଶୋଚନାର ବିଷୟ ହେଲା, ଏହି ନବଗୁଞ୍ଜର ରୂପର ମୌଳିକତାକୁ ନେଇ ଏବେ ବିଭିନ୍ନ ମଞ୍ଚରେ ଚାଲିଥିବା କେତେକ ବିଭ୍ରାନ୍ତିକର ବିଚାର । ଏବେ କେତେଜଣ ଆଲୋଚକ ଏକ ଭ୍ରମାତ୍ମକ ଧାରଣା ମଧ୍ୟ ପ୍ରସାରିତ କରିବାରେ ଲାଗିଲେଣି ଯେ ସାରଳା ଦାସଙ୍କର ଦ୍ୱାରା ମହାଭାରତ ରଚିତ ହେବାର ବହୁ ପୂର୍ବରୁ, ଅର୍ଥାତ୍ ଦ୍ୱାଦଶ ଶତାବ୍ଦୀରେ ଶ୍ରୀମନ୍ଦିର ନିର୍ମିତ ହେବା କାଳରୁ ହିଁ ମନ୍ଦିର ଚୂଡ଼ାରେ ଥିବା ନୀଳଚକ୍ରରେ ଏହି ନବଗୁଞ୍ଜର ରୂପ ଖୋଦିତ ହୋଇଥିଲା । ଏହା ବ୍ୟତୀତ ଗରୁଡ଼ ସ୍ତମ୍ଭ ନିକଟ କାନ୍ଥରେ ମଧ୍ୟ କୁଆଡ଼େ ଏହାର ଚିତ୍ର ଅଙ୍କିତ ଥିଲା । ଏଭଳି ଯୁକ୍ତିଗୁଡ଼ିକର କୌଣସି ଆଧାର ନାହିଁ ।

ଆମର ନିବେଦନ, ନବଗୁଞ୍ଜର ଭଳି ଏକ ଐତିହ୍ୟ ସମ୍ପନ୍ନ ରୂପକଳ୍ପକୁ ନେଇ ଅଯଥା ଏଭଳି ବିକୃତି ଓ ବିଭ୍ରାନ୍ତି ସୃଷ୍ଟି କରିବାରୁ ସମସ୍ତେ କ୍ଷାନ୍ତ ହୁଅନ୍ତୁ ।

**ନିହାର ଶତପଥୀ**

## ସାହିତ୍ୟ ବିଚାର

କମଳାକାନ୍ତ ରଥ




*ଚିତ୍ରଟିର ପ୍ରସଙ୍ଗ ପାଇଁ ଚଳିତ ସଂଖ୍ୟାର 'ସମ୍ପାଦକୀୟ' ଦ୍ରଷ୍ଟବ୍ୟ।*

---

## 'ସାହିତ୍ୟ ଚର୍ଚ୍ଚା'ର ଗ୍ରାହକ ଯୋଜନା

ଆଗ୍ରହୀ ପାଠକମାନେ ବାର୍ଷିକ ଗ୍ରାହକ ଦେୟ ସ୍ୱରୂପ ୧୨ଟି ସଂଖ୍ୟାର ମୂଲ୍ୟ ଟ.୪୮୦/- ମାତ୍ର ପଠାଇ ଏକ ବର୍ଷ ପର୍ଯ୍ୟନ୍ତ ଡାକ ବା କୋରିଅର୍ ଯୋଗେ ଏହି ପତ୍ରିକା ପାଇପାରିବେ। ଏଥିପାଇଁ କୌଣସି ଅତିରିକ୍ତ ଡାକଖର୍ଚ୍ଚ ନିଆଯାଏ ନାହିଁ। ନିମ୍ନରେ ଦିଆଯାଇଥିବା ଆକାଉଣ୍ଟ ନମ୍ବର କିମ୍ବା 'କ୍ୟୁ.ଆର୍. କୋଡ୍'କୁ ଟ.୪୮୦/- ପଠାଇବା ପରେ ଆମର ହ୍ୱାଟ୍ସଆପ୍ ନଂ. 9368772506 କିମ୍ବା ଇ-ମେଲ୍ ଠିକଣା info@sahityacharcha.com ରେ ନିଜର ନାମ, ଡାକଠିକଣା ଓ ମୋବାଇଲ ନମ୍ବର ଜଣାନ୍ତୁ।

*IFS Code* : CNRB0018007
*Account No.* : 120000048648
*Account Name* : Sahitya Charcha

ଉପରେ ଦିଆଯାଇଥିବା କ୍ୟୁ.ଆର୍. କୋଡ୍ ଚିତ୍ରକୁ ସ୍କାନ କରି ବିଭିନ୍ନ ମୋବାଇଲ୍ ବ୍ୟାଙ୍କିଙ୍ଗ୍ ଆପ୍ ଜରିଆରେ ମଧ୍ୟ ଏହି ଦେୟ ପଠାଯାଇପାରେ, କିମ୍ବା ଆମର ଫୋନ୍-ପେ ନମ୍ବର 9368772506 କୁ ଏହା ପଠାଇପାରନ୍ତି।


ଏହି ଗ୍ରାହକ ଯୋଜନାର ସୂଚନା ଆମ ୱେବ୍‌ସାଇଟ୍‌ର ନିମ୍ନୋକ୍ତ ଲିଙ୍କ୍‌ରେ ମଧ୍ୟ ଉପଲବ୍ଧ ଅଛି।
www.sahityacharcha.com/subscription

## 'ସାହିତ୍ୟ ଚର୍ଚ୍ଚା'ର ଆଜୀବନ ସଦସ୍ୟବୃନ୍ଦ

୧. ଅଚ୍ୟୁତାନନ୍ଦ ପତି
୨. ଲୋପାମୁଦ୍ରା ମହାନ୍ତି
୩. କମଳାକାନ୍ତ ମହାପାତ୍ର
୪. ବସନ୍ତ କୁମାର ପଣ୍ଡା
୫. ଆରାଧନା ମିଶ୍ର
୬. ଶର୍ମିଷ୍ଠା ପ୍ରଧାନ
୭. ଅଶୋକ କୁମାର ପରିଡ଼ା
୮. ନୀଳମାଧବ ବିଶୋଇ
୯. ମନୋରମା ଚୌଧୁରୀ
୧୦. ଦାଶ ବେନହୁର
୧୧. ବିଜୟ କୁମାର ମହାପାତ୍ର

ପତ୍ରିକାର ଆଜୀବନ ସଦସ୍ୟ ହେବା ପାଇଁ ଇଚ୍ଛୁକ ପାଠକବନ୍ଧୁମାନେ 'ସାହିତ୍ୟ ଚର୍ଚ୍ଚା'ର ନିମ୍ନଲିଖିତ ଫୋନ୍ ନମ୍ବରରେ ଯୋଗାଯୋଗ କରିବାକୁ ଅନୁରୋଧ।

ମୋବାଇଲ୍:
**+91 9368772506**
ଲ୍ୟାଣ୍ଡଲାଇନ୍:
**0674-3552947**



ପ୍ରବନ୍ଧ


# ସାଂପ୍ରତିକ ଓଡ଼ିଆ କବିତାରେ ଶ୍ରୀଜଗନ୍ନାଥ ଚେତନା



ମହୀମୋହନ ତ୍ରିପାଠୀ

ଉତ୍କଳୀୟ ସଂସ୍କୃତିର ଅନ୍ୟନାମ ଶ୍ରୀଜଗନ୍ନାଥ ସଂସ୍କୃତି କହିଲେ ଅତ୍ୟୁକ୍ତି ହେବନାହିଁ । ଶ୍ରୀଜଗନ୍ନାଥ ସଂସ୍କୃତି ହେଉଛି ଶ୍ରୀଜଗନ୍ନାଥ ଚେତନା । ଏହି ଚେତନା ସମସ୍ତ ସାମାଜିକ ଶ୍ରେଣୀ ବିଭାଗ ବା ଗୋଷ୍ଠୀ ଓ ଧର୍ମବିଶ୍ୱାସର ପ୍ରତିବନ୍ଧକକୁ ଅତିକ୍ରମ କରିଥାଏ । ଏହି ଚେତନାରେ ନାହିଁ ସାମାନ୍ୟ ଅସାମାନ୍ୟର ଭେଦଭାବ । ଏଥିରେ ଅଛି ଆଧ୍ୟାତ୍ମିକ ସାମ୍ୟବାଦ ।

ଶ୍ରୀଜଗନ୍ନାଥ ସଂସ୍କୃତି ପ୍ରଥିତଯଶା ଗବେଷକ 'ଦାରୁଦେବତା' ପୁସ୍ତକର ପ୍ରଣେତା, ଡକ୍ଟର ବେଣୀମାଧବ ପାଢ଼ୀ ଲେଖିଛନ୍ତି, "ଉତ୍କଳର ଧର୍ମ କହିଲେ, ଜଗନ୍ନାଥ ଧର୍ମ; ସଂସ୍କୃତି କହିଲେ, ଜଗନ୍ନାଥ ସଂସ୍କୃତି; ଇତିହାସ କହିଲେ, ଜଗନ୍ନାଥଙ୍କ ଇତିହାସ । ଜଗନ୍ନାଥ ହିଁ ଉତ୍କଳବାସୀଙ୍କ ଧର୍ମ ଓ ବିଶ୍ୱାସର ପ୍ରାଣକେନ୍ଦ୍ର ।"



ଡକ୍ଟର ପାଢ଼ୀଙ୍କ ଏହି ଉକ୍ତିରେ ଟିକିଏ ଯୁକ୍ତକରି ଯଦି କୁହାଯାଏ, "ଓଡ଼ିଆ ସାହିତ୍ୟ କହିଲେ, ଜଗନ୍ନାଥଙ୍କ ସାହିତ୍ୟ"; ତେବେ ତାହା ଅତ୍ୟୁକ୍ତି ହେବନାହିଁ । ବାସ୍ତବିକ ଶ୍ରୀଜଗନ୍ନାଥଙ୍କୁ ବାଦ୍‌ଦେଇ ଓଡ଼ିଆ ସାହିତ୍ୟ କଳ୍ପନା କରିହେବନାହିଁ ।

### ସେ ଯୁଗରୁ ଏଯାବତ୍

ଓଡ଼ିଆ ସାହିତ୍ୟର ଆଦିକବି, ଶୂଦ୍ରମୁନି ସାରଳା ଦାସଙ୍କଠାରୁ ଆରମ୍ଭକରି, ଆଦି-ମଧ୍ୟଯୁଗ ବା ପଞ୍ଚସଖା ଯୁଗ, ଉତ୍ତର-ମଧ୍ୟଯୁଗ ବା ରୀତିଯୁଗ ଏବଂ ଆଧୁନିକ ଯୁଗର ସାହିତ୍ୟରେ ପ୍ରବନ୍ଧ, ଗଳ୍ପ, ଗୀତିକବିତା ଓ କବିତାରେ ଶ୍ରୀଜଗନ୍ନାଥ ଚେତନାର ପ୍ରତିଫଳନ ଦେଖାଯାଏ । କେବଳ ଗୀତ ବା ଗୀତିକବିତାରେ ନୁହେଁ, ସମସାମୟିକ କବି/କବୟିତ୍ରୀମାନଙ୍କର କବିତାରେ ମଧ୍ୟ ଶ୍ରୀଜଗନ୍ନାଥ ଚେତନା ପରିସ୍ଫୁଟ । ସାଧାରଣତଃ ମୁକ୍ତଛନ୍ଦ ବା ଗଦ୍ୟଛନ୍ଦରେ ରଚନା କରାଯାଉଥିବା ଆଧୁନିକ କବିତାରେ ମିଥ୍ ଓ ପ୍ରତୀକର ପ୍ରୟୋଗ, ବାକ୍‌ରୀତି ସହ କାବ୍ୟିକ ରୀତିର ସମନ୍ୱୟ ଦେଖିବାକୁ ମିଳେ । କେତେଜଣ କବିଙ୍କ ରଚନାରେ ଶ୍ରୀଜଗନ୍ନାଥ ଚେତନା କିପରି ପ୍ରତିଫଳିତ ହୋଇଛି ତାହା ଏହି ପ୍ରବନ୍ଧରେ ଦର୍ଶାଯାଇଛି । ମାତ୍ର ଅଳ୍ପ କେତେଜଣ କବିଙ୍କ କବିତାରୁ କେତୋଟି ଧାଡ଼ି ଉଦ୍ଧୃତ କରାଯାଇଛି । ଏହିପରି ଅନେକ କବି ଅଛନ୍ତି । ସମସ୍ତଙ୍କର ଉଦାହରଣ ଦେଲେ ପ୍ରବନ୍ଧର କଳେବର ବୃହତ୍ ହୋଇଯିବ । ତେଣୁ ଏହି ଆଲୋଚନା ସଂପୂର୍ଣ୍ଣ କିମ୍ବା ନିଷ୍କର୍ଷମୂଳକ କୁହାଯାଇପାରିବନାହିଁ ।

ପ୍ରଥମେ ଆଧୁନିକ ଓଡ଼ିଆ କବିତାର ବିନ୍ଧାଣି, ମହାକବି ସଚ୍ଚି ରାଉତରାୟଙ୍କ କବିତା 'ରଥଯାତ୍ରା', ୧୯୭୩ର ଉଦ୍ଧୃତି ନିମ୍ନରେ ପେସ୍ କରାଗଲା । ଶ୍ରୀଜଗନ୍ନାଥଙ୍କ 'ଚକାଡୋଳା'ର ଅଲୌକିକ ଆକର୍ଷଣ ଏବଂ ଆହ୍ୱାନ ଆବୋରି ବସିଛି କବିଙ୍କ ଚିନ୍ତା ଓ ଚେତନାକୁ । ସେ ଲେଖିଛନ୍ତି:

"ସେ ଆଖି ହିଁ ଦେହ, ତାହା ମନ, ତାହା ଆତ୍ମା,
ସେ ଏକ ସମୁଦ୍ର ସଙ୍ଖୋଳା, ଲୌକିକ ଗବାକ୍ଷୁ
ଦୁଇଟି ବ୍ରହ୍ମାଣ୍ଡ ପରି ସେହି ଦୁଇ ଡୋଳା,
ଯା'ର ଚତୁର୍ଦ୍ଦିଗେ ଘୂରେ ସୂର୍ଯ୍ୟ, ଘୂରେ ଚନ୍ଦ୍ର, ତାରା,
ଗ୍ରହ, ଉପଗ୍ରହ, ବ୍ୟୋମବାୟୁ, ଶୂନ୍ୟ, ମହାଶୂନ୍ୟ
ତାହା ଏକ ଶୂନ୍ୟର ଡାକରା ମହାଶୂନ୍ୟ ଆଡ଼େ ।"

ସେହି ଚକାଆଖି ହେଉଛି କରୁଣା ଓ ବିଶ୍ୱାସର ! 'କାଳପୁରୁଷ' କବିତାର କାଳଜୟୀ କବି ଗୁରୁପ୍ରସାଦ ମହାନ୍ତିଙ୍କ

କବିତାରେ:

"...କରୁଣା ଓ ବିଶ୍ୱାସର
ଦୁଇଟି ଜ୍ୱଳନ୍ତ ଆଖି,
ଆମର ଏ ସମୟରେ
ଏକମାତ୍ର ସାନ୍ତ୍ୱନା ଓ
ଏକମାତ୍ର ନିର୍ଭୟ
ଆଶ୍ରୟ ଆଉ ଶତାବ୍ଦୀକୁ ।"

ମୁଖ୍ୟତଃ ଜଣେ ବଳିଷ୍ଠ କଥାକାର ହେଲେ ହେଁ ମହାପାତ୍ର ନୀଳମଣି ସାହୁ ରଚନା କରିଛନ୍ତି କେତୋଟି ସାର୍ଥକ କବିତା । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରତି ତାଙ୍କର ପ୍ରାଣର ଆବେଗ ଫୁଟି ଉଠିଛି ଏକ କବିତାରେ:

"ଦେଉଳେ ଥାଆ କି ରଥରେ ଥାଆ ତୁ
ମାଦଳାରେ ତୋତେ ଚାହିଁଲା କ୍ଷଣି
ଅକାରଣେ କୋହେ ଛାତି ଫାଟିଯାଏ
ଆଖିରୁ ବୁହଇ ଅସରା ପାଣି ।
ମନ ହୁଏ ତୋତେ କୁଣ୍ଢାଇ ଧରିକି
ଜୀବନଟା ସାରା ବୁହାନ୍ତି ଲୁହ
ଦୁଃଖୀର ଧନ ତୁ ରଙ୍କ ରତନରେ
ନିରିମାଖି ପୁଅ 'ମାଦଳା ଦିଅଁ' ।"

**"... ସେଇଥିପାଇଁ ତ ଆମ ଜୀବନର ଏ ସଂସାରର ସବୁକିଛି, ସବୁ କାଳ ପାଇଁ ଅଧାପନ୍ତୁରିଆ କରି ଛାଡ଼ିଗଲ !"**

**ନାସ୍ତିକର ଭକ୍ତି**

ସମସାମୟିକ ଅନ୍ୟତମ ପ୍ରବୀଣ କବି ହରପ୍ରସାଦ ଦାସଙ୍କ ଗୋଟିଏ କବିତା 'ନାସ୍ତିକର ଭକ୍ତି କବିତା'ରେ ପରିଲକ୍ଷିତ ହୁଏ ଅଭିମାନ ମିଶ୍ରିତ ବକ୍ରୋକ୍ତି !

"ତମେ ରତ୍ନ ସିଂହାସନରେ ବସିଲାବାଲା
ତମେ କି ଜାଣ ଦୁଃଖ ପାଇବାର କଳା !
ତମେ କି ଜାଣ ଦୟାନିଧି
ଦୁଃଖ ଶୋକ ରୋଗ ବଇରାଗ
ଯାହା ସବୁ ଦିଅ ଦାନରେ
ପୃଥିବୀର ଛୋଟରୁ ଛୋଟ ମଣିଷକୁ,
ତାକୁ ସେମାନେ
କି ମାର୍ଗେ ବଢ଼େଇ
ଆଣି ଛାଡ଼ି ଦିଅନ୍ତି ଷଣ୍ଢ କରି
ତମ ଦାଣ୍ଡରେ ।"

ଏହି କବି ମଧ୍ୟ ଲେଖିପାରନ୍ତି 'ଜଣାଣ', ପ୍ରାଚୀନ ଶୈଳୀରେ, କବିସୂର୍ଯ୍ୟଙ୍କ ପରି:

"ଅନନ୍ତ ଗୋ ଆରତ ଅନନ୍ତ ଅନାହତ
ଅନନ୍ତ ତୁମ୍ଭ ନେତ୍ରଲେଖା
ଅନ୍ତର୍ଲୋକରେ ରଚି ଅଭାବେ ଭାବେ ସଞ୍ଜ
ଡାକିଲି ଦିଅ ମୋତେ ଦେଖା
ହେ ମହାପ୍ରଭୁ
ହେଲା କି ଅପରାଧ ମୋର ?
ଏପଟେ ଏ ଜଗତ ସେପଟେ ତୁମ୍ଭେ ନାଥ
ମଝିରେ ଅଦୃଷ୍ଟର ରେଖା ।"

ପଦ୍ମବିଭୂଷଣ କବି ସୀତାକାନ୍ତ ମହାପାତ୍ର ପଚାରିଛନ୍ତି ଦାରୁଦିଅଁ ଜଗନ୍ନାଥଙ୍କୁ:

"କ'ଣ ପାଇଁ ଦରଗଢ଼ା ହୋଇ ରହିବାକୁ
ତମେ ଇଚ୍ଛାକଲ, ଆମକୁ ଅଗୋଚର ॥
ଏ ସବୁ ତମରି କରଣି
ଅଧାଗଢ଼ା ହୋଇ ରହିଛ ଜାଣିଶୁଣି ॥
ତମରି ଦରଗଢ଼ା ଛାଞ୍ଚରେ
ସାରା ସୃଷ୍ଟି ସର୍ଜନା କଲ
ସେଇଥିପାଇଁ ତ ଆମ ଜୀବନର
ଏ ସଂସାରର ସବୁକିଛି, ସବୁ କାଳ ପାଇଁ
ଅଧାପନ୍ତୁରିଆ କରି ଛାଡ଼ିଗଲ ?"

ପ୍ରମୋଦ କୁମାର ମହାନ୍ତିଙ୍କ 'ନବକଳେବର' କବିତାରେ ରହିଛି ଚିନ୍ତା ଓ ଚେତନାର ନୂତନତ୍ୱ:

"ତୁମେ ଆମ ଜେଜେଙ୍କ ପରି ଦିଶୁଅଛ
ସବୁଠାରୁ ବୟୋଜ୍ୟେଷ୍ଠ ଶିଶୁ ।
ବଡ଼ବଡ଼ ଆଖିକରି ନିରନ୍ତର ଚାହିଁ ରହିଥାଅ ।
ଡରାଉ ବି ଥାଅ । ହସାଉ ବି ଥାଅ ।"

ସେହି 'ବଡ଼ବଡ଼ ଆଖି' କି ପଚାରିଛନ୍ତି କବି ସୌଭାଗ୍ୟ ମିଶ୍ର:

"ତମ ଆଖିକି ତ ଠିକ୍ ଦିଶୁଛି
ବଡ଼ ଆଖି ବୋଲଇ ତମର ଖ୍ୟାତି ଅଛି
ସେ ଆଖିକି ସବୁ କ'ଣ ବଡ଼ ହୋଇ ଦିଶେ ?"

ନିକଟରେ ପରଲୋକଗତ, ଶ୍ରୀକ୍ଷେତ୍ର ନିବାସୀ କବି ହରିହର ମିଶ୍ରଙ୍କ ରଚନାରେ ଦେଖିବାକୁ ମିଳେ ଚିନ୍ତା ଉଦ୍ରେକକାରୀ ଏବଂ ଚିତ୍ତାକର୍ଷକ ଅଭିବ୍ୟକ୍ତି ।

"ଅନ୍ୟର ଭୁଲ୍ ଛଡ଼ା,


ନିଜ ଦୋଷ କାହାକୁ ଦିଶୁଛି ?
କେବଳ ଅନ୍ଧ ଭିକାରିଟି
ଯାହା ଗାଇପାରୁଛି
ଚକାଚକା ଆଖିର ପ୍ରଶସ୍ତି !"

କବି ଶ୍ରୀ ମିଶ୍ର 'ଆକାଶ ଅବକାଶ' କବିତାରେ ଲେଖିଛନ୍ତି:

"ସବୁ ଏକ ଅଭିନୟ ଘଟିଥିବା ପୁରାଣର
ବୈଦିକ ସଂହିତାର, ଲୋକକଥାର
ଭୂମିକାରେ ବିଶ୍ୱାବସୁ, ବିଦ୍ୟାପତି
ଏବଂ ତାଙ୍କ ଲମ୍ବା ବଂଶଧର ।
କେବେ ଯା'ର ହୋଇନାହିଁ ଇତି
ତାହା ଏ ସଂସ୍କୃତି ।
ଏକାଭଳି ଏ ସେ ବିଗ୍ରହ,
କାହିଁ ତା'ର ନବ କଳେବର ?"

ଶ୍ରୀକ୍ଷେତ୍ରର ଅନ୍ୟଜଣେ ବିଶିଷ୍ଟ କବି ବଳରାମ ଦାସଙ୍କ 'ନୀଳ ନିର୍ଜନତା' କବିତାରେ:

"ପ୍ରାଣର ପ୍ରଣବ ତୁମେ ଅନ୍ତର୍ଯାମୀ
ହେ ମୋର ଅନ୍ତର ଦେବତା
ସବୁ ଶବ୍ଦ, ସବୁ ମଧୁ, ସବୁ ମୋହ,
ସବୁ ବର୍ଣ୍ଣ ଊର୍ଦ୍ଧ୍ୱେ ସ୍ଥିତ
ତୁମେ ମୋର ଧ୍ୱନିମୟ ନୀଳ ନିର୍ଜନତା ।"



**ତା ମନ ତାହାର**

ଓଡ଼ିଶାର ଅନ୍ୟତମ ପ୍ରବୀଣ କବି ଶ୍ରୀନିବାସ ଉଦ୍‌ଗାତାଙ୍କ କବିତା, 'ତା ମନ ତାହାର'ରେ ରହିଛି ଗଭୀର ସମର୍ପଣ ଭାବ:

"ଯେଉଁମାନେ ବାଟ ଭାଙ୍ଗି
ଯେ ଯୁଆଡ଼େ ଗଲେ ଯାଆନ୍ତୁ,
ଆପଣା ସୁଖଦୁଃଖରେ ଭଲରେ ଥାଆନ୍ତୁ
ମୁଁ ମନେ ପକାଉଛି ବୋଲି ଜାଣନ୍ତୁ ନ ଜାଣନ୍ତୁ,
ସେଥିକୁ ମୋର ଦକ ନାହିଁ ।
ଦୟାସାଗର, ତମର ସେ ଅପ୍ରମେୟ ଭାବ ବାରିଧିର
ଅସୀମ ଅନନ୍ତରେ ମିଶିଯିବାର ମୋହ ଆଉ...
ଆଉ କିଛି ଅଧିକକୁ ଲୋଡ଼ିବି କାହିଁକି ?"

ସମସାମୟିକ ଅତି ଆଧୁନିକ ବିଶିଷ୍ଟ କବି ରାଜେନ୍ଦ୍ର କିଶୋର ପଣ୍ଡାଙ୍କ କବିତାରେ ଏକ ନିଆରା ଢଙ୍ଗ ଏବଂ ଶ୍ଳେଷ ଦେଖିବାକୁ ମିଳେ:

"ଏଇଟା ପୁରୀ
ଯେଉଁଠି ମଣିଷମାନେ କୂର୍ମ
ଆଉ ରାଜେନ୍ଦ୍ର ପଣ୍ଡାମାନେ
ପୋକ ପାଳଟିଛନ୍ତି ।"
(ଚଉକାଠରେ ଚିରକାଳ)

ତାଙ୍କର ଅନ୍ୟ ଏକ କବିତା 'ପୁରୀ'ରେ କୁହାଯାଇଛି:

"ତୋ'ଠି ପ୍ରବିଷ୍ଟ ହେଲେ
ଏକା ବେଳକେଇ ସମୁଦ୍ର ସ୍ନାନ କରେ,
ହାବୁଡ଼ି ଯାଏ ଶ୍ରୀମନ୍ଦିର ଭିତରେ
ମୋର ପାପର ସାନ୍ଦ୍ରତାରେ ମୁଁ
ପବିତ୍ରତମ ହୁଏ ତୋ'ଠି, ପ୍ରେମିକା,
ତୁ ଯେମିତି ନିଜେ ଇ ପୁରୀ
ଭାରତର ପୂର୍ବ ଉପକୂଳରେ
ତୁ ଯେମିତି ଧାଡ଼ିଏ କବିତା ।"

(ଏଠି କାବ୍ୟନାୟକ ପୁରୀର ପ୍ରେମରେ ନିମଜ୍ଜିତ ହୋଇ ନିଜ ପାପର ଘନତ୍ୱକୁ ସମୁଦ୍ରରେ ପ୍ରକ୍ଷାଳନ କରି ଗୋଟେ ପବିତ୍ର ପ୍ରେମିକର ପରାକାଷ୍ଠା ପ୍ରଦର୍ଶନ କରୁଛି ।)

ଶ୍ରୀକ୍ଷେତ୍ରବାସିନୀ ନାରୀକବି ଶ୍ରୀମତୀ ବ୍ରହ୍ମୋତ୍ରୀ ମହାନ୍ତି ଥିଲେ 'ବ୍ରହ୍ମବାଦିନୀ ବ୍ରହ୍ମୋତ୍ରୀ' । କବି ହରିହର ମିଶ୍ରଙ୍କ ଭାଷାରେ

"ପରମ୍ପରାର ଲଳିତ୍ୟମୟ ସ୍ୱର ଓ ରହସ୍ୟମୟ ସ୍ୱର ଦୁଇଟିର ମିଶ୍ର ରାଗରେ ଭକ୍ତିର ନୂତନ ରାଗିଣୀ ସୃଷ୍ଟି କରିଛନ୍ତି କବି ବ୍ରହ୍ମୋତ୍ରୀ ମହାନ୍ତି ।" ବ୍ରହ୍ମୋତ୍ରୀ ଲେଖିଛନ୍ତି:

"ଅସଂପୂର୍ଣ୍ଣ ଭୁଜ ତମ, ଅଥଚ ମୁଁ ଲୋଡ଼େ ପ୍ରଭୋ,
ତୁମଠାରୁ ପୂର୍ଣ୍ଣ ଆଲିଙ୍ଗନ ।
ତୁମର ଚରଣ ନାହିଁ, ମାତ୍ର ମୁଁ ତମରି ପଦେ
ମଥା ରଖିବାକୁ ଚାହେଁ ସମଗ୍ର ଜୀବନ ।"

"ଦିନ ଯେତେ ଯାଏ ତୁମ ପରିଚୟ କ୍ରମେ ନିତି ଅଭିନବ
ଅପୂର୍ଣ୍ଣ ଆକାରେ ପୂର୍ଣ୍ଣ ଏବେ ତୁମେ ଅପୂର୍ବ ମୋ ଅନୁଭବ ।"

"ପ୍ରଭୋ, ସଜାଡ଼ି ହୋଇ ତୁମକୁ ଚାହିଁଲା ବେଳକୁ,
ତମେ ଖସିଗଲଣି,

ଅଥଚ ଅସଜଡ଼ା ମୁହୂର୍ତ୍ତରେ ମୋର
କେତେ ପାଖରେ ନ ଥିଲ ତମେ ।"

ଶ୍ରୀମତୀ ପ୍ରତିମା ମିଶ୍ରଙ୍କ 'ସମର୍ପିତ ଏ ଜୀବନ' କବିତାରେ ଦେଖିବାକୁ ମିଳେ ସମର୍ପଣ ଭାବ:

"ତୁମକୁ ଅଜଣା ନୁହେଁ
ମୋର ଏଇ ଜୀବନର ଅଶେଷ ମନ୍ତ୍ରଣା
ଝଡ଼ର ଆଘାତେ ପ୍ରଭୁ
ଅବିରତ ହୁଏ ବାଟବଣା ।
ସବୁ ଜାଣିଶୁଣି ଅଜଣା ରହିଲେ
କେମିତି ବଞ୍ଚିବି କୁହ ?
ନ ହେଲେ ନ ଦିଅ ସୁଖ ପଛେ ମୋତେ
ନୀରବରେ କାହିଁ ରୁହ ।"

**ଅଧାଗଡ଼ା ଦିଅଁ**

'ଅଧାଗଡ଼ା ଦିଅଁ' କବିତାରେ ପ୍ରଶ୍ନ କରିଛନ୍ତି ସୁପ୍ରଭା ମିଶ୍ର ପ୍ରଭୁଙ୍କୁ ! ସମୁଦ୍ର ରହିଛି ଦୂରେ, ଅଥଚ ଜନସମୁଦ୍ର ପିଟି ହଉଛି ମେଘନାଦ ପାଚେରିରେ ! ଏ ରହସ୍ୟ କ'ଣ ?

"ସୁନା ପିଲାଟି ପରି ତୁନି
ହୋଇ ବସିଛ
ଆଖି ମେଲି ସବୁ ଦେଖୁଛ
ଦେଉଳଠୁ ଦୂରେଇ ଯାଉଛି ପାଣି ସମୁଦ୍ର
ମେଘନାଦ ପାଚେରିରେ
ପିଟି ହେଉଛି ଜନସମୁଦ୍ର
କି କିମିଆଁ ଜାଣିଛ
ଅଧାଗଡ଼ା ଦିଅଁ
ଚୁପ୍‌କରି ଥରେ
ମୋ' କାନରେ
କହିଦଉନ !"

ଡାକ୍ତର ସରୋଜିନୀ ଷଡ଼ଙ୍ଗୀଙ୍କ ଅନେକ କବିତାରେ ଶ୍ରୀଜଗନ୍ନାଥ ଚେତନା ପରିବ୍ୟାପ୍ତ । ତାଙ୍କର 'ସମର୍ପଣ' କବିତାରେ ଅଛି:

"ଆଶ୍ଚର୍ଯ୍ୟ ପଦ୍ମଫୁଲର କେଶରରେ ପାଦ ଥାପି
ତୁମେ ଓହ୍ଲାଇବ ସତେ ମହାପ୍ରଭୁ !
ଅପୂର୍ବ ମହକଟିରେ ଭରିଦେଇ
ମୋ' ଶୂନ୍ୟ କୋଠରି
କେଉଁ ଫୁଲ ଅର୍ପିବି ମୁଁ
ଚମ୍ପା, ମଲ୍ଲୀ, ଗୋଲାପ ନା
ସୁବାସିତ ଯୁଇ, ଜାଇ, ତମାଳ, ବକୁଳ
ଏ ସବୁ ତ ତୁମ ସୃଷ୍ଟି ତୁମରି ସର୍ଜନା
ପ୍ରତି ଫୁଲ ପାଖୁଡ଼ାରେ
ତୁମ ସୁଗନ୍ଧର ଅଖଣ୍ଡ ମହକ !
ତ୍ରିଭୁବନ ବ୍ୟାପୀ ତୁମ ଦିବ୍ୟସଭା...
କୋଟି ନକ୍ଷତ୍ରର ସ୍ରଷ୍ଟା, ତୁମେ ନୀଳାନନ
କେଉଁ ଶୁଭ୍ର ସଳିତାରେ
ନୀରାଜନା କରିବି ମୁଁ
ତେଜି ଦେବି ଭକ୍ତିଭରା ଦୀପ ?"

ସଂପ୍ରତି ଶ୍ରୀମନ୍ଦିର ରତ୍ନଭଣ୍ଡାରର ମରାମତି ତଥା ସଂରକ୍ଷଣ କାର୍ଯ୍ୟ ଚାଲୁରହିଛି । ତା'ପରେ ରତ୍ନ ଅଳଙ୍କାରମାନଙ୍କର ଗଣତି ମଣତି କରାଯିବ । ଏହି ଘଟଣାରେ ଭାବାନ୍ତର ପ୍ରକାଶକରି ଲେଖିଛନ୍ତି, କବି ଅଭୟ ନାୟକ ତାଙ୍କର 'ରତ୍ନଭଣ୍ଡାର' ଶୀର୍ଷକ କବିତାରେ:

**"ମୋର ଏଇ ଜୀବନର ଅଶେଷ ମନ୍ତ୍ରଣା, ଝଡ଼ର ଆଘାତେ ପ୍ରଭୁ, ଅବିରତ ହୁଏ ବାଟବଣା ।"**

"ସାଆନ୍ତେ,
କ'ଣ ଲୁଚେଇଛ କି ସେଠାରେ
ତୁମର ତ ସବୁଖୋଲା, ସାହାଣମେଲା
କ'ଣ ପାଇଁ ଏତେ ଗୁମର ?
କିଏ ଲୁଚେଇଲା ଭଣ୍ଡାର ଚାବି...
ସାଆନ୍ତେ,
ସାରା ବ୍ରହ୍ମାଣ୍ଡର ଚାବି ତୁମ ଅଣ୍ଟାରେ
ତୁମେଇ ତ ଏକଇ ରତ୍ନ, ତୁମେଇ ଭଣ୍ଡାର ।"

ଏହି ସଂକ୍ଷିପ୍ତ ଆଲୋଚନା ଶେଷରେ ଏତିକି କୁହାଯାଇପାରେ ଯେ, ଆଧୁନିକ, ସମସାମୟିକ ଓଡ଼ିଆ କବିତାରେ ମଧ୍ୟ ଶ୍ରୀଜଗନ୍ନାଥ ଚେତନା ପରିଲକ୍ଷିତ ହୁଏ । କେତେଜଣ ଯୁବ ଲେଖକ/ଲେଖିକା ଏ ବିଷୟରେ ବେଶ୍ ପ୍ରଭାବଶାଳୀ ଓ ଆଶାପ୍ରଦ କବିତା ଲେଖୁଛନ୍ତି ।

□□

ଲେଖକଙ୍କ ଇ-ମେଲ ଠିକଣା:
mahimohantripathy@gmail.com

କବିତା

# ଦାରୁବ୍ରହ୍ମ



କୁଳମଣି ଓଝା

ସ୍ମୃତିପଟେ ଦୃଶ୍ୟମାନ୍ ବିଂନ୍ଦୁଏ ଆଲୋକ
ସଦ୍ୟଜାତ ସଂତାନର ହସ ପରି ଛବି ଅକପଟ,
ନୀଳ ନୀଳ ସୁନୀଳ ସୁଅରେ ବିଂନ୍ଦୁ ମାତ୍ର ଛାଇ
ଛାଇ ନୁହେଁ, ଜ୍ୟୋତିର୍ମୟ ଅନଂତ ଉଚ୍ଛ୍ୱାସ...
ପରିଶୁଦ୍ଧ ଉପକ୍ରମ, ଦୂର କେଉଁ ବନାନୀରେ
ଦୟଣା ଓ ତୁଳସୀର ମହମହ ବାସ;
ଅବତର! ଅବତର!! ଅଧା ଛାଇ ଅଧା ଖରା-
ପହିଲି ଆଷାଢ଼େ ପଲ୍ଲବିତ ପ୍ରକୃତି ସ୍ପର୍ଶରେ
ମୋକ୍ଷଦାୟୀ ରୂପ: ଦାରୁବ୍ରହ୍ମ ଚତୁର୍ଦ୍ଧା ମୂରତି!
'ଶୁକ୍ଳାଂବରଧରଂ ବିଷ୍ଣୁଂ ଶଶିବର୍ଣ୍ଣଂ
ଚତୁର୍ଭୁଜମ୍'
ଏକୀଭୂତ ଏକଇ ଆଖିରେ; ମହାବାହୁ
ବ୍ରହ୍ମଦାରୁ
ଅପେକ୍ଷାରେ କୋଟିକଳ୍ପ; ଅନବଦ୍ୟ
ଲୀଳା ମାନବୀୟ ।



ଏ କି ରୂପ କଳ୍ପ-କଳ୍ପାଂତର, ଅର୍ବୁଦାବ୍ଦ ଅବା ମନ୍ୱଂତରେ
ଉଭାସିତ ବଟପତ୍ରେ ବିଂନ୍ଦୁ ଯେ ପରମ
ରମ୍ୟ ଲୀଳା ଘୋଷଯାତ୍ରା: ଲୌକିକ-ବିଦଗ୍ଧ
ବେଦମୟ ନିର୍ବେଦ ଦେବତା, ରୂପାତୀତ ରୂପ ଅପଘନ
କୃଷ୍ଣ-ଶ୍ୱେତ-ହରିଦ୍ରା ରୂପରେ କି ପାର୍ଥିବ କାଂତି !
ସ୍ଥୁଳ ପୁଣି ସୂକ୍ଷ୍ମ ରୂପ ଲୀଳାୟିତ ଲଳିତ ଲାବଣ୍ୟ,
ବିଂନ୍ଦୁ ମାତ୍ର ଦୃଶ୍ୟ, ବିସ୍ତାରିତ ମାଟିରୁ ଆକାଶ ।

ସମ୍ମୁଖରେ ରଥ-ପଥ-ତୀର-ତୀର୍ଥ ସଭିଏଁ ପ୍ରସ୍ତୁତ.....
କି ବିଲୋଳ ଚିତ୍ର ! ଆସ ଆସ ଈପ୍ସିତ ଆରାଧ୍ୟ !!
ସିଂହଦ୍ୱାରେ ସୁଶୋଭିତ ରମ୍ୟ ନଂଦିଘୋଷ,
ଦେବଦଳନ ଓ ତାଳଧ୍ୱଜ କାଂତି ଅନୁପମ ।
ତମେଇ ତ ଆଦିମୂଳ, ଆଦିସ୍ରଷ୍ଟା ଅଯୋନି ସଂଭୂତ
ଆସ ଆସ ବାଜିଲାଣି ଘଂଟ-ଘଂଟା-ତୁରୀ ଓ କାହାଳୀ
ତମାମ୍ ବରଷ, ସାରା ପୃଥ୍ୱୀ ପ୍ରତୀକ୍ଷାର ଅଂତ,
ଆଷାଢ଼-ଶୁକ୍ଳ-ଦ୍ୱିତୀୟା ପୁଣ୍ୟପ୍ରଭ ଯାମେ
ମଇଲମ, ଅବକାଶ, ରୋଷହୋମ, ମଂଗଳ ଆରତି ସାରି
ପହଂଡିବେ କୋଟିକାମ ରୂପ, କୋଟିଏ କୈବଲ୍ୟ
ଭାଇ ଓ ଭଉଣୀ ଆଦି-ମଧ-ଅଂତ
ବ୍ରହ୍ମା-ବିଷ୍ଣୁ-ଶିବ, ତ୍ରି-ଦାରୁ ଦେବତା,
ଧାଡ଼ି ପହଂଡିରେ ବିଜେ ସଂଗେ ସୁଦର୍ଶନ
ଶୂନ୍ୟ ରତ୍ନବେଦୀ, ପୂର୍ଣ୍ଣତମ ଉଭା ବଡ଼ଦାଂଡ଼ ।

ଦୃଶ୍ୟ ପୁଣି ଦୃଶ୍ୟାତୀତ ନୀଳାଦ୍ରି ନାୟକ
ଅନୁପମ ଚିତ୍ରପଟ ଆଦ୍ୟ ବାରିପାତ;
ବାରି ନୁହେଁ, ବରଦାୟୀ ଶୁଭାଶିଷ କରୁଣାର ଧାରା
ବାଂଟିଦେବେ କୈତବ ମୁକତି, ମୋକ୍ଷ ମାଳ ମାଳ
ତୁମେ ବ୍ୟାପ୍ତ-ପରିବ୍ୟାପ୍ତ-ଅସୀମ-ଅନଂତ ।

ତୁମେ ଶୂନ୍ୟ, ତୁମେ ପୂର୍ଣ୍ଣ, ବ୍ରହ୍ମ ସନାତନ
ଶୂନ୍ୟ ଶୂନ୍ୟ ମହାଶୂନ୍ୟ, ଶୂନ୍ୟ ପୂର୍ଣ୍ଣବ୍ରହ୍ମ
ପୂର୍ଣ୍ଣ ପୁଣି ମହାଶୂନ୍ୟ, ଶୂନ୍ୟ ପରିପୂର୍ଣ୍ଣ
ଦାରୁରୂପୀ ଦାରୁବ୍ରହ୍ମ ପୂର୍ଣ୍ଣତମ ଶୂନ୍ୟ
ପରିପୂର୍ଣ୍ଣ ମହାଶୂନ୍ୟ ଲୀଳାମୟ ଜୀବ ଓ ପରମ ।

□□

କବିଙ୍କ ଇ-ମେଲ ଠିକଣା:
ojhakulamani1966@gmail.com

ଗଳ୍ପ



# ମୁଁ କ୍ଷେତ୍ର ଯିବି

ବନଜ ଦେବୀ

ପଦି ବୁଢ଼ୀ ମନକରିଛି ପୁରସ୍ତମ ଯିବ । ଖାଲି ତ ମନକରିନାହିଁ । ଏକଦମ୍ ଅଡ଼ି ବସିଛି । ଖୁମାଣ ପୋତି ବସିଛି ଯେ ବସିଛି । ଭାତପାଣି ଛୁଉଁନାହିଁ । କାହିଁକି ଖାଆନ୍ତା ଯେ ? ଜୀବନଯାକ ବିଲରେ ଖଟି, ଖଳାରେ ଖଟି, ଘରେ ଘଟି ଲୁହଲହୁ ଏକାଠି କରି ପାଞ୍ଚଟା ପୁଅକୁ ଏଡ଼େ ଟିକିଏରୁ ଏଡ଼େ କରିଛି । କେତେ ବିପତ୍ତି, କେତେ ଅନିଭୋଗ, କେତେ ରୋଗ ବଇରାଗକୁ ଛାଡ଼ି ପଢ଼ାଇ ସମ୍ଭାଳି ପଣତ ଘୋଡ଼େଇ ପୁଅମାନଙ୍କୁ ଆଗୁଳି ରଖିଛି । ଆଜି ସେମାନେ ସଂସାରରେ 'ଜଣେ' ହେଇପାରିଛନ୍ତି । ପାଞ୍ଚଟା ପୁଅ ତହୁଁ ବଳି ତହୁଁ ବଳି । କେହି ଊଣାରେ ନାହାନ୍ତି । କାହାର ତେଲକଳ, କାହାର ଚୁଡ଼ାକଳ, କାହାର ଧାନକଳ, ଅଟାକଳ ଏମିତି । ବଡ଼ପୁଅ ଗୌରାଙ୍ଗ ପୁଣି ସରପଞ୍ଚ ଓ କଣ୍ଟ୍ରୋଲ ଡିଲର । ବଡ଼ଧରଣର ଦୋକାନ ଗୋଟେ ତା'ର । ସହରର ବାବୁଭାୟା, ନେତାମାନଙ୍କ ସହ ତାର ବସାଉଠା । ଅଥଚ ଘରେ ଚାରିକୋଡ଼ି ବଅସର ବୁଢ଼ି ମାଆଟା ଯେ ମନ କରିଛି, ସେକଥା ସେମାନେ ଜାଣୁନାହାନ୍ତି କେମିତି ? ତାଙ୍କ ମାଇପମାନେ କ'ଣ ତାଙ୍କୁ କିଛି କହୁନାହାନ୍ତି ? ହଅ, ସେମାନେ ବା କାହିଁକି କହିବେ ? ସେ ତ ପରଝିଅ । ନିଜ ପୁଅ ତ ମାଆକୁ ଜାଣିଲେ ନାହିଁ, ଚିହ୍ନିଲେ ନାହିଁ । ଯେଉଁ ଗିରସ୍ତର ହାତ ଧରିଥିଲା ସେ ଭଲା କୋଉଦିନ ବୁଝିଥିଲା ? ଆଉ ତା' ପାଞ୍ଚଟା ପୁଅ ବୁଝିବେ ! ଏଡ଼େ ସମର୍ଥ ପୁଅମାନଙ୍କର ମାଆ ହେଇ ସେ ଯେ ଟଙ୍କା କେତେଟାର ବାଟ ଯାଇପାରୁନାହିଁ । ପୁରସ୍ତମ କେତେ ବା' ବାଟ । ସତରେ ତାକୁ ଧିକ୍ ! ଶତଧିକ୍ ! ପାଞ୍ଚଟା ପୁଅ ଜନ୍ମ କରିବା ବି ଧିକ୍ !

> **ଘରେ ଚାରିକୋଡ଼ି ବଅସର ବୁଢ଼ି ମାଆଟା ଯେ ମନ କରିଛି, ସେକଥା ସେମାନେ ଜାଣୁନାହାନ୍ତି କେମିତି ?**

ପଦିବୁଢ଼ୀ, ଗାଆଁଯାକର ପଦିଆଇ, ପଦିଖୁଡ଼ୀ, ପଦିମାଉସୀ । ବୁଢ଼ୀଟା ବାରଣ୍ଡାରେ କାନ୍ଥକୁ ଆଉଜି ଶୂନାଶୂନା ଆଖିରେ ଦୂରକୁ ଚାହିଁ ରହିଛି । ଚାରିଟା ଯାକ ପୁଅ ଅଲଗା ହେଇଯାଇଛନ୍ତି । କେହି ବୁଢ଼ୀକୁ ଲୋଡ଼ନ୍ତି ନାହିଁ, ପଚାରନ୍ତି ନାହିଁ । ସଭିଁଙ୍କର ଅଲଗା ହାଣ୍ଡି, ମାଆକୁ ମାସିକିଆ ବାଣ୍ଟିବା ପ୍ରସ୍ତାବକୁ ନାକଚକରି ବଡ଼ପୁଅ କହିଲା, ମାଆ ମୋ' ପାଖେ ରହିବ । ଚାହିଁଲେ ସେ ଦିନେ ଓଳିଏ ତମଘରେ ବୁଲି ଆସିବ । ଚାରିଭାଇ ଯାକ ଖୁସି ହୋଇଗଲେ । ପଦିବୁଢ଼ୀ ବଡ଼ପୁଅ ଗୌରାଙ୍ଗ ଘରେ ଭଲରେ ରହିଲା । ଯତ୍ନରେ । ଆନନ୍ଦରେ । ପୁଅବୋହୂ ବଡ଼ଯତ୍ନରେ ରଖିଛନ୍ତି ସତ, ଖାଇବା ପିଇବା, ଓଷଦ, ଫଳମୂଳ, କେଉଁଥିରେ ଊଣା ନୁହଁ । ହେଲେ ମନ ତ ବୁଝିଲେ ନାହିଁ । ସେ ଯେ ମନ କରିଚି, ପୁରସ୍ତମ ଯିବ, ଏକଥା ଜାଣିବି କେହି ତ କିଛି କହୁନାହାନ୍ତି । ନ ଶୁଣିଲା, ନଜାଣିଲା ପରି ହେଉଚନ୍ତି ।


ବଡ଼ବୋହୂ ପଖାଳ କଂସା ଆଣି ସାମନାରେ ଥୋଇଦେଇଗଲା । ତାଳି ଚୁଙ୍ଗୁଡ଼ି ମାଛଭଜା, କଖାରୁଶାଗ, ମଞ୍ଜୀରାଇ, ବାଇଗଣପୋଡ଼ା, ଅଚାର ଟିକେ । ବୁଢ଼ୀର ମନ ରୁଚିଲା ପରି । ନିଉନ ହେଇ କହିଲା, ବୋଉ, ଖାଇଦିଅ, ତମ ପୁଅ ଆସିଲେ ମୁଁ ତମ ପୁରସ୍ତମ ଯିବା କଥାଟା କହିବି ।

ବୁଢ଼ୀ ପଖାଳ କଂସାରେ ହାତ ବୁଡ଼ାଇଲା । ହାତରେ ଭାତଗୁଣ୍ଡା ଧରିଲା । ପୁଣି କ'ଣ ଭାବି ହାତ ଉଠାଇ ଆଣିଲା । ନାଇଁ, ନାଇଁ, ସେ ଖାଇବ ନାହିଁ । ଜୀବନଯାକ ସମସ୍ତଙ୍କ ଦାଉ, ଅଦଉତି ସମ୍ଭାଳି ସମ୍ଭାଳି ନଇଁ ଯାଇଥିବା ବୁଢ଼ୀଟା । ଆଉ ଆଜି କାହା ସହ ସାଲିସ୍ କରିପାରିବ ନାହିଁ । ଜୀବନଯାକ କିଛି ବି ଚାହିଁନଥିବା ମାଇପିଟା ମରିବା ଆଗରୁ ଯଦି କିଛି ଚାହିଁଲା, ମାଗିଲା, ତମେ ତାକୁ ଦେବନାହିଁ ? ତମକୁ ମଣିଷ କରିବାର ବଦଳ କ'ଣ ଏଇଆ ?

ଭାତଗୁଣ୍ଡାକୁ ପଖାଳ କଂସାରେ ଛାଡ଼ିଦେଇ ବୁଢ଼ୀ ହାତଧୋଇ ଉଠିଲା । ନିଜ ବଖରାଟିର ପଟାଖଟଟିରେ

ଗଡ଼ିପଡ଼ିଲା । ହାତଯୋଡ଼ି କଳା ସାଆନ୍ତଙ୍କୁ କହିଲା, ତୁ ଏମିତି ସୂତା ପକାଇ ଟାଣୁ । ଅଥଚ ସୂତା ଛାଡ଼ିଦଉ । ମୁଁ ଅରକ୍ଷିତ ମାଇପିଟା । ମୋର ବଳ କେତେ ? ତତେ ସେଇ ପିଲାଦିନରୁ ଅନେଇଥିଲି ଯେ ବେଳବୁଡ଼ିଗଲାଣି । ତଥାପି ମତେ ପାଖକୁ ନେଲୁନାହିଁ । ମହନିମଠରୁ ଚନ୍ଦ୍ରକୋଟରୁ ପୁରସ୍ତମ କେତେବାଟ କି ? ଡାକେ ବାଟରେ ସତ୍ୟବାଦୀ, ସେଠୁ ଡାକେ ବାଟରେ ପୁରସ୍ତମ । ରେଳଭଡ଼ା ଟଙ୍କେ କି ଦି'ଟଙ୍କା, ତଥାପି ତୁ ଅଟଳ, ମୁଁ ଅକ୍ଷମ ।

ଗୋଟେ ଲମ୍ବା ନିଶ୍ୱାସ ନେଲା ପଦିବୁଢ଼ୀ । ଅଣଲେଉଟା । ସମୟ ଲେଉଟି ଗଲାକି ପଛକୁ ପଛକୁ । ମାଣିକପାଟଣା ଗାଆଁର ଝିଅ ଥିଲା ପଦି । ଜେଜେ ଦେଇଥିଲେ ନାଁ ପଦ୍ମିନୀ । ହେଲେ ସେ ନାଆଁ ଚୁଲିକି ଗଲାଣି କେବେଠୁ । ସମସ୍ତଙ୍କ ତୁଣ୍ଡରେ ସେ ପଦି । ମାଣିକପାଟଣା ତ ଡକା ପଡ଼ିଥିବା ଗାଆଁ । ଏଇଠୁ କୁଆଡ଼େ ଜଗନ୍ନାଥ ମାଣିକ ଗଉଡୁଣୀଠୁ ଦହିଖାଇ ଯାଇଥିଲେ । ସେଇ ପିଲାଦିନୁ ପଦି ଶୁଣିଥିଲା, ଜଗନ୍ନାଥ ବଡ଼ଠାକୁର । ସେ ରହନ୍ତି ପୁରସ୍ତମରେ । ହେଲେ ଏତେବାଟ ସେ କେମିତି ଯାଇପାରିବ । ଯୋଗକୁ ପଦିର ବାହାଘର ହେଇଗଲା । ମହନିମଠ ଗାଆଁର ନରି ପଧାନ ସହ । ପଦି ସପନ ଦେଖିଲା । ହେଲେ ଷାଠିଏ ମହଣ ଘିଅ ହେବ ନା ରାଧା ନାଚିବ । ରାହାବାଲୀ ଶାଶୁ । ଗିରସ୍ତ ନରି ସତରେ ତାକୁ ପୁରସ୍ତମ ନେଇ ଦିଅଁ ଦେଖାଇବ ।



ଜାଙ୍ଗୁଲୁ ଜାଙ୍ଗୁଲୁ ରାତିଥାଇ, ଝିଅବୋହୂ ସବୁ ପୋଖରୀକୁ ଗାଧେଇଯାନ୍ତି । ସେଇଠି ପଦି ଶୁଣିଲା ସାଇର ଝିଅ ବୋହୂମାନେ ଯାତ ଦେଖିବାକୁ ପୁରସ୍ତମ ଯାଉଛନ୍ତି । ଯଦି କହିଲା, ମୁଁ ଟିକେ ଯାନ୍ତି ତମ ସାଙ୍ଗରେ । କନିଅପା କହିଲା, ଆଲୋ ତୋ ରାହାବାଲୀ ଶାଶୁ କ'ଣ ଛାଡ଼ିବ ?

ରାତିରେ ନରିଆକୁ ନେହୁରା ହେଲା ପଦି । ସେ ଟିକେ ପୁରସ୍ତମ ଯା'ନ୍ତା ରଥଯାତ ଦେଖି । ତେମେ ବୋଉଙ୍କୁ କୁହ । ନରି କହିଲା, ମତେ ସେକଥା କହନା ଲୋ! ମୁଁ, କହିଲେ ବୋଉ ମତେ ଖୁଣ୍ଟାଦେବ, 'ମାଇପବୋଲା', ତୁ କହ ।

ପଦିବୁଢ଼ୀ କାନ୍ଦୁଣୁ ମାନ୍ଦୁଣୁ ହେଲା । ତମକୁ ଖରଚ ମାଗୁନାହିଁ । ଗାଡ଼ି ଖରଚ ବି । ହେଲେ ହଁ ପଦେ କହିବାକୁ ଜିଭ ଲେଉଟୁନି । ସେଦିନ ରାତିରେ ଶାଶୁ ଗୋଡ଼ରେ ତେଲ ମାଲିସ୍ କରି ମୋଡ଼ାଘଷା କଲାବେଳେ ପଦି କହିଲା, 'ବୋଉ' ସାହିର କନିଅପା, ରାଧିଖୁଡ଼ୀ ହେରିକା ପୁରସ୍ତମ ଯାଉଛନ୍ତି ରଥଯାତ । ମୁଁ ଟିକେ ଯା'ନ୍ତି । ସେଇ ପିଲାଦିନୁ ମନ କରିଚି, ପୁରସ୍ତମ ଯିବି ।

ବୁଢ଼ୀ ଚିହିଁକି ଉଠିଲା । କହିଲା, କ'ଣ କହିଲୁ, 'ମନ କରିଚୁ ?' ଆଲୋ, ମାଇପି ଝିଅର କ'ଣ ମନଟେ ଥାଏକି ? ଚଷାଘର ଝିଅ ବିଲକୁ ଯିବୁ, ଖଳାକୁ ଯିବୁ, ଧାନ ସିଝେଇବୁ, ଭାତ ରାନ୍ଧିବୁ, ପିଲା ଜନମ କରିବୁ । ଯା' ଭିତରେ ମନଟା କୋଉଠୁ ଆଇଲା ? ଯାଃ, ଯାଃ, ବୁଢ଼ୀ ଗୋଡ଼ଟା ଏମିତି ଛାଟିଦେଲା ଯେ, ପଡ଼ିଯାଉ ଯାଉ ଅଟକିଗଲା ପଦି । ଆଖିରେ କାନିଚାପି ତା'ର ସେଇ ନହୁଲିମନକୁ ବାରିପଟ ଅନ୍ଧାରକୁ ଠେଲିଦେଇ କହିଲା, ଅଲକ୍ଷଣୀ, ଏଇଠି ମର । ମନକୁ ଦୁଆର କିଳିଦେଲା ।

ପୁରସ୍ତମର ବାଟ ଦୂରକୁ ଦୂରକୁ ଲମ୍ବିଗଲା । ଜୀବନ ଆଗକୁ ବଢ଼ିଲା । ପଛକୁପଛ ହୋଇ ପାଞ୍ଚଟା ପୁଅ ଜନମକଲା । ବିଲକୁ ଯାଇ ତଳି ରୋଇଲା । ଖଳାକୁ ଯାଇ କଳେଇ ବାନ୍ଧିଲା । ଧାନ ସିଝାଇଲା, ଭାତ ରାନ୍ଧିଲା, ସଂସାରର ସଂପର୍କର ସବୁ ଅଦଉତି ସମ୍ଭାଳିଲା ।

ଏବେ ପୁଅମାନେ ତହୁଁବଳି, ତହୁଁବଳି । ବଡ଼ପୁଅ ଗୌରାଙ୍ଗ ପାଖରେ ସେ ରହେ । ବଡ଼ବୋହୂ ତୁଳସୀ ଭାରିଭଲ । ବୁଢ଼ୀର ମନ ବୁଝେ, ସେ ସ୍ୱାମୀକୁ କହିଲା, ବୋଉ ପାଚିଲାପତର । କେତେବେଳେ ଝଡ଼ିଯିବେ । ତାଙ୍କୁ ଟିକେ ପୁରସ୍ତମ ନେଇଯାଅ । ସେ ତ ଖିଆପିଆ ଛାଡ଼ି ଦେଲେଣି । ଗୁମାନରେ ।

ଗୌରାଙ୍ଗ କହିଲା, ମୁଁ କ'ଣ ବୁଝୁନି ? କ'ଣ କରିବି, ମତେ କ'ଣ ବେଳ ମିଳୁଛି । ଏବେ ପଞ୍ଚାୟତ ଇଲେକ୍ସନ ଆସିଲାଣି । ସେଟା ସରିଯାଉ କି ମୁଁ ବ୍ଲକ୍ ଚେୟାରମାନଙ୍କୁ କହି ତାଙ୍କ ଗାଡ଼ି ଆଣି ବୋଉକୁ ପୁରସ୍ତମ ନେଇଯିବି । ନଚେତ ଚନ୍ଦ୍ର ତ ଛୁଟିରେ ଆସିବ ନା । ଦିନ କେତେଟା ସମ୍ଭାଳି ନିଅ ।

ଦିନଗଡ଼ିଲା । କାମ କ'ଣ ସରେ ? ଗୌରାଙ୍ଗର କାମ ପରେ କାମ ଲାଗିଲା । ପଦି ବୁଢ଼ୀର ଆଖି ବେଶି ଶୂନା ଶୂନା ଦିଶିଲା । ସେ କାହାକୁ କିଛି କହିଲା ନାହିଁ । ଖାଇଲା ନାହିଁ । ପାଟିରେ ଭାତ ଗଳିଲା ନାହିଁ । ପୁଅ ହର୍ଲିକ୍ସ, ସାଗୁ, ବାର୍ଲି ତରଳ ଖାଦ୍ୟ ଖୁଆଇଲା । ଡାକ୍ତର ଦେଖିଲେ, କହିଲେ ରୋଗ ନାହିଁ । ବୟସର ଭାର । ଚାରିକୋଡ଼ି ବଅସ କ'ଣ ଅଳପ ?

**ସତକୁସତ ବୁଢ଼ୀ ହସିଲା । ଥଙ୍ଗ ଥଙ୍ଗ ହେଇ କହିଲା, ପୁରସ୍ତମ, ପୁରସ୍ତମ । ସେ ବିତି ବିତି ହେଲା ।**

ପଦିବୁଢ଼ୀ ଆଉ ବିଛଣାରୁ ଉଠିଲା ନାହିଁ । ଗୌରାଙ୍ଗର କାମ ତଥାପି ସରିଲା ନାହିଁ । ଛୁଟିରେ ତା' ପୁଅ ଚନ୍ଦ୍ର ଆସିଲା । ତା' ମା' କହିଲା, ବାବୁରେ, ଜେଜେମା କେତେ ମନ କରିଚି ପୁରସ୍ତମ ଯିବ । ବାପାଙ୍କୁ ତ ବେଳ ମିଳିଲା ନାହିଁ । ତୁ ଟିକେ ନେଇଯାନ୍ତୁ ନାହିଁ ।

ଚନ୍ଦ୍ର ଭଲପାଏ ଜେଜେମାକୁ । ଗାଡ଼ି ମଗେଇଲା ସହରରୁ । ବାପାଙ୍କୁ ଜୋର୍‌କରି ଅଟକାଇଲା ଘରେ । ପଦିବୁଢ଼ୀକୁ ଟେକିକରି ନେଇ ଗାଡ଼ିରେ ବସେଇଲେ । ନାତି କହିଲା, ଜେଜେମା, ପୁରସ୍ତମ ଯିବାପରା ? ଟିକେ ହସିଲୁ ?

ସତକୁସତ ବୁଢ଼ୀ ହସିଲା । ଥଙ୍ଗ ଥଙ୍ଗ ହେଇ କହିଲା, ପୁରସ୍ତମ, ପୁରସ୍ତମ । ସେ ବିତି ବିତି ହେଲା । ଏପାଖେ ପୁଅ, ସେପାଖେ ନାତି । ବୁଢ଼ୀ ପୁରସ୍ତମ ଯାଉଚି ।

ବୁଢ଼ୀକୁ ଟେକାଟେକି କରି ରିକ୍ସାରେ ବସାଇ ନେଇଗଲେ ଅରୁଣଖମ୍ଭ ଯାଏଁ । ପୁଅ ଦି'ବାହୁରେ ଧରିଚି ବୋଉକୁ । ଭିତରକୁ ପଶୁ ନପଶୁ ପୁଅ କହିଲା, ବୋଉ, ଦେଖି, ପତିତପାବନ । ତୁ ପୁରସ୍ତମ ଆସିଚୁ । ଏବେ ଦିଅଁକୁ ଦେଖ୍ । ଓଳଗି ହଅ ।


ତୁଳସୀ ଡାକିଲା, ବୋଉ, ବୋଉ । ପୁଅ ଡାକିଲା ବୋଉ, ବୋଉ । ଚନ୍ଦ୍ର ଡାକିଲା ଜେଜେମା, ଜେଜେମା । ବୁଢ଼ୀର ତ ଆଖି ଖୋଲାଅଛି । ତା' ସାମ୍ନାରେ ପତିତପାବନ । ବୋଉ କ'ଣ ଭାବୁଚି କି ? କିନ୍ତୁ ବୋଉର ହାତଟା ଏତେ ଥଣ୍ଡା ଲାଗୁଚି କାହିଁକି ?

ପୁଅ ଡାକୁଚି ବୋଉ, ବୋଉ । ବୋହୂ ଡାକୁଚି ବୋଉ, ବୋଉ । ନାତି ଡାକୁଚି ଜେଜେମା ଜେଜେମା । ପୁଅ ଚମକି ପଡ଼ିଲା । ବିକଳରେ ଚାହିଁଲା ନାତି ମୁହଁକୁ । ଖୁବ୍ ଜୋରରେ ଶୁଭୁଥିଲା ସେଇ ସୁନ୍ଦର ଗୀତ । ପ୍ରଫୁଲ୍ଲ କରଙ୍କ କଣ୍ଠରେ, 'ମୁଁ କ୍ଷେତ୍ର ଯିବି, ମୁଁ କ୍ଷେତ୍ର ଯିବି ।'

□□

ଗାଳ୍ପିକାଙ୍କ ଇ-ମେଲ ଠିକଣା:
banajadevi2012@gmail.com

# ଏ ସଂଖ୍ୟାର ମଲାଟ ଚିତ୍ର




ଏ ସଂଖ୍ୟାର ପ୍ରଚ୍ଛଦପଟରେ ଥିବା ଭକ୍ତ ସାଲବେଗ ଓ ଶ୍ରୀଜଗନ୍ନାଥଙ୍କ ଭାବମୟ ଚିତ୍ରଟିକୁ ଆଙ୍କିଛନ୍ତି 'ଚିତ୍ରଦେବ' ଭାବରେ ସୁପରିଚିତ, ସ୍ୱନାମଧନ୍ୟ ଚିତ୍ରଶିଳ୍ପୀ ତଥା ବିଭୁତି କାନୁନଗୋ ଚାରୁ ଓ କାରୁକଳା ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ବଳଦେବ ମହାରଥୀ।

ଚିତ୍ରଟି ବିଷୟରେ ନିଜର ଭାବନା ବ୍ୟକ୍ତକରି ସେ କହନ୍ତି ଯେ, ଶ୍ରୀକ୍ଷେତ୍ରରୁ ଆସୁଥିବା ରୋଗାକ୍ରାନ୍ତ ଭକ୍ତ ସାଲବେଗ, ଜଗନ୍ନାଥଙ୍କୁ ଘୋଷଯାତ୍ରା କାଳରେ କାଳେ ନ ଦେଖି ପାରିବେ, ସେଥିଲାଗି ବ୍ୟାକୁଳ ପ୍ରାଣରେ ଆକୁତି କରିଛନ୍ତି- 'ମୋହ ଯିବାଯାଏ ନନ୍ଦିଘୋଷେ ଥିବୁ ରହି, ଜଗବନ୍ଧୁ ହେ ଗୋସେଇଁ, ହେ ଦୀନନାଥ, ହେ ମଣିମା ମହାବାହୁ।'

ହୃଦ ବଡ଼ଦାଣ୍ଡରେ ମହାପ୍ରଭୁ ତାଙ୍କୁ ସାକ୍ଷାତ ଦର୍ଶନ ଦେଇଛନ୍ତି, ମାତ୍ର ଅଟକି ଯାଇଛି ବଡ଼ଦାଣ୍ଡରେ ନନ୍ଦିଘୋଷ....

ରମ୍ୟରଚନା

# ହୋ ଭଗତେ



ଅଭୟ ଦାଶ

**ହୋ** ଭଗତେ ! ରଥ ଚାଲିବ କି ନାହିଁ? ଚାଲିବ ଯେ, ଆମ ପାଉଣା ଆଗ ଜମାକର। କ'ଣ ହେ! ଆମର ଆଉ ଖଣ୍ଡେ ପାଟ କାଇଁ? ଅଫିସର ହେଇଚ ? ତା ମା'କେ ହିସାବ ଜାଣିଛ ଟି? ସିଏ ପରା ଆମ ଭାଇ । ଆମ ଘରେ ଛୁତିକିଆ ହେଲେ ତା'ଙ୍କ ଘରୁ ପାଟଲୁଗା ଆସିବା କଥା । କ'ଣ ଜାଣିଚ ଟି? ଆହେ ଆମେ କଣ ମିଛ କହୁଛୁ? ଦେଖୁନା ସତ୍ତ୍ୱଲିପି କଣ କହୁଛି? ଏକୋଇଶା ବାସି ଆମ ପିଲା ବି ଜଣେ ହୋଇ ଗଣାହୋଇଥାଏ । ଆହେ ଜାଣି ନ ତ ଆଉ କହୁଛ କ'ଣ ? ତା ମା'କେ ପଠାଇ ଦବ। ନହେଲେ ଡେରିହେଲେ ଆମର ଦୋଷ ନାଇଁ। ଆରେ ସେ କାଳିଆ କ'ଣ ଦେଖୁନାଇଁ? ତୁମେ ଏମିତି କୋଉଁ ମାହାର୍ଜା କି? କୋଉଁ ଗଭେଣ୍ଟର ମ, ମଣି! ଆହେ ଏମିତି ଆମେ କରିଆସିଛୁ ନା ଆଜି ନୂଆ? ଆମକୁ ନୂଆକରି ପାଇଲ କି? ସେ ପାଉଣା ଆଗ ପଇଠକର । ତା'ପରେ ଆଉ କଥା । ଠାକୁରମାନେ ବିଜେ ହେବେ! ରଥ ମୋଡ଼ ହୋଇଗଲେ। ଚାରମାଳ ଲାଗିବ! ମାହାପୁରୁମାନେ ବୁଲିବାକୁ ରେଡ଼ି ।



**ସିଏ ଭାବଗ୍ରାହୀ**

ଆରେ ସିଏ ପରା ଭାବଗ୍ରାହୀ! ତୁମେ କ'ଣ ବାହାଦୁରି ଦେଖେଇ ହୋଇ ନିଜକୁ କହୁଛ ବାଡ଼ଗ୍ରାହୀ? ଇଏ ଯାତ କ'ଣ ତୁମେ କରୁଛ? ଆରେ ସିଏ କିଏ ଜାଣିଛ ଟି? ମୁହୂର୍ତ୍ତକେ ସବୁ ଓଲଟାଇ ଦେବ । ମନେଅଛି କରୋନା ବେମାରୀ କଥା? କ'ଣ ହେଲା? ପଞ୍ଚାଏ ସରକାରଙ୍କୁ ମତେଇଲେ ରଥଯାତ୍ରା ବନ୍ଦ କର । କରୋନା ମାଡ଼ିଯିବ । ସରକାର ବି ସେଇଥିରେ ମୁଣ୍ଡ ଟୁଙ୍ଗାରିଲେ । ପଲିଟିକ୍ସ ସାର୍ ସବୁ ପଲିଟିକ୍ସ । ମାମଲା ପହଞ୍ଚିଗଲା ସୁପ୍ରିମକୋର୍ଟରେ । ସବୁଠୁଁ ମହଙ୍ଗା ଓକିଲ ଠିଆ ହୋଇଗଲେ । କୋର୍ଟ କହିଲେ, ବନ୍ଦକର । ସାରା ଓଡ଼ିଶାରେ ଶୋକର ଛାୟା ଖେଳିଗଲା। "ସର୍ବେ ହୋଇଣ ଏକମୁଖ, ଡାକିଲେ ନାରାୟଣ ରଖ"! ଦେଖିଲଟି କ'ଣ ହେଲା? ପୁନର୍ବିଚାର ଯାଚିକା, ସେଇ ଓକିଲ ସେଇ ଜଜ୍, ରାୟ ଓଲଟି ପଡ଼ିଲା। ରଥଯାତ୍ରା ହେବ । ସେବାୟତେ ରଥ ଟାଣିଲେ ପୁଲିସ ସାହାଯ୍ୟ ନେଇ । ଲୋକେ ଘରେ ବସି ଦେଖିଲେ । କଲା କିଏ ? ସେଇ ଜଗବନ୍ଧୁ ଯେମିତି ଜଜ୍ ସାହେବ ହାତଧରି ଲେଖେଇ ଦେଲା । ଆରେ ତୁମେ କହୁଛ ତା' ରଥଯାତ୍ରା ଡେରି କରେଇ ଦେବ? କଲ ଦେଖି?

ଆଉ ଗୋଟାଏ କଥା କହୁଛି ଶୁଣ। ଉଣେଇଶ ଏକସ୍ତରୀ ମସିହା କଥା। ଏଇ ରଜା ଦିବ୍ୟସିଂହ ଦେବଙ୍କ ପ୍ରଥମ ଛେରାପହଁରା କରିବା କଥା, ପିତା ବୀରକିଶୋର ଦେବଙ୍କ ମୃତ୍ୟୁ ପରେ। ମୁଖ୍ୟମନ୍ତ୍ରୀ ଥାଆନ୍ତି ନନ୍ଦିନୀ ଶତପଥୀ । ତାଙ୍କର ଦିଲ୍ଲୀ ଯିବାର ଥାଏ, ମନ୍ଦିର କାର୍ଯ୍ୟାଳୟକୁ ଫୋନକରି ଚଞ୍ଚଳ ପହଣ୍ଡି କରିବାକୁ କହିଲେ । ସବୁ କାର୍ଯ୍ୟ ଶୃଙ୍ଖଳା ସହ ହୋଇଗଲା, ମାତ୍ର ହଟିଆ ଠାକୁର ଜଗନ୍ନାଥ ଚାରମାଳ ଅଧାରେ ଅଟକି ରହିଗଲେ । ସେବାୟତମାନେ ଥକିଗଲେ । ମହାପ୍ରଭୁ ଉଠୁନଥାନ୍ତି । ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳ ଲମ୍ବହୋଇ ପଡ଼ିଗଲେ। ମହାପ୍ରଭୁ ସେମିତି ବସି ଥାଆନ୍ତି । ରଜା ନଅରକୁ ଖବରଗଲା । ରଜା ପ୍ରସ୍ତୁତ ହେଉଥାଆନ୍ତି । ତମଯାନକୁ ଅପେକ୍ଷା ନକରି ଖାଲି ପାଦରେ ଚାଲି ଚାଲି ଆସି ମହାପ୍ରଭୁଙ୍କୁ ବିନତି କରନ୍ତେ, ମହାପ୍ରଭୁ ଶ୍ରୀଜଗନ୍ନାଥ ବିନା ସମୟ ବ୍ୟୟରେ ଉଠି ଚାଲିଲେ । ଏହା ଆମ ଆଖି ଆଗରେ ଘଟିଥିବା ଘଟଣା । ଆରେ ତୁମେ

କ'ଣ ତାକୁ ଉଠାଇବ ? ସିଏ ତୁମ କାନ୍ଧରେ ହାତଦେଇ ନିଜେ ଚାଲିଥାଏ। "ସେତ ଭକତ ଭାବରେ ବନ୍ଧା ।"

ମନେଅଛି ? ସାଲବେଗ କହିଥିବା, "ସାତଶ' ପଚାଶକୋଶ ଚାଲି ନପାରଇ, ମୋହ ଯିବା ଯାଏ ପ୍ରଭୁ ରଥେ ଥିବ ରହି।" କିଂବଦନ୍ତୀ କହେ ବଳରାମ ଦାସଙ୍କୁ ଦର୍ଶନ ଦେଇଛନ୍ତି ବାଲି ରଥରେ । ଏସବୁ କଣ ମିଛ ? ଆରେ ତୁମେ ସବୁ ଯେଉଁ ସୁନା ଅଳଙ୍କାର ଲଦିହୋଇ ଠାକୁରଙ୍କୁ ଘେରିଯାଇ ଆମ ଭଳି ସାଧାରଣ ଲୋକଙ୍କୁ ଦର୍ଶନ କରାଇ ଦେଉନାହଁ, ଭାବିଛକି ତାକୁ ଆମଠାରୁ ଅଲଗା କରିଦେଇପାରିବ ? ସେ ହିଁ ଦେଇଛି ତୁମକୁ ପରିଚୟ । ତାଆରି ନାମ ନେଇ ତୁମର ଏ ଅହଂକାର । ଏ ଯେଉଁ ବେତ ଦି'ଖଣ୍ଡ ହଲାଉଥିବା ସେବକଟି କହୁଛି, ହୋ ଭଗତେ ରଥ ଚାଲିବ କି ନାହିଁ ? ଜନସମୁଦ୍ର କହେ ହଁ । ଡାହୁକ କହେ ଚାଲୁ ରଥ ଚାଲେ। ଲୋକେ ଟାଣନ୍ତି । ଏଇ ତ, ଜଗନ୍ନାଥ ଧାମରେ ଗଣତନ୍ତ୍ରର ମୂଳମନ୍ତ୍ର । ମନେ ରଖ, "କରି କରାଉଥାଏ ମୁହିଁ, ମୋ' ବିନୁ ଅନ୍ୟ ଗତି ନାହିଁ।" ରଥ ରହିଗଲେ ଲୋକେ ସେହି ରଥଦଉଡିରୁ ଖଣ୍ଡେ, ମହାପ୍ରଭୁମାନଙ୍କ ଟାହିଆରୁ କିଛି ଅଂଶ, ଶ୍ରୀଅଙ୍ଗ ଚନ୍ଦନ ତୁଳସୀ, ଶ୍ରୀକପଡ଼ା ଆଦି ଅତି ଯତ୍ନରେ ସାଇତିଥାଆନ୍ତି । ସେଥିପାଇଁ କହନ୍ତି, "ହୋ ଭଗତେ !" ସିଏ ଭକ୍ତର ଠାକୁର । ତୁମେ ତା'ର ସେବକ ହେଲେ ବି ଭକ୍ତ ହେବାକୁ ଚେଷ୍ଟାକର । ତାଙ୍କ ସେବାକୁ ନେଇ ପ୍ରତାରଣା ବ୍ଲାକମେଲ୍ ବନ୍ଦକର ।

**ବେତ ଦି'ଖଣ୍ଡ ହଲାଉଥିବା ସେବକଟି କହୁଛି, ହୋ ଭଗତେ ରଥ ଚାଲିବ କି ନାହିଁ ? ଜନସମୁଦ୍ର କହେ, ହଁ ।**

ଅଭୟ ଦାଶ, ଓରଫ ସ୍ୱାମୀ ଅଭୟାନନ୍ଦ ବହୁ ଅନୁସଂଧାନ ପରେ ବିଶ୍ୱସ୍ତସୂତ୍ରରୁ ଖବର ପାଇଛି ଯେ, ମହାପ୍ରଭୁ ଏମାନଙ୍କ ବ୍ୟବହାରରେ ଅସନ୍ତୋଷ ପ୍ରକାଶ କରିବାକୁ ଯାଇ ଏକ ମିଟିଂ ଡାକିଥିଲେ । ସେଥିରେ ଭବିଷ୍ୟତ କର୍ମପନ୍ଥା ନିର୍ଦ୍ଧାରଣ କରିବାକୁ ଏକ ଉଚ୍ଚସ୍ତରୀୟ କମିଟି ଗଠନ କରାଯାଇଛି । ସେଥିରେ ସମସ୍ତ ହିନ୍ଦୁ ସମାଜରୁ ବଛାବଛା ଲୋକଙ୍କୁ ନିଆଯିବାକୁ ସ୍ଥିରୀକୃତ ହୋଇଛି । ପ୍ରକାଶଥାଉକି, ଏଥିରେ ଜାତି-ବର୍ଣ୍ଣ, ଶାସକ-ବିରୋଧୀ, ପୁରୁଷ-ସ୍ତ୍ରୀ, ତୃତୀୟ ଲିଙ୍ଗୀ ଆଦିର କିଛି ପାତରଅନ୍ତର, ବାଛବିଚାରକୁ ଗ୍ରହଣ କରାଯାଇନପାରେ । ଏହା ମହାପ୍ରଭୁମାନଙ୍କ ନିଜ ମତ ହୋଇପାରେ; ମାତ୍ର ଆମ ନଟବର ଜଗନ୍ନାଥଙ୍କୁ ତ ଆପଣ ଜାଣନ୍ତି ! ତାଙ୍କଠାରୁ ବଳି ପଲିଟିସିଆନ୍ ବା ରାଜନୀତି ବିଶାରଦ କିଏ ଅଛି ? କେତେବେଳେ କେଉଁଠି କ'ଣ କହି ଦେବେ, କିଏ କହିବ ମନକଲେ ? "ଜଳଧି ଅନ୍ତେ ନିଜ ଘର ଦେବାଧିରାଜ ବୁଡ଼ାଇ ଦେଇଛ ଆପଣ !" ସେଠି ଏ ଓକିଲ ସିବଲ, ସିଂଘବିଙ୍କ କରଣି କାଟୁ କରିବ ନାହିଁ। ପାଠଶାଠ, ଡ଼ିଗ୍ରୀ କିଛି କାମର ନୁହେଁ । ଖାଲି ଭକ୍ତି ଭାବରେ ଚନ୍ଦନ ଟିକିଏ ତୁଳସୀଟିଏ ହେଲେ ଯାହା ଲେଖେଇବା ଲେଖେଇ ନିଅ । ସେ ମିଟିଂ ବସି ଯାଆନ୍ତାଣି ଯେ, ପଞ୍ଚାଏ ହେତୁବାଦୀ ବିଦେଶୀ ସାହାଯ୍ୟ ନେଇ ଷଣ୍ଢ ପୁରେଇଛନ୍ତି। ସିଏ କ'ଣ ବଳେଇଯିବେ ?

ରଥଯାତ୍ରା ସରିଗଲେ ମାହାପୁରୁ ସଇଥଲିଆ ହୋଇ କିଛି ଗୋଟାଏ କରିବାକୁ ମନସ୍ଥ କରିଛନ୍ତି ବୋଲି ମା' ଲକ୍ଷ୍ମୀ ସାଆନ୍ତାଣୀଙ୍କ କିଚିନ୍ କ୍ୟାବିନେଟରୁ ଖବର ଲିକ୍ ହୋଇଯାଇଛି। ଏକଥା କହେ ସ୍ୱାମୀ ଅଭୟାନନ୍ଦ। ସେଇଟାକୁ କେଉଁ ବିଶ୍ୱାସ ? ମହାପ୍ରଭୁ ଟେକ୍ନୋଲୋଜିକୁ ପ୍ରୋତ୍ସାହନ ଦେବାକୁ ଯାଇ ଜଙ୍ଗଲ ରକ୍ଷା, ପର୍ଯ୍ୟାବରଣ ସୁରକ୍ଷାକୁ ଆଖିରେ ରଖି ଡ୍ରୋନ୍ ରଥ, ଲେଜର ଦଉଡ଼ି ଓ ରୋବୋଟ୍ ସେବାୟତ ସହ ସୋଲାର ଏନର୍ଜି ସୌର ଶକ୍ତିର ବ୍ୟବହାରକୁ ଗୁରୁତ୍ୱ ଦେଇଛନ୍ତି । ଫଳରେ ସେବାୟତ ନିଯୋଗ, ଜଗନ୍ନାଥ ସେନାଙ୍କ ଭିତରେ ଘୋର ଅସନ୍ତୋଷ ଦେଖାଦେଇଥିଲେ ମଧ୍ୟ, ସେଠି କାହାର ପାଟି ଫିଟିବ ? ସ୍ୱାମୀ ଅଭୟାନନ୍ଦ ନିତି ଗାଳି ଖାଉଛି "ଶଳା ଟାଉଟର ଆମ ବେଉସା ବୁଡ଼େଇଲା ।" ସେ ଏମିତି କେଉଁ ଯୋଗ୍ୟ ଲୋକଟାଏ କି ? ନିତିଦିନ ପତିତପାବନଙ୍କ ପାଖରେ ଗୁହାରି ହେଉଛି । ମହାପ୍ରଭୁ ଯାହା କରିବେ।

**ଚିହ୍ନନ୍ତି ସେ**

ସେ ମହାପ୍ରଭୁ କ'ଣ ସହଜରେ ଶୁଣିବା ଲୋକ ? ସିଏ ଏ ଲୋକଗୁଡ଼ାଙ୍କୁ ହାଡ଼େ ହାଡ଼େ ଚିହ୍ନିଛି । ଏଗୁଡ଼ା କେତେ ସମ୍ପତ୍ତି ବିନା କାଗଜପତ୍ରରେ ଦଖଲକରି ନେଇ ବଡ଼ଲୋକ ବୋଲାଇଛନ୍ତି । ସେ ଯେଉଁ ସେବାୟତ, ତାଙ୍କ ପେଟ, ତାଙ୍କ ସୁନାମୁଦି, ହାର ଅଳଙ୍କାର, ତାଙ୍କ ଚାଲି, ପତିଆରା,

ହୋଟେଲ, ଲଜିଂହାଉସ୍ ଦେଖିଛଟି ? ଭାଙ୍ଗ, ସାଙ୍ଗ, ମଉଜ ସବୁ କାହା ପାଇଁ ? ସେଇ କାଳିଆ ପାଇଁ । ତାଆରି ନାଁ ନ ଧରିଲେ ୟାଙ୍କର ଗତି କାଇଁ ? ୟାଙ୍କର କ'ଣ, ଆମର ଗତି କାଇଁ ? ସିଏ ବା କ'ଣ ସହଜ ଲୋକ ? କାହାର ନୁହେଁ । ଗୋପୀ, ଗୋପାଳ, ରାଧାରାଣୀ, ମୀରା, ଯଶୋଦା, ଦେବକୀ, ବସୁଦେବ, ସୁଦାମା, ଅର୍ଜୁନ, ମଥୁରା, ବୃନ୍ଦାବନ, ଦ୍ୱାରକା ସବୁ ଛାଡ଼ିଦେଇ ବସିଛି ମଉନ ରୂପେ। "ନୀଳଗିରି ସାଇଁ ବୋଲାଅ ଗୋସାଇଁ ମୁଁ ଆଜି ପତିତ ହେ ନାରାୟଣ !" ସମସ୍ତେ ଡାକୁଛନ୍ତି ମାତ୍ର ତାଙ୍କର ସାନିଧ୍ୟ ପାଇବା କ'ଣ ଏଡ଼େ ସହଜ ?

ଆଜିକାଲି ଗୋଟାଏ ନୂଆ ଭାବନା ଆସିଛି ଲୋକମାନଙ୍କ ଭିତରେ । ସେଇଟା ହେଲା ଭିଆଇପି କଲଜର ବା ବଡ଼ଲୋକିଆ ସଂସ୍କୃତି । ମାନେ ଆମେ ବଡ଼ଲୋକ, ଆମ ତଳେ ସମସ୍ତେ। ଆମେ କଲେକ୍ଟର, ଆମେ ଜଜ୍, ଆମେ ନେତା, ରଖହେ ତୁମ ବଡ଼ଲୋକି ! ଆରେ ତୁମକୁ ଦାନା ଗଣ୍ଡାଏ ଦେଉଛି କିଏ ? କାହା ଯୋଗୁଁ ଏ ପତିଆରା ? କେତେଥର ଶୁଣିଛୁ, ସେ ଅମୁକ ପଣ୍ଡା ମୋର ଚିହ୍ନା କି ସେ ଏସ୍‌ପି, କଲେକ୍ଟର, ମୋର ଜଣା, ମୋତେ ଟେକିନେଇ ଦର୍ଶନ କରାଇଦେବ । ଆରେ, ମନେକର ତୁମେ ଜଣେ ଭିଆଇପି । ତୁମେ ଯାହା ଦର୍ଶନ ଲାଗି ଏତେ ଥାଟବାଟରେ ଆସିଛ, ତୁମ ଆଗେ ପଛେ ପୁଲିସ, ସିକ୍ୟୁରିଟି, ବଡ଼ପଣ୍ଡା, ଦେଉଳ ପ୍ରଶାସକ ସାଧାରଣ ଭକ୍ତଟିକୁ ଠେଲିପେଲି ଅଲଗା

**କେତେଥର ଶୁଣିଛୁ, ସେ ଅମୁକ ପଣ୍ଡା ମୋର ଚିହ୍ନା; କି ସେ ଏସ୍‌ପି, କଲେକ୍ଟର, ମୋର ଜଣା, ମୋତେ ଟେକିନେଇ ଦର୍ଶନ କରାଇଦେବ ।**

କରିଦେଇ ତୁମକୁ ନେଇ ମହାପ୍ରଭୁଙ୍କ ଆଗରେ ଠିଆ କରାଇଦେବେ। କେବେ ଥରେ ମନେପକାଇଛ ତୁମ ପିଲାଦିନ ? ମନେପକାଇଛ ତୁମ ବାପା ତୁମକୁ କାନ୍ଧରେ ବସାଇ ଦେଖାଇଥିବେ, ହେଇ ଦେଖ, "ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା !" ମନେଅଛି ସେ ଦିନ ? ଆଜି ଭିଆଇପି ସାଜିଛ, ଆଉ କେତେଦିନ ? କହିପାରିବ ? ଆରେ ମୋ'ରି କବି କହିଥିଲା, "ଠେଲିପେଲି ଚାଲ ଯିବା, ଧକା ବାଜିଲେ ସହିବା" ମନେ ଅଛି ? କହଇ ସାରିଆ ଭିକ ବଳରାମଙ୍କୁ କହିବା । ଆରେ ସେ ଠାକୁର ଗାଳି ସହେ, ଗରବ ସହେନା । ମନେ ରଖିଥାଆ। ରଥରେ ଚଢ଼ିବାଠାରୁ ରଥରୁ ଓହ୍ଲାଇବା ଯାଏଁ କେତେ ଛେଚାପକା ପଡ଼ାଉଠା ହୋଇ ସେ ଭକ୍ତର ଭଲମନ୍ଦ ବୁଝିବାକୁ ଦାଣ୍ଡକୁ ଓହ୍ଲାଇ ଆସେ, ଜାଣିଛୁ ? ତୁ ଏମିତି କିଏ କି ? ଆରେ ସିଏ କିଛି ଅଳପ କଷ୍ଟ କରେନାହିଁ ମ ! ସେଥିପାଇଁ କହେ, "ଆପଣା ଚରଣ ତ ବିରଞ୍ଚିକୁ ଗୁପତ, ମୁଁ କାହୁଁ ପାଇବି ତା' ଭେଦ ହେ ମହାପ୍ରଭୁ ?"

ସ୍ୱାମୀ ଅଭୟାନନ୍ଦ ମୂଢ଼ମତି  
ତୋ ନାମକୁ କରିଛି ସମ୍ପତ୍ତି, ହେ ମହାପ୍ରଭୁ !  
ତାହାର ନାହିଁ ଅନ୍ୟ ଗତି ।

□□

ଲେଖକଙ୍କ ଇ-ମେଲ ଠିକଣା:
abhaydash1@gmail.com



Search **Sahitya Charcha**
on Play Store

ଆପଣଙ୍କ **ଆଣ୍ଡ୍ରଏଡ୍ ମୋବାଇଲ ଫୋନ୍** ପାଇଁ **'ସାହିତ୍ୟ ଚର୍ଚ୍ଚା'**ର
**ଆପ୍** ବର୍ତ୍ତମାନ **'ପ୍ଲେ ଷ୍ଟୋର୍'**ରେ ଉପଲବ୍ଧ ଅଛି।



ପ୍ରବନ୍ଧ

# ଇତିହାସ ଓ ଦର୍ଶନରେ ମୈତ୍ରୀଦେବ ଶ୍ରୀଜଗନ୍ନାଥ

**ବସନ୍ତ କୁମାର ପଣ୍ଡା**

**ଶ୍ରୀ**ଜଗନ୍ନାଥ ମୈତ୍ରୀଦେବ। ସନାତନ ପୁରାଣ ପରମ୍ପରାରେ ସେ ପୁରୁଷୋତ୍ତମ। ଐତିହାସିକମାନଙ୍କ ଦୃଷ୍ଟିରେ ଓଡ଼ିଆ ଜନଜୀବନର ପ୍ରାଣକେନ୍ଦ୍ର। ଓଡ଼ିଆ ସଂସ୍କୃତିର ପ୍ରଧାନତମ ପ୍ରତିଭୂ। ଦାର୍ଶନିକମାନଙ୍କ ମତରେ ସେ ତାତ୍ତ୍ୱିକ ଓ ଭୌତିକ ମହାସମାଧାନର ବିଗ୍ରହ। ଧାର୍ମିକମାନେ କହନ୍ତି ସେ ମୋକ୍ଷଦାତା। ସିଂହଦ୍ୱାରଠାରେ ପତିତପାବନ ପୁଣି ରଥ ଉପରେ ସୃଷ୍ଟି ବିବର୍ତ୍ତନର ଚରମ ଓ ସାର୍ଥକ ଅବତାର ବାମନ। ଯୁଗଯୁଗ ଧରି ଜୈନ, ବୌଦ୍ଧ, ଶୈବ, ଶାକ୍ତ ଓ ବୈଷ୍ଣବଧର୍ମର ଦୀକ୍ଷାଗୁରୁମାନେ ନିଜର ଉପାସ୍ୟ ଦେବତା ଭାବରେ ତାଙ୍କୁ ଗ୍ରହଣ କରିଆସିଛନ୍ତି। କେଉଁ ପ୍ରାଚୀନ ଆଦିବାସୀଙ୍କ ନୀଳମାଧବରୁ ଆସି ସେ ଆଜି ହୋଇଛନ୍ତି ଆର୍ଯ୍ୟଧର୍ମର ଶ୍ରେଷ୍ଠ ଦେବତା ଶ୍ରୀଜଗନ୍ନାଥ। ଭାରତରେ ଆହୁରି ବହୁ ଧର୍ମକ୍ଷେତ୍ର ଅଛି। ଏପରିକି ଆହୁରି ତିନିଧାମ ଅଛି। କିନ୍ତୁ ଶ୍ରୀକ୍ଷେତ୍ର ପରି ଅନ୍ୟ ଗୋଟିଏ ଅଛି ବୋଲି ମନେହୁଏ ନାହିଁ- ଯେଉଁଠି ସମଗ୍ର ସାଂସ୍କୃତିକ ସତ୍ତାର ପରିଚୟ ସ୍ପଷ୍ଟ ହୋଇଉଠେ। ଦୈନନ୍ଦିନ ଜୀବନଚର୍ଯ୍ୟାଠାରୁ ଆରମ୍ଭ କରି କଳା ସଂଗୀତ ଓ ସାହିତ୍ୟର ଉଚ୍ଚାଙ୍ଗ ସ୍ତର ପର୍ଯ୍ୟନ୍ତ ସବୁରିକୁ ସେହି ଚେତନା ଆଚ୍ଛନ୍ନକରି ରଖିଛି। ଓଡ଼ିଶାରେ ପ୍ରତ୍ୟେକ ଗ୍ରାମ ଦେବାଳୟ ସେଇ ଶ୍ରୀମନ୍ଦିରର ସଂକ୍ଷିପ୍ତ ସଂସ୍କରଣ। ପ୍ରତ୍ୟେକ ରୀତିନୀତି, ପର୍ବପର୍ବାଣି, ଯାନିଯାତ୍ରା ବା ଉତ୍ସବ ଅନୁଷ୍ଠାନରେ ସେଇ ମନ୍ଦିର ଚଳଣିର ପ୍ରତିଫଳନ, ତା'ରି ଅନୁସରଣ ଓ ପ୍ରସାରଣ। ସଙ୍ଗୀତରେ ତାଙ୍କରି ଜୟଗାନ, କଳାରେ ତାଙ୍କରି ପୁନଃସର୍ଜନ ଓ ସାହିତ୍ୟରେ ତାଙ୍କରି ଗୁଣକୀର୍ତ୍ତନ। ଏଥିରୁ ଯେ କେହି ଲକ୍ଷ୍ୟ କରିବ, ସେ ଉପାସନା ମନ୍ଦିରର ଅନ୍ଧକାର ପ୍ରକୋଷ୍ଠରେ ଆବଦ୍ଧ ନୁହନ୍ତି। ଆମ ସାଂସ୍କୃତିକ ଜୀବନର ସଜୀବ ସତ୍ତା ସେ। ତାଙ୍କରି ମହିମାରେ ମହନୀୟ ଓଡ଼ିଆ ସଂସ୍କୃତି। ଅନ୍ୟ ନାମ ତା'ର ଜଗନ୍ନାଥ ସଂସ୍କୃତି।



**ନିୟତ ସତ୍ୟର କଳେବର**

ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିତତ୍ତ୍ୱ ଗୂଢ଼ ରହସ୍ୟାବୃତ। ନିୟତ ସତ୍ୟର ସେ ପ୍ରତୀକିଭୂତ କଳେବର। ଦାରୁବ୍ରହ୍ମ, ସବୁ ଯୁଗରେ ବିଭିନ୍ନ ଧର୍ମବିଶ୍ୱାସ ଓ ସଂସ୍କୃତିର ନିର୍ଯାସକୁ ଗର୍ଭିତକରି ସେ ଚିରପୁରାତନ ପୁଣି ନିତ୍ୟନୂତନ। ବୌଦ୍ଧମାନେ ତାଙ୍କଠି ପ୍ରଜ୍ଞାର ପରିଚୟ ସବୁରେ 'ଶୂନ୍ୟତା' ଓ 'କରୁଣା' ଦେଖୁଛନ୍ତି। ଶଙ୍କରାଚାର୍ଯ୍ୟଙ୍କ ତର୍କସମ୍ମତ ଜ୍ଞାନମାର୍ଗ ଓ ଶ୍ରୀଚୈତନ୍ୟଙ୍କର ପ୍ରେମଧର୍ମର ଭକ୍ତିମାର୍ଗ - ଏ ଉଭୟ ବିପରୀତ ପଥ ଦିଗନ୍ତରେ ଶ୍ରୀଜଗନ୍ନାଥଙ୍କୁ ଭେଟିଛି। ପୁଣି ରାମାନୁଜ, ନିମ୍ବାର୍କ, ବଲ୍ଲଭ, ଶ୍ରୀଧର, କବୀର, ନାନକ ଓ ରାମାନନ୍ଦ-ଭାରତୀୟ ଆଧ୍ୟାତ୍ମିକ ପରମ୍ପରାର ସମସ୍ତ ପ୍ରମୁଖ ପଥିକୃତ ଶ୍ରୀକ୍ଷେତ୍ରରେ ଆପଣାର ଚରମ ସଫଳତା ଲୋଡ଼ିଛନ୍ତି। ତେଣୁ ଦାର୍ଶନିକର ଅନୁଧ୍ୟାନରେ ସେ ସମସ୍ତଙ୍କର ସବୁ କିଛି ପୁଣି କାହାରି କିଛି ନୁହନ୍ତି। ସେ ଅଣାକାର। ଓଁ (ଅଉମ) ମୂର୍ତ୍ତିମନ୍ତ ବିଗ୍ରହ। ନିରାକାର ପୁଣି ସାକାର। ନିର୍ଗୁଣ ପୁଣି ସଗୁଣ। ବିମୂର୍ତ୍ତର ପ୍ରମୂର୍ତ୍ତ ପ୍ରତୀକ। ନିରାକାରକୁ ସାକାର କରିବାର ପ୍ରଚେଷ୍ଟାରେ ବିଫଳତାର ପ୍ରତିଲିପି। ବୋଧହୁଏ ଏଇ ବିଫଳତା ହିଁ ତାଙ୍କୁ କରିଛି ଅଦ୍‌ଭୁତ ଆକର୍ଷଣୀୟ। ଯେଉଁଠି ଦର୍ଶକ ଭକ୍ତ ଆକାର ଅତିରିକ୍ତ ସେଇ ନିରାକାର ପରଂବ୍ରହ୍ମକୁ ଦେଖିପାରେ। ସେଥିପାଇଁ ସେ ସବୁରି ପୂଜ୍ୟ ଓ ଆପଣାର। ପ୍ରାଣବନ୍ତ ଓ ପରିପୂରିତ ('ଦି ବିୟୁଟି ଅଫ୍ ଓରିଶା': ପ୍ରଫେସର ଜେ.ଏନ୍. ମହାନ୍ତି - ଓରିଶା ସୋସାଇଟି ଅଫ୍ ଆମେରିକାସ୍, ୧୫ଶ ବାର୍ଷିକ ଉତ୍ସବ ସ୍ମରଣିକା, ୧୯୮୪, ନ୍ୟୁ ଜର୍ସି)।

ବହୁ ପୁରାଣ ଓ ପ୍ରାଚୀନ ଗ୍ରନ୍ଥରେ ଶ୍ରୀକ୍ଷେତ୍ର ଓ ଶ୍ରୀଜଗନ୍ନାଥଙ୍କର ବର୍ଣ୍ଣନା ଦେଖାଯାଏ। ସ୍କନ୍ଦ ପୁରାଣ

ଉତ୍କଳଖଣ୍ଡ, ବ୍ରହ୍ମ ପୁରାଣ ଓ ନୀଳାଦ୍ରି ମହୋଦୟ ଏହାର ଯଶଗାନ କରିଛନ୍ତି। ଆଧୁନିକ ଯୁଗରେ ବିଦେଶୀ ଐତିହାସିକମାନେ ଏହାର ବର୍ଣ୍ଣନା କରିଛନ୍ତି ଅତ୍ୟନ୍ତ ଆକର୍ଷଣୀୟ ଭାବେ। ଐତିହାସିକ ହଣ୍ଟରଙ୍କ ମତରେ ଇତିହାସରେ ଶ୍ରୀଜଗନ୍ନାଥଙ୍କର ପ୍ରଥମ ଆବିର୍ଭାବ ହୁଏ ୩୧୮ ଖ୍ରୀଷ୍ଟାବ୍ଦରେ, ଯେତେବେଳେ ରକ୍ତବାହୁର ଆକ୍ରମଣରୁ ରକ୍ଷାକରିବା ପାଇଁ ଭକ୍ତ ପୂଜକମାନେ ତାଙ୍କର ପରମାରାଧ୍ୟ ଦେବତାଙ୍କୁ ଲୁଚାଇ ରଖନ୍ତି। ନିଜର ଧନଜୀବନକୁ ବିପନ୍ନ କରି କଳିଙ୍ଗର ଅଧିବାସୀମାନେ ବୈଦେଶିକ ଆକ୍ରମଣରୁ ରକ୍ଷାକରିବାକୁ ଚାହିଁଛନ୍ତି ନିଜ ଜାତିର ଏକମାତ୍ର ସଂପଦ ଓ ପ୍ରାଣୋତ୍ତମ ଶ୍ରୀଜଗନ୍ନାଥ ବିଗ୍ରହକୁ। ଏହାର ପୁନରାବୃତ୍ତି ଘଟିଛି ପୁଣି ମୋଗଲ ଶାସନ କାଳରେ କଳାପାହାଡ଼ର ଆକ୍ରମଣ ବେଳେ।

ଶ୍ରୀ ଜଗନ୍ନାଥଙ୍କର ପ୍ରାଚୀନତର ନାମ ଥିଲା ପୁରୁଷୋତ୍ତମ। ଗୀତାର ପଞ୍ଚଦଶ ଅଧ୍ୟାୟରେ ସେ ବେଦ ପୂର୍ବରୁ ଲୋକରେ ପ୍ରଥିତ ଥିଲେ ବୋଲି ଉଲ୍ଲେଖ ଅଛି। ମନ୍ଦିର ଭିତରେ ଥିବା ଚୋଡ଼ଗଙ୍ଗ ଦେବଙ୍କ ନୃସିଂହ ମନ୍ଦିର ଶିଳାଲିପି ଓ ପାତାଳେଶ୍ୱର ମନ୍ଦିର ଶିଳାଲିପିରେ ପୁରୁଷୋତ୍ତମ ନାମ ହିଁ ଦେଖିବାକୁ ମିଳେ। ଜନ୍ମମୃତ୍ୟୁ ବିରହିତ ନିର୍ଜୀବ ଦେବତା ସେ ନୁହନ୍ତି। ସକଳ ମାନବିକ ବୈଚିତ୍ର୍ୟରେ ବିମଣ୍ଡିତ ନବକଳେବରରେ ଜନ୍ମମୃତ୍ୟୁ ଅନୁରଣିତ ତାଙ୍କର ଚଳଣିକୁ ସାର୍ଥକ କରିଥିଲା ପୁରୁଷୋତ୍ତମ ନାମ। ୨ୟ ଭାନୁଦେବଙ୍କ ୧୩୧୩ ପୁରୀ ଦାନପତ୍ର ଓ ତା' ପରବର୍ତ୍ତୀ ଜୟବିଜୟ ଶିଳାଲେଖରେ ଜଗନ୍ନାଥଙ୍କ ନାମୋଲ୍ଲେଖ ଅଛି। ପୂର୍ବବର୍ତ୍ତୀ କେତେକ ଗ୍ରନ୍ଥରେ ଜଗନ୍ନାଥ ନାମ ଥିଲେ ମଧ୍ୟ ଏହା ପ୍ରାଚୀନ ନୁହେଁ। ଏକାଦଶ ଶତାବ୍ଦୀ ପର୍ଯ୍ୟନ୍ତ ପୁରୁଷୋତ୍ତମ ଥିଲେ ଏକମାତ୍ର ବିଗ୍ରହ। ବଳଭଦ୍ର ଓ ସୁଭଦ୍ରା ପରବର୍ତ୍ତୀ ପ୍ରତିଷ୍ଠା ବୋଲି ଅନୁମାନ କରାଯାଏ। ଶ୍ରୀଜଗନ୍ନାଥ ସଂସ୍କୃତିର ଉଦ୍ଭବ ଓ ବିକାଶ ସମ୍ବନ୍ଧରେ ବହୁ ଜନଶ୍ରୁତି ଓ କିଂବଦନ୍ତୀ କାଳକ୍ରମେ ଇତିହାସରେ ନିଜର ଆଶ୍ରୟ ଲୋଡ଼ିଛନ୍ତି। ବିଶ୍ୱାବସୁ ପୂଜିତ ତନ୍ତ୍ରସମ୍ମତ ନୀଳମାଧବ କାଳକ୍ରମେ ସଭ୍ୟତାର କ୍ରମବିକାଶରେ ଇନ୍ଦ୍ରଦ୍ୟୁମ୍ନ ପ୍ରତିଷ୍ଠିତ ଆର୍ଯ୍ୟଧର୍ମର ଶ୍ରେଷ୍ଠ ଦେବତା ଦାରୁବ୍ରହ୍ମ ଜଗନ୍ନାଥରେ ପରିଣତ ହୋଇଛନ୍ତି। ସାରଳା ଦାସଙ୍କ ମହାଭାରତରେ 'ଶବରୀ ନାରାୟଣ' ଉପାଖ୍ୟାନରେ ଏକଥା ବର୍ଣ୍ଣିତ ଅଛି। ଏଠି ମିଳିତ ହୋଇଯାଇଥିଲା ପ୍ରାକ୍ ଐତିହାସିକ ଆଦିବାସୀ ସଂସ୍କୃତି ସହିତ ଐତିହାସିକ ଆର୍ଯ୍ୟ ସଂସ୍କୃତି, କ୍ରିୟାଚାର ସହିତ ପୁଣ୍ୟଧର୍ମ ଓ ପ୍ରାଚୀନତା ସହିତ ପରିବର୍ତ୍ତନ।


**ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଓ ପ୍ରଚାରକୁ ଦୃଢ଼ୀଭୂତ କରିଛି ଉତ୍କଳରେ ରାଜାନୁଗତ ବୈଷ୍ଣବଧର୍ମ।**

## ଅଦ୍ୱୈତଧାରା

ଏଇ ଅଦ୍ୱୈତଧାରା ଏବେ ମଧ୍ୟ ଓଡ଼ିଶାର ପୁରପଲ୍ଲୀରେ ଅବିରଳ। ସାଧାରଣ ଅସ୍ପୃଶ୍ୟଜନତା (ଯେଉଁମାନେ ଅତୀତରେ ମ୍ଳେଚ୍ଛ ଭାବରେ ପରିଚିତ ଥିଲେ) ନିର୍ଦ୍ଦିଷ୍ଟ ଆକାରଶୂନ୍ୟ ଅମାର୍ଜିତ ପଥରମୂର୍ତ୍ତିକୁ ବୃକ୍ଷମୂଳରେ ପୂଜା କରନ୍ତି ଆଉ ତଥାକଥିତ ସଭ୍ୟ ଆର୍ଯ୍ୟମାନଙ୍କର ଦେବତା ପୂଜା ପାଆନ୍ତି ଶିଳ୍ପ ଓ ସଂପଦପୂର୍ଣ୍ଣ ମନ୍ଦିର ଭିତରେ ବହୁ ଆଡ଼ମ୍ବର ନୀତି ଓ ଭୋଗବିଳାସରେ। ସାଧାରଣ ଅଜ୍ଞ ଜନତା ଧର୍ମର ଅର୍ଥ ଜାଣନ୍ତି ନାହିଁ; କିନ୍ତୁ ପରମ୍ପରାକୁ ରକ୍ଷାକରି ଗ୍ରାମଦେବତା ପୂଜାକରି ବିଶ୍ୱାସ ପ୍ରତିଷ୍ଠିତ କରନ୍ତି କ୍ରିୟାଚାରରେ। ଶ୍ରୀଜଗନ୍ନାଥ ତେଣୁ ଯୁଗଯୁଗର ଚଳଣିକୁ ଅଙ୍ଗୀଭୂତ କରି ଆଜି ସନାତନ ହିନ୍ଦୁଜାତିର ଶ୍ରେଷ୍ଠ ପ୍ରଭୁ ରୂପେ ବିରାଜିତ। ବହୁ ମୌଳିକ ଜାତିର ଆବହମାନ ପରମ୍ପରା ତାଙ୍କର ମନ୍ଦିର ଚଳଣି, ପର୍ବପର୍ବାଣି, ଖାଦ୍ୟ ବା ଭୋଗପ୍ରସାଦ ଓ ଯାନିଯାତ୍ରାରେ ସମନ୍ୱିତ ହୋଇଛି ଯୁଗଯୁଗ ଧରି। କଳାପଟିଆ ଓ ଦଇତାଙ୍କଠାରୁ ଆରମ୍ଭ କରି ପୁଷ୍ପାଳକ, ମୁଦୁଲି, ଖୁଣ୍ଟିଆ, ସୁଆର, ପୂଜାପଣ୍ଡା ଦେଉଳକରଣ ଓ ପୁରୋହିତ ତଥା ରାଜାଙ୍କ ପର୍ଯ୍ୟନ୍ତ ସମସ୍ତେ ଆପଣାର ସେବା ଓ ପାରମ୍ପରିକ ନୀତି ରକ୍ଷା କରି ଏଠି ନିୟୋଜିତ ଅଛନ୍ତି।

ଶ୍ରୀଜଗନ୍ନାଥ ପ୍ରତିଷ୍ଠା ଓ ପ୍ରଚାରକୁ ଦୃଢ଼ୀଭୂତ କରିଛି ଉତ୍କଳରେ ରାଜାନୁଗତ ବୈଷ୍ଣବଧର୍ମ। ପ୍ରାଚୀନ କାଳରୁ କଳିଙ୍ଗର ଗିରିଗୁମ୍ଫାରେ ଜୈନ ଓ ବୌଦ୍ଧ ଶ୍ରମଣମାନଙ୍କର ଆନୁନାସିକ ଶବ୍ଦର ପ୍ରତିଧ୍ୱନି ଶୁଣାଯାଉଥିଲା। ଜୈନନାଥ ପରମ୍ପରାରୁ 'ଜଗନ୍ନାଥ' ସୃଷ୍ଟି ବୋଲି ଜୈନମାନଙ୍କର ବିଶ୍ୱାସ। ଏବେ ମଧ୍ୟ ଶ୍ରୀମନ୍ଦିର ଭିତର ବେଢ଼ା ସିଂହଦ୍ୱାର ପାଖରେ ଥିବା ଉଲ୍ଲଙ୍ଗ ମୂର୍ତ୍ତି ଜୈନମୂର୍ତ୍ତି ଭାବରେ ପରିଚିତ। ବୌଦ୍ଧମାନଙ୍କର ବିଶ୍ୱାସ ଯେ ଜଗନ୍ନାଥ ବୁଦ୍ଧାବତାର ଓ ପୁରୀ

ଶ୍ରୀମନ୍ଦିର ଗରୁଡ଼ସ୍ତମ୍ଭ ପାର୍ଶ୍ୱରେ ଅଙ୍କିତ ଦଶାବତାର ଭିତରେ ବୁଦ୍ଧ ଅବତାର ମୂର୍ତ୍ତି ଜଗନ୍ନାଥଙ୍କର। ବଜ୍ରଯାନୀ ଇନ୍ଦ୍ରଭୂତିଙ୍କ ରଚିତ 'ଜ୍ଞାନସିଦ୍ଧି' ଗ୍ରନ୍ଥରେ ପ୍ରଥମରୁ ଜଗନ୍ନାଥଙ୍କୁ ପ୍ରଣାମ କରାଯାଇଛି। ଷଷ୍ଠ ଶତାବ୍ଦୀ ବେଳକୁ ବୌଦ୍ଧଧର୍ମର ପତନ ପରେ ଉତ୍କଳର ରାଜଧର୍ମ ହେଲା ଶୈବଧର୍ମ। ଶୈଳୋଦ୍ଭବଠାରୁ ଗଙ୍ଗବଂଶ ପର୍ଯ୍ୟନ୍ତ ରାଜାମାନେ ଥିଲେ ଶୈବ। ଏକାମ୍ରନଗରୀ ଥିଲା ଶ୍ରେଷ୍ଠ ଶିବ (କ୍ଷେତ୍ର)। ତା' ପରେ ପରେ (ବୈଷ୍ଣବଧର୍ମର ଉତ୍‌ଥାନ ହେଲା। ଶଙ୍କରାଚାର୍ଯ୍ୟଙ୍କର ବୈଷ୍ଣବ ବ୍ରାହ୍ମଣ୍ୟଧର୍ମ ପ୍ରଚାର ଓ ଚତୁର୍ଦ୍ଧାମ ପ୍ରତିଷ୍ଠା ଥିଲା ଏହାର ପ୍ରମୁଖ ଆନ୍ଦୋଳନ। ଅଦ୍ୱୈତ ସିଦ୍ଧାନ୍ତର ବ୍ରହ୍ମଭାବରେ ସେ ଜଗନ୍ନାଥଙ୍କୁ ଦେଖୁଥିଲେ। ସାଧାରଣ ଜନତାର ଅଜ୍ଞତା ଓ ଧର୍ମଭୀରୁତାର ସୁଯୋଗ ନେଇ ବୌଦ୍ଧଧର୍ମ ପ୍ରାଦୁର୍ଭାବ ବିସ୍ତାର କରି କଳୁଷିତ ହୋଇପଡୁଥିଲା। ଏଇ ସମୟରେ ଶୈବ ଓ ବୈଷ୍ଣବଧର୍ମ ସମାଜ ଜୀବନରେ ଏକ ନୂତନ ଦିଗନ୍ତ ଖୋଲିଦେଲା। ସତେ ଯେପରିକି ଗୂଢ଼ ରହସ୍ୟର ଘନ କୁହେଳି ଭିତରେ ଭଗବାନ ଆସି ମାନବସମାଜ ଭିତରେ ଓହ୍ଲାଇ ପଡ଼ିଥିଲେ। ବୈଷ୍ଣବଧର୍ମ ହେଲା ପ୍ରଥମ ଜାତୀୟ ଧର୍ମ (ନ୍ୟାସନାଲ ରିଲିଜିଅନ୍)



ବଦ୍ରିନାଥଠାରେ କେବଳ ନମ୍ବୁଦ୍ରିପଦ ବ୍ରାହ୍ମଣଙ୍କୁ ପୂଜକ ଭାବରେ ପ୍ରଥା ପ୍ରଚଳନ କରି ଶଙ୍କରାଚାର୍ଯ୍ୟ ଜାତୀୟଐକ୍ୟର ପଥ ଉନ୍ମୁକ୍ତ କଲେ। ଶ୍ରୀ ଜଗନ୍ନାଥ ଧାମରେ ଦକ୍ଷିଣଭାରତୀୟ ବହୁ ମଠ ଓ ଗାଦି ପ୍ରତିଷ୍ଠା ସେଇଠାରୁ ଆରମ୍ଭ ହୋଇଥିଲା। ଗୋବର୍ଦ୍ଧନପୀଠ ତା'ର ଏକ ଶ୍ରେଷ୍ଠ ନିଦର୍ଶନ। ନବମ ଶତାବ୍ଦୀରେ ଦ୍ୱୈତାଦ୍ୱୈତବାଦୀ ନିମ୍ବାର୍କ ଏହି ପୀଠରେ ବୈଷ୍ଣବଧର୍ମ ପ୍ରଚାର ପାଇଁ ଉଦ୍ୟମ କରିଥିଲେ। ସିଂହଦ୍ୱାର ସମ୍ମୁଖରେ ଥିବା ରାଧାବଲ୍ଲଭ ମଠ ଏଇ ପନ୍ଥାର ପ୍ରଧାନ ଅନୁଷ୍ଠାନ।

୧୧୫୦ଖ୍ରୀ.ଅ.ରେ ରାମାନୁଜଚାର୍ଯ୍ୟଙ୍କର ପୁରୀ ଆଗମନ ବହୁଳଭାବରେ ଧର୍ମପ୍ରଚାରର ପଥ ଖୋଲି ଦେଇଥିଲା। ବିଷ୍ଣୁ ଭଗବାନଙ୍କୁ ସେ କହିଥିଲେ ଏ ଜଗତ ସୃଷ୍ଟିର କର୍ତ୍ତା ଓ କାରଣ। ଗୁଣଯୁକ୍ତ ଅଦ୍ୱୈତକୁ ବିଶିଷ୍ଟାଦ୍ୱୈତ ବୋଲି ସେ ଶ୍ରୀଭାଷ୍ୟରେ ପ୍ରତିପାଦନ କଲେ। ଏମାର ମଠ ଭଳି ବହୁ ବିଶିଷ୍ଟ ଅନୁଷ୍ଠାନ ତାଙ୍କ ପନ୍ଥାର କୀର୍ତ୍ତି। ଏମାର ମଠରେ ଏବେ ମଧ୍ୟ ଶ୍ରୀ ରାମାନୁଜ ସ୍ୱାମୀଙ୍କର ମୂଲ୍ୟବାନ ସ୍ୱର୍ଣ୍ଣ ମୂର୍ତ୍ତି ବିରାଜମାନ। ମାନବ ଜୀବନରେ ମୁକ୍ତି ଅଭୀପ୍ସା ଓ ମୈତ୍ରୀଚେତନା ସେହିଦିନଠାରୁ ଏହି ପୀଠରେ ଆମ ପ୍ରତିଷ୍ଠା ଲୋଡ଼ିଥିଲା। ୧୧୯୮ଖ୍ରୀ.ଅ.ରେ ଅନଙ୍ଗଭୀମ ଦେବ ବର୍ତ୍ତମାନ ଉପସ୍ଥିତ ଶ୍ରୀମନ୍ଦିରର ପୁନଃନିର୍ମାଣ କାର୍ଯ୍ୟ ଶେଷକରି ସେବାନୀତି ପ୍ରଚଳନ କରିଥିବା କଥା ପ୍ରାୟ ସ୍ୱୀକୃତ। ତା'ପରେ ଚତୁର୍ଦ୍ଦଶ, ପଞ୍ଚଦଶ ଓ ଷୋଡ଼ଶ ଶତକର ପ୍ରଥମ ଭାଗ ପର୍ଯ୍ୟନ୍ତ ରାମାନନ୍ଦ, କବୀର ଓ ସର୍ବୋପରି ଶ୍ରୀଚୈତନ୍ୟଙ୍କ ଦ୍ୱାରା ବୈଷ୍ଣବଧର୍ମର ଅଖଣ୍ଡ ପ୍ରଭାବ ଓ ପ୍ରତିଷ୍ଠା ଉତ୍କଳରେ ଜାତି, ବର୍ଣ୍ଣ ଓ ଗୋଷ୍ଠୀ ବୈଷମ୍ୟକୁ ଭାଙ୍ଗିଦେଇ ଏକ ମହାଭାରତୀୟ ଚେତନାର ପ୍ଳାବନ ଆଣିଥିଲା।

**ବୈଷ୍ଣବୀୟ ପ୍ରଭାବ**

ଏବେ ମଧ୍ୟ ବୈଷ୍ଣବମାନଙ୍କ ଉଦ୍ଦେଶ୍ୟରେ ଓଡ଼ିଶାର ରକ୍ଷଣଶୀଳ ଲୋକେ ବିଦ୍ରୂପ କରି କହନ୍ତି- 'ବାରଜାତି ତେର ଗୋଳା, ବୈଷ୍ଣବ ହେଲେ ସବୁ ଗଲା'। ମହାରାଜା ପ୍ରତାପରୁଦ୍ର ଦେବଙ୍କ ପୃଷ୍ଠପୋଷକତାରେ ବୈଷ୍ଣବଧର୍ମ ଏକ ପକ୍ଷରେ ଉତ୍ତର ଓ ପୂର୍ବଭାରତରୁ ଓ ଅନ୍ୟପକ୍ଷରେ ପଶ୍ଚିମ ଭାରତରୁ ବହୁ ଲୋକ ଭକ୍ତପ୍ରାଣ ଯାତ୍ରୀଙ୍କୁ ଉତ୍କଳର ଏଇ ପୁଣ୍ୟଧାମକୁ ଟାଣି ଆଣୁଥିଲା। ଶ୍ରୀଚୈତନ୍ୟ ବାସକରୁଥିବା ରାଧାକାନ୍ତ ମଠ ଓ ଗୌଡ଼ୀୟ ବୈଷ୍ଣବଧର୍ମର ଅନେକ ମଠ ଆଜି ମଧ୍ୟ ପୁରୀଧାମକୁ ଭାରତ ଓ ବିଦେଶର ବହୁ କୃଷ୍ଣସଚେତନ ଯାତ୍ରୀଙ୍କୁ ନିମନ୍ତ୍ରଣ କରିଥାଏ। ବୈଷ୍ଣବଧର୍ମର ଭକ୍ତି ଓ ମୁକ୍ତିର ମାର୍ଗ ସକଳ ଜାତି ଓ ବର୍ଣ୍ଣ ନିର୍ବିଶେଷରେ ଏକ ଓ ଅନନ୍ୟ। ୧୫୨୭ରେ ଶ୍ରୀଚୈତନ୍ୟଙ୍କର ମହାପ୍ରୟାଣରେ ବୈଷ୍ଣବଧର୍ମର ଶିଥିଳତା ଲକ୍ଷ୍ୟ କରି ଉତ୍ତରଭାରତରେ ବଲ୍ଲଭ ସ୍ୱାମୀ (ବଲ୍ଲଭାଚାର୍ଯ୍ୟ) ନୂତନ ଭାବରେ ଏହାର ପ୍ରଚାର ଆରମ୍ଭ କଲେ। ତାଙ୍କ ମତରେ ସନ୍ନ୍ୟାସଧର୍ମର ନଗ୍ନନିର୍ଜନତା ବା ବ୍ରତ ଉପବାସରେ ଭଗବତ୍ ପ୍ରାପ୍ତି କେବଳ ଯେ ହୁଏ ତାହା ନୁହେଁ ଜଗତ ଜୀବନର ଭୋଗୈଶ୍ୱର୍ଯ୍ୟ ଭିତରେ ମଧ୍ୟ ତାଙ୍କରି ସତ୍ତା

ଉପଲଭ୍ୟ। ଦ୍ୱାପରରେ ଶ୍ରୀକୃଷ୍ଣଙ୍କ ଗୋପଲୀଳା ସଦୃଶ ଶ୍ରୀକ୍ଷେତ୍ରରେ ଶ୍ରୀଜଗନ୍ନାଥ ଐଶ୍ୱର୍ଯ୍ୟ ମଣ୍ଡିତ ଅଧିଶ୍ୱର। ସେ ଭେଦାଭେଦରହିତ କରୁଣା ସାଗର। ଏସବୁ ପ୍ରଚାର ଫଳରେ ଯୁଗଯୁଗ ଧରି ଶ୍ରୀକ୍ଷେତ୍ର ହିନ୍ଦୁ ସଂସ୍କୃତିର ଅସାଧାରଣ କେନ୍ଦ୍ରସ୍ଥଳୀ ହୋଇଯାଇଛି। ହଣ୍ଟର ସାହେବ ଲେଖିଛନ୍ତି: "ରାଜ୍ୟର ଶାସନତନ୍ତ୍ର ଉପରେ ଜଗନ୍ନାଥଙ୍କ ଅସୀମ କର୍ତ୍ତୃତ୍ୱର ଅସଲ ସୂତ୍ରହେଲା, ସେ ହେଉଛନ୍ତି ଜନଗଣଙ୍କ ଦେବତା। ଦୀନଦରିଦ୍ର କିମ୍ବା ନିମ୍ନଜାତିର ସାଧାରଣ ନାଗରିକଟିଏ ମଧ୍ୟ ଜାଣେ ଯେ, ପୂର୍ବ ଉପକୂଳର ନୀଳାଚଳରେ ବିରାଜମାନ ଥିବା ଜଗତର ନାଥଙ୍କ କ୍ଷେତ୍ରାଧିକାର ମଧ୍ୟରେ, ସେ ପୁରୋହିତ ହୁଅନ୍ତୁ ଅବା କୃଷକ - ସମସ୍ତେ ସମାନ।" (ହିଷ୍ଟ୍ରି ଅଫ୍ ଓରିଶା; ଭାଗ-୧, ଅଧ୍ୟାୟ-୩)

ଭାରତରେ ଜାତୀୟ ଐକ୍ୟ (ନ୍ୟାସନାଲ ଇଣ୍ଟିଗ୍ରେସନ) ବିଷୟରେ ବହୁ ଭାବରେ ଆଲୋଚନା ଏବେ ଆରମ୍ଭ ହୋଇଛି। ଏହାର ପ୍ରୟୋଜନୀୟତା ଗୁରୁତର ଭାବେ ଉପଲବ୍ଧି କରାଯାଉଛି ଏଇ ଦୁର୍ଦ୍ଦିନରେ- ଯେତେବେଳେ ଧର୍ମ, ଜାତି ଓ ଜାତୀୟତା ଘେନି ଏକ ଭୟଙ୍କର ସଙ୍କଟର ସମ୍ମୁଖୀନ ହୋଇଛି ଭାରତୀୟ ସମାଜ। ସରକାରୀ ସ୍ତରରେ ଜାତୀୟ ଏକତାର କୃତ୍ରିମ ଆଲୋକ ବିକିରଣ କରିବାକୁ ଯେତେ ଚେଷ୍ଟା କରାଗଲେ ବି ବିଦ୍ୱେଷ ଓ ବୈଷମ୍ୟକୁ କେନ୍ଦ୍ରକରି ହିଂସା ଓ ଅସୂୟାର ଘନବାଦଲ ଭାରତବର୍ଷର ଆକାଶ ଉପରେ ଛାଇହୋଇ ରହିଛି।

**ଐକ୍ୟ ପ୍ରତିଷ୍ଠା ଦିଗରେ ପୁରୀ ଓ ଜଗନ୍ନାଥ ମନ୍ଦିର ଏକ ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ।**

**ଜାତୀୟ ଐକ୍ୟ**

ଜାତୀୟ ଐକ୍ୟ କହିଲେ ପ୍ରକୃତରେ ଆମେ କ'ଣ ଭାବୁ? ଏହାର ସଂଜ୍ଞା କ'ଣ? ସମ୍ଭବତଃ ସବୁ ବିଭେଦତା ଭିତରେ ଏହା ଏକପ୍ରକାର ଏକତା। କିନ୍ତୁ ସମାନତା ବା 'ୟୁନିଫରମିଟି' ନୁହେଁ। ଏହା ଭିତରେ ପ୍ରତ୍ୟେକେ ସମାନ ଭାବରେ ମୌଳିକ ଓ ମହତ୍ତ୍ୱପୂର୍ଣ୍ଣ ପୁଣି ପାରସ୍ପରିକଭାବେ ସ୍ୱାଧୀନ। ତେଣୁ ଏକତା ଓ ବିଭେଦତା ଏଥିରେ ଏକତ୍ର ବାସ କରନ୍ତି। କେବଳ ଏକତା ହେଲେ ଐକ୍ୟର ଆବଶ୍ୟକତା ନଥାନ୍ତା ପୁଣି କେବଳ ବିଭେଦତା ଥିଲେ ଐକ୍ୟ ଅସମ୍ଭବ ହୋଇପଡ଼ନ୍ତା। ତେଣୁ ଐକ୍ୟ ସ୍ଥାପନ ଅର୍ଥ ସବୁ ବିଭେଦତାର ସମାନତାକୁ ରୂପାନ୍ତର ନୁହେଁ। ଏହା ଏକ କ୍ରମ ପରିବର୍ତ୍ତନ ଯେଉଁଥିରେ ସାମ୍ୟ ଓ ବୈଷମ୍ୟ-ଉଭୟର ସ୍ଥିତି ସମାନଭାବରେ ସ୍ୱୀକୃତ। (ବ୍ରହ୍ମାନନ୍ଦ, 'ଦି ମିନିଂ ଆଣ୍ଡ୍ ରିଲିଭାନ୍ସ ଅଫ୍ ନ୍ୟାସନାଲ ଇଣ୍ଟିଗ୍ରେସନ, ସମ୍ପାଦନା: ଏମ୍.ରଫିକ୍ ଖାନ (୧୯୭୦, ପୃଷ୍ଠା-୭, ନବଚେତନା ପ୍ରକାଶନ, ବାରାଣସୀ)। ତେଣୁ ଐକ୍ୟ କଥା କୁହାଗଲା ବେଳେ ଏକଜାତି, ଏକଧର୍ମ ବା ଏକଭାଷା କଥା ଭାବିବା ବା ବୁଝିବା ଅନୁଚିତ୍। ଏହା ଏସବୁରୁ ଭିନ୍ନ ଏକ ମୈତ୍ରୀ ଚେତନା ଯେଉଁଥିରେ ବ୍ୟଷ୍ଟି ଓ ସମଷ୍ଟି ଏକୀଭୂତ ହୋଇ ଜାତୀୟଭାବ ଅଭିବ୍ୟଞ୍ଜିତ ହୁଏ।

ଜାତୀୟ ଐକ୍ୟର ସମସ୍ୟା କେବଳ ଭାରତବର୍ଷର ନୁହେଁ, ଏହା ଏବେ ବିଶ୍ୱବ୍ୟାପୀ। ଆପଣାର ସ୍ୱରୂପ ଓ ବୈଚିତ୍ର୍ୟ ଘେନି ଦେଶଦେଶରେ ଭିନ୍ନଭିନ୍ନ। କିନ୍ତୁ ସାମଗ୍ରିକଭାବେ ଏହାର କାରଣ ଏକ। ଏହା ଏକ ମାନବିକ ସଭ୍ୟତା। ସ୍ୱାତନ୍ତ୍ର୍ୟ ଓ ବିଭିନ୍ନତା ବୋଧ (ସେନ୍ସ୍ ଅଫ୍ ଏକ୍ସକ୍ଲୁସିଭନେସ୍ ଆଣ୍ଡ୍ ସେପାରେଟ୍‌ନେସ୍) ହିଁ ଏହାର ମୁଖ୍ୟ କାରଣ। ଭାରତରେ ଜାତୀୟ ଐକ୍ୟ ପ୍ରତିରୋଧର କାରଣ ଅନେକ। କିନ୍ତୁ ପ୍ରଧାନତଃ ଏହା ତିନିପ୍ରକାର। ପ୍ରଥମ ହେଲା ଅନ୍ତର୍ଦ୍ଦେଶୀୟ ରାଜନୀତିଠାରୁ ଆନ୍ତର୍ଜାତିକ ରାଜନୀତିର ବିପୁଳ ଓ ଜଟିଳ ସମସ୍ୟା ଉପରେ ଭାରତର ଗୁରୁତ୍ୱ ଆରୋପ। ଦ୍ୱିତୀୟତଃ, ବହୁ ଭାଷା, ଧର୍ମ, ସଂସ୍କୃତି ଓ ଅର୍ଥନୀତିକ ବ୍ୟବସ୍ଥା ତଥା ପଲ୍ଲୀ ଓ ସହର କ୍ରମବର୍ଦ୍ଧିତ ଭିତରେ ଯୁଗଯୁଗ ଧରି ଭାରତୀୟ ସମାଜର ବହୁସ୍ତର (ପ୍ଲୁରାଲ) ସ୍ଥିତି। ତୃତୀୟତଃ, ସଂସଦୀୟ ଗଣତନ୍ତ୍ରରେ ରାଜ୍ୟ ଓ କେନ୍ଦ୍ରରେ ଦ୍ୱୈତ ଶାସନ ବ୍ୟବସ୍ଥା। ତେଣୁ ଏସବୁକୁ ଅତିକ୍ରମ କରି ଭାରତରେ ଐକ୍ୟ ପ୍ରତିଷ୍ଠା କରିବାକୁ ହେଲେ ଉଦ୍ୟମ ଅବିଚଳିତ ଓ ଅନ୍ତର୍ନିହିତ ହେବା ଉଚିତ୍। କେବଳ ସ୍ଥିତି ପାଇଁ ନୁହେଁ, ଯେ କୌଣସି ଜାତିର ପ୍ରଗତି ପାଇଁ ଏହା ଏକାନ୍ତ ପ୍ରୟୋଜନ। କ୍ଷୁଦ୍ର ଦେଶମାନେ ବହିଃଶତ୍ରୁ ଆକ୍ରମଣ ଭୟରେ ଓ ବହୁତ ଦେଶମାନେ ଅନ୍ତର୍ଦ୍ୱନ୍ଦ୍ୱ ଭୟରେ ଐକ୍ୟ ପ୍ରତିଷ୍ଠା ଚାହାନ୍ତି। ବେଳେବେଳେ ଅନ୍ତଃଶତ୍ରୁ ବହିଃଶତ୍ରୁ ଅପେକ୍ଷା ବେଶୀ ମାରାତ୍ମକ ହୋଇପଡ଼େ। ସଂପ୍ରତିକ ଭାରତରେ ଏହା ଗଭୀର ଭାବେ ଅନୁଭୂତ।

ଐକ୍ୟ ପ୍ରତିଷ୍ଠା ଦିଗରେ ପୁରୀ ଓ ଜଗନ୍ନାଥ ମନ୍ଦିର ଏକ

ମହତ୍ତ୍ୱପୂର୍ଣ୍ଣ ଅନୁଷ୍ଠାନ। ଅଖଣ୍ଡଭାରତର ପ୍ରତ୍ୟେକ ସ୍ଥାନର ଯାତ୍ରୀ ଏଠାକୁ ଆସନ୍ତି ଓ ପ୍ରତ୍ୟେକ ସ୍ଥାନର ଯାତ୍ରୀ ପଣ୍ଡା ଏଠାରେ ଅଛନ୍ତି। ଭାରତର ଯେକୌଣସି ପ୍ରଚଳିତ ଭାଷା ଓ ଉପଭାଷାରେ ପୁରୀର ନିର୍ଦ୍ଦିଷ୍ଟ ସ୍ଥାନ ପାଇଁ ଉଦ୍ଦିଷ୍ଟ ଯାତ୍ରୀ ଗୁମାସ୍ତାମାନେ କଥା କହିପାରନ୍ତି। ପୃଥିବୀର ଏକମାତ୍ର ହିନ୍ଦୁ ରାଷ୍ଟ୍ର ନେପାଳର ରାଜଦରବାର ସହିତ ପୁରୀ ମନ୍ଦିରର ସେବା ସଂପର୍କ ରହିଛି। ବିଭିନ୍ନ ସମୟରେ ଏଠାକୁ ଆସିଥିବା ବହୁ ବିଶିଷ୍ଟ ବ୍ୟକ୍ତିଙ୍କର ସ୍ମୃତି ବହନ କରି ଏବେବି ପୁରୀରେ ବହୁ ଅନୁଷ୍ଠାନ ଓ ସ୍ମୃତିଫଳକ ରହିଛି। ଏବେ ମଧ୍ୟ ଆନ୍ଧ୍ରର ୧୨ଟି, ମହାରାଷ୍ଟ୍ରର ୮ଟି, କନୌଜର ୫ଟି, ଗୌଡ଼ିଆ ୫ଟି ଓ ଓଡ଼ିଆ ୧୪ଟି ମଠ ଓ ଆହୁରି ବହୁ ସଂପ୍ରଦାୟର ଅଗଣିତ ଅନୁଷ୍ଠାନ ପୁରୀରେ ଅଛି। ଅଛି ଶଙ୍କରଙ୍କର ଗୋବର୍ଦ୍ଧନ ପୀଠ ଓ ଶଙ୍କରାନନ୍ଦ ମଠ, ରାମାନୁଜଙ୍କର ଏମାର ଇତ୍ୟାଦି ବହୁ ମଠ, ଶ୍ରୀଚୈତନ୍ୟଙ୍କର ଗୌଡ଼ୀୟ ସଂପ୍ରଦାୟର ଅନୁଷ୍ଠାନ, ଓଡ଼ିଆ ମଠ ଓ ସାତ ଲହଡ଼ି ମଠ, ଆସାମ ଶଙ୍କର ଦେବଙ୍କର ଅନୁଷ୍ଠାନ, କବୀରଙ୍କର କବୀର ଚୌରା, ନାନକଙ୍କର ବାଉଳ ସଂପ୍ରଦାୟର ମଙ୍ଗୁ ଓ ବାଉଳିମଠ, ତ୍ରିମାଳି ରେଓ୍ୱାସା ପ୍ରଭୃତି ବହୁ ଉତ୍ତର ଭାରତୀୟ ମଠ ଓ ବହୁ ଜାତିର ଜାତୀୟ ଅନୁଷ୍ଠାନ ସବୁ। ଏକାଧାରାରେ ଏଠି ମଣିପୁରର ପାହାଡ଼ି, ମଧ୍ୟପ୍ରଦେଶର ଛତିଶିଗଡ଼ିଆ, ଦକ୍ଷିଣଭାରତରେ ତାମିଲ ଓ ତେଲେଙ୍ଗାନା, ପଶ୍ଚିମା ଓ ମରହଟ୍ଟି, ଉତ୍ତରଭାରତରୁ ଭୋଜପୁରୀ ଓ ରାଜସ୍ଥାନୀ ତଥା ପ୍ରଚୁର ପରିମାଣରେ ବଙ୍ଗାଳୀ ଯାତ୍ରୀ ବର୍ଷର ବିଭିନ୍ନ ସମୟର ଏକତ୍ର ହୁଅନ୍ତି। ସମସ୍ତଙ୍କର ବେଶ ପୋଷାକ, ଖାଦ୍ୟପେୟ, ଚଳଣି, ଚାହାଣି ଓ ପ୍ରଚଳିତ ଅଭିରୁଚିକୁ ଆତ୍ମସ୍ଥ କରି ପୁରୀ ସର୍ବଭାରତୀୟ କ୍ଷେତ୍ର ହୋଇଯାଇଛି।



## ଐକ୍ୟର ଅନନ୍ୟ କେନ୍ଦ୍ର

ଶ୍ରୀମନ୍ଦିର ହୋଇଛି ଐକ୍ୟ ପ୍ରତିଷ୍ଠାର ଏକ ଅନନ୍ୟ କେନ୍ଦ୍ର ଯେଉଁଠି ସବୁ ଭେଦଭାବ ଭୁଲି ଆବ୍ରାହ୍ମଣ ଚଣ୍ଡାଳ ମହାପ୍ରସାଦ ସେବାରେ ଭାତୃତ୍ୱ ଓ ମହାନତା ଆହରଣ କରନ୍ତି। ସାଂପ୍ରଦାୟିକ ମନୋଭାବ ଓ ପ୍ରାନ୍ତୀୟ ଚେତନା ଏଠି ଲୁପ୍ତ। 'ସର୍ବଭୂତାତ୍ମଭୂତାତ୍ମା ସର୍ବଭୂତ ହିତୈରତା' ଏଠାର ମୂଳ ମନ୍ତ୍ର। ଏହି ଦୃଷ୍ଟିରୁ ଜଗନ୍ନାଥଧର୍ମ ଓ ସଂସ୍କୃତି ଏକ ଅବିଚ୍ଛେଦ୍ୟ ବିଭବ। ଏଠି ସମାଗତ ତୀର୍ଥଯାତ୍ରୀଙ୍କଠାରୁ ଆରମ୍ଭ କରି ଭ୍ରମଣକାରୀ ଓ ବ୍ୟବସାୟୀଙ୍କ ପର୍ଯ୍ୟନ୍ତ ଯେ କେହି ଶ୍ରୀକ୍ଷେତ୍ରର ଭୂମି ସ୍ପର୍ଶକରି ରୋମାଞ୍ଚିତ ହୋଇଉଠନ୍ତି। ଅସ୍ମିତା ଅପସରି ଯାଇ ଏକ ଦିବ୍ୟ ସୌହାର୍ଦ୍ଦ୍ୟ ଓ ଐକ୍ୟଭାବ ଜାଗ୍ରତ ହୁଏ। ପଥର କାଙ୍ଗାଳ ଭିକ୍ଷୁକ ଓ ଅନ୍ତଃପୁରର ମହାରାଜା-ସମସ୍ତେ ଏଠି ଦାର୍ଶନିକ ଚେତନାର ଅନୁରଣନରେ ସାମ୍ୟମୈତ୍ରୀର ଜୟଗାନ କରନ୍ତି। ସେଥିପାଇଁ ପରମ୍ପରାକ୍ରମେ ମହାରାଜାଙ୍କୁ ରଥଯାତ୍ରାରେ ପ୍ରତୀକାତ୍ମକ ଭାବେ ମ୍ଳେଚ୍ଛ ସେବାକାରୀର ବେଶ ଧାରଣ କରିବାକୁ ପଡ଼େ। ଏଇ ପରମ୍ପରାରେ ଯଜମାନ ପୁରୋହିତ, ଶାସକ ଶାସିତ, ଦାତା ଗ୍ରହୀତା, ରାଜାପ୍ରଜା-ସମସ୍ତେ ଉଣାଅଧିକେ ସମାନତା ଅନୁଭବ କରନ୍ତି। ଏକଥା ଇଂରେଜ ସାହେବ ଐତିହାସିକ ହଣ୍ଟର ମଧ୍ୟ ମୁକ୍ତକଣ୍ଠରେ ସ୍ୱୀକାର କରିଛନ୍ତି: "ଏହା ହେଉଛି, ଏକ ରାଷ୍ଟ୍ରୀୟ ଦେବାଳୟ, ଯେଉଁଠାରେ ରାଷ୍ଟ୍ରର ସବୁ ପ୍ରଦେଶରୁ ଭକ୍ତଗଣ ଛୁଟି ଆସିଥାଆନ୍ତି । ଏଠାରେ ଥିବା ସ୍ୱର୍ଗଦ୍ୱାରକୁ ସେମାନେ ସ୍ୱର୍ଗପୁରର ପ୍ରବେଶପଥ ବୋଲି ଅନୁଭବ କରନ୍ତି ଏବଂ ସେଠାରେ ସମୁଦ୍ରର ଗୁରୁଗର୍ଜନ ଭିତରେ ହିଁ ଜୀବନର ଶେଷନିଦ୍ରା ଯିବା ସେମାନେ ଚାହଁଥାଆନ୍ତି ।"

□□

ଲେଖକଙ୍କ ଇ-ମେଲ ଠିକଣା:
panda.bk@rediffmail.com

ଅନୁଭୂତି

# ଏତେ ଭଲପାଆନ୍ତି ମତେ



ଶୈଳବାଳା ମହାପାତ୍ର

**ସେ** ଏତେ ଭଲ ପାଆନ୍ତି ମତେ । ଛାଇ ହୋଇ ଚାଲୁଥାଆନ୍ତି ମୋ ସାଥିରେ ସାଥିରେ । ସୁଖରେ ଦୁଃଖରେ । ଅଥଚ ମୁଁ ଜାଣି ପାରିନଥିଲି କେମିତି ?

ପିଲାଦିନେ ମାର୍କଣ୍ଡେଶ୍ୱର ସାହି ଭଡ଼ାଘରେ ଥିବାବେଳେ ଥରେ ଦୁଇଥର ରଥଯାତ୍ରା ଦେଖିବାକୁ ଶ୍ରୀକୃଷ୍ଣ ସିନେମା ଗଳି ମୁଣ୍ଡକୁ ଆସିଛି । ଥରେ ବାପାଙ୍କ ସହ । ଆଉଥରେ ବୋଧହୁଏ ଆଈ ସହ । ରଥ ଦେଖେ । ରଥ ଭିତରେ କିଏ ଥାଏ ମତେ ଦିଶେନି । ବାପା ଥରେ ମତେ ଟେକି ଦେଇଥିଲେ ଠାକୁର ଦେଖିବା ପାଇଁ । ତେବେ ବି ମତେ କିଛି ଦିଶିଲାନି । ଖାଲି ଧଳା କ'ଣ ଗୋଟେ ଦେଖିଲି । ବାପା ପଚାରିଲେ, ଦେଖିଲୁ ? ମୁଁ ମୁଣ୍ଡ ଟୁଙ୍ଗାରିଲି !

**ଆପଣମାନେ ଭାବୁଥିବେ ଗୁଣ୍ଡିଚା ମନ୍ଦିରକୁ ଗୁଣ୍ଡିଚାଘର ବୋଲି କାହିଁକି କହୁଛି । ଆମେ ଯେତେସବୁ ପୁରୁଣା ବାସିନ୍ଦା ଗୁଣ୍ଡିଚାଘର କହୁ ।**

ଆଉ ଥରେ ସପ୍ତମ ପଢୁଥାଏ । ମୋ' ଷଷ୍ଠ ଶ୍ରେଣୀ ବେଳକୁ ଆମେ ବଡ଼ଶଙ୍ଖ ଘରକୁ ଆସି ସାରିଥାଉ । ପହଲି ବଡ଼ବାପାଙ୍କ ଘରକୁ ଯାଇଥାଏ । ପହଲି ବଡ଼ବାପା ମୋ' ବାପାଙ୍କ ନିଜ ମାମୁଁପୁଅ ଭାଇ । ସେ ଗାଣ୍ଡାଚଉରା ସାହିରେ ରହନ୍ତି । ତାଙ୍କ ଶଶୁରଘରେ । ତାଙ୍କର ସେପର୍ଯ୍ୟନ୍ତ କିଛି ପୁଅ-ଝିଅ ହୋଇନଥାଏ । ମତେ ଝିଅ କରିବେ ବୋଲି ଲାଗିଥାନ୍ତି । ତେଣୁ ମଝିରେ ମଝିରେ ଆସି ମତେ ନେଇ ଯାଆନ୍ତି । ସେଥର ବଡ଼ବୋଉ ଓ ସାହିର ଆଉ ତିନି / ଚାରିଜଣ ସ୍ତ୍ରୀ ଲୋକ ମନ୍ଦିର ଆସିଲେ । ପଶ୍ଚିମ ଦୁଆର ବାଟେ । ସେତେବେଳେ ମୁଁ ସେଇଟା ପଶ୍ଚିମଦୁଆର ବୋଲି ବି ଜାଣିନଥାଏ । ତାଙ୍କ ଘର ଗାଣ୍ଡାଚଉରା ସାହିର ପ୍ରଥମରୁ । ତେଣୁ ଜଗନ୍ନାଥ ମନ୍ଦିରର ପଶ୍ଚିମ ଦ୍ୱାର ତାଙ୍କ ପାଇଁ ପାଖ । ଦାଣ୍ଡଚଉରାରୁ ଅପଭ୍ରଂଶ ହୋଇ ଲୋକ ମୁଖରେ ତା'ର ନାଁ ଗାଣ୍ଡାଚଉରା ହୋଇଛି ।

ସେତେବେଳେ ମୁଁ କେବଳ ଏତିକି ଶୁଣିଥିଲି ଯେ, ତିନି ଠାକୁର ସ୍ନାନବେଦୀରେ ଗାଧୋଇବେ । ତେଣୁ ସ୍ନାନ ମଣ୍ଡପକୁ ପହଣ୍ଡିହୋଇ ଯିବେ । ଠାକୁରମାନଙ୍କର ଏଇ ସ୍ନାନ ବେଦୀ ଯାତ୍ରା ପହଣ୍ଡି ଦେଖିବାକୁ ଆମ ପଲଟଣ ବାହାରିଲା ।

### ଠାକୁର ଆସିଗଲେ

ଲକ୍ଷ୍ମୀଙ୍କ ମନ୍ଦିର ଆଡ଼କୁ ଗଲାବେଳେ ଡାହାଣ ପଟେ ଯେଉଁ ଛାତ ଅଛି; ସେଇଟା କୋଉ ଛାତ ମୁଁ ଏପର୍ଯ୍ୟନ୍ତ ଜାଣିନି । କୋଇଲି ବୈକୁଣ୍ଠକୁ ଲାଗିଛି । ସେଇଠି ଆମେ ସବୁ ବସିଲୁ । ବଡ଼ବୋଉ ହେରିକା କଥାବାର୍ତ୍ତା ହେଲେ । ଆମେ ପିଲା କେତେଜଣ ଶୋଇ ପଡ଼ିଥିଲୁ । ହଠାତ ବଡ଼'ଉ ଡାକିଲେ, 'ଉଠରେ ଉଠରେ, ଉଠ ସବୁ । ଦେଖ ଠାକୁର ଆସିଗଲେ' । ନିଦ ମଳମଳ ହୋଇ ଦେଖିଲି । ଧୀରେଧୀରେ ନିଦ ପୂରା ତୁଟିଗଲା । ଠାକୁରଙ୍କୁ ଖୋଜିଲି । ମତେ ଦିଶିଲା, ଧଳା ଗାଈଟିଏ ଆଗକୁ ପଛକୁ ହେଇ ହେଇ ଆସୁଛି ।

ରାତି ପାହି ଆସୁଥିଲା । ଆମେ ଘରକୁ ଫେରିଲୁ । ଫେରିଲା ବାଟରେ ବଡ଼'ଉ ପଚାରିଲେ, 'ଆଲୋ ଭଲକି ପହଣ୍ଡି ଦର୍ଶନ କଲୁଟି ! ଘରକୁ ଗଲେ କହିବୁ । 'କ'ଣ କହିଥା'ନ୍ତି ମୁଁ, ଧଳା ଗାଈଟେ ଉଠ୍ ପଡ୍ ହଉଥିଲା ! ମୁଁ ଚୁପ୍ ରହିଲି ।

ମୁଁ ଏବେବି ଜାଣିପାରିନି ମତେ ସବୁଥର ଧଳା ହୋଇ କ'ଣ ଦିଶେ ! ମହାପ୍ରଭୁଙ୍କ ଟାହିଆ ?

ରଥଯାତ୍ରାବେଳେ ଆମପଟେ ମାନେ ଗୁଣ୍ଡିଚାଘର ପଟେ ବେଶ୍ ଗହଳି ଚହଳି । ଆପଣମାନେ ଭାବୁଥିବେ ଗୁଣ୍ଡିଚା ମନ୍ଦିରକୁ ଗୁଣ୍ଡିଚାଘର ବୋଲି କାହିଁକି କହୁଛି । ଆମେ ଯେତେସବୁ ପୁରୁଣା ବାସିନ୍ଦା ଗୁଣ୍ଡିଚାଘର କହୁ । କେହି କେହି ଗୁଣ୍ଡିଚା ବାଡ଼ି କହନ୍ତି । ଇନ୍ଦ୍ରଦ୍ୟୁମ୍ନ ରାଜାଙ୍କ ସ୍ତ୍ରୀ ମହାରାଣୀ ଗୁଣ୍ଡିଚା

ଦେବୀ ସେଠାରେ ପ୍ରଭୁଙ୍କ ଆସିବା ବାଟକୁ ଚାହିଁ ଦିନ କାଟୁଥିଲେ। ସେ ତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଇଁ ଅପତ୍ୟ ସ୍ନେହରେ ବନ୍ଧା ପଡ଼ିଥିଲେ । ତେଣୁ ତାକୁ ଗୁଣ୍ଡିଚାଘର କୁହାଯାଏ। କେହି କେହି କହନ୍ତି ବଙ୍ଗାଳୀ ଲୋକମାନେ ଘରକୁ ବାଡ଼ି କହୁଥିବାରୁ ତାହାକୁ ଗୁଣ୍ଡିଚା ବାଡ଼ି ବୋଲି କହନ୍ତି। ମାତ୍ର ପିଲାଦିନେ ଶୁଣିଛି ତାହା ରାଣୀ ଗୁଣ୍ଡିଚାଙ୍କର ବଗିଚା ଥିଲା। ଯେଉଁଠି ପରବର୍ତ୍ତୀ ସମୟରେ ରାଣୀ ସେଠାରେ ରହି ପ୍ରଭୁଙ୍କ ଆସିବା ବାଟକୁ ଚାହିଁ ରହୁଥିଲେ। ପିଲାଦିନେ ଦେଖିଛି ଗୁଣ୍ଡିଚାଘର ଭିତରେ ଯଥେଷ୍ଟ ଫୁଲ ଫଳ ଗଛ ଥିଲା। ମୁକ୍ତ ପ୍ରବେଶ। ଏବେ ତ ସେଠାରେ କ'ଣ କ'ଣ ଦେବାଦେବୀଙ୍କ ମୂର୍ତ୍ତି ରଖାଯାଇ ଟିକଟ କରାହେଉଛି। ଅବଶ୍ୟ ମୁଁ ଥରେ ମୋ' ପିଲାମାନଙ୍କୁ ମାନେ ସ୍କୁଲପିଲାଙ୍କୁ ବିନା ଶୁଳ୍କରେ ଗୁଣ୍ଡିଚା ବାଡ଼ି ବୁଲେଇ ଆଣିଥିଲି।

## ରଥଯାତରେ ସିନେମା



ରଥ ବେଳେ ଶରଧାବାଲିରେ ଷ୍ଟଲ ପଡ଼େ। ଅବଶ୍ୟ ଷ୍ଟଲ ସଂଖ୍ୟା କମ୍ ଥିଲା। ଏବେ ଭଳି ନୁହଁ। ଗୋଟେ ମିଠା ଆନନ୍ଦ ମିଳେ। ହଁ, କଳାକୁଞ୍ଚି ପଡ଼େ। ଭାରି ଭଲ ଲାଗେ। ସେତେବେଳ କଥା କହୁଛି। ସତୁରି ଏକସ୍ତରି ମସିହା। ମୋର ସେଇ ଷଷ୍ଠଶ୍ରେଣୀ ବେଳ କଥା। ଷଷ୍ଠରୁ ଅଷ୍ଟମ ଯାଏଁ ରଥଯାତ୍ରାବେଳେ ବେଶ୍ ମଜା କରିଛୁ। ଅଷ୍ଟମ ଶ୍ରେଣୀ କାହିଁକି ପ୍ରାୟ କଲେଜ ଯିବା ଯାଏଁ ସେ ମଧୁର ମୁହୂର୍ତ୍ତକୁ ମୁଁ ଓ ମୋର ସାଙ୍ଗମାନେ ଉପଭୋଗ କରିଛୁ। ରାତି ଏଗାରଟା / ବାରଟା ଯାଏଁ ଠିଆହୋଇ 'ଠିଆ ସିନେମା 'ଦେଖିଛୁ। ରଥଯାତ୍ରାବେଳେ ଲୋକ ସଂପର୍କ ଅଫିସ ତରଫରୁ ଗାଡ଼ିରେ ପରଦା ବନ୍ଧାଯାଇ ସିନେମା ପ୍ରଦର୍ଶନ କରାଯାଏ। ଓଡ଼ିଆ ସିନେମା। 'ଘର ବାହୁଡ଼ା', 'ଘର ସଂସାର', 'ସଂସାର', 'ଶ୍ରୀଲୋକନାଥ', 'ଶ୍ରୀଜଗନ୍ନାଥ' ଇତ୍ୟାଦି। ସାହିର କେତେଜଣ ସଉପ ମସିଣା, ଅଖା ଇତ୍ୟାଦି ଧରି ଆସନ୍ତି। ବସିକି ଦେଖିବା ପାଇଁ। ମୋ' ଭଳି ଅଧିକାଂଶ ଠିଆହୋଇ ସେ ସିନେମା ଦେଖୁ। ତା ନାଁ ଆମେ 'ଠିଆ ସିନେମା' ଦେଇଥିଲୁ। ରଥ ମାନେ ଠିଆ ସିନେମା ମଜା। ଆହା ! ସେ ମଜା ସେ ଆନନ୍ଦ କୋଟିଏ ଟଙ୍କା ବିନିମୟରେ ବି ମିଳିବନି।

ସେତିକି ବେଳ କଥା କହୁଛି। ରଥ ଆସିଲା ବେଳେ ଗୋଟିଏ ରଥ ଗୁଣ୍ଡିଚାଘର ପାଖେ ପହଞ୍ଚିବ। ଅନ୍ୟ ଦୁଇଟିରୁ ଗୋଟିଏ ଆମ ସାହି, ସଂଗ୍ରାମ କ୍ଲବ ଗଳି ସାମ୍ନା। ସେତେବେଳେ ତା ନାଁ ତର୍ଣ୍ଣିକଟା ଗଳି । ଆଉ ଗୋଟିଏ ବଳଗଣ୍ଡି ଓ ହସ୍ପିଟାଲ ଛକ ମଝାମଝି; ଜାଣ ରାଜୁ ରାୟଙ୍କ ଘର ସାମ୍ନା। ତା'ପରଦିନ ରଥଟଣା ହୁଏ। ଯଥାସ୍ଥାନରେ ଲାଗେ। ତେବେ କୌଣସି କାରଣରୁ କେବେ କେବେ ରଥ ଉପରେ ଠାକୁର ଆଉ ଗୋଟେ ଦିନ ରହିଯାଆନ୍ତି। ଆମେ ରଥର କର୍ଡ଼ନ ଦଉଡ଼ି, ଯାହା ରଥ କାଠରେ ଝୁଲେଇ ରଖାଯାଇଥାଏ, ସେଥିରେ ଦୋଳି ଖେଳୁ। ଚାରମାଳ ତ ବନ୍ଧା ହୋଇନଥାଏ। ଆମେ ଫନ୍ଦକୁ ଫନ୍ଦ ପାଦ ଦେଇ ରଥ ଉପରକୁ ଚଢ଼ୁ।

ଥରେ ଖୁବ ନିଶୂନ ଖରାବେଳ। ଏବ ଭଳି ଏତେ ଗହଳି ତ ନଥାଏ ! ଆମେ କେତେଜଣ ପିଲା ଆମ ପରିଚିତ ରଥ କାଠର ଫନ୍ଦ ଦେଇ ରଥ ଉପରେ ଚଢ଼ିଲୁ। ଏକା ବସିଥିଲେ ଜଗନ୍ନାଥ। ଛୁଇଁଲି ତାଙ୍କୁ। ଆଉଁଶିଲି। ଦେଖିଲି। ଧଳା ନୁହଁ କଳା ମୂର୍ତ୍ତିଟିଏ କାଠର! କାହିଁକି କେଜାଣି ଇଚ୍ଛା ହେଲା ନିରୋଳାରେ ସେ ମୂର୍ତ୍ତି ପାଖରେ ଟିକେ ବସନ୍ତି କି! କାଳେ କିଏ ପଳେଇ ଆସିବ ବୋଲି କିଲିକାଛିଆ ହୋଇ ଓହ୍ଲେଇ ପଡ଼ିଲୁ।

ସେ ଇଚ୍ଛା ମୋର ଏବେ ବି ଅପୂର୍ଣ୍ଣ !

## ବାପଘର ନୁହେଁ ବୋଉଘର

ବାହାଘର ପାଞ୍ଚବର୍ଷ ବେଳକୁ ମୋ' ଠିକଣା ହେଇସାରିଥିଲା, ମଧୁବନ ଷଷ୍ଠ ଗଳି, ଇନ୍ଦ୍ରଦ୍ୟୁମ୍ନ ଛକ। ଆମଘର ବୋଉଘର ମଝିରେ ଗୁଣ୍ଡିଚାଘର। ପୁରୀର ସାହିମାନେ ଦେଉଳ ପାଖାପାଖି ସାହି ସ୍ତ୍ରୀ ଲୋକେ ବାପ ଘରକୁ ବୋଉଘର ବୋଲି କହିଥାଆନ୍ତି। ପିଲାଦିନୁ ସାହିରେ ବଢ଼ିଲି। ତେଣୁ କିଛି ପ୍ରଭାବ ରହିଯାଇଛି। ମଧୁବନ ଘରେ ମୁଁ ପିଲାଙ୍କୁ ନେଇଥାଏ । ମାନସ ତ ଦିଲ୍ଲୀରେ ଥାଆନ୍ତି। ରଥଯାତ୍ରା ହୁଏ। ରଥମାନେ ଆସନ୍ତି।

**ହେ, ଭଗବାନ ! ମୁଁ ମୁଣ୍ଡରେ ହାତ ଦେଇଦେଲି ।**

ବାହୁଡ଼ା ଯାତ୍ରାରେ ଫେରି ବି ଯାଆନ୍ତି । ମନ ଭରି ନଥାଏ ମୋର । ରାତି ବେଶି ହେଇଗଲେ ମତେ ସାହାଯ୍ୟ କରୁଥିବା ପିଲା, ବାବୁଲିକୁ ଧରି ବାଇକ୍‌ରେ ବାହାରେ ଦର୍ଶନ ପାଇଁ । କହିଛି ତ, ସେତେବେଳେ ଏତେ ଗହଳ ନଥାଏ । ଆଉ ରଥ ଫେରିଗଲା ପରେ ତ ଆମ ପଟେ ଶ୍ମଶାନର ଶୂନ୍ୟତା ଜାଣ !

ଥରଟେ କୌଣସି କାରଣରୁ ଅଧର ପଣା ପରଦିନ ବି ଦିଅଁ ପହଣ୍ଡି ହେଇ ଗଲେନାହିଁ । ରଥରେ ରହିଥିଲେ । ଏ ଖବର ପାଇଲା ମାତ୍ରେ ମୁଁ ବାବୁଲିକୁ କହିଲି, ଚାଲ୍ । ବାଇକ୍ କାଢ଼େ । ଯିବା । ଦର୍ଶନ କରିବାକୁ ଇଚ୍ଛା ହେଲାଣି । ବାହାରିଲୁ । ଆହା ! କି ସୁନ୍ଦର ଦର୍ଶନ ! ହୃଦୟ ଭରିଗଲା । ସେ ପିଲା ବାଇକ୍ ପାଖରେ ଥିଲା । ରଥ ଯାଏଁ ବାଇକ୍ ଛାଡ଼ୁ ନଥିଲା ।

ମୋର ତ ମନ ଭରିଯାଇଥାଏ । ଖୁସି ମନରେ ଆସିଲି । ଗାଡ଼ିରେ ବସିଲି । ମୋ ଖୁସି ଦେଖି ସେ ପଚାରିଲା, 'କ'ଣ ଅପା ! ଦର୍ଶନ ବୋଧେ ବଢ଼ିଆ'କି ହେଲା ! 'ଏତିକିରେ ତା' କଥା ସରିଲାନି । ସେ ଟିକେ ବାହାପିଆ । ଗପୁଡ଼ା ବି । ତେଣୁ ସେଇ ଦର୍ଶନ କଥାରୁ କ'ଣ କ'ଣ ସବୁ କହି କହି ଗାଡ଼ି ଚଲଉଥାଏ । ମୁଁ ବି ଅନ୍ୟମନସ୍କ ।

ଟାଉନ ଥାନା ଓ ମରିଚିକୋଟ ଛକର ମଝି ଜାଗା । ଟିକେ ଅନ୍ଧାରିଆ ଥାଏ । ହଠାତ କଳାହୋଇ ଯୁବକ ଜଣେ ଆସି ବାଇକରେ ମାଡ଼ ହେଇଗଲା । ବାଇକ୍ ଟିକେ ବୁଲିଗଲା । ହେଲେ ମୁଁ ପଡ଼ିନଥିଲି କି ବାଇକ୍ ପଡ଼ି ନଥିଲା । ସେ ଲୋକଟିକୁ ଆମ ପୁରୀଆ ଭାଷାରେ ବାବୁଲି ଗାଳି ଦେବା ଆରମ୍ଭ କରିଦେଇଥିଲା । ଯୁବକ ଜଣକ ଖୁବ ନିରୀହ ଭାବରେ କହିଲେ,'ଷଣ୍ଢ ଦି'ଟା ଲଢୁଛନ୍ତି ଆଜ୍ଞା ! ସେଇଥିପାଇଁ ଦୌଡ଼ି ଆସି ପିଟି ହେଇଗଲି ।'

ହେ, ଭଗବାନ ! ମୁଁ ମୁଣ୍ଡରେ ହାତ ଦେଇଦେଲି । ଅନ୍ଧାରିଆ । ନା ମୁଁ, ନା ବାବୁଲି କେହି ଷଣ୍ଢକୁ ଦେଖି ନଥିଲୁ । ସେ ପୁଣି କଳାଷଣ୍ଢ । ବାବୁଲି ତ ଗୋଟେ ହାତ ହଲେଇ କଥା କହିବାରେ ବ୍ୟସ୍ତ ଥିଲା । ଆମ ବାଇକ୍ ପଶି ଯାଇଥିଲେ କ'ଣ ହେଇଥାନ୍ତା ଅବସ୍ଥା ! ମୁଁ ବାବୁଲିକୁ ଚିଡ଼ିଲି, 'ସେ ଲୋକ ଆମକୁ ବଞ୍ଚେଇଲା । ଗାଡ଼ି ଟିକିଏ ଆଗକୁ ଯାଇଥିଲେ କ'ଣ ହେଇଥାନ୍ତା ଜାଣିପାରୁଛୁ ତ ! ତୁ ପୁଣି ଗାଳି ଦଉଛୁ ତାଙ୍କୁ ?' କିଛି ସମୟ ପରେ ଷଣ୍ଢ ଫେରିଗଲେ । ଆମେ ଫେରି ଆସିଲୁ ।

ସେ ମତେ ଏତେ ଭଲ ପାଆନ୍ତି । ଏମିତି ଏତେ ପାଖରେ ପାଖରେ ଚାଲୁଥାଆନ୍ତି ମୋର !!

□□

ଲେଖିକାଙ୍କ ଇ-ମେଲ ଠିକଣା:
sailabala.mahapatra@gmail.com

PROZOSYS
TECHNOLOGIES PVT. LTD.
+91 9777060101
Call us now!

DESIGN, DEVELOPMENT & MARKETING SERVICES

Contact for :

- Website Designs
- Website Development
- Web Application Development
- Mobile Application Development
- eCommerce Website Development
- Software Development
- Google Ads Services
- Search Engine Optimization
- Digital Marketing Services
- Web Hosting
- Logo Design
- Domain Registration

Contact No:- +91 9777060101, 9777980101, Address:- N6/315, Jayadev Vihar, Bhubaneswar
Website:- www.prozosys.com, Email Id :- info@prozosys.com



ପ୍ରବନ୍ଧ

# ଜଗନ୍ନାଥ ସଂସ୍କୃତିରେ ନୀଳମାଧବ ଉପାସନା

ଦୋଳଗୋବିନ୍ଦ ବିଶୀ

ଶ୍ରୀଜଗନ୍ନାଥ ସଂସ୍କୃତିର ବେଢ଼ାପରିକ୍ରମା କରିବାକୁ ବାହାରିଲେ ପ୍ରଥମେ ନୀଳମାଧବଙ୍କୁ ଦର୍ଶନକରି ଆଗକୁ ବଢ଼ିବାକୁ ହୁଏ। ନୀଳମାଧବଙ୍କୁ ଜଗନ୍ନାଥଙ୍କର ଆଦିରୂପଭାବେ ପ୍ରାୟ ସମସ୍ତ ଐତିହାସିକ ଓ ଗବେଷକମାନେ ମାନିନେଇଛନ୍ତି। ସଂସ୍କୃତ ଓ ଓଡ଼ିଆ ପୁରାଣସାହିତ୍ୟମାନଙ୍କରେ ନୀଳମାଧବଙ୍କ ଉପାଖ୍ୟାନ ତଥା କିଂବଦନ୍ତୀମାନ ଅତି ରୋଚକଭାବରେ ସ୍ଥାନପାଇଛି। ସ୍ଥଳପୁରାଣ ଓ ଅଷ୍ଟାଦଶପୁରାଣ ମଧ୍ୟରେ ଅନ୍ୟତମ ସ୍କନ୍ଦପୁରାଣର ବର୍ଣ୍ଣନା ପ୍ରସଙ୍ଗରୁ ଆମେ ଜାଣୁ ଯେ, ଶ୍ରୀପୁରୁଷୋତ୍ତମ କ୍ଷେତ୍ରର କେନ୍ଦ୍ରସ୍ଥଳରେ ଥିବା ନୀଳଗିରି ଓ ରୋହିଣୀକୁଣ୍ଡର ଠିକ ପୂର୍ବଦିଗରେ ନୀଳମାଧବ ଓ କଳ୍ପବଟ ବିରାଜମାନ କରିଥିଲେ। ନୀଳମାଧବଙ୍କ ମୂର୍ତ୍ତି ଇନ୍ଦ୍ରନୀଳମଣି ରତ୍ନରେ ଗଢ଼ା ହୋଇଥିଲେ। ସେ ଥିଲେ ଚତୁର୍ଭୁଜୀ ଓ ତାଙ୍କୁ ଶବରରାଜ ବିଶ୍ୱାବସୁ ନିଜ କୁଳରୀତି ଅନୁସାରେ ପୂଜା କରୁଥିଲେ।



**ନୀଳମାଧବ ଆଖ୍ୟାନ**

ନୀଳମାଧବ ଆଖ୍ୟାନ ସହିତ ରାଜା ଇନ୍ଦ୍ରଦ୍ୟୁମ୍ନ ନିବିଡ଼ଭାବେ ଜଡ଼ିତ। ମାଳବର ରାଜା ଇନ୍ଦ୍ରଦ୍ୟୁମ୍ନଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ପ୍ରଥମେ ବ୍ରାହ୍ମଣ ବିଦ୍ୟାପତି ନାରାୟଣ (ବିଷ୍ଣୁ)ଙ୍କୁ ଖୋଜିବାକୁ ଯାଇ ଶବରରାଜ୍ୟରେ ପର୍ବତଗୁମ୍ଫା ମଧ୍ୟରେ ପୂଜା ପାଉଥିବା ନୀଳମାଧବଙ୍କ ମୂର୍ତ୍ତିକୁ ଦର୍ଶନ କରିଥିଲେ। (ଶବରରାଜ ବିଶ୍ୱାବସୁଙ୍କ କନ୍ୟା ସାହାଯ୍ୟରେ) ବିଦ୍ୟାପତିଙ୍କଠାରୁ ଦିଅଁଙ୍କ ଠିକଣା ପାଇବାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଶବରରାଜ୍ୟରେ ପହଞ୍ଚିବା ପୂର୍ବରୁ ସ୍ୱୟଂ ନୀଳମାଧବ ସେଠାରୁ ଅନ୍ତର୍ଦ୍ଧାନ ହୋଇଯାଇଥିଲେ। ନୀଳମାଧବଙ୍କ ଦର୍ଶନ ନ ପାଇ ଭକ୍ତ ଇନ୍ଦ୍ରଦ୍ୟୁମ୍ନ ଅତ୍ୟନ୍ତ ଦୁଃଖରେ ମର୍ମାହତ ହୋଇପଡ଼ିବାରୁ ତାଙ୍କୁ ଶୂନ୍ୟବାଣୀ ହେଲା ଯେ, "ନୀଳମାଧବ ଏବେ ଅନ୍ତର୍ଦ୍ଧାନ ହୋଇଯାଇଥିଲେ ହେଁ କିଛିଦିନ ପରେ ପୁଣି ଆବିର୍ଭାବ ହୋଇ ଶ୍ରୀକ୍ଷେତ୍ରରେ ଦାରୁବ୍ରହ୍ମ ରୂପରେ ପୂଜାପାଇବେ।" କିଂବଦନ୍ତୀ ଅନୁସାରେ ଇନ୍ଦ୍ରଦ୍ୟୁମ୍ନ ଶ୍ରୀକ୍ଷେତ୍ରରେ ମନ୍ଦିର ନିର୍ମାଣକରି ପ୍ରତିଷ୍ଠା ନିମନ୍ତେ ବ୍ରହ୍ମାଙ୍କୁ ବରଣକରିବାକୁ ଯାଇଥିବା ସମୟରେ ବହୁକାଳ ବିତିଯିବାରୁ ତାଙ୍କ ଦ୍ୱାରା ନିର୍ମିତ ଦେଉଳ ବାଲିରେ ପୋତି ହୋଇଯାଇଥିଲା। କାଳକ୍ରମେ ରାଜା ଗାଲମାଧବ ସେହି ମନ୍ଦିରକୁ ବାଲିମଧ୍ୟରୁ ପୁନରୁଦ୍ଧାର କରିଥିଲେ। ଗାଲମାଧବଙ୍କ ସମୟରେ ନୀଳମାଧବ ମୂର୍ତ୍ତି ଇନ୍ଦ୍ରଦ୍ୟୁମ୍ନ ସରୋବର କୂଳରେ ପୂଜାପାଉଥିବାର ଜନଶ୍ରୁତି ମଧ୍ୟ ରହିଛି। କିନ୍ତୁ ଜଗନ୍ନାଥ ସଂସ୍କୃତିର ପ୍ରସିଦ୍ଧ ଗବେଷକ ପ୍ରଫେସର ଡକ୍ଟର ବଂଶୀଧର ମହାନ୍ତିଙ୍କ ମତରେ ନୀଳମାଧବ ମୂର୍ତ୍ତି ଗାଲମାଧବଙ୍କ ଦ୍ୱାରା ବାଲିମଧ୍ୟରୁ ଉଦ୍ଧାରପାଇ ପୁଣିଥରେ ପୂଜାପାଇବା ବିଷୟ କୌଣସି ସଂସ୍କୃତ ବା ଓଡ଼ିଆ ପୁରାଣରେ ଉଲ୍ଲେଖ ହୋଇନାହିଁ। ଡକ୍ଟର ମହାନ୍ତି ବ୍ରହ୍ମପୁରାଣରୁ ଉଦ୍ଧାରକରି ତାଙ୍କ ଆଲୋଚନାରେ କହିଛନ୍ତି ଯେ, ପ୍ରଥମେ ଯେଉଁ ନୀଳମାଧବ ମୂର୍ତ୍ତି ଶ୍ରୀକ୍ଷେତ୍ରରେ ପୂଜିତ ହେଉଥିଲେ ତାଙ୍କୁ ଯମଙ୍କ ଅନୁରୋଧରେ ଭଗବାନ ଲୁଚାଇ ଦେଇଥିଲେ। କେତେକଙ୍କ ମତରେ ଓଡ଼ିଶାରେ ମାଧବ ଉପାସନାର ପରମ୍ପରା ବହୁ ପ୍ରାଚୀନ। ବୈଷ୍ଣବ ମତରେ

ମୂର୍ତ୍ତିତତ୍ତ୍ୱ ଅନୁସାରେ ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ଚତୁର୍ଭୁଜ ବିଷ୍ଣୁମୂର୍ତ୍ତି ହେଉଛନ୍ତି ମାଧବ। ମାଧବ ହିଁ ବିଷ୍ଣୁ, ନାରାୟଣ ଓ କୃଷ୍ଣ ନାମରେ ଖ୍ୟାତ। ପ୍ରାୟ ଖ୍ରୀ. ୪ର୍ଥ-୫ମ ଶତାବ୍ଦୀରୁ ଓଡ଼ିଶାରେ ବିଷ୍ଣୁ ମାଧବ ନାମରେ ଉପାସିତ ହେଉଥିବାର ପ୍ରମାଣ ପ୍ରାଚୀନଦୀ ତଟର ପୁରାତନ ଐତିହ୍ୟରୁ ପ୍ରମାଣିତ ହୋଇଥାଏ। ଗବେଷକଙ୍କ ମତରେ ନୀଳମାଧବ ଶ୍ରୀଜଗନ୍ନାଥଙ୍କର ଅନ୍ୟ ଏକ ନାମ। ଜଗନ୍ନାଥ ହେଉଛନ୍ତି ବିଷ୍ଣୁଙ୍କର ଅବତାର। ବିଷ୍ଣୁଙ୍କର ବର୍ଣ୍ଣ ହେଉଛି ନୀଳବର୍ଣ୍ଣ । ତେଣୁ ନୀଳ ଅର୍ଥାତ କୃଷ୍ଣବର୍ଣ୍ଣର ମାଧବ ହେଉଛନ୍ତି ଜଗନ୍ନାଥ। ବ୍ରହ୍ମପୁରାଣ ମତରେ ଇନ୍ଦ୍ରନୀଳମଣି ବା ନୀଳବର୍ଣ୍ଣର ଶିଳାରେ ନିର୍ମିତ ମାଧବବିଗ୍ରହ ହେଉଛନ୍ତି ନୀଳମାଧବ। ଜଗନ୍ନାଥ ସଂସ୍କୃତିର ଦାର୍ଶନିକ ପୃଷ୍ଠଭୂମି ଶାବରସଂସ୍କୃତି କୋଳରେ ବିକାଶଲାଭ କରିଥିଲା। ଆଦି ପର୍ଯ୍ୟାୟରେ ଶାବରସଂସ୍କୃତିରେ ପ୍ରଚଳିତଥିବା ସିନ୍ଧିବର ଉପାସନା ପିତୃପୂଜା ଉପରେ ଆଧାରିତ ଥିଲା। ମେଗାଲିଥ ବା ସିନ୍ଧିବର ନିର୍ମାତାମାନେ ଦୁଇଟି କାରଣରୁ ଏସବୁ ତିଆରି କରୁଥିଲେ। ପ୍ରଥମତଃ ମୃତ ପୂର୍ବପୁରୁଷଙ୍କ ସ୍ମୃତିପାଇଁ ଓ ଦ୍ୱିତୀୟତଃ ସେମାନଙ୍କର ଦେବଦେବୀଙ୍କର ଉପାସନା ପାଇଁ। ଏହି ପରମ୍ପରାରୁ ଶାବରସଂସ୍କୃତିରେ ଦୈବୀ ବିଶ୍ୱାସ ଓ ଉପାସନା ବିଧିର ଶୁଭାରମ୍ଭ ହୋଇଥିବାର ଗବେଷକମାନେ କହନ୍ତି। ଶ୍ରୀକୃଷ୍ଣଙ୍କ ଅପୋଡ଼ା ପିଣ୍ଡ-ଅବଶେଷକୁ ଜାରାଶବରମାନେ କୁଳଦେବତା ନୀଳମାଧବ ରୂପରେ ପର୍ବତଗୁମ୍ଫା ଭିତରେ ପୂଜାକରିବା ମୂଳରେ ଏହି ତତ୍ତ୍ୱର ସଙ୍କେତ ନିହିତ।

**ବିଷ୍ଣୁଙ୍କର ଦଶ ଅବତାର ପରିକଳ୍ପନାର ବହୁପୂର୍ବରୁ ଆଦିମ ଅଧିବାସୀ ସମାଜରେ ଶବରମାନେ କିତଁୁଙ୍କର ଦଶବିଧ ରୂପ କଳ୍ପନା କରିସାରିଥିଲେ।**

## କିତଁୁଙ୍କର ଦଶବିଧ ରୂପ

ଶବରମାନେ ସେମାନଙ୍କର ପରମଈଶ୍ୱର ଦେବତାଙ୍କୁ କିତଁୁ କହୁଥିବାବେଳେ, କିତଁୁଙ୍କର ଦଶବିଧ ରୂପ କଳ୍ପନା କରିଥାନ୍ତି। ସେଗୁଡ଼ିକ ହେଉଛି, ଜଗନ୍ତ, ଟୋଡ଼, ତୁମନ୍, ଭିମ, ରଙ୍ଗରଙ୍ଗ, ଗରସିଦ୍, ରମନ୍, ଯଜେପଲ୍, ମଉ ଓ ତୀତି। ଏହି ଦଶବିଧ ନାମକରଣର ପୃଷ୍ଠଭୂମିରେ ଏକ ଦାର୍ଶନିକ ଭାବବିନ୍ୟାସର ସଙ୍କେତ ରହିଛି। କିତଁୁ ଶବ୍ଦର ଅର୍ଥ ଶାବରୀଭାଷାରେ ସର୍ବବ୍ୟାପି ଜୀବାତ୍ମାକୁ ବୁଝାଇଥାଏ। ସମଗ୍ର ପୃଥିବୀର ଆଦିମସମାଜରେ ଧର୍ମର ବିକାଶ ଜୀବଉପାସନାବାଦ ଠାରୁ ଆରମ୍ଭ ହୋଇଛି। ସର୍ବପ୍ରାଚୀନ ଆଦିମ ଅଧିବାସୀମାନେ ଏକ ଶବର ନିଷ୍କ୍ରିୟତା ଓ ଜୀବନ୍ତବ୍ୟକ୍ତିର ଚଳଚଞ୍ଚଳତାକୁ ତୁଳନାକରି ସଜୀବବ୍ୟକ୍ତି ଭିତରେ କିଛି ବିଶେଷତ୍ୱ ରହିଥିବାର ଲକ୍ଷ୍ୟ କରିଥିଲେ। ଏହି ବିଶେଷତ୍ୱକୁ ସେମାନେ ଜୀଉ ବା ଜୀବାତ୍ମା ରୂପରେ ନାମକରଣ କଲେ। ଜୀବ ମଣିଷ ଶରୀରରେ ଥିବା ପର୍ଯ୍ୟନ୍ତ ମଣିଷ ସବୁପ୍ରକାର କାର୍ଯ୍ୟ କରିବାକୁ ସକ୍ଷମ ହେଉଥିବା ବେଳେ, ମୃତ୍ୟୁପରେ ଶରୀର ନିଷ୍କ୍ରିୟ ରହିଥାଏ। ମୃତ ଶରୀରରେ ଜୀବାତ୍ମାର ଉପସ୍ଥିତି ନ ଥାଏ। ଏହି ଜୀବାତ୍ମାର ଯେ ମୃତ୍ୟୁନାହିଁ,ଏହା ପୃଥିବୀର ସମସ୍ତ ଆଦିମ ଅଧିବାସୀମାନେ ବିଶ୍ୱାସ କରୁଥିଲେ। ଏହି ଜୀବାତ୍ମା ମୃତ୍ୟୁପରେ ଝରଣା, ପର୍ବତ, ବୃକ୍ଷ, ଶସ୍ୟକେଦାର, ନବଶସ୍ୟ, ଆକାଶ ଓ ପ୍ରକୃତିର ଅନ୍ୟାନ୍ୟ ବିଭାବମଧ୍ୟରେ ଅବସ୍ଥାନ କରି ରହିଥାଏ। ଏପରି ଭାବରେ ସମଗ୍ର ବିଶ୍ୱର ସମସ୍ତ ପଦାର୍ଥରେ ଜୀବାତ୍ମାର ସ୍ଥିତି ରହିଛି ବୋଲି ଆଦିମ ଅଧିବାସୀମାନେ ପରିକଳ୍ପନା କରିଥିଲେ। ଏହାକୁ ଏନିମିଜମ୍, ସର୍ବଭୂତାତ୍ମବାଦ ବା ଜୀବଉପାସନାବାଦ ବୋଲି କୁହାଯାଏ। ଏହି ଜୀବଉପାସନାବାଦରୁ ପିତୃପୂଜାର ପ୍ରଚଳନ ହୋଇଥିଲା। ଶାବରଭାଷାରେ କିତଁୁର ଅର୍ଥ ସର୍ବବ୍ୟାପୀ ଆତ୍ମାକୁ ବୁଝାଇଥାଏ । ଏହିଦୃଷ୍ଟିରୁ ବିଷ୍ଣୁଙ୍କ ପରି କିତଁୁ ମଧ୍ୟ ପରମାତ୍ମା ଅଟନ୍ତି। ସନାତନ ଧର୍ମରେ ବିଷ୍ଣୁଙ୍କର ଦଶ ଅବତାର ପରିକଳ୍ପନାର ବହୁପୂର୍ବରୁ ଆଦିମ ଅଧିବାସୀ ସମାଜରେ ଶବରମାନେ କିତଁୁଙ୍କର ଦଶବିଧ ରୂପ କଳ୍ପନା କରିସାରିଥିଲେ। ଏହି ଦଶବିଧ ରୂପ ଭିତରେ ପ୍ରଥମ ଜଗନ୍ତଙ୍କୁ ବିଶ୍ୱବ୍ୟାପି ଦେବତା ଭାବରେ ଗ୍ରହଣ କରିଥିଲେ।

ଶାବର ସଂସ୍କୃତିରେ ଜଗନ୍ତ ଉପାସନାର ଉନ୍ମେଷ ଘଟିବା ନୃତାତ୍ତ୍ୱିକ, ସାଂସ୍କୃତିକ ଓ ଧାର୍ମିକ ବିବର୍ତ୍ତନର ପୃଷ୍ଠଭୂମିରେ ବେଶ ଉଲ୍ଲେଖନୀୟ ଘଟଣା। ଏହାହିଁ ପରବର୍ତ୍ତୀ କାଳରେ ଜଗନ୍ନାଥ ସଂସ୍କୃତିକୁ ଜନ୍ମ ଦେଇଥିଲା। ଜଗନ୍ତ ଜଗତର ଅନ୍ତ ବା ସାରତତ୍ତ୍ୱ ଭାବରେ ବିବେଚିତ ହେଲେ। ଏଥିରେ ଶାବରସଂସ୍କୃତିର ତିନୋଟି ତତ୍ତ୍ୱ ସମନ୍ୱିତ ହୋଇରହିଲା। ତାହା ହେଉଛି-ନୀଳ=ଆଦିଜଗନ୍ତ, ମା=ଶକ୍ତି ଓ ଧବ=ଧବଳେଶ୍ୱର ଶିବ ବା ରୁଦ୍ର। ପରବର୍ତ୍ତୀ ପର୍ଯ୍ୟାୟରେ

ଜଗନ୍ତରୁ ରୂପାନ୍ତରିତ ନୀଳମାଧବ ବୈଷ୍ଣବୀୟ ପ୍ରଭାବ ଫଳରେ ନୀଳମାଧବ ବିଷ୍ଣୁ ବା ଜଗନ୍ନାଥ ରୂପେ ପରିଗୃହୀତ ହେଲେ। ଏବେ ମଧ୍ୟ ଜଗନ୍ନାଥ (ନୀଳ) ବିଷ୍ଣୁ, ସୁଭଦ୍ରା (ମା) ଶକ୍ତି ଓ ବଳରାମ (ଧବ) ରୁଦ୍ର ବୋଲାଉଛନ୍ତି। ଅଧିକନ୍ତୁ ଜଗନ୍ତ=ଜଗନ୍ନାଥ ଜଗତର ଅନ୍ତ ବା ସାରତତ୍ତ୍ୱ ରୂପେ ଭୈରବ ବୋଲାଉଛନ୍ତି। ମହାଭାରତରେ ମଧ୍ୟ ନୀଳମାଧବଙ୍କୁ ମୌନ,ଧ୍ୟାନ ଓ ଯୋଗର (ଠିକ ଜଗନ୍ନାଥଙ୍କ ପରି)ଦେବତା ଭାବରେ ଗ୍ରହଣ କରାଯାଇଛି। ନୀଳମାଧବ ଉପାସନାରେ ଶାବରସଂସ୍କୃତିର ସୂକ୍ଷ୍ମ ଚିନ୍ତାଧାରା ପ୍ରତିଫଳିତ। କଣ୍ଟିଲୋ ନୀଳମାଧବ ମନ୍ଦିରର ଅନତିଦୂରରେ ସର୍ବପ୍ରଥମେ ବିଶ୍ୱାବସୁ ବ୍ୟାଘ୍ରଗୁମ୍ଫା ମଧ୍ୟରେ ନୀଳମାଧବଙ୍କୁ ପୂଜା କରୁଥିଲା। ଶକ୍ତିସଙ୍ଗମ ତନ୍ତ୍ରରେ କଣ୍ଟକବର୍ତ୍ତିନୀଠାରୁ (କଣ୍ଟିଲୋ) ପୁରୁଷୋତ୍ତମ କ୍ଷେତ୍ର ପର୍ଯ୍ୟନ୍ତ ବନାଞ୍ଚଳକୁ ଜଗନ୍ନାଥ ବନ ବୋଲି ବର୍ଣ୍ଣନା କରାଯାଇଛି। ସମ୍ଭବତଃ ଏହି ଅଞ୍ଚଳରେ ହିଁ ନୀଳମାଧବ ଜଗନ୍ନାଥ ରୂପରେ ରୂପାନ୍ତରିତ ହୋଇଥିଲେ। ଶକ୍ତିସଙ୍ଗମ ତନ୍ତ୍ରରେ ଜଗତର ଅନ୍ତକାଳରେ ସମସ୍ତ ଜୀବ ଜଗନ୍ନାଥଙ୍କର ଦେହରେ ଲୀନ ହୋଇଥାନ୍ତି ବୋଲି କୁହାଯାଇଛି। ଏହିଦୃଷ୍ଟିରୁ ଜଗନ୍ତ ଓ ଜଗନ୍ନାଥ ସମପର୍ଯ୍ୟାୟବାଚୀ ଶବ୍ଦ। ପଣ୍ଡିତ ନୀଳକଣ୍ଠ ଦାସ ନୀଳମାଧବ ଶବ୍ଦକୁ ବ୍ୟୁତ୍ପତ୍ତି କଲାବେଳେ ନୀଳ ଶବ୍ଦକୁ ତନ୍ତ୍ରବିଦ୍ୟା, ମା' ଶବ୍ଦକୁ ମାତୃଦେବୀ ଓ ଧବ ଶବ୍ଦକୁ ବିରାଟ ପୁରୁଷ ସହିତ ପରିଚିତ କରାଇଛନ୍ତି। ତାଙ୍କ ମତରେ ନୀଳମାଧବ ଏକ ତନ୍ତ୍ରଦେବତା। ଏହି ଦେବତାଙ୍କର ଉପାସନାରେ ବା ତନ୍ତ୍ରପ୍ରୟୋଗ ମାଧ୍ୟମରେ ସମଗ୍ର ପ୍ରକୃତି ଓ ପୁରୁଷର ମିଳନ ସମ୍ଭବ ହୋଇଥାଏ। ଅବଶ୍ୟ ଶାବ୍ଦିକ ବିଶ୍ଳେଷଣ ଦୃଷ୍ଟିକୋଣରୁ ଏହି ଅର୍ଥତାତ୍ପର୍ଯ୍ୟର ସମ୍ଭାବନା ସୁସ୍ପଷ୍ଟ ହେଲେହେଁ,ଐତିହାସିକ ବିବର୍ତ୍ତନ ଦୃଷ୍ଟିରୁ ଏହା ଗ୍ରହଣୀୟ ନୁହେ।



**ଚମତ୍କାରୀ ମନ୍ତ୍ରବିଦ୍ୟା**

ଆଦିମ ଅଧିବାସୀ ସଂସ୍କୃତିରେ ଚମତ୍କାରୀ ମନ୍ତ୍ରବିଦ୍ୟାର ପ୍ରଚଳନ ଥିଲେହେଁ, ତନ୍ତ୍ରର ଉଚ୍ଚଭାବ ପର୍ଯ୍ୟବସିତ ଦାର୍ଶନିକ ବିଚାରଧାରା ନ ଥିଲା। ବିଶ୍ୱର ପ୍ରତ୍ୟେକ ଅଣୁରେ ପ୍ରକୃତି ପୁରୁଷର ସହାବସ୍ଥାନ, ପିଣ୍ଡବ୍ରହ୍ମାଣ୍ଡବାଦ ଓ ଆତ୍ମା ଓ ଜୀବର କ୍ରିୟାଶୀଳତା ଉପନିଷଦୀୟ ଯୁଗରୁ ବିବର୍ତ୍ତିତ ହୋଇ ତନ୍ତ୍ରସାହିତ୍ୟରେ ଚରମ ପ୍ରାଧାନ୍ୟ ଲାଭ କରିଥିଲା। ଏପରି ମହତ୍ତର ଆଦର୍ଶର ପରିକଳ୍ପନା ଆଦିମ ଅଧିବାସୀ ସଂସ୍କୃତିରେ ଐତିହାସିକ ବିବର୍ତ୍ତନ ଦୃଷ୍ଟିରୁ ଦୃଷ୍ଟ ହେଉନଥିବାରୁ, ନୀଳ ଶବ୍ଦକୁ ତନ୍ତ୍ର ରୂପରେ ଗ୍ରହଣକରିବା ସମ୍ଭବ ହେବନାହିଁ। ଚମତ୍କାରୀ ମନ୍ତ୍ରବିଦ୍ୟା ତନ୍ତ୍ରର ଏକ ଅଂଶ ହେଲେହେଁ, ଏହି ବିଦ୍ୟାଦ୍ୱାରା ତନ୍ତ୍ରର ସକଳ ଭାବବିନ୍ୟାସ ସୂଚିତ ହୋଇନଥାଏ। ତନ୍ତ୍ର ପରବର୍ତ୍ତୀ କାଳର ସୂକ୍ଷ୍ମଦର୍ଶନ ଓ ବିଜ୍ଞାନ ସମର୍ଥିତ ଭାବବିନ୍ୟାସର ଚରମ ଉପଲବ୍ଧି ମାତ୍ର। ତନ୍ତ୍ରବିଦ୍ୟାରେ ବହୁ ବିଷୟର ସନ୍ନିବେଶ ଘଟିଥାଏ-ସେ ମଧ୍ୟରୁ ମନ୍ତ୍ର ଅନ୍ୟତମ। ଶାବରସଂସ୍କୃତିରେ ଆଦିମବିଶ୍ୱାସ, ଧର୍ମାଚାରର ପ୍ରତ୍ନରୂପ ଓ ମନ୍ତ୍ରବିଦ୍ୟା ବ୍ୟତିରେକେ ଏବଂବିଧ ପ୍ରଜ୍ଞାଦର୍ଶର ସନ୍ଧାନ ମିଳୁନଥିବାରୁ ପଣ୍ଡିତ ନୀଳକଣ୍ଠଙ୍କର ମତ ଉପେକ୍ଷଣୀୟ।

ଶାବର, ବୌଦ୍ଧ ଓ ବୈଷ୍ଣବ ସଂସ୍କୃତିର ପାରସ୍ପରିକ କ୍ରିୟାଶୀଳତା ଭିତରେ ନୀଳମାଧବ ରୂପରେ ଜଗନ୍ତ ପ୍ରତିଷ୍ଠା ଲାଭ କରିଥିଲେ। ଚକ୍ରସମ୍ବର ତନ୍ତ୍ରରେ ନୀଳମାଧବଙ୍କୁ ବୁଦ୍ଧଙ୍କର ଏକ ଶକ୍ତିମୟ ରୂପ ଭାବରେ ଗ୍ରହଣ କରାଯାଇଛି। ଏହି ନୀଳମାଧବ ବୌଦ୍ଧସଂସ୍କୃତିରେ ପଞ୍ଚଧ୍ୟାନୀ ବୁଦ୍ଧରୂପରେ ଆବିର୍ଭାବ ହୋଇ ସମଗ୍ର ଜଗତକୁ କ୍ଲେଶମୁକ୍ତ କରିଥାନ୍ତି। ଏଣୁ ଶାବରସଂସ୍କୃତିର ନୀଳମାଧବ, ବୌଦ୍ଧ ସଂସ୍କୃତିର ନୀଳମାଧବ ଓ ଭାଗବତ ଧର୍ମର ନୀଳମାଧବଙ୍କ ଭିତରେ ବିଚିତ୍ର ସାମ୍ୟ ପରିଲକ୍ଷିତ ହୋଇଥାଏ। ଏହି ସାମ୍ୟର ପୃଷ୍ଠଭୂମିରେ ଭାରତୀୟ ଚେତନାର ମୂଳ ଆଦର୍ଶ ପ୍ରଚ୍ଛନ୍ନ ଥିବାର ଜଣାପଡେ। ପ୍ରାଚୀନ ବୈଦିକ ଋଷିମାନେ ବହୁ ଦେବଦେବୀଙ୍କର ପରିକଳ୍ପନା ମାଧ୍ୟମରେ ବୈଦିକଧର୍ମର ନିର୍ମାଣ କଲାବେଳେ ସମସ୍ତ ଦେବାଦେବୀଙ୍କ

ଭିତରେ ଏକମାତ୍ର ସତ୍ୟର ଉପଲବ୍ଧି କରିଥିଲେ। ସେମାନଙ୍କ ମତରେ ଚରମ ଓ ପରମ ସତ୍ୟ ଏକରୁ ଦୁଇ ହୋଇନପାରେ। ଏହି ସତ୍ୟ ବିଭିନ୍ନ ମନିଷୀଙ୍କ ଦ୍ୱାରା ବହୁଭାବରେ ବ୍ୟାଖ୍ୟାୟିତ ହୋଇଥିଲେ ହେଁ, ପରମାର୍ଥିକ ଦୃଷ୍ଟିରୁ ଏହାର ନିର୍ଯାସ ଏକ ଓ ଅଭିନ୍ନ। ଶାବର ନୀଳମାଧବ ସର୍ବବ୍ୟାପୀ ଜୀବାତ୍ମାର ଏକାତ୍ମତାକୁ ଜଗନ୍ତ ରୂପରେ ପ୍ରତିପାଦନ କଲାବେଳେ, ବୌଦ୍ଧତନ୍ତ୍ରର ନୀଳମାଧବ ସର୍ବଶକ୍ତିମୟ ବୌଦ୍ଧତ୍ୱର ଅର୍ଥ ପ୍ରକାଶ କରେ ଓ ବୈଷ୍ଣବ ନୀଳମାଧବ ବିଷ୍ଣୁଙ୍କର ସର୍ବଶକ୍ତିମୟ ଓ ସର୍ବଜନ ପରିପାବନ ତତ୍ତ୍ୱର ଘୋଷଣା କରିଥାଏ। ଏହି ତିନି ନିର୍ଦ୍ଦିଷ୍ଟ ନୀଳମାଧବୀୟ ସଂଜ୍ଞାରେ ବାହ୍ୟତଃ କିଛିକିଛି ପାର୍ଥକ୍ୟ ପରିଲକ୍ଷିତ ହେଲେହେଁ, ତାତ୍ତ୍ୱିକ ଦୃଷ୍ଟିକୋଣରୁ ଏହାର ସମାନତା ସ୍ପଷ୍ଟ ଭାବରେ ପରିଲକ୍ଷିତ ହୋଇଥାଏ।

**ଭାଗବତ ଧର୍ମର ପ୍ରଭାବ**

ଖ୍ରୀଷ୍ଟୀୟ ଅଷ୍ଟମଶତାବ୍ଦୀରେ ନୀଳମାଧବ ଭାଗବତ ଧର୍ମ ମାଧ୍ୟମରେ ବିକାଶଲାଭ କରି କାଳକ୍ରମେ ଭାଗବତ ଧର୍ମର ଚତୁର୍ଭୁଜ ତତ୍ତ୍ୱ ସହିତ ସଂପର୍କିତ ହେଲେ। ଭୌମକର ଯୁଗରେ ଏହି ଚତୁଃର୍ଭୁଜ ତତ୍ତ୍ୱରୁ ଜଗନ୍ନାଥ ସଂସ୍କୃତିର ଚତୁର୍ଦ୍ଧାମୂର୍ତ୍ତିର ପରିକଳ୍ପନା କରାଗଲା। ଐତିହାସିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀଙ୍କ ମତରେ ପ୍ରଥମ ଶୁଭାକର ଦେବଙ୍କ ରାଜତ୍ୱ କାଳରେ ଚତୁର୍ଦ୍ଧାମୂର୍ତ୍ତି ନିର୍ମାଣ କରାଯାଇ ଜଗନ୍ନାଥଙ୍କୁ ପୁରୁଷୋତ୍ତମ ରୂପରେ ପରିକଳ୍ପନା କରାଗଲା। ଶୁଭାକର ଦେବଙ୍କର(୧ମ) ତାମ୍ରଶାସନଗୁଡ଼ିକରେ ତାଙ୍କୁ ପୁରୁଷୋତ୍ତମ ବୋଲି ଆଖ୍ୟାୟିତ କରାଯାଇଛି। ସମ୍ଭବତଃ ଏହି ଶୁଭାକର ଦେବ(୧ମ)ଙ୍କ କାଳରୁ ଜଗନ୍ନାଥ ଓ ତାଙ୍କ ସେବକ ରାଜାଙ୍କ ଭିତରେ କିଛି ମାତ୍ରାରେ ସାମ୍ୟଭିତ୍ତିକ ସାମଞ୍ଜସ୍ୟ ପ୍ରତିଷ୍ଠା କରାଗଲା। ଏହି ତତ୍ତ୍ୱ କାଳକ୍ରମେ ଗଜପତି ଓ ଜଗନ୍ନାଥଙ୍କ ଭିତରେ ସଂପର୍କକୁ ଦୃଢ଼ରୁ ଦୃଢ଼ତର କଲା। ଫଳରେ, ଗଜପତି ହେଲେ ଠାକୁର ରାଜା, ଚଳନ୍ତି ପ୍ରତିମା। ସିଂହାସନ ଆରୋହଣ କାଳରେ ଗଜପତି ଶାଳଗ୍ରାମ ଶିଳା ଉପରେ ବସି ଶ୍ରୀଜଗନ୍ନାଥଙ୍କର ସେବକ ତଥା ଠାକୁର ରାଜା ରୂପରେ ଅଭିଷିକ୍ତ ହୁଅନ୍ତି। ଗଜପତି ପୁରୀମନ୍ଦିରରେ ପଦାର୍ପଣ କଲାମାତ୍ରେ ଲକ୍ଷ୍ମୀଙ୍କ ପାଖରେ ଟେରାବାଡ଼ ପଡ଼ିଯାଏ। ଏହି ଦୃଷ୍ଟିରୁ ଜଗନ୍ନାଥ ସଂସ୍କୃତିରେ ଗଜପତିଙ୍କୁ ଜଗନ୍ନାଥଙ୍କର ବଡ଼ଭାଇ ତଥା ଲକ୍ଷ୍ମୀଙ୍କର ଦେଢ଼ଶୁର ଭାବରେ ଗ୍ରହଣ କରାଯାଇଥାଏ।

**ସାରଳା ଦାସଙ୍କ ମହାଭାରତରେ ଓ ପଞ୍ଚସଖା ସାହିତ୍ୟରେ ଦେବୀ ସୁଭଦ୍ରାଙ୍କୁ ବ୍ରହ୍ମା ରୂପରେ ସ୍ତୁତି କରାଯାଇଛି।**

ପ୍ରଥମ ଶୁଭାକର ଦେବଙ୍କ ସମୟରୁ ହିଁ ପୁରୀ ପୁରୁଷମଣ୍ଡପ ବା ପୁରୁଷୋତ୍ତମ କ୍ଷେତ୍ର ରୂପରେ ପରିଚିତ ହୋଇଥିବାର ଅନୁମାନ କରାଯାଇଥାଏ। ଭୌମକର ବଂଶର ଏକାଧିକ ରାଣୀ ସିଂହାସନ ଅଧିରୂଢ଼ ହୋଇ ସାମ୍ରାଜ୍ଞୀ ଭାବରେ ରାଜ୍ୟଶାସନ କରୁଥିଲେ। ସେମାନଙ୍କୁ ଅନେକ ତାମ୍ରଶାସନରେ କାତ୍ୟାୟିନୀ ରୂପେ ବିରୁଦିତ କରାଯାଇଛି। ସମ୍ଭବତଃ ଏହି ରାଣୀମାନଙ୍କ ସମୟରୁ ପୁରୀମନ୍ଦିରରେ ଶାକ୍ତଧର୍ମର ବିକାଶ ଘଟିଲା। ଜଗନ୍ନାଥଙ୍କୁ ଭୈରବ ଓ ବିମଳାଙ୍କୁ ଭୈରବୀ ରୂପରେ ବିଭିନ୍ନ ଗ୍ରନ୍ଥ, ପୁରାଣ ବର୍ଣ୍ଣନା କଲେ। ଭୌମକର ଯୁଗରେ ପ୍ରାଚୀନ ପୁରୁଷମଣ୍ଡପ ବା ପୁରୀରେ ଏକ କ୍ଷୁଦ୍ର ମନ୍ଦିର ଜଗନ୍ନାଥଙ୍କର ଆନୁଷ୍ଠାନିକ ପୂଜାବିଧି ପାଇଁ ନିର୍ମିତ ହୋଇଥିବାର ଅନୁମାନ କରାଯାଏ। ଅନେକ ପ୍ରମାଣ ଉଦ୍ଧାରକରି ଏସବୁ ମତ ଓ ଯୁକ୍ତିକୁ ଡକ୍ଟର ପାଣିଗ୍ରାହୀ ପୁଷ୍ଟ କରିଛନ୍ତି। ଖ୍ରୀଷ୍ଟୀୟ ଅଷ୍ଟମଶତାବ୍ଦୀରୁ ଜଗନ୍ନାଥଙ୍କର ଅଭିନ୍ନତ୍ୱ ବଜ୍ରସତ୍ତ୍ୱଙ୍କ ସହିତ ସ୍ଥାପିତ ହୋଇଥିଲା। ଚତୁର୍ବ୍ୟୂହ ତତ୍ତ୍ୱ ମାଧ୍ୟମରେ ଜଗନ୍ନାଥଙ୍କର ଚତୁର୍ଦ୍ଧାମୂର୍ତ୍ତି ସ୍ଥାପିତ ହୋଇଥିଲେ ହେଁ, ଶାବରସଂସ୍କୃତି ମାଧ୍ୟମରେ (ନୀଳମାଧବ ତତ୍ତ୍ୱ) ବିକାଶ ଲାଭକରି ସେ ସନାତନ ଧର୍ମର ତ୍ରିମୂର୍ତ୍ତି ଓ ଶକ୍ତି ସ୍ତମ୍ଭେଶ୍ୱରୀଙ୍କ ସହିତ ଚିହ୍ନିତ ହୋଇଥିଲେ। ଯଯାତିକେଶରୀଙ୍କ ସମୟରେ ଭୌମମନ୍ଦିର ଭାଙ୍ଗିଯାଇଥିବାରୁ ମାଦଳାପାଞ୍ଜି ମତେ ସେ ଜଗନ୍ନାଥଙ୍କର ଏକ ନୂତନ ମନ୍ଦିର ପ୍ରତିଷ୍ଠା କରାଇଥିଲେ। ସୋମବଂଶୀ ରାଜତ୍ୱ କାଳରେ ଶୈବ ଓ ଶାକ୍ତଧର୍ମର ପରାକାଷ୍ଠା ଥିବାରୁ ଜଗନ୍ନାଥଙ୍କୁ ବିଷ୍ଣୁ ରୂପରେ, ବଳଭଦ୍ରଙ୍କୁ ଶିବ ରୂପରେ ଓ ସାଂପ୍ରତିକ ସୁଭଦ୍ରାଙ୍କୁ ପ୍ରଥମେ ବ୍ରହ୍ମା ରୂପରେ ପରିକଳ୍ପନା କରାଗଲା। ସାରଳା ଦାସଙ୍କ ମହାଭାରତରେ ଓ ପଞ୍ଚସଖା ସାହିତ୍ୟରେ ବହୁସ୍ଥାନରେ ଦେବୀ ସୁଭଦ୍ରାଙ୍କୁ ବ୍ରହ୍ମା ରୂପରେ ସ୍ତୁତି କରାଯାଇଛି। ସାଂପ୍ରତିକ କାଳରେ ସୁଦର୍ଶନ ନାମରେ ପରିଚିତ ହେଉଥିବା ଗୋଲାକାର ସ୍ତମ୍ଭକୁ ସ୍ତମ୍ଭେଶ୍ୱରୀ ଉପାସନାର ସ୍ମାରକୀ ରୂପରେ ବିଦ୍ୱାନମାନେ ଗ୍ରହଣ କରିଛନ୍ତି। ବୈଷ୍ଣବଧର୍ମର ବିକାଶକାଳରୁ ଆଜି ପର୍ଯ୍ୟନ୍ତ ସମଗ୍ର ବିଶ୍ୱର ଅନ୍ୟାନ୍ୟ ମନ୍ଦିରରେ ସୁଦର୍ଶନ ଚକ୍ର କହିଲେ ଏକ

ଚକ୍ରାକାର ଆୟୁଧକୁ ବୁଝାଇଥାଏ, ମାତ୍ର ପୁରୀ ମନ୍ଦିରରେ ଏହାର ବ୍ୟତିକ୍ରମ ସ୍ୱରୂପ ସୁଦର୍ଶନ ସ୍ତମ୍ଭାକାର ହୋଇଥିବାରୁ ଓ ଜଗନ୍ନାଥଙ୍କର ନବକଳେବର ବିଧି ସହିତ ସ୍ତମ୍ଭେଶ୍ୱରୀ ପ୍ରତିଷ୍ଠା-ଧର୍ମାଚାରର ସାମ୍ୟଥିବାରୁ ଜଗନ୍ନାଥ ସଂସ୍କୃତିରେ ସ୍ତମ୍ଭେଶ୍ୱରୀ ଉପାସନାର ପ୍ରଭାବକୁ ଏଡ଼ାଇଦିଆଯାଇନପାରେ।

## ବଡ଼ଦେଉଳର ନିର୍ମାଣ

ଯଯାତିକେଶରୀଙ୍କ ସମୟରେ ନିର୍ମିତ ମନ୍ଦିର ଚୋଡ଼ଗଙ୍ଗଦେବଙ୍କର ରାଜତ୍ୱ କାଳରେ ସଂପୂର୍ଣ୍ଣ ଭାଙ୍ଗି ଯାଇଥିଲା। ଗଙ୍ଗରାଜତ୍ୱର ଦାସଗୋବା ତାମ୍ରଶାସନ ଅନୁସାରେ ଗଙ୍ଗେଶ୍ୱର ଚୋଡ଼ଗଙ୍ଗଦେବ ଏହି ଭବ୍ୟ, ସୁଦୃଶ୍ୟ ବଡ଼ଦେଉଳ ପୁରୀରେ ନିର୍ମାଣ କରାଇଥିଲେ। ଦାସଗୋବା ତାମ୍ରଶାସନରେ ଜଗନ୍ନାଥ ପୁରୁଷୋତ୍ତମ ବ୍ରହ୍ମ ରୂପରେ ପରିକଳ୍ପିତ ହୋଇଛନ୍ତି। ସମ୍ଭବତଃ ଚୋଡ଼ଗଙ୍ଗଦେବ ବିଷ୍ଣୁଙ୍କର ଉପାସନା କଲାବେଳେ ବୈଷ୍ଣବ ସମ୍ପ୍ରଦାୟର ବିଶୁଦ୍ଧାଦ୍ୱୈତ ବ୍ରହ୍ମବାଦକୁ ଅନୁସରଣ କରୁଥିଲେ। ଶବରମାନେ ଜଗନ୍ତ ବା ନୀଳମାଧବଙ୍କୁ ସର୍ବବ୍ୟାପୀ ଆତ୍ମା ଭାବରେ ଗ୍ରହଣ କରୁଥିବା ବେଳେ ବୈଷ୍ଣବମାନେ ଉପନିଷଦୀୟ ଦର୍ଶନ ଦ୍ୱାରା ପ୍ରଭାବିତ ହୋଇ ବିଶୁଦ୍ଧାଦ୍ୱୈତ ବ୍ରହ୍ମବାଦର ଅନୁସରଣ ମାଧ୍ୟମରେ ଜଗନ୍ନାଥଙ୍କୁ ବ୍ରହ୍ମ ରୂପରେ ପରିକଳ୍ପନା କରିଥିଲେ। ଏହି ବ୍ରହ୍ମ ହିଁ ପୁରୁଷୋତ୍ତମ। ସମସ୍ତ ପୁରୁଷମାନଙ୍କର ଉତ୍ତମ। ଏହି ପୁରୁଷଙ୍କୁ ଆଶ୍ରୟକରି ବିରାଟ ପ୍ରକୃତି କ୍ଷୋଭିତ ହୋଇଥାଏ ଓ ଫଳତଃ ସୃଷ୍ଟି,ସ୍ଥିତି ଓ ପ୍ରଳୟ ଲୀଳାର ସମ୍ଭବ ହୋଇଥାଏ ବୋଲି ଉପନିଷଦୀୟ ଦର୍ଶନବାଦୀ, ସାଂଖ୍ୟବାଦୀ ଓ ବୈଷ୍ଣବମାନେ ବିଶ୍ୱାସ କରନ୍ତି। ଉପନିଷଦୀୟ ଦର୍ଶନରେ ମାୟା ଓ ବ୍ରହ୍ମଙ୍କ ମଧ୍ୟରେ ପାର୍ଥକ୍ୟ ପରିଦୃଷ୍ଟ ହେଲେହେଁ, ବୈଷ୍ଣବତତ୍ତ୍ୱ ଦର୍ଶନରେ ପ୍ରକୃତି ଓ ପୁରୁଷଙ୍କୁ ଏକ ଏବଂ ଅଭିନ୍ନ ବୋଲି ଗ୍ରହଣ କରାଯାଏ। ଉପନିଷଦୀୟ ଦର୍ଶନରେ ବ୍ରହ୍ମ ହିଁ ସମସ୍ତ ସୃଷ୍ଟି, ସ୍ଥିତି ଓ ପ୍ରଳୟର କାରଣ। ଦାସଗୋବା ତାମ୍ରଶାସନରେ ଜଗନ୍ନାଥଙ୍କର ନାଭିଦେଶରେ ସମଗ୍ରବିଶ୍ୱର ସ୍ଥିତି ଓ ସମସ୍ତ ଦିଗର ଅବସ୍ଥିତି କଳ୍ପନା କରାଯାଇଛି। ଜଗନ୍ନାଥଙ୍କର ଚକ୍ଷୁ, ଶ୍ରୋତ (କାନ) ଓ ନାସିକାକୁ ଚନ୍ଦ୍ର, ସୂର୍ଯ୍ୟ ଓ ନକ୍ଷତ୍ରମାନଙ୍କ ସହିତ ତୁଳନା କରାଯାଇଛି। ତାଙ୍କର ମସ୍ତକକୁ ସୀମାହୀନ ଆକାଶ ସହିତ ତୁଳନା କରାଯାଇଛି। ଏହିସବୁ ତଥ୍ୟ ଓ ତତ୍ତ୍ୱ ଜଗନ୍ନାଥଙ୍କୁ ଅପାଣିପାଦ ଦେବତାର ରୂପ ଦେଇଛି। ଠିକ ଯେପରି, ଉପନିଷଦୀୟ ଦର୍ଶନରେ ବ୍ରହ୍ମଙ୍କୁ ଅପାଣିପାଦ ବୋଲି ସମ୍ବୋଧନ କରାଯାଇଛି। ଚୋଡ଼ଗଙ୍ଗଦେବଙ୍କ ସମୟରୁ ଜଗନ୍ନାଥଙ୍କର ଆନୁଷ୍ଠାନିକ ପୂଜାବିଧି ସର୍ବୋପରି ଉତ୍କର୍ଷ ଲାଭକଲା। ଭାରତର ବିଭିନ୍ନ ଧର୍ମମତ ପନ୍ଥୀ ଜଗନ୍ନାଥଙ୍କ ମଧ୍ୟରେ ସେମାନଙ୍କ ସର୍ବୋଚ୍ଚ ଓ ସର୍ବଶ୍ରେଷ୍ଠ ଦେବତାଙ୍କୁ ଅନ୍ୱେଷଣ ତଥା ଦର୍ଶନକଲେ। କାଳକ୍ରମେ ଜଗନ୍ନାଥ ଏକ ସାର୍ବଜନୀନ ଦେବତା ରୂପରେ ପରିଚିତ ହେଲେ।

ବୈଷ୍ଣବତତ୍ତ୍ୱ ଦର୍ଶନରେ ପ୍ରକୃତି ଓ ପୁରୁଷଙ୍କୁ ଏକ ଏବଂ ଅଭିନ୍ନ ବୋଲି ଗ୍ରହଣ କରାଯାଏ।

ଆଦିଶବରଙ୍କ ଜଗନ୍ତ ତତ୍ତ୍ୱରୁ ବିବର୍ତ୍ତିତ ଜଗନ୍ନାଥ ଧର୍ମରେ ଶୈବ, ଶାକ୍ତ, ବୈଷ୍ଣବ, ବୌଦ୍ଧ, ଜୈନ ଓ ଗାଣପତ୍ୟ ଆଦିଙ୍କ ସମସ୍ତ ତତ୍ତ୍ୱରାଶି ସମୀଭୂତ ହୋଇ ରହିଲା ଓ ରହିଛି। ଗଙ୍ଗରାଜତ୍ୱରେ ଜଗନ୍ନାଥ କେବଳ ସର୍ବଦେବାଧିରାଜ ଭାବରେ ବିବେଚିତ ହେଲେନାହିଁ, ଅଧିକନ୍ତୁ ସେ ପୁରୁଷୋତ୍ତମ ସାମ୍ରାଜ୍ୟର ଅଧୀଶ୍ୱର ରୂପରେ ବିବେଚିତ ହେଲେ। ସୂର୍ଯ୍ୟବଂଶୀ ଶାସନକାଳରେ ମହାକବି ସାରଳା ଦାସଙ୍କ ଆବିର୍ଭାବ ଓ ଜଗନ୍ନାଥଙ୍କ ଉତ୍ପତ୍ତି କଥା ତଥା ଅନ୍ୟାନ୍ୟ ପ୍ରାସଙ୍ଗିକ କିଂବଦନ୍ତୀକୁ ଆଧାରକରି ଅଠର ପର୍ବବ୍ୟାପୀ ମହାଭାରତ ମଧ୍ୟରେ ମୂଷଳୀପର୍ବର କଳ୍ପନା ଓ ରଚନା ବାସ୍ତବରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରତିଷ୍ଠା ଦିଗରେ ଏକ ଉଲ୍ଲେଖନୀୟ ପଦକ୍ଷେପ। ସୂର୍ଯ୍ୟବଂଶୀ ଶାସନକାଳରେ ସାରଳା ଦାସଙ୍କ ବର୍ଣ୍ଣିତ ଓଡ୍ରରାଷ୍ଟ୍ରମଣ୍ଡଳର ସ୍ୱାମୀଭାବେ ଜଗନ୍ନାଥ ଗୃହୀତ ଓ ଉପାସିତ ହେବା ସଙ୍ଗେସଙ୍ଗେ ସମସ୍ତ ଧର୍ମମତବାଦର ଦେବତାମାନଙ୍କ ସ୍ୱାମୀତ୍ୱ ଲାଭ କରିଥିଲେ। ଏପରି ହେଲେହେଁ ଶ୍ରୀଜଗନ୍ନାଥଙ୍କ ବିବର୍ତ୍ତନ ମୂଳରେ ଯେ ଦାରୁ ଉପାସନା ବା ଶାବର ନୀଳମାଧବ ଉପାସନାର ମୌଳିକ ପ୍ରଭାବ ବିଦ୍ୟମାନ-ଏ ବିଷୟକୁ ଶାବରସଂସ୍କୃତିର ମହାଭାଷ୍ୟକାର ସାରଳା ମହାଭାରତର ମହାକବି ଶୂଦ୍ରମୁନି ସାରଳା ଦାସ ସୁନିଶ୍ଚିତ ଓ ଚମତ୍କାର ଭାବେ ବର୍ଣ୍ଣନା କରିପାରିଛନ୍ତି।

□□

ଲେଖକଙ୍କ ଇ-ମେଲ ଠିକଣା:
dgbkoshalayana@gmail.com

**ଧାରାବାହିକ ବ୍ୟଙ୍ଗ**



# ରଥଯାତରେ ଜୟ ବଳଦେବ

**ଅଜୟ କୁମାର ମିଶ୍ର**

ପିଢ଼ିଆ ଦେଲେ ଗଛ ବଢ଼େ, ଭଲହୁଏ ଫସଲ । ଏବେ ପିଢ଼ିଆରୁ ଅଧିକ ମିଡ଼ିଆ । ଡାହା ମିଛକୁ ଆକାଶରୁ ତୋଳିଆଣି ପ୍ରଚାର କରିବାରେ ମିଡ଼ିଆ ସର୍ବାଗ୍ରେ । ବାଦଲ ଖଣ୍ଡେ ଉଠିଲେ, ମିଡ଼ିଆରେ ବର୍ଷାହୁଏ, ପାଣିପାଗୁଆ ଧାଡ଼ିଏ କହିଲେ, ପାଞ୍ଚଧାଡ଼ି ପିଢ଼ିଆ ଦେଇ ମିଡ଼ିଆନଟାକୁ ଛନଛନେଇ ଦିଅନ୍ତି ମିଡ଼ିଆଲୋକେ । ଦେଶ ଦେଶ ଭିତରେ ଶାନ୍ତିଥିଲେ ବି, ଘୋର ବିରାଦରୀ କଥା ପ୍ରଚାର କରିଦିଆଯାଏ । ହେତୁ ପାଇବା ପରଠାରୁ ଘଣ୍ଟୁ ଖବରକାଗଜ ସହ ଭାଇଚାରା ଯୋଡ଼ିଥିଲା, ଏବେ ବି ବୟସ ବଢ଼ିବା ପରଠାରୁ କାଗଜଠାରୁ ମୁହଁ ଆଡ଼େଇ ବିଜୁଳି ମିଡ଼ିଆରେ ମନ, ତାଠୁଁ ବହକା ସୋସିଆଲ ମିଡ଼ିଆ । ଏଠି କାଉ ଉଡ଼ିଗଲେ, ଛୁଆ ଦଉଡ଼ିଲା ପ୍ରଚାର ହେଇଯାଏ । ବାଦଲ ଦେଖୁ ଦେଖୁ ଆବର୍ତ୍ତକ-ସଂବର୍ତ୍ତକ-ଦ୍ରୋଣ-ପୁଷ୍କର ଚଉମେଘେ ଘନଘଟା କରିବା କଥା ପ୍ରଚାର ହେଇଯାଏ ।




ଆଗକୁ ମାହାପ୍ରୁଙ୍କ ରଥଯାତ୍ରା । ଜଗତ ଅନେଇ ବଇଚି ଏ ଯାତ୍ରାକୁ । ବରଷକେ ଥରେ ଏ ଯାତ୍ରା, ଯାତ୍ରୀ, ସହଯାତ୍ରୀ, ଭକତ ଭକତାଣୀଙ୍କୁ ଉଚ୍ଚାଟ କରାଏ । ଶ୍ରୀକ୍ଷେତ୍ର ଯାଇ ଥରେ ଦରଶନ କରିଦେଲେ ସବୁ ପାପ, ସାତଖୁଣ୍ ମାଫ୍ । ରଥରେ ମହାପ୍ରୁ ବାମନ ରୂପ ଦେଖିଲେ, ମଣିଷମାରୁ, ଚୋର, ଖଣ୍ଟ, ମହାଖଣ୍ଟ, ଡକେଇତଙ୍କ ଗୋସେଁପା, ନରମାରୁଆ, ନାରୀହରଣିଆଏଁ ସମସ୍ତେ ଡାଇରେକ୍ଟ ମୋକ୍ଷ । ବର୍ଷ ବର୍ଷ ଧରି ପାପକର, ଆଷାଢ଼ରେ ରଥରେ ମାହାପ୍ରୁ ଦର୍ଶନ କର, ଧାଏଁ କିନା ଯମଦଣ୍ଡର ପାରଦ ହୁଗୁଳା, ବୈକୁଣ୍ଠକୁ ଭି.ଆ.ପି ପାସ୍ ଥୁଆ । ତେଣୁ ରଥଯାତ୍ରାରେ ଭିଡ଼ଭାଡ଼ ହେବା ଥୟ । ରଥ ପ୍ରଚାରିଆମାନେ, ଏବେ ରଥକାଠ କଟାଣ, ରଥଗଢ଼ଣ ବଇନି ହେବା, ଚକ, ଅଖ, ଦଣ୍ଡା, ଯୋଡ଼ ହେବା - ସବୁ ଘଟଣା ମିଡ଼ିଆରେ ଭିଡ଼ି ଆଣୁଛନ୍ତି । ଖାଲି ବାକି ରହିଲା ଯେଉଁକାଠ ଆଇଲା, ସେ ଗଛର ମଞ୍ଜି କେବେ ପଡ଼ିଥିଲା, ଗଜା ହେଇଥିଲା - ସେ କଥାମାନ ଆଗକୁ ଆସିବା ଥୟ ।

**ମୋକ୍ଷବୈତରଣୀ**

ଏସନ ରଥଯାତ୍ରା ଆଗରୁ ଘଣ୍ଟୁ ଅଣ୍ଟା ଭିଡ଼ିଲା, ବରଷକେ ଥରେ ମୋକ୍ଷାଣିଆ ମୋକ୍ଷଣେଇମାନଙ୍କୁ ମୋକ୍ଷବୈତରଣୀ ପାର୍ କରେଇବାକୁ କେତେ ଯୋଜନା ମଗଜରେ ଖେଳେଇଲା । ଘଣ୍ଟୁ କିଛି କରିବା ଆଗରୁ ବହୁ ଗୋବେଷଣା କରେ, ଘରେ ବସି ଟିପାଟିପି ନୁହେଁ, କ୍ଷେତ୍ର ଅଧ୍ୟୟନ ଗୋବେଷଣା । ଗାଁ, ସହର-ଦିଇଦିଇଟା ଜାଗାରେ ବହୁ କାରନାମା କରିସାରିଲାଣି । ଏଣିକି ବାଛିଲା ନୂଆଥାନ। ସହରତଳି ଆଉ ଗାଁ ଉଠାଣି ଥାନ । ଗାଁ ହେଇ ଗାଁ ନୁହେଁ, ସହର ହେଇ ସହର ବି ନୁହେଁ । ଗାଁ ସହରର ହାଇବ୍ରିଡ୍ ଜାଗାମାନ ସନ୍ଧାନ କରୁକରୁ ନିହାତି ତିନି ଚାରିଜାଗା ଠଉର କରିନେଲା । ହଇରାଣନଗର - ତା'ର ଇଚ୍ଛିତ କ୍ଷେତ୍ର । ସେଠି କୁଲୁନି ହେଇଚି, ପହଞ୍ଚିଲା - ନଖି ମାଉସୀ ବାରଣ୍ଡାରେ, ମାଉସୀକି ଓଳିଗି ହେଲା, ଦୁଃଖ ସୁଖ ଆରମ୍ଭିଲା । କୁଲୁନି ଆରମ୍ଭ ଚା'ପାନ ଦୋକାନରେ ବସି ବସି, ଦୋକାନୀ ପାଖରେ ନାଛା ଗରାଖ ଈଶ୍ୱର ପାଲଟି, ଘଣ୍ଟାକ ଭିତରେ ଚାରି ପାଞ୍ଚଥର ଚା' ପିଇଲା । ସେଇଠୁ କେତେଜଣଙ୍କର କାରବାର କଥା ଜାଣିଲା । ନଖିମାଉସୀର ଯାବତୀୟ ଘଟଣା ବୁଝିବା ପରେ, ମାଉସୀ ଆଗରେ ସତ ଫଳେଇବା ଭଳିଆ ବହୁ ଘଟଣା ଶୁଣେଇଲା । ମାଉସୀ ପୁଅ ବନା, ଅଫିସି ଯାଇଚି । ବୋହୂ ସଜନୀ ଇସ୍କୁଲରେ ମାଷ୍ଟ୍ରାଣୀ । ମଉସା ଗାଁରେ, ନଖିମାଉସୀ

ଏଠି ଛୁଆ ଜଗିବାକୁ ଗାଁରୁ ଆମଦାନୀ ହେଇଚି । ଛୁଆ ଜଗି ଜଗି ବେକାର । ସଂଜବେଳେ ଠାକୁର ମନ୍ଦିର ଯାଏ, ସେଠି କେହି ଘଣ୍ଟାଘଣ୍ଟ ବଜାନ୍ତିନି, କଳଘଣ୍ଟା - ସୁଇଚ୍ ଚିପିଲେ ଗହ ଗହ ଭକ୍ତିମାଡ଼ । କିଛି ସମୟ କାଟି ପ୍ରଭୁଙ୍କୁ ଜୁହାର ହେଇ ଫେରେ ।

**ମାଉସୀର ଆସ୍ଥା**

ନଖିମାଉସୀ ଭାବରେ ବାନ୍ଧି ହେଲା ଘଣ୍ଟୁଆ । ମାଉସୀ ପାଇଁ, ତା' ପାଟିରୁ ଖାଲି ସମର୍ଥନିଆ ହା-ହା, ଆହାଃ, ଚୁଉଚୁଉ ଶବଦ । ଦି' ଠୋପା ଦରଦିଆ ଲୁହ, ଆଖି କଣରେ ଝଟକେଇ ବର୍ଷିଦେଇ ମାଉସୀର ବିଶ୍ୱାସ ଖଟୁଳିରେ ପୂରା ଦମ୍‌ରେ ଆସ୍ଥାନ ଜମେଇ ଥାଇ ହେଇଗଲା । ମାଉସୀଙ୍କ ପ୍ରତି ନିଜର ଉଚ୍ଛୁଳା ଦରଦ ମାଠିଆ ମୁହଁରେ ଅଜାଡ଼ି ଦେଲା । ନଖୀମାଉସୀଙ୍କ ପାଖରୁ, କୁଲୋନୀର ଆଉ ଆଉମାନଙ୍କ ଖବରମାନ ସଂଗ୍ରହ କରିନେଲା । ଏସନ ରଥଯାତ୍ରାକୁ, ମାଉସୀଙ୍କୁ ଯେମିତି ହେଲେ ନିଆକରେଇ ଦିଅଁ ଦରଶନ କରାଇବାକୁ ଗାଡ଼ା ଜବାବ ଦେଲା । ମାଉସୀଙ୍କ ଆଖିରେ ଗଙ୍ଗାଯମୁନା ଧାର । କହିଲେ - "ଆରେ ବାପା ! ସତ କହୁଚୁ ? ପିଲାବେଳେ ମୋ' ବାପା ମତେ ଥରେ ରଥଯାତ୍ରାକୁ ନେଇଥିଲେ । ତା'ପରେ ସବୁବର୍ଷ ବାହାରିଲେ ବି, ଏଯାଏଁ ସମ୍ଭବ ହେଇନି । ସତରେ ମତେ ଯଦି ରଥ ଦେଖେଇ ନବୁ, ତୋର ବଢ଼ତି ହବ । ତୁ' ଜାଣ ଆଜିରୁ ମୋର ମହାର୍ଦ୍ଦିଆ ଧରମପୁଅ ।" ଘଣ୍ଟୁ କଳିନେଲା, ମାଉସୀ ଏଥର ପୂରା ଭକ୍ତି ଥୋପ ଗିଳି ସାରିଲାଣି । ଏଣିକି ଭାବଅଫିମ ଖୋଇ ମାଉସୀ ଓ ତା' ସାଙ୍ଗସରିସା ଏମିତି କେତେ ଛୁଆ ଜଗୁଆଳିମାନଙ୍କୁ ହାତକଲେ ରଥଯାତ୍ରା କାଣ୍ଡରୁ ଯାହାକିଛି ହେଇଯିବ ।

**"ସତରେ ମତେ ଯଦି ରଥ ଦେଖେଇ ନବୁ, ତୋର ବଢ଼ତି ହବ । ତୁ' ଜାଣ ଆଜିରୁ ମୋର ମହାର୍ଦ୍ଦିଆ ଧରମପୁଅ ।"**

ନଖୀମାଉସୀ କଥାରେ, ସେ ରେବମାଉସୀ, ସେବମାଉସୀ, ଚଞ୍ଚଳିମାଉସୀ, ନେଡେଇମାଉସୀ ଏମିତି ଦି'କୋଡ଼ି ମାଉସୀଙ୍କୁ ସନ୍ଧାନ କରିନେଲା । ଏମାନେ କେବଳ, ଗାଁରୁ ପୁଅର ଥାଟ କଥା ଶୁଣେଇ ପଳେଇ ଆସି ଛାଇ ଛାଇଆ ସହରରେ ଛୁଆ ଜଗି ଜଗି ନୟାନ୍ତ । ଇଚ୍ଛାକଲେ ବି, ଧରମ କରମ ପାଇଁ କାହାକୁ ହାତଟେକି ଟଙ୍କାଟେ ଦେବାର ଅଧିକାର ନାହିଁ । ଏମନ୍ତ ଛୁଆଜଗେଣୀ ଦି'କୋଡ଼ି ସରିକି ମାଉସୀଙ୍କୁ ରଥ ଦେଖାଟେ କରିଦେଲେ ଚଉବାହା ତ ଯେମିତି ସାହାହେବେ । ଘଣ୍ଟୁ ଜାଣିଚି, ଏ ରାଇଜରେ ଭାଷାକଥା, ଗାନ୍ଧୀକଥା ବଖାଣୁ ବଖାଣୁ ଲୋକଙ୍କୁ ଟେରା କରେଇ ଅନେକ ଚଉଠ ନେତା, ଅର୍ଦ୍ଧନେତା, ଆଠେଣିଆ, ଚାରେଣିଆ ନେତା ପଣରେ ଶିରିପା ବନ୍ଧେଇ ଡିଆଁ ଝପଟ କରୁଛନ୍ତି । ତେଣିକି ଧର୍ମଅଫିମ ଖୋଇ ଛୁଆଜଗେଣୀ ମାଉସୀମାନଙ୍କୁ ପୁରସ୍ତମ ନିଆ କରେଇଲେ କେତେ ପୁଣ୍ୟ ହେବ ନା । ପୁଣ୍ୟ ସାଙ୍ଗରେ ପଣିଟା ମୁଖ୍ୟ ।


ଦି'କୋଡ଼ି କୁଲୋନୀ ମାଉସୀମାନଙ୍କୁ ଘରେ ଘରେ ପଶି, କେହି ନଥିବା ବେଳେ ସଙ୍ଖୋଳି ଆସିଲା ଘଣ୍ଟୁ । କାହାର ଧର୍ମପୁତ୍ର, କାହାର ଧର୍ମ ଭଣଜା, କାହାର ଧର୍ମପୁତୁରା ହେଇଗଲା । ସମସ୍ତଙ୍କ ଭିତରେ ଭଲକରି ରଥ ନିଶାଟା ଇଂଗ୍ରେସନ ଦେଇଦେଲା । ପୁଅ-ବୋହୂମାନେ ରଥ ଦେଖେଇବାରେ କୁଣ୍ଠା କରୁଥିଲେ । ମାତ୍ର ମାଉସୀ ନିଜେ ନିଜେ କାହାକୁ ନ ନେଇ ବାହାରିଲେ, ସେମାନଙ୍କ ଆପତ୍ତି ନାହିଁ । ସୋଦରିମାଉସୀ ତିନିବର୍ଷ ହେଲା ବାହାରୁଚି, ଠିକଣା ଦିନ ଏଣୁ ତେଣୁ ବାହାନା କରେଇ ପୁଅ-ବୋହୂ ତାଙ୍କୁ ରୋକୁଚନ୍ତି । ଏସନ ସେ ନିଶ୍ଚେ ଯିବ, ଘଣ୍ଟୁ ଭଳିଆ ଧର୍ମସୁତ ମହଜୁଦ ଅଛି, ଯେମନ୍ତ ପ୍ରକାରେ ହେଉ ସେ ଯିବା ଥୟ।

ନଖୀମାଉସୀ ପୁଅଟା, କୁଲୋନୀ ରଥଯାତ୍ରାର କ'ଣ ଗୋଟାଏ ମେହେମ୍ବର, ରଥ ଦିନ ସେ ସେଇଠି ହଲଟହଲ ଯେ, ନିଜ ମାଆକୁ ରଥ ଦେଖାଣ କରାଇପାରେନା । ପଞ୍ଚେଇମାଉସୀ ପୁଅଟା କନିଷ୍ଟବଳ, ତା'ର ସବୁ ରଥଯାତ୍ରାରେ ଡୁଉଟି, ବାଟଘାଟ କଉଁଠି ଡୁଉଟି ପଡ଼େ ଯେ ଆଠବର୍ଷ ହେଲା ଯାତ୍ରୀ ଜଗୁ ଜଗୁ, ଭକ୍ତଙ୍କୁ କଟାଳ କରିକରି ସେ ମନମାରି ଫେରେ । ବୋଉକୁ ରଥ ଦେଖେଇବ କ'ଣ ନିଜେ ବି ରଥ ଦେଖିପାରେନା । ଚଞ୍ଚଳି ମାଉସୀପୁଅ କୁମ୍ଭାଟର, ତା' ଅବସ୍ଥା ନ କହିଲେ ଭଲ । ବଡ଼ଦାଣ୍ଡ ଗହଳିରେ ଅତି ଆତୁରିଆ ଆତୁରେଇ ଭକ୍ତଭକ୍ତାଣୀଙ୍କ ବେହୋସିଆ, ଦରମଲା ଅବସ୍ଥାରେ, ଦଳାଚକଟାରେ ଘାଉଆ ଘାଉଆଣୀମାନଙ୍କ

ସେବାରେ ତାର ବି ନିଃଶ୍ୱାସ ଘର ଧରେନା । ରଥ ଦେଖିବ କ'ଣ ତ୍ରାହି ତ୍ରାହି ଡାକ ଛାଡ଼େ, କେମିତି ଡ୍ୟୁଟି ସାରି ଜୀବନ ନେଇ ଘର ଲେଉଟାଣି ହେବ । ନେତେଇ ମାଉସୀପୁଅ ଜଟିଆର ଦମକଳିଆ ଚାକିରି । ଗୁଳୁଗୁଳିଆ ଭିଡ଼ରେ ବେହୋସିଆ ଯାତ୍ରୀଙ୍କୁ ପାଣି ଛିଞ୍ଚୁଛିଞ୍ଚୁ ତା'ର ଦମ୍ ଛୁଟିଯାଏ । କେଉଁଠି କିଏ ଠେଲାପେଲାରେ ବେହାଲ, ତାକୁ ସରକାରୀ କୋକେଇରେ ଉଠେଇ ଗାଡ଼ିରେ ଭରୁ ଭରୁ ତା' ଭରସା ଆଉ ବେହାଲ । ତା' ନିଜ ମାଆକୁ ଛ'ସାଲ ହେଲା ରଥ ଦେଖାଇବ ଭରସା ଦେଇ ଏଯାଏଁ ସାରିପାରିଲାନି ।

**ମାହାର୍ଦ୍ଦ ଦେଇ ହଲପ**

ଏମନ୍ତ ଦି'କୋଡ଼ି ମାଉସୀମାନଙ୍କ ଅବସ୍ଥା ବୁଝି, ଘଣ୍ଟୁ ସେମାନଙ୍କୁ ମାହାର୍ଦ୍ଦ ଦେଇ ହଲପ କରେଇଲା, ଯେମନ୍ତ ପ୍ରକାରେ ଏଥର ରଥ ଦେଖିବା ତାଙ୍କମାନଙ୍କର ଥୟ । କିନ୍ତୁ ? ବିନା ରୋକଡ଼ାରେ କେମିତି ଏମିତି କାମ । ସେ କ'ଣ ଧର୍ମଶାଳା ଖୋଲିଚି ? ମାଉସୀମାନଙ୍କୁ ମତେଇ ସେ ଘରେଇ ହରତାଳ ଘଟେଇଲା । ଏମିତି ଦି'କୋଡ଼ି, ମାହାର୍ଦ୍ଦପୁଡ଼ିଆ ଜଣ ଜଣ କରି ଜବରାନି ବାଣ୍ଟିଦେଲା । ସମସ୍ତେ ନିଜ ନିଜ ଘରେ ପୁଅ-ବୋହୂଙ୍କୁ ଏସନ ରଥଦେଖା ପାଇଁ ତାଙ୍କୁ ଛାଡ଼ିବାକୁ ହଲପ କରେଇନେଲେ ।



ସୁନ୍ଦରୀମାଉସୀ ପୁଅ ବାବେନା ବାରଣ କଲା, କହିଲା, ସମସ୍ତେ ପରିବାର ନେଇ ଯିବା । ତୁ ଏକା ଗଲେ ଆମେ ତୋ' କଥା ଭାବି ଭାବି ମରିଯିବୁ । ଜବାବ ରଖିଲା ସୁନ୍ଦରୀମାଉସୀ – "ଆଉ ସେ ଫିକର ଦେଖାନା, ଗାଁରୁ ମତେ ଏଠିକି ଅଣେଇ ଆଗମଳିଆ ବେଙ୍ଗେଳା ପକଉଚୁ, ତିନି ବରଷ ହେଲାଣି ରଥ ଦେଖଉଚୁ । ଆଉ ଦେଖାନା, ଆମେ ନଖୀନାନୀ, ସୋଦରୀଅପା, ଚେମଖୁଡ଼ୀ ହେରିକା ସମସ୍ତେ ଗୋଟାଏ ଗାଡ଼ିରେ ଯିବୁ, ରଥ ଦେଖିବୁ, ବଡ଼ଦାଣ୍ଡ ଧୂଳିରେ ଗଡ଼ିବୁ, ଦିଅଁ ଦ୍ରଶନ ବାଆଦେ ଘରକୁ ଲେଉଟିବୁ । ଏଥିରେ ବାଧା ଦେଲେ ତୋ' ବାପକୁ କେମିତି ବାହାହେଲି, ସେକଥା ମନେ ପକେଇଦେବି । ତୋ' ଛୁଆ ଜଗି ଜଗି ମୋ ମନ ଜାଆମ ହେଇଗଲାଣି । ରଥଯାତ୍ରାକୁ ବାରଣ କଲେ ଜାଣିଥା ପୁଅ ! ସିଧା ଗାଆଁକୁ ଖଲାସ, ମୋ ଧରମପୁଅ ଘଣ୍ଟୁ ଅଛି ବା, ମତେ ଆଉ ଏତେ ଟାଇଟରେ ରଖନା ।"

ମାଆ ମୁହଁରୁ ଘଣ୍ଟୁ କଥା ଶୁଣି ବାବେନା ତାଜୁବ । ଏ ଘଣ୍ଟୁଟି କିଏ ? ଏ ପୁଣି ମୋ' ବୋଉର ଧର୍ମସନ୍ତାନ । ବାବେନା ଏଥର ନଖୀ, ସୋଦରୀ, ଚେମ ଇତ୍ୟାଦି ମାଉସୀମାନଙ୍କ ପୁଅମାନଙ୍କୁ ଯୋଗାଯୋଗ କଲା । ଜାଣିଲା, କେହି ଗୋଟେ ଘଣ୍ଟୁ ଏମାନଙ୍କୁ ରଥ ଦେଖେଇ ଆଣି ଘରେ ଛାଡ଼ିଦେବ । ଘଣ୍ଟୁ ନେଲେ ଭଲ, ଏ ବୁଢ଼ୀମାନଙ୍କୁ ନେଇ ରଥ ଦେଖାଇବା ଜଞ୍ଜାଳ ଯିବ । ଧାଇଁ ଧାଇଁ କିଛି ଟଙ୍କା ଖର୍ଚ୍ଚ ହେବ । ଏ ବର୍ଷସାରା ଆମ ଛୁଆଙ୍କୁ ଜଗୁଚି, ବାହାର ଲୋକ କାହାକୁ ଜଗେଇଲେ ମାସକୁ ତ ଚାରି ପାଞ୍ଚ ହଜାର ଟଙ୍କା ଖର୍ଚ୍ଚାପାଣି ଦେବାକୁ ହଉଥାନ୍ତା । ମାସକ ଖର୍ଚ୍ଚ ଦେଇ ରଥକୁ ପଠେଇଲେ ଲାଭ ହିଁ ଲାଭ । ବୁଢ଼ୀ ରଥ ଦେଖୁ କି ନ ଦେଖୁ, ଆଉ ଦୋଷ ଦବନି, ବରଂ ଛୁଆଙ୍କୁ ଭଲରେ ଜଗିବ । ତା'ଛଡ଼ା ଧର୍ମସନ୍ତାନ ଆଶ୍ରାରେ ଯାଉଛି, ଭଲମନ୍ଦ ହେଲେ ସେ ସମ୍ଭାଳିବ, ବୁଢ଼ୀ ବି ନିଜେ କିଛି ଦୋଷ ଦେଇପାରିବ ନାହିଁ । ତେଣୁ ବୁଢ଼ୀ ସନ୍ତାନମାନେ ଆପାତତଃ ରାଜି ହେଇଗଲେ । ଚାରି ଚାରିଟା କୁଲୋନୀରୁ ବଛା ବଛା ଭକ୍ତାଣୀ ବୁଢ଼ୀଏ ବାହାରିଲେ, କୁଲୋନୀ ମୁଣ୍ଡ ବରଗଛ ତଳେ ରହିଲା ବଡ଼ ବସ୍‌ଟେ । ଜଣ ଜଣ କରି ସମସ୍ତେ ଗାଡ଼ି ଚଢ଼ିଲେ, ଲୁଗାପଟା, ପାଣିପୁଣା ନେଇ ସିଟରେ ଥୁଆହେଲେ । ପୁଅମାନେ ଘଣ୍ଟୁକୁ ମୁଣ୍ଡପିଛା ପାଞ୍ଚହଜାର ଟଙ୍କା ଦେଇ ଫେରିଆସିଲେ । ଅବଶ୍ୟ କାହା କାହା ଘରେ ବୁଢ଼ୀର ତୀର୍ଥଯାତ୍ରା ଖର୍ଚ୍ଚା ପାଇଁ ଦାମ୍ପତ୍ୟ ମହାଭାରତ ହେଲା, କାହା କାହା ଘରେ ଶାନ୍ତିପର୍ବ ବି ପାଳିତ ହେଲା ।

ଘଣ୍ଟୁଙ୍କ ଚାରିଜଣ ପାର୍ଶ୍ୱଚର ଗାଡ଼ିରେ ବିଜେ ହେଲେ । ଗାଡ଼ି ସାମନାରେ ବଡ଼ ବଡ଼ ଅକ୍ଷରରେ ବଡ଼ ବ୍ୟାନର ଟଙ୍ଗାହେଲା । 'ଜୟ ବଳଦେବ, ଜୟ ବଳଦେବ' । ରଥ

ଦର୍ଶନ ପାର୍ଟି । କଲେଜର ଆଇକାର୍ଡ ଭଳିଆ, ପୋଷ୍ଟକାର୍ଡ ସାଇଜ୍‌ର ଗୋଟେ ଗୋଟେ ଆଇକାର୍ଡ ଫିତା ଲଗେଇ ମାଉସୀମାନଙ୍କ ବେକରେ ଲଗେଇଦେଲେ । କାର୍ଡରେ ମାଉସୀଙ୍କ ନାମ, ତାଙ୍କ ପୁଅବୋହୂଙ୍କ ଫୋନ୍ ନମ୍ବର ସହ ଫଟୋ ରହିଛି । ଟଙ୍କା ଆଦାୟ ପୂର୍ବରୁ ଘଣ୍ଟୁ ମାଉସୀମାନଙ୍କ ଘର ଘର ବୁଲି ଏସବୁ ସଂଗ୍ରହ କରିଥିଲା । ବେକରେ ଏସବୁ ପକେଇ ମାଉସୀମାନଙ୍କ ସୁଖ କହିଲେ ନ ସରେ । ଏଥର ଘଣ୍ଟୁ ବଡ଼ ଜୋରରେ ଉଚ୍ଛାଳ ଉଠେଇ ହକାରିଲା - 'ହରିବୋଲ' - ପାର୍ଶ୍ୱରେ ହରିବୋଲ ଦେଉ ନ ଦେଉଣୁ ମାଉସୀମାନଙ୍କ କୋରସ ହୁଳହୁଳିରେ ବସ୍ ଦୁଲୁକିଲା । ଘଣ୍ଟୁ ବୋଇଲା - 'ଜୟ ବଳଦେବ' - ଚାରିପାର୍ଶ୍ୱଚରେ ଓ ମାଉସୀମାନେ କହିଲେ 'ଜୟ ବଳଦେବ' । ପଞ୍ଚେଇ ମାଉସୀ କହିଲା - 'ଜୟ ଜଗନ୍ନାଥ କହୁନା ପୁଅ' । ଘଣ୍ଟୁ ଉତ୍ତରିଲେ "ବଳଦେବ ତ ବଡ଼ଭାଇ, ଘରର ମୁରବି । ତାଙ୍କ ନାଁ ନେଲେ ସମସ୍ତେ ଖୁସି, ତାଙ୍କୁ ଅମାନ୍ୟ କରିବା କି ?" ଛକ ଜାଗାରେ ବସ୍ ପହଞ୍ଚିବା ବେଳକୁ 'ଜୟ ବଳଦେବ' କୁହାଟରେ ଲୋକେ ବି ଆବାକାବା ।

**ଜୟ ବଳଦେବ**

ବାଟରେ କେହି କେହି ଜଳଦାନ, ଜଳଖିଆ ଦାନ କରୁଛନ୍ତି । ସେଇଠି ରହିଯାଏ ବସ୍ । ଚାରି ପାର୍ଶ୍ୱଚରେ - ମାଗଣା ଜଳ, ଜଳଖିଆ ଆଣି ମାଉସୀମାନଙ୍କୁ ଧରାଇ ଦେଉଥାନ୍ତି । ଗାଡ଼ି ବଡ଼ଦାଣ୍ଡକୁ ଯିବା ମନା । କିଛି ବାଟ ଥାଇ ଗାଡ଼ି ରହିଲା, ମାଉସୀମାନେ ଓହ୍ଲାଇଲେ । କେହି କେହି 'ଜୟ ଜଗନ୍ନାଥ' କହିବା ବେଳକୁ ଘଣ୍ଟୁ ଓ ପାର୍ଶ୍ୱଚରେ 'ଜୟ ବଳଦେବ ଜୟ' ବୋଲି କୁହାଇଲେ । କୋଡ଼ିଏ ଧାଡ଼ିଏ କରି ଦି'କୋଡ଼ି ମାଉସୀଙ୍କୁ ଦୁଇ ଧାଡ଼ି କରେଇଲେ । ଗୋଟେ ବଡ଼ ରସିରେ ବେଙ୍ଗଳା ଯୋଚିଲା ଭଳିଆ, ଧାଡ଼ି ମାଉସୀମାନଙ୍କୁ ଦଉଡ଼ିରେ ବାନ୍ଧିଦେଇ, ଦୁଇ ପାର୍ଶ୍ୱଚରେ ଆଗରେ ବ୍ୟାନର ଧରି ଚାଲିଲେ - 'ଜୟ ବଳଦେବ' - ବେସାହାରା ରଥ ଦର୍ଶନ' - ପଛରେ ରହିଲେ ଦୁଇ ପାର୍ଶ୍ୱଚରେ - ଘଣ୍ଟୁ ପୂରା ତଦାରଖ କଲା ଏ ମାଉସୀ ପଲଟଣଙ୍କୁ ।

ବଡ଼ଦାଣ୍ଡରେ ପହଞ୍ଚି ପଘାଛିଣ୍ଡା ଗାଈ ଭଳିଆ ହେବା ବେଳକୁ ଘଣ୍ଟୁ ଶୁଣେଇଲା, ଏପଟ ସେପଟ ହେଲେ ଗୋଠଛଡ଼ା ହେଇଯିବ, ହଜିଯିବ । ଦୂରରୁ ରଥ ଦେଖୁଥିଲେ ମାଉସୀମାନେ । ଏମନ୍ତ ପ୍ଲାକାର୍ଡ ଓ ମାଉସୀ ପଲଟଣ ଦେଖି ସମସ୍ତେ କାବା । ରଥଯାତ୍ରାରେ ଏ ଗୋଟାଏ ନୂଆ ଭିଆଣ । 'ବେସାହାରା' ଶବ୍ଦ ଦେଖି କେତେ ସାହାଯ୍ୟକାରୀ ଲୋକେ ପ୍ରଶାସନ ମଧ୍ୟ ଧାଇଁଲେ । ପୁଲିସିଆ ବି ଏ ଦଉଡ଼ା ବାନ୍ଧୁଣି ମାଉସୀମାନଙ୍କୁ ଛାଆଁକୁ ଛାଆଁ ସାହାଯ୍ୟ କଲେ । ନିରଙ୍କରୀ, ଅନ୍ନଦାତା ସଂସ୍ଥାଏ ଏମାନଙ୍କୁ ଆଣି ଖେଚୁଡ଼ି, ଡାଲମା ଦିଆ କରେଇଲେ । ବଡ଼ ଆଗ୍ରହରେ ମିଡ଼ିଆଏ ବି ଏମାନଙ୍କ ଫଅଟ ଉଠେଇଲେ ।

ମାଉସୀ ପଲଟଣ ବଡ଼ଦାଣ୍ଡରେ ରଥ ଦେଖି ଖୁସି, ବାହାର ଲୋକଙ୍କ ସାହାଯ୍ୟ ପାଇ ସେମାନଙ୍କୁ କଲ୍ୟାଣ ଡାଳୁଥାନ୍ତି । ମାତ୍ର ଖୋଜିବା ବେଳକୁ ଘଣ୍ଟୁ ଓ ପାର୍ଶ୍ୱଚରେ ଉଭାନ । ମାଉସୀମାନଙ୍କୁ ଏମିତି ଛନ୍ଦଣି କରି କିଏ ଛାଡ଼ି ଦେଇ ଯାଇଛି ବୋଲି ଘଣ୍ଟୁ ନିଜେ ସୂଚନା ବିଭାଗରେ ଜଣେଇ ଦେଇ ନିଜ କର୍ତ୍ତବ୍ୟ ସାରିଦେଲା । କେତେଜଣ ମାଉସୀଙ୍କ ଘରକୁ ଫୋନ୍‌କରି, ମାଉସୀ ନିଖୋଜ ବୋଲି ଜଣେଇଦେଲା । ପ୍ରଶାସନରେ ଏଣିକି ହଇଚଇ । ମାଉସୀମାନଙ୍କ ବେକରୁ ଓହଳିଥିବା ଆଇକାର୍ଡରୁ ଫୋନ୍ ନମ୍ବର ସଂଗ୍ରହକରି ତାଙ୍କ ଘର ସହ ଯୋଗାଯୋଗ କରାଗଲା ।

> **ମାଉସୀ ପଲଟଣ ବଡ଼ଦାଣ୍ଡରେ ରଥ ଦେଖି ଖୁସି, ବାହାର ଲୋକଙ୍କ ସାହାଯ୍ୟ ପାଇ ସେମାନଙ୍କୁ କଲ୍ୟାଣ ଡାଳୁଥାନ୍ତି ।**

ଫେରାର ହେବା ବାଟରେ ଘଣ୍ଟୁ ପଛରୁ ଗୋଟେ ଅଜଣାବାଡ଼ି ବାଡ଼େଇବାରୁ, ଘଣ୍ଟୁ ଜଖମ ହେଇ ମେଡ଼ିକାଲରେ । ତଥାପି ମାଉସୀମାନେ ଘରକୁ ଫେରି ତାଙ୍କ ଧର୍ମସୁତ ଘଣ୍ଟୁର ମଙ୍ଗଳ ମନାସୁଥାନ୍ତି, ଯାହାହେଉ, ସେ ତ ଏମାନଙ୍କୁ ରଥ ଦେଖେଇଚି ନା । ଘଣ୍ଟୁକୁ ଫୋନ୍‌କଲେ ବି ଏବେ ତା' ନମ୍ବର ଲାଗୁନାହିଁ । କିନ୍ତୁ ଅଭ୍ୟାସ ହେତୁ କେଇଟା ମାଉସୀଙ୍କ ତୁଣ୍ଡରେ ଜୟ ବଳଦେବ । ବାହୁଡ଼ାଯାତ୍ରା ପାଇଁ, ଆର କୁଲୋନୀର ଛୁଆଜଗୁଆ ମଉସାମାନଙ୍କ ଠାଆ ଠିକଣା ଯୋଗାଡ଼ରେ ଘଣ୍ଟୁ ବ୍ୟସ୍ତ ।

□□

ଲେଖକଙ୍କ ଇ-ମେଲ ଠିକଣା:
ajayamishraodia@gmail.com

ଗଳ୍ପ



# ଝରକା


ରବି ପଣ୍ଡା

କବାଟ ଖୋଲିଦେଇ ସବିତା ଦେଖିଲେ ଶ୍ରୀହର୍ଷ ଦୁଆର ମୁହଁରେ ଠିଆ ହୋଇ ହସୁଚନ୍ତି।

ସେ ଏକବାରେ କାବ୍‌ବା ହେଇଗଲେ। ଶ୍ରୀହର୍ଷଙ୍କ ମୁହଁରେ ହସ ! ପୁଣି ଅଫିସ ଫେରନ୍ତା ବେଳେ ଏ ତ ରୀତିମତ ଆଚମ୍ବିତ କଥା ! !

ତାଙ୍କର ଆଖିପତା ଦୁଇଟି ବିସ୍ମୟରେ କୁଞ୍ଚିତ ହେଉଁ ହେଉଁ ହିଁ ଓଠରେ ଗୋଟିଏ କ୍ଷୀଣ ହାସ୍ୟରେଖା ଫୁଟି ଉଠି ମିଳେଇଗଲା।

ସବିତା କିଛି ଅନୁମାନ କରିପାରୁନଥିଲେ। କହିଲେ, ଆରେ ଭିତରକୁ ଆସୁନ ଏମିତି ଦୁଆର ମୁହଁରେ ଠିଆ ହେଇ ମତେ ଚାହିଁ ହସୁଛ କ'ଣ ?



ଶ୍ରୀହର୍ଷ ହ୍ୟାଣ୍ଡ ବ୍ୟାଗ୍‌ଟା ବଢ଼ାଇ ଦେଇ ଘର ଭିତରକୁ ପଶୁ ପଶୁ କହିଲେ; ମାନୁ ରାନୁ କୁଆଡ଼େ ଗଲେ ? କାହିଁ ଦେଖୁନାହିଁତ...।

ଏଥର ଆହୁରି ବିସ୍ମିତ ହେଇଗଲେ ସବିତା। ବାପାଙ୍କର ଅଫିସ ଫେରିବା ବେଳ ହେଲେ, ପିଲାମାନେ କିପରି ସଙ୍କୁଚିତ ହେଇଯା'ନ୍ତି, କାନ୍ଥ ଘଣ୍ଟାରେ ଢଂଢଂ ହେଇ ପାଞ୍ଚଟା ବାଜିଲା ବେଳେ, କେମିତି ତାଙ୍କ ମୁହଁ ଉପରେ ବିମର୍ଷତାର ପାଦ ଚିହ୍ନ ସବୁ ଗଣି ହେଇଯାଏ, କୋଳାହଳର ସ୍ୱର ହେଇଯାଏ କ୍ଷୀଣ, ହେଇଯାଏ କରୁଣ। ସବିତାଙ୍କ ଅବସ୍ଥା ମଧ ତଦ୍ରୂପ। ଶ୍ରୀହର୍ଷ ଅଫିସ ଗଲା ପରେ ପରେ ସେ ହେଇଯାଆନ୍ତି, ପ୍ରଗଲ୍‌ଭା ଏକ ନଦୀ, କଳ କଳ ଏକ ବନ୍ୟ ଝରଣା, କିନ୍ତୁ ଶ୍ରୀହର୍ଷଙ୍କ ଫେରିବା ବେଳ ହେଲେ ସେ ଯେପରି ପାଲଟିଯା'ନ୍ତି ଏକ ମୃତ ନଦୀ, ଏକ ନିସ୍ତରଂଗ ସମୁଦ୍ର ଅଥଚ ସେଇ ଶ୍ରୀହର୍ଷ ଆଜି ତାଙ୍କୁ ଦେଖି ହସୁଛନ୍ତି, ମାନୁ ରାନୁଙ୍କୁ ଖୋଜୁଛନ୍ତି !

ସବିତା କହିଲେ; ଆଉ ଘରେ କିମ୍ବା ଛାତ ଉପରେ ଥିବେ, କ'ଣ ଡାକି ଦେବି ?

ଶ୍ରୀହର୍ଷ କହିଲେ; ଡାକ, ଡାକ ଶୀଘ୍ର।

ସବିତା ରାନୁ ମାନୁଙ୍କୁ ଡାକିବାକୁ ଚାଲିଗଲେ।

ଶ୍ରୀହର୍ଷ ପ୍ୟାଣ୍ଟ ସାର୍ଟ ପାଲଟିଲେ। ଗୁଣୁ ଗୁଣୁ ଗୀତ ଗାଇଲେ। ତା'ପରେ ଘରର ବନ୍ଦ ଥିବା ସବୁ ଝରକାକୁ ଖୋଲିଦେଇ ପର୍ଦ୍ଦା ହଟେଇଦେଲେ। ବାହାର ଅପରାହ୍ଣର ମଳିନ ଆଲୋକ ଘର ଭିତରକୁ ପଶି ଆସିବା ସହିତ ପଶି ଆସିଲା ସୁଲୁସୁଲିଆ ପବନ।

ଶ୍ରୀହର୍ଷ ଫ୍ୟାନ୍‌ଟା ବନ୍ଦ କରି ବାହରକୁ ଚାହିଁଲେ, ସୂର୍ଯ୍ୟ ବୁଡ଼ା ରଙ୍ଗରେ ପଶ୍ଚିମ ଦିଗନ୍ତ ହେଇ ଉଠିଛି ରକ୍ତରଞ୍ଜିତ। କାନ୍‌ଭାସର ଚିତ୍ରପଟ ପରି କେତେ ଖଣ୍ଡ ଭସା ବାଦଲ ସ୍ଥିର ହୋଇ ଅଟକିଯାଇଛି ସୂର୍ଯ୍ୟ ପାଖରେ। ବାଦଲ ଫାଙ୍କରୁ ପିଚିକି ପଡୁଛି ନାଲି ନାଲି ରଶ୍ମି। ସୂର୍ଯ୍ୟ ଆସ୍ତେ ଆସ୍ତେ ଖସି ଯାଉଛନ୍ତି ତଳକୁ ତଳକୁ...। ତାଙ୍କର ମନେ ପଡ଼ିଯାଉଥିଲା ହାଇସ୍କୁଲରେ ପଢ଼ିଲା ବେଳେ କେଉଁ କବି ସୂର୍ଯ୍ୟକୁ ବର୍ଣ୍ଣନା କରିଥିଲେ ଦିଗଙ୍ଗନା ସୁନ୍ଦରୀର କପାଳର ସିନ୍ଦୂର ବିନ୍ଦୁଟିଏ ବୋଲି.... ସେୟାକୁ ସେ ମନେ ପକାଇ ରେଲିଂଟାକୁ ଜାବୁଡ଼ି ଧରି ମୁହଁ ଗଳେଇ ଗୁଣୁଗୁଣେଇଲେ।

ପଛରେ ଅତି ସନ୍ତର୍ପଣ ମୁଦ୍ରାରେ ଠିଆ ହୋଇଥିବା ପୁଅ-ଝିଅ ଖାଲି ସବିତାଙ୍କ ମୁହଁକୁ ଅନଉଥିଲେ। ସେମାନଙ୍କ ପାଇଁ ଏହାଥିଲା ସବୁଠାରୁ ଆଶ୍ଚର୍ଯ୍ୟଜନକ ଦୃଶ୍ୟ ବୋଧେ। ବାପା ସବୁବେଳେ କହନ୍ତି, ଝରକା କବାଟ ବନ୍ଦ ରଖିବାକୁ, ସହର ବଜାର ଜାଗା କେତେ କିସମର ଲୋକ ଏଠି-ଘର

ଭିତରରେ ଫ୍ୟାନ୍ ଅଛି, ଲାଇଟ୍ ଅଛି, ଝର୍କା ଖୋଲିବାର କି' ଆବଶ୍ୟକତା ? ପିଲାମାନେ ସେଇ ଲାଗି ଝର୍କା କବାଟ ନ ଖୋଲି ଆକ୍ଚା ମାକ୍ଚା ହେଇ ଦୌଡ଼ି ପଳାନ୍ତି ଛାତ ଉପରକୁ। ସେଠି ଠିଆ ହେଇ ଦେଖନ୍ତି ଆକାଶ, ସୂର୍ଯ୍ୟୋଦୟ ଓ ସୂର୍ଯ୍ୟାସ୍ତ। ଦେଖନ୍ତି ଧାନକ୍ଷେତ, ଅନୁଭବ କରନ୍ତି ମୁକ୍ତ ପବନର ଶିହରଣ- ସଂଧ୍ୟା ଆକାଶରୁ ଗଣନ୍ତି ଏକତାରା.... ଦି' ତାରା.... କିନ୍ତୁ ବାବା ଆଜି ନିଜେ ଖୋଲିଛନ୍ତି ଝରକା, ନିଜେ ଦେଖୁଛନ୍ତି ସୂର୍ଯ୍ୟାସ୍ତ, ନିରେଖୁଛନ୍ତି ଖୋଲା ଆକାଶ, ଅନୁଭବ କରୁଛନ୍ତି ମେଲା ପବନ।

ସବିତା କହିଲେ, ଗୋଡ଼ ହାତ ଧୋଇଲନି। ସେଠି ଠିଆହେଇ କ'ଣ ଦେଖୁଛ ?

ଶ୍ରୀହର୍ଷ ବୁଲିପଡ଼ି ଖୁବ୍ ଜୋର୍‌ରେ ହସି ଉଠି କହିଲେ; ରୁହ ମୁଁ ସୂର୍ଯ୍ୟାସ୍ତ ଦେଖୁଛି; ଆଃ କେଡ଼େ ସୁନ୍ଦର ! ! ଜୀବନରେ ସୂର୍ଯ୍ୟୋଦୟ ତ ହେଲାନାହିଁ ଦେଖି। ଅନ୍ତତଃ ଆରେ ମାନୁ ରାନୁ ଆସ ଆସ ଦେଖ ସୂର୍ଯ୍ୟ କିମିତି ଲୁଚି ଲୁଚି ପଳାଉଛନ୍ତି, ବୁଜି ଦେଉଛନ୍ତି ଆଖି। ଆଖି ବୁଜିଲେ ତ ଅନ୍ଧାର। ରାନୁ ମାନୁଙ୍କୁ ଦୁଇ କଡ଼ରେ ଜାକିଧରି ସେ ପୁଣି ଝର୍କା ସାଙ୍ଗରେ ମିଶିଗଲେ।

**ସବିତା ଶ୍ରୀହର୍ଷଙ୍କ ଦ୍ୱାରା କେବେ ଅତ୍ୟାଚାରିତା ହେଇନାହାନ୍ତି; କିନ୍ତୁ ନିର୍ଯ୍ୟାତିତା ହେଇଛନ୍ତି ମାନସିକ ସ୍ତରରେ।**

ସବିତା ଚାଲିଗଲେ ରୋଷେଇ ଘରକୁ। ଚା'ବସିଛି। ଟିକିଏ ଡେରି ହେଲେ କପ୍‌ପ୍ଲେଟ ଭାଙ୍ଗିଯିବ, ଆରମ୍ଭ ହେଇଯିବ ତାଙ୍କ ଉପରେ ଅକଥନୀୟ ଭାଷାର ବର୍ଷା। ରାତି ବିତିଯିବ କାନ୍ଦି କାନ୍ଦି। କିନ୍ତୁ ସତରେ ଆଜି ହେଇଛି କ'ଣ ତାଙ୍କର ? ଜୀବନର ଚଲା ବାଟରେ ସେ ବହୁତ ବାଟ ତାଙ୍କ ହାତଧରି ଚାଲି ଆସିଲେଣି, ଖାଲି ବେଦନାରେ ପାଦ ଚିପି ଚିପି, ବ୍ୟର୍ଥତାର ଲୁହ ପିଇ ପିଇ। ସେ ତ ମୂଳରୁ ସେଇମିତି।

ସବିତା ଭାବୁଥିଲେ ତାଙ୍କ ବିବାହ ବେଳର କଥା। ଶ୍ରୀହର୍ଷ ପିଲାବେଳୁ ହିଁ ବାପ ମା' ଛେଉଣ୍ଡ। ମାମୁଁ ଘରେ ରହି ହିଁ ମଣିଷ ହୋଇଛନ୍ତି। ତାଙ୍କର ତାରୁଣ୍ୟ ଅତ୍ୟାଚାରିତ ହୋଇଛି, ମାମୁଁ ଘର ପରିବେଶରେ। ତା'ପରେ ସେ ସହରକୁ ଆସି ବହୁ ଦୁଃଖରେ ପାଠପଢ଼ି କିରାଣି ଚାକିରି କରୁ କରୁ ଆଜି ବରିଷ୍ଠ କିରାଣି ପଦବୀକୁ ଉଠିଛନ୍ତି।

ବାହାଘର ବେଳକୁ ଶ୍ରୀହର୍ଷ ନୂଆ ଚାକିରି କରିଥା'ନ୍ତି। ମାମୁଁ ଆସି ହାଜର ହୋଇଗଲେ ସବିତାଙ୍କ ବିବାହ ପ୍ରସ୍ତାବ ଧରି। ସବିତା ତାଙ୍କର ଦୂର ସମ୍ପର୍କୀୟା। ପ୍ରଚୁର ଯୌତୁକ ପାଇବାର ପ୍ରଲୋଭନରେ ଶ୍ରୀହର୍ଷ ବିବାହକୁ ହଁ ଭରିଦେଲେ। ବାହାଘର ସରିଲା କିନ୍ତୁ ଶ୍ରୀହର୍ଷ ଯେତେ ପରିମାଣରେ ଯୌତୁକ ଆଶା କରୁଥିଲେ, ତାହା ଦେବାକୁ ସବିତାଙ୍କର ପୈତୃକ ସମ୍ବଳ ନଥିଲା। ଶ୍ରୀହର୍ଷ ମନେ ମନେ ଭୀଷଣ କ୍ଷୁଣ୍ଣ ହୋଇଥିଲେ। ସେଇ ଦିନଠାରୁ ସେ ଆଉ ମାମୁଁ ଘରକୁ ଯାଇନାହାନ୍ତି କି ସବିତାକୁ ତାଙ୍କ ବାପ ଘରକୁ ଛାଡ଼ିନାହାନ୍ତି।

କିନ୍ତୁ ସବିତା ଶ୍ରୀହର୍ଷଙ୍କ ଦ୍ୱାରା କେବେ ଅତ୍ୟାଚାରିତା ହେଇନାହାନ୍ତି; କିନ୍ତୁ ନିର୍ଯ୍ୟାତିତା ହେଇଛନ୍ତି ମାନସିକ ସ୍ତରରେ। କେବେବି ଶ୍ରୀହର୍ଷ ତାଙ୍କୁ ବୁଝିବାକୁ ଚେଷ୍ଟା କରି ନାହାନ୍ତି। ଉପଲବ୍ଧି କରିନାହାନ୍ତି ତାଙ୍କ ଯନ୍ତ୍ରଣା। ସହରକୁ ଆସିଲା ପରେ ଶ୍ରୀହର୍ଷ ରୀତିମତ୍ ତାଗିଦ୍, ବାହାରକୁ, ଏପରିକି ପଡ଼ୋଶୀ ଘରକୁ ଯିବା ମଧ୍ୟ ବନ୍ଦ। ଭାରି ସଂକୀର୍ଣ୍ଣ ଶ୍ରୀହର୍ଷ, ପରଶ୍ରୀକାତର, ଈର୍ଷାଳୁ। ସବିତା କ'ଣ କରିବେ ? ଏଇମିତି ଶ୍ୱାସରୁଦ୍ଧ ହେଇ ରହିଥିଲେ ସେ, ମାନୁ ଜନ୍ମ ହେଲା ପର୍ଯ୍ୟନ୍ତ। ତା'ପରେ ଅଶ୍ୱସ୍ତି ଟିକେ କମିଯାଇଥିଲା କେତେକାଂଶରେ। ପୁଅଟି ପାଖରେ ସେ ତାଙ୍କ ଜୀବନର ସବୁ ଦୁଃସହ ଅବ୍ୟକ୍ତ ବେଦନାକୁ ଯେପରି ଅଜାଡ଼ି ଦେଇ ମାନସିକ ଶାନ୍ତି ପାଉଥିଲେ। ପୁଅ ହେଲାପରେ ବି ସେଇମିତି ଶ୍ରୀହର୍ଷ, ସବୁବେଳେ ଅନ୍ୟମନସ୍କ, ଗମ୍ଭୀର। ଅତି ଅନ୍ତରଙ୍ଗ ମୁହୂର୍ତ୍ତମାନଙ୍କରେ ସବିତା ଶ୍ରୀହର୍ଷଙ୍କ ପାଟିରୁ ଶୁଣେ, ଅଫିସରେ କାହାରି ବିରୁଦ୍ଧରେ ବିଷୋଦ୍‌ଗାର ତ କିଏ କେମିତି ବଡ଼ଲୋକ ହୋଇଯିବାର ସମ୍ବାଦ। ସବୁବେଳେ ଶ୍ରୀହର୍ଷ ଭାବନ୍ତି, ସେ ଯେମିତି ଏକୁଟିଆ ଏ ପୃଥିବୀରେ ପ୍ରତିଯୋଗିତାରେ ହାରିଯାଇଛନ୍ତି ! ତାଙ୍କୁ ଟପି କିଏ କୁଆଡ଼େ ଚଢ଼ିଯାଉଛନ୍ତି ଉନ୍ନତିର ପାହାଚମାନଙ୍କରେ ଟିପ୍ ଟାପ୍, ସିଏ କିନ୍ତୁ ପାରୁନାହାନ୍ତି। ଆଣ୍ଠେଇପଡ଼ିଛନ୍ତି ଯେପରି ସେଇ ଟାଇପ୍ ଫୋର୍‌ର ପରିସୀମା ଭିତରେ।

ପୁଣି ବେଶୀ କହନ୍ତି ଦୁଃଖାନନ୍ଦ ବାବୁଙ୍କ ସମ୍ପର୍କରେ। ଲୋକଟା ଅଜବ୍, ଟିକିଏ ବି ସେନ୍‌ସେଟିଭ୍‌ନେସ୍ ନାଇଁ। ସବୁବେଳେ ହୋ' ହୋ' ହସ, ହସା, ଅଳ୍ପ ଦରମା, ପଲେ ଛୁଆ, ତଥାପି କହୁଥିବ, ଆରେ ଜୀବନରେ ଦୁଃଖ କଣ ?

ସଂସାରଟା ଆନନ୍ଦମୟ- ଯେତେ ଭୋଗକର। ଦେଖୁନ ମୋ' ନାଁଟା କେମିତି ଦୁଃଖାନନ୍ଦ। ଶ୍ରୀହର୍ଷ ଭୀଷଣ ଚିଡ଼ିଯାଆନ୍ତି। ଯେଉଁ ଜୀବନରେ ପୂର୍ଣ୍ଣତା ନାହିଁ, ସେଠି ଆନନ୍ଦ କ'ଣ? ଆଉ ଏଇ ସାମାନ୍ୟ କେତୋଟି ଟଙ୍କାରେ କ'ଣ ଜୀବନର ପୂର୍ଣ୍ଣତା ଆସିପାରେ? ସଂସାରଟା ମୋଟେ ଆନନ୍ଦମୟ ନୁହେଁ- ଅତୃପ୍ତି ହତାଶାର ଏକ କ୍ଷୟହୀନ ଅନ୍ଧକାର ଗହ୍ୱର।

ସବିତା ଶ୍ରୀହର୍ଷଙ୍କର ଜୀବନର ଉଦାସ ଦର୍ଶନ ଶୁଣି ଭାବନ୍ତି, ଯେପରି ଏଇ ଶ୍ରୀହର୍ଷ ମଣିଷଟି ଅନେକ ବୈଶାଖର ଝାଞ୍ଜିରେ ଜଳିଯାଉଥିବା ଗଛଟିଏ, ଯେପରି ଶ୍ରାବଣର ଅନେକ କଳାହାଣ୍ଡିଆ ବାଦଲରେ ଢାଙ୍କିହେଇଥିବା ମୁହଁଟିଏ!

ସବିତା ଚୁପ୍‌ଚାପ୍ ସହିଯା'ନ୍ତି। ତାଙ୍କ ଜୀବନରେ ଫୁଲ ନାଇଁ କି ଫଗୁଣ ନାଇଁ, ସେ ଯେମିତି ଏକ ଥୁଣ୍ଟା ଗଛରେ ଲଟେଇ ହେଇ ଯାଇଛନ୍ତି। ଲୋକଟା କି' ଧାତୁରେ ଗଢ଼ା କେଜାଣି! ପୁଅ-ଝିଅଙ୍କ ପ୍ରତି ମଧ୍ୟ ଅନାସକ୍ତ। ପିଲାମାନେ ତାଙ୍କ ପାଖ ମାଡ଼ନ୍ତି ନାଇଁ। କହିଲେ କହନ୍ତି; ପିଲାମାନଙ୍କୁ ଅଧିକ ସ୍ନେହ ଦେଲେ, ସେମାନେ ଅମଣିଷ ହେଇଯିବେ, ଶସ୍ତା ହେଇଯିବେ-ଯେମିତି ଦୁଃଖାନନ୍ଦ।



ସେଦିନ ପ୍ରଚଣ୍ଡ ଅପମାନରେ ଜଳିଗଲେ ସବିତା, ଯେଉଁଦିନ ପାଖ ପଡ଼ୋଶୀ ସାନନ୍ଦାବାବୁଙ୍କ ସ୍ତ୍ରୀ କହିଲେ; ଜାଣିଲ ମାନୁବୋଉ, ଆମ ବାବୁ କହନ୍ତି-ଶ୍ରୀହର୍ଷ ବାବୁଙ୍କ ମୁହଁରେ ହସ, ଅଫିସ୍‌ରେ କେହି କେବେ ଦେଖିନାଇଁ। ସବୁବେଳେ ଚୁପ୍‌ଚାପ୍- ହଜାରେ ବାରଶ' ଖାଇଗଲା ପରି। କିଛି ଭାବିବନାଇଁ ଗୋ! ଆମ ବାବୁ କହୁଥିଲେ; ତମ ବାବୁଙ୍କୁ ଶ୍ରୀହର୍ଷ ନକହି ପଛରେ ଅନ୍ୟମାନେ ଶ୍ରୀବିଷାଦ ବୋଲି ଡାକନ୍ତି। ଆଉ ଆମ ବାବୁଙ୍କର ତ ମଜା କରିବାରେ ଅଫିସ୍‌ରେ ଭାରି ନାଁ।

ସବିତାଙ୍କ ମୁହଁ ଦୁଃଖ ଲଜ୍ଜା ଅପମାନରେ ରଙ୍ଗା ପଡ଼ିଯାଇଥିଲା। ସେ ଆଉ କିଛି କହିପାରିନଥିଲେ। ଶ୍ରୀହର୍ଷ ଅଫିସ୍‌ରୁ ଫେରିଲା ପରେ ସେ ତାଙ୍କର କ୍ରୋଧଟାକୁ ପ୍ରକାଶ କରିଦେଇଥିଲେ। ଶ୍ରୀହର୍ଷ ଟିକେ ମପାଚୁପା ହସ ହସି କହିଲେ; ହଃ କିଏ କ'ଣ କହିଲା ମୋର କ'ଣ ଅଛି? ଆପ୍ ଭଲା ତୋ ଦୁନିଆଁ ଭଲା। ଫାଲତୁ ମାଲତୁ ବକିବାକୁ ମତେ ମୋଟେ ଭଲ ଲାଗିବନି, ହେଁ ହେଁ ଫେଁ ଫେଁ ହବାଟା ବି ଗୋଟାଏ ଲୁଜ୍ ପର୍ସନାଲିଟି।

ସବୁବେଳେ ହେଁ ହେଁ ହବାଟା ଲୁଜ୍ ପର୍ସନାଲିଟି ହେଇପାରେ, କିନ୍ତୁ ମୋଟେ ନ ହସିବାଟା ଯେ ମୋଟେ ଷ୍ଟ୍ରଂ ପର୍ସନାଲିଟି ନୁହେଁ-ଏକଥା ସବିତା ଶ୍ରୀହର୍ଷଙ୍କୁ କହିନଥିଲେ।

କିନ୍ତୁ ଆଜି ପ୍ରକୃତରେ ଶ୍ରୀହର୍ଷଙ୍କର ହେଇଛି କ'ଣ? ସଦା ଗମ୍ଭୀର ଅନ୍ୟମନସ୍କ ଲୋକଟି କେମିତି ଖୋଲି ହୋଇଯାଉଛି, ତରଳି ଯାଉଛି... କେମିତି ଏକ ପରିପୂର୍ଣ୍ଣତାର ଝଲକରେ ମୁହଁଟି ଝଲମଲ କରିଉଠୁଛି। ସବିତା ବହୁତ ଚେଷ୍ଟାକରି ବି ପାରିନାହାନ୍ତି ସେ ଓଠରେ ଉପକୂଳରେ ସ୍ମିତହସ୍ୟର ମୃଦୁ ଲହରୀ ବ୍ୟତୀତ ସାମୁଦ୍ରିକ ପ୍ରାବଲ୍ୟ ସୃଷ୍ଟି କରି.... କିନ୍ତୁ ଆଜି ଶ୍ରୀହର୍ଷ ଯେପରି ଏକ ଆକସ୍ମିକ ବ୍ୟତିକ୍ରମ।

ଶ୍ରୀହର୍ଷ ସବିତାଙ୍କୁ ଡାକୁଥିଲେ। ଭାରି ଆତ୍ମୀୟତା, ପ୍ରଚୁର ଭାବପ୍ରବଣତାର ସ୍ପର୍ଶ ଥିଲା ସେ କଣ୍ଠରେ।

ସବିତା ଚା' ନେଇ ଉଠିଗଲେ।

ସବିତା ରାନୁ, ମାନୁଙ୍କୁ ଶୁଆଇପକାଇ ପଲଙ୍କକୁ ଉଠୁ ଉଠୁ ହିଁ ଶ୍ରୀହର୍ଷ ତାଙ୍କୁ କୁଣ୍ଢେଇ ଧରିଲେ ନିବିଡ଼ ଭାବରେ। ଅଦ୍ଭୁତ। ଅଥଚ ଏଇ ଲୋକଟି ଏବେ ନିଘୋଡ଼ ନିଦରେ ନିରୁଦ୍‌ବେଗ ଭାବରେ ଶୋଇ ଘୁଙ୍ଗୁଡ଼ି ମାରିବା କଥା। ସବିତା ଭାବୁଥିଲେ, ସେ ପ୍ରଥମକରି ଯେପରି ଶ୍ରୀହର୍ଷଙ୍କ ବାହୁବନ୍ଧନର ମଧୁରତା, ଅନ୍ତରଂଗତା ଅନୁଭବ କରୁଛନ୍ତି। ଏତେ ଗଭୀରତମ ଆଶ୍ଲେଷ ଶ୍ରୀହର୍ଷ ଯେପରି ଏତେ ଦିନ ହେଲା ଭୁଲି ଯାଇଥିଲେ।

ସବିତା ପରିତୃପ୍ତିର ଏକ ମିଠା ହସ ଫୁଟାଇ ପଚାରିଲେ, ତମର ହେଇଛି କ'ଣ? ତମେତ ଆଜି ସଂପୂର୍ଣ୍ଣ ଅଲଗା ଅଲଗା ଲାଗୁଛ!

ଶ୍ରୀହର୍ଷ ପୁଣିଥରେ ପରିପୂର୍ଣ୍ଣତାର ହସ ହସୁ ହସୁ କହିଲେ: ମୁଁ ଆଜି ସୂର୍ଯ୍ୟାସ୍ତ ଦେଖିଛି.... ସୂର୍ଯ୍ୟୋଦୟ ଦେଖିଛି.... ଆକାଶ ପୃଥିବୀ ସବୁ ଦେଖିଛି...। ସବିତା ଭାବୁଥିଲେ, ଯାଙ୍କ ମୁଣ୍ଡ ବିଗିଡ଼ି ଗଲାଣି ନା କ'ଣ? ନହେଲେ ଆଜି ସକାଳ ନଅଟାରେ ବିଛଣା ଛାଡ଼ିଥିବା ଲୋକଟି ସୂର୍ଯ୍ୟୋଦୟ ଦେଖିଛି ବୋଲି କହନ୍ତା କିପରି? ସେ ମନେ ମନେ ଖୁସି ହେଇଗଲେ।

ଫିକ୍ କରି ହସି କହିଲେ, ହଁ'ତ ଆଜି ସକାଳ ନଅଟାରେ ପରା ସୂର୍ଯ୍ୟୋଦୟ ହେଇଥିଲା।"

**ଘରର ପ୍ରତ୍ୟେକ କୋଣରେ ଦୁଃଖ; କିନ୍ତୁ ଅଛି ଏକ ଆକଣ୍ଠ ଆନନ୍ଦ।**

ଶ୍ରୀହର୍ଷ ସବିତାଙ୍କର ମଧୁର ଥଟ୍ଟା ବୁଝିଗଲେ। ସେ କହିଲେ, ନାଇଁ ନାଇଁ- ସୂର୍ଯ୍ୟୋଦୟ ଦେଖିଲି ଆଜି ଦୁଃଖାନନ୍ଦବାବୁଙ୍କ ଘରେ।

ଦୁଃଖାନନ୍ଦବାବୁଙ୍କ ଘରେ! ସବିତା ପ୍ରଚୁର ବିସ୍ମୟ ପ୍ରକାଶ କରି କହିଲେ। ତାଙ୍କୁ ତ ସବୁବେଳେ ଚିଡ଼.... ପୁଣି ତାଙ୍କ ଘରକୁ ଗଲ କିପରି? ସୂର୍ଯ୍ୟୋଦୟ ଦେଖିଲ କେମିତି?

ପ୍ରକୃତରେ ମୁଁ ଦୁଃଖାନନ୍ଦବାବୁଙ୍କ ଉପରେ ଚିଡ଼ିଲେ ବି ମନ ଭିତରେ ତାଙ୍କ କଥାଗୁଡ଼ାକ କାହିଁକି ବୁଦ୍‌ବୁଦ୍ ଭଳି ଫୁଟିଉଠେ ମୋ ଛାତିରେ। ସେ ଯେଉଁଦିନ ଅଫିସ୍ ଆସି ନଥାନ୍ତି ମୁଁ କେମିତି ମନେ ମନେ ବ୍ୟଥିତ ହେଇପଡ଼େ.... ଅପ୍ରକାଶ୍ୟ ଭାବରେ।

ସବିତା ଆଶ୍ଚର୍ଯ୍ୟରେ କହିଲେ; କିନ୍ତୁ .....।

ଶ୍ରୀହର୍ଷ ତାଙ୍କୁ ଆଉ ଅଧିକ କିଛି କହିବାକୁ ନଦେଇ କହିଲେ, "କିନ୍ତୁ କ'ଣ?


ଆଜି ଅଫିସ୍‌ରୁ ଫେରୁ ଫେରୁ ସେ ଜିଦିକରି ତାଙ୍କ ଘରକୁ ଟାଣିନେଲେ। ମୋର ତ ତାଙ୍କ ପ୍ରତି କେମିତି ଗୋଟାଏ ହେୟଭାବ। ମୋ'ଠାରୁ ବେଶ୍ କମ୍ ବେତନ; ପୁଣି ସବୁବେଳେ ହୋ-ହୋ ହସୁଥିବା ଦୁଃଖାନନ୍ଦଙ୍କ ଘରକୁ ଯାଇ ଦେଖିଲି ପ୍ରକୃତରେ ସେ ନିଜ ନାଁଟିକୁ ହିଁ ସାର୍ଥକ କରିଛନ୍ତି....। ଘରର ପ୍ରତ୍ୟେକ କୋଣରେ ଦୁଃଖ; କିନ୍ତୁ ଅଛି ଏକ ଆକଣ୍ଠ ଆନନ୍ଦ। ଛୁଆପିଲାଗୁଡ଼ିକ ଦୁର୍ବଳ, କିନ୍ତୁ ଅଛି ପ୍ରଚୁର କୋଳାହଳ। ସ୍ତ୍ରୀ ତାଙ୍କର ଶୀର୍ଣ୍ଣ, ବେଦନାର ଏକ ନିର୍ବିକାର ମୂର୍ତ୍ତି ମୁହଁରେ କିନ୍ତୁ ସକାଳ ସୂର୍ଯ୍ୟର ପ୍ରଫୁଲ୍ଲତା, ପ୍ରସନ୍ନତା... ଘରର ମୁକୁଳା ଝର୍କାମାନଙ୍କରେ ପ୍ରଚୁର ମୁକ୍ତପବନ, ସେ ପୃଥିବୀରେ ସୂର୍ଯ୍ୟାସ୍ତ ହେଇ ବି ଅନ୍ଧାର ନାଇଁ.... ଯନ୍ତ୍ରଣା ଥାଇ ବି ଚିତ୍‌କାର ନାଇଁ, ଅଥଚ ମୁଁ ମୋ ପ୍ରତିବିମ୍ବ ଦେଖିଲି ଆଇନାରେ, ତମକୁ ଦେଖିଲି ଆଖିପତା ଭିତରେ; ରାନୁ, ମାନୁଙ୍କୁ ଦେଖିଲି ଛାତିର ପଞ୍ଜରା ଭିତରେ... ସବୁଠି ଯେମିତି ଅନ୍ଧାର... ସବୁଠି ଯେମିତି ବିଷାଦ.... ହା' ହା' କାର।

ମୁଁ ଦୁଃଖାନନ୍ଦଙ୍କ ଘରେ ରହି ପାରିଲି ନାହିଁ। ଦୌଡ଼ି ପଳେଇ ଆସିଲି। ବାଟରେ ମୁଁ ମୋ' ନାଁ'କୁ ବାରମ୍ବାର ଦୋହରେଇଲି... ବାରମ୍ବାର। ସବିତା, ଏ ଝର୍କା ଆଉ କେବେ ବନ୍ଦ ହବନି, ଆମେ ପ୍ରତିଦିନ ଏଇ ଝର୍କା ପାଖରେ ଠିଆହେଇ ଦେଖିବା ସୂର୍ଯ୍ୟୋଦୟ... ମୁଠା ମୁଠା କରିବା ତା'ର ରଙ୍ଗ... ଦେହେ ଦେହେ ଭରିଦେବା ସକାଳର ନିର୍ମଳ ପବନ... ଜୀବନକୁ ଚିହ୍ନିବା....।

ସବିତାଙ୍କ ଓଠରେ ପରିତୃପ୍ତିର ହାସ୍ୟରେଖାଟିଏ ଉଙ୍କୁଟି ଉଠୁଥିଲା। ସେ ମନେ ମନେ କହୁଥିଲେ, ଶ୍ରୀହର୍ଷ, ତମର ଅନେକ ଆଗରୁ ଦୁଃଖାନନ୍ଦଙ୍କ ଘରକୁ ଯିବାର ଥିଲା....।

□□

ଲେଖକଙ୍କ ଇ-ମେଲ ଠିକଣା:
rabipanda97@gmail.com



ପ୍ରକାଶ ପାଇଲା !

**ଗ୍ରନ୍ଥ ମନ୍ଥନ**

*ଶ୍ରୀଜଗନ୍ନାଥ ଓ ଓଡ଼ିଶା ସମ୍ପର୍କିତ କେତେକ ଦୁର୍ଲ୍ଲଭ ଗ୍ରନ୍ଥର ଆଲୋଚନା*

**ଲେଖକ: ଡ. ପୂର୍ଣ୍ଣଚନ୍ଦ୍ର ମିଶ୍ର**

ଆମାଜନରେ ଉପଲବ୍ଧ। ମୂଲ୍ୟ: ଟ.୨୭୯

**ବି.କେ. ପବ୍ଲିକେଶନ୍ସ ପ୍ରା.ଲିଃ, ଭୁବନେଶ୍ୱର**




ପ୍ରବନ୍ଧ

# ଲେଖକ ଓ ବ୍ୟକ୍ତିଗତ ଜୀବନ

**ଛାୟାକାନ୍ତ ଷଡ଼ଙ୍ଗୀ**

ଆଦର୍ଶବୋଧର କଥା କହୁଥିବା କବି ବା ଲେଖକ ଅନେକ ସମୟରେ ସେହି ଆଦର୍ଶର ବିପରୀତ କର୍ମ କରୁଥିବାର ଦେଖାଯାଏ । ଯେତେବେଳେ ସେହିଭଳି ଲେଖକ ବା କବି କୌଣସି ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ବା ପୁରସ୍କୃତ ହୁଅନ୍ତି ପାଠକମାନେ ଭ୍ରୁକୁଞ୍ଚନ କରିବା ସ୍ୱାଭାବିକ । ଆମେ ଆଶାକରୁ, ଯିଏ ଯେଉଁ ଆଦର୍ଶର କଥା କହୁଛନ୍ତି ସେ ସେହି ଆଦର୍ଶର ନମୁନା ସାଜନ୍ତୁ; ମାତ୍ର ଏହା ସବୁବେଳେ ସମ୍ଭବ ହୁଏ ନାହିଁ । କୌଣସି ମଣିଷ ସଂପୂର୍ଣ୍ଣ ଦୋଷଶୂନ୍ୟତା ବା ସର୍ବଶ୍ରେଷ୍ଠତାର ଉଦାହରଣ ହେବା ଅସମ୍ଭବ । ମଣିଷ ଉଭୟ ସୁଗୁଣ ଓ ଦୁର୍ଗୁଣର ଏକ ସମଷ୍ଟି । ଏଣୁ ବେଳେ ବେଳେ ଦେଖାଯାଏ ଯେ, ଯେତେବେଳେ ଜଣେ କବି ବା ଲେଖକ ପୁରସ୍କୃତ ବା ସମ୍ବର୍ଦ୍ଧିତ ହୁଏ ତାର ସମଗ୍ର ବ୍ୟକ୍ତିସତ୍ତା ତାକୁ ଆତ୍ମସାତ୍ କରିବାର ଯୋଗ୍ୟ ନୁହେଁ ।



## ଜେମସ୍ ଜୋୟେସ୍

୨୦୦୭ ମସିହାରେ ବିଶିଷ୍ଟ ଲେଖକ ମନୋଜ ଦାସ କେନ୍ଦ୍ର ସାହିତ୍ୟ ଏକାଡେମୀର ସର୍ବୋଚ୍ଚ ସମ୍ମାନ 'ଫେଲୋସିପ୍' ଗ୍ରହଣ କଲାବେଳେ ଏ ସଂପର୍କରେ ସ୍ପଷ୍ଟ କରିବାକୁ ଯାଇ ଇଂରେଜ ଲେଖକ ଜେମ୍ସ ଜୋୟେସଙ୍କ ଉଦାହରଣ ଦେଇଥିଲେ । ଥରେ ଏକ ସମାବେଶରେ ଜେମସ୍ ଜୋୟେସ୍‌ଙ୍କ ପାଖକୁ ଉଠି ଆସି ଜଣେ ଭଦ୍ରମହିଳା ନମ୍ରଭାବରେ କହିଲେ, "ହେ ମୋର ପ୍ରିୟ ଲେଖକ! ତୁମେ ଯେଉଁ ହାତରେ 'ୟୁଲିସସ୍' ଲେଖିଛ ସେ ହାତରେ ମୁଁ ଥରଟିଏ ଚୁମ୍ବନ ଦେଇପାରେ ?" ଆହୁରି ନମ୍ର ଭାବରେ ଜେମ୍ସ ଜୋୟେସ ଉତ୍ତର ଦେଲେ, 'ମାଡାମ୍, ଏହି ହାତରେ ମୁଁ ଅନ୍ୟାନ୍ୟ କାମ ବି କରିଛି ।' ଏକଥାର ତାତ୍ପର୍ଯ୍ୟ ହେଉଛି ଯେତେବେଳେ ଆମେ କୌଣସି ଲେଖକକୁ ପୁରସ୍କୃତ ବା ସମ୍ବର୍ଦ୍ଧିତ କରୁ, ତା'ର ସମଗ୍ର ବ୍ୟକ୍ତିସତ୍ତାକୁ ଆମେ ସମ୍ମାନ ଜଣାଉନାହିଁ, ତା'ର ଏକ ବିଶେଷ ଗୁଣ ବା ଦିଗ ପ୍ରତି ସମ୍ମାନ ଜଣାଉ । ଲେଖକ ଭାବିବା ଉଚିତ ନୁହେଁ ଯେ, ସେହି ପୁରସ୍କାର ବା ସମ୍ବର୍ଦ୍ଧନା ଗୋଟାପଣେ ତା'ର ପ୍ରାପ୍ୟ । ମନୋଜ ଦାସଙ୍କ ଭାଷାରେ, "ବ୍ୟକ୍ତିଗତ ଭାବରେ ଜଣେ ଲେଖକକୁ ସ୍ୱୀକୃତି ବା ସମ୍ବର୍ଦ୍ଧନା ଦେବାବେଳେ ଆମେ ଏକ ପରଂପରାକୁ ସ୍ୱୀକୃତି ଦେଇଥାଉ । ଆମେ ଯଦି 'ବୈଦେହୀଶ ବିଳାସ'ର କବିଙ୍କୁ ସ୍ୱୀକୃତି ଦେବୁ, ବଳେବଳେ ତାହା ହେବ ରାମ-ସାହିତ୍ୟ ବା ବାଲ୍ମିକୀ ସୃଷ୍ଟ ପରଂପରାର ପ୍ରାପ୍ୟ । ବ୍ୟାସ ବିନା ଫକୀରମୋହନ 'ବ୍ୟାସକବି' ହୋଇପାରି ନ ଥାନ୍ତେ । ଭାଗବତ ପରବର୍ତ୍ତୀ ବୈଷ୍ଣବ ସାହିତ୍ୟ ବିନା ବିଦଗ୍ଧ କବି ରମାକାନ୍ତ ରଥଙ୍କ 'ଶ୍ରୀରାଧା' ଅଥବା ସାର୍ଥକ ସାହିତ୍ୟିକ ମହାପାତ୍ର ନୀଳମଣି ସାହୁଙ୍କ 'ତାମସୀରାଧା' ସମ୍ଭବ ହୋଇ ନଥାନ୍ତା ।

ସାହିତ୍ୟ ଏକ ଅବିଚ୍ଛିନ୍ନ ଧାରା । ଆମେ କୌଣସି ଲେଖକକୁ ପୁରସ୍କାର ଦେବାବେଳେ ସେହି ଧାରାକୁ ହିଁ ସ୍ୱୀକୃତି ଦେଇଥାଉ ।"

## ଫ୍ରାନ୍‌ସିସ୍ ବେକନ୍

ଏଲିଜାବେଥ ଯୁଗରେ ଫ୍ରାନ୍‌ସିସ୍ ବେକନ୍ ଥିଲେ ଜଣେ ପ୍ରତିଷ୍ଠିତ ପ୍ରାବନ୍ଧିକ । ଇଂଲିଶ ସାହିତ୍ୟରେ ତାଙ୍କୁ 'ପ୍ରବନ୍ଧ'ର ପିତା ଭାବରେ ଗ୍ରହଣ କରାଯାଇଛି । ସେ ସାଂସାରିକ ଜୀବନର ବିଭିନ୍ନ ଦିଗ ଯଥା ସତ୍ୟ, ବିବାହ, ବନ୍ଧୁତା, ଅଧ୍ୟୟନ, ପ୍ରତିହିଂସା, ପ୍ରେମ, ସାଧୁତା, ଭ୍ରମଣ, ସମ୍ପଦ, ଉଚ୍ଚାକାଂକ୍ଷା, ଛଳନା ଆଦି ବିଷୟବସ୍ତୁକୁ ନେଇ ଲେଖିଛନ୍ତି ଅନେକ କାଳଜୟୀ ପ୍ରବନ୍ଧ । ଅତି ସଂକ୍ଷିପ୍ତ ଭାବରେ ଏକ

ପ୍ରବଚନୀୟ ଶୈଳୀରେ ସେ ନିଜ ଧାରଣାଗୁଡ଼ିକୁ ଆକର୍ଷଣୀୟ ଭାବରେ ପ୍ରବନ୍ଧଗୁଡ଼ିକରେ ପ୍ରକାଶ କରିଛନ୍ତି । ତାଙ୍କ ପ୍ରବନ୍ଧଗୁଡ଼ିକ ଏତେ ତଥ୍ୟପୂର୍ଣ୍ଣ ଓ ସାମାଜିକ ଜୀବନରେ ଏତେ ଉପାଦେୟ ଯେ ସେଗୁଡ଼ିକୁ କୁହାଯାଏ ବାସ୍ତବଜ୍ଞାନର ଏକ ଦରକାରୀ ପୁସ୍ତିକା (ଏ ହ୍ୟାଣ୍ଡବୁକ୍ ଅଫ୍ ପ୍ରାକ୍ଟିକାଲ ୱିଜ୍‌ଡମ୍) । ଇଂରାଜୀ ପ୍ରବନ୍ଧ ସାହିତ୍ୟକୁ ତାଙ୍କର ଦାନ ଅତୁଳନୀୟ । ସେ ହିଁ ଇଂରାଜୀ ପ୍ରବନ୍ଧ ସାହିତ୍ୟରେ ଏକ ନୂଆ ଧାରାର ପ୍ରବର୍ତ୍ତକ । ମାତ୍ର ତାଙ୍କର ପ୍ରବନ୍ଧଗୁଡ଼ିକରେ ସେ ଯେଉଁ ମୂଲ୍ୟବୋଧର କଥା କହିଛନ୍ତି ବ୍ୟକ୍ତିଗତ ଜୀବନରେ ସେ ତା'ଠୁ ବହୁ ଦୂରରେ । ସେ ଥିଲେ ପ୍ରଚଣ୍ଡ ଜ୍ଞାନୀ, ମାତ୍ର ନୈତିକତା ଦୃଷ୍ଟିରୁ ତାଙ୍କ ଚରିତ୍ରରେ ଦେଖିବାକୁ ମିଳେ ଅନେକ ସ୍ଖଳନ । ଲୋଭ, ଅନୈତିକ ଆଚରଣ, ଅସାଧୁତା, ଆଡ଼ମ୍ବରପୂର୍ଣ୍ଣ ପ୍ରଦର୍ଶନ ଭଳି ଅନେକ ଦୁର୍ଗୁଣର ସେ ଅଧିକାରୀ ଥିଲେ । ତେଣୁ ବିଶିଷ୍ଟ କବି ଆଲେକଜାଣ୍ଡାର ପୋପ୍ ତାଙ୍କୁ ଜ୍ଞାନୀଶ୍ରେଷ୍ଠ, ଉଜ୍ଜଳତମ ଓ ନିକୃଷ୍ଟତମ ବ୍ୟକ୍ତି (ୱାଇଜେଷ୍ଟ, ବ୍ରାଇଟେଷ୍ଟ ଏଣ୍ଡ୍ ମିନେଷ୍ଟ ଅଫ୍ ମ୍ୟାନକାଇଣ୍ଡ୍) ବୋଲି କହିଛନ୍ତି । ତାଙ୍କ ପ୍ରବନ୍ଧ 'ଅଫ୍ ଜୁଡ଼ିକେଚର' ରେ ସେ ଲେଖିଛନ୍ତି, ସର୍ବୋପରି ସାଧୁତା ହେଉଛି ବିଚାରକମାନଙ୍କ ସୁଗୁଣ । ('ଏବଭ ଅଲ୍ ଥିଙ୍ଗସ, ଇଣ୍ଟିଗ୍ରିଟି ଇଜ୍ ଦେୟାର ପୋରସନ ଆଣ୍ଡ୍ ପ୍ରପର୍ ଭର୍ଚ୍ୟୁ') । ମାତ୍ର ସେ ବିଚାରକ ଥିବାବେଳେ ଲାଞ୍ଚ ନେଉଥିବାର ମଧ୍ୟ ଜଣାଯାଏ । ଫ୍ରାନ୍‌ସିସ୍ ବେକନଙ୍କ ବ୍ୟକ୍ତିତ୍ୱ ଥିଲା ଦ୍ୱିଧା ବିଭକ୍ତ ବ୍ୟକ୍ତିତ୍ୱ । ଗୋଟିଏ ପଟେ ସେ ଥିଲେ ଅସାଧାରଣ ଜ୍ଞାନୀ ଓ ଅନ୍ୟପଟେ ସେ ଥିଲେ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି । ମାତ୍ର ଯେତେବେଳେ ଆମେ ଇଂରାଜୀ ସାହିତ୍ୟରେ ପ୍ରବନ୍ଧର ପ୍ରାରମ୍ଭ ଓ ବିକାଶ ସଂପର୍କରେ ଆଲୋଚନା କରୁ ସେତେବେଳେ ଆମେ ତାଙ୍କର ସର୍ଜନଶୀଳ ପ୍ରତିଭାକୁ ସମ୍ମାନିତ କରୁ ।


**ଫ୍ରାନ୍‌ସିସ୍ ବେକନ୍ ଗୋଟିଏ ପଟେ ଥିଲେ ଅସାଧାରଣ ଜ୍ଞାନୀ ଓ ଅନ୍ୟପଟେ ସେ ମଧ୍ୟ ଥିଲେ ଜଣେ ଦୁର୍ନୀତିଗ୍ରସ୍ତ ବ୍ୟକ୍ତି ।**

### ଲିଓ ଟଲ୍‌ଷ୍ଟୟ

ରଷିଆର ବିଶିଷ୍ଟ ଔପନ୍ୟାସିକ ଓ ଗାଳ୍ପିକ ଲିଓ ଟଲ୍‌ଷ୍ଟୟ ଥିଲେ ସମ୍ଭ୍ରାନ୍ତ ବଂଶଜ । କିଶୋର ସମୟରେ ସେ ବିଶୃଙ୍ଖଳିତ ଜୀବନ ଯାପନ କରୁଥିଲେ । ଅସଂଖ୍ୟ କୃଷକ କନ୍ୟାମାନଙ୍କ ସହ ସେ କାମାସକ୍ତ ଜୀବନ ବିତାଉଥିଲେ । ସେ ପଶାଖେଳ, ମଦ୍ୟ ଓ ମୈଥୁନରେ ଅଜସ୍ର ଅର୍ଥ ବ୍ୟୟ କରୁଥିଲେ । ତାଙ୍କର ଥିଲା ଏକ କୃଷି ଫାର୍ମ । ଫାର୍ମର ମହିଳା ଗୋଟି ଶ୍ରମିକମାନଙ୍କୁ ଯୌନଶୋଷଣ କରିବା ଥିଲା ତାଙ୍କର ଅଭ୍ୟାସ । ତା'ସତ୍ତ୍ୱେ ତାଙ୍କର ସର୍ଜନଶୀଳ ପ୍ରତିଭାଦ୍ୱାରା ଆକର୍ଷିତ ହୋଇ ଆଭିଜାତ୍ୟ ସମ୍ପନ୍ନା ରୂପସୀ ଉଚ୍ଚଶିକ୍ଷିତା ସୋଫିଆ ତାଙ୍କୁ ବିବାହ କରିଥିଲେ । ସେ ନିଜେ ଟଲଷ୍ଟୟଙ୍କ ବିଶାଳ ଉପନ୍ୟାସ 'ୱାର ଏଣ୍ଡ ପିସ୍'ର ପାଣ୍ଡୁଲିପି ନିଜ ହାତରେ ଲେଖିଥିଲେ । ଏହି ଉପନ୍ୟାସ ତାଙ୍କ ପାଇଁ ବିଶ୍ୱବ୍ୟାପୀ ଖ୍ୟାତି ଆଣିଦେଇଥିଲା । ପରବର୍ତ୍ତୀ ସମୟରେ 'ଆନା କାରେନିନା' 'ଡେଥ୍ ଅଫ୍ ଇଭାନ ଇଲିଚ୍' ଓ ଆହୁରି ଅନେକ କୃତି ରଚନାକରି ସାହିତ୍ୟ କ୍ଷେତ୍ରରେ ସେ ପ୍ରତିଷ୍ଠା ଅର୍ଜନ କରିଥିଲେ । ଯେତେବେଳେ ସେ ରଷିଆର ଜାର୍‌ଙ୍କ ଦ୍ୱାରା ଗଠିତ ଏକ କମିଟିର ସଦସ୍ୟ ଭାବରେ କାର୍ଯ୍ୟ କଲାବେଳେ ଜାଣିଲେ ଯେ ତଳସ୍ତରର କୃଷକ, ଶ୍ରମିକ ଓ ଦିନ ମଜୁରିଆ ଦୟନୀୟ ଜୀବନ ଯାପନ କରୁଛନ୍ତି, ଖାଇବାକୁ ପାଉନାହାନ୍ତି, ପିନ୍ଧିବାକୁ କନା ନାହିଁ, ରହିବା ପାଇଁ କୁଡ଼ିଆ ନାହିଁ, ସେ ବିଚଳିତ ହୋଇପଡ଼ିଲେ । ହଠାତ୍ ତାଙ୍କର ଏକ ପରିବର୍ତ୍ତନ ହୋଇଗଲା । ସେ ତାଙ୍କର ସମସ୍ତ ସଂପଦ ସୋଫିଆଙ୍କୁ ହସ୍ତାନ୍ତର କରିଦେଲେ ଓ ସାଧାରଣ ଭାବେ ଜୀବନ ଯାପନ କଲେ । ମଦ-ମାଂସ ପରିତ୍ୟାଗ କଲେ । ଚାଷୀଙ୍କ ପୋଷାକ ପିନ୍ଧିଲେ, କାଠ କାଟିଲେ, ପାଣି ବୋହିଲେ, ଜୋତା ତିଆରି କଲେ । ଶେଷରେ ସେ ବନିଗଲେ ଜଣେ ଆଦର୍ଶ ମଣିଷ । ହୋଇପାରେ ଜଣେ ବିଭାଜିତ ବ୍ୟକ୍ତିତ୍ୱର ଅଧିକାରୀ; ମାତ୍ର ବେଳେବେଳେ ଗୋଟିଏ ମୁହୂର୍ତ୍ତର ଅନୁଭବ ସମଗ୍ର ଜୀବନଧାରାକୁ ଏକ ଭିନ୍ନ ମୋଡ଼ ଦେଇପାରେ । ଠିକ୍ ସେଭଳି ଘଟିଥିଲା ଟଲଷ୍ଟୟଙ୍କ ଜୀବନରେ । ଯେତେବେଳେ ପାଠକ ତାଙ୍କର ସାହିତ୍ୟକୃତି ପଢ଼ି ଅଭିଭୂତ ଓ ଆନନ୍ଦିତ ହୁଏ ସେତେବେଳେ ସେ ତାଙ୍କ ବ୍ୟକ୍ତିଗତ ଜୀବନଚର୍ଯ୍ୟା ବିଷୟରେ ସଚେତନ ନଥାଏ । ଟଲଷ୍ଟୟଙ୍କ ସର୍ଜନଶୀଳ ପ୍ରତିଭା ହିଁ ପାଠକକୁ ପ୍ରଭାବିତ ଓ ଉଦ୍‌ବୁଦ୍ଧ କରେ ।

### ଫକୀର ମୋହନ

ଓଡ଼ିଆ ସାହିତ୍ୟରେ ମଧ୍ୟ ଔପନ୍ୟାସିକ ଓ କବି ଫକୀର ମୋହନ ଜଣେ ବିବଦମାନ ବ୍ୟକ୍ତିତ୍ୱ ଥିଲେ । ତାଙ୍କର ଚାକିରି



ଜୀବନ ମୁଖ୍ୟତଃ ଅତିବାହିତ ହୋଇଥିଲା ଗଡ଼ଜାତ ଅଞ୍ଚଳରେ । ସେ କେତେବେଳେ ଦେଓ୍ୱାନ ତ ଆଉ କେତେଳେ ମ୍ୟାନେଜର ପଦରେ ନୀଳଗିରି, ଡମପଡ଼ା, ଢେଙ୍କାନାଳ, ଦଶପଲ୍ଲା, ପାଲଲହଡ଼ା ଓ କେଉଁଝରରେ ଅବସ୍ଥାପିତ ଥିଲେ । କେଉଁଠାରେ ପ୍ରଜାମାନେ ବିଦ୍ରୋହ କରୁଥିଲେ ତ ଆଉ କେଉଁଠାରେ ସେ ରାଜା ବା ଇଂରେଜ ସରକାରଙ୍କ ଅପ୍ରିୟ ହେଉଥିଲେ । ଅନେକ ସମାଲୋଚକ ତାଙ୍କୁ କୁଚକ୍ରୀ, ଧୂର୍ତ୍ତ, ପ୍ରବଞ୍ଚକ ଓ ମିଥ୍ୟାବାଦୀ ଓ ମେଳିର ଖଳନାୟକ ଭାବରେ ବର୍ଣ୍ଣନା କରିଛନ୍ତି । ସେମାନେ କହିଛନ୍ତି ତାଙ୍କ ଆତ୍ମଜୀବନ ଚରିତ ପ୍ରମାଦଯୁକ୍ତ, ତଥ୍ୟବିହୀନ, ମିଥ୍ୟାଭିତ୍ତିକ ଓ କଳ୍ପନା ପ୍ରସୂତ । ତା' ସତ୍ତ୍ୱେ ତାଙ୍କର ଉପନ୍ୟାସ ଛ'ମାଣ ଆଠଗୁଣ୍ଠ, ମାମୁଁ, ପ୍ରାୟଶ୍ଚିତ ଓ ଗଳ୍ପସମୂହ କାଳଜୟୀ ସୃଷ୍ଟି ଭାବରେ ଗୃହୀତ ହୋଇଛି । ତାଙ୍କର ସାହିତ୍ୟ କୃତି ଅସଂଖ୍ୟ ପାଠକମାନଙ୍କ ହୃଦୟକୁ ଜିଣିଛି ଓ ଆମେ ତାଙ୍କୁ ଆଜି ଆଧୁନିକ ଯୁଗର ପ୍ରବର୍ତ୍ତକ ଭାବରେ ସ୍ୱୀକୃତି ଦେଇଛୁ । ମଣିଷ ଏକାସଙ୍ଗେ ମନ୍ଦ ଓ ମହତ୍ ହୋଇପାରେ । ବେଳେବେଳେ ସେ ପାରିପାର୍ଶ୍ୱିକ ଅବସ୍ଥା, ନିଜର ପ୍ରାକୃତିକ ଦୁର୍ବଳତା ବା ଅଜ୍ଞାନତା ପାଖରେ ଅସହାୟ ମଣେ । ତଥାପି ସେ ସତ୍ୟର ସନ୍ଧାନ ପାଇଁ ମଧ୍ୟ ବ୍ୟାକୁଳ ହୋଇପାରେ । ସେହି ସତ୍ୟର ସନ୍ଧାନ ମଧ୍ୟରୁ ହିଁ ସାହିତ୍ୟର ସୃଷ୍ଟି । ଏଣୁ ପାଠକର ସଂପର୍କ ଲେଖକର ବ୍ୟକ୍ତିଗତ ଜୀବନ ସହ ନୁହେଁ, ତା'ର ସଂପର୍କ ଲେଖକର ସୃଷ୍ଟି ସହ ।

**ଲେଖକର ବାସ୍ତବ ପରିଚୟ**

ବିଶିଷ୍ଟ ଔପନ୍ୟାସିକ ଶରତ ଚନ୍ଦ୍ର ଚଟ୍ଟୋପାଧ୍ୟାୟ ଲେଖିଛନ୍ତି, "ଲେଖକର ବ୍ୟକ୍ତିଗତ ଜୀବନ ନେଇ ଏତେ ବ୍ୟସ୍ତ ହେବାର କି ପ୍ରୟୋଜନ? କିନ୍ତୁ ଲେଖକ ବୋଲି କ'ଣ ତାଙ୍କୁ ନିଜ ଜୀବନର ସବୁକଥା ସମସ୍ତଙ୍କୁ କହିବାକୁ ହେବ ଏହାର କି ମାନେ ଅଛି? ତାର ଲେଖା ମାଧ୍ୟମରେ ତାର ଯେତିକିଟା ପରିଚୟ ମିଳିଥାଏ, ସେତିକିକୁ ନେଇ ସନ୍ତୁଷ୍ଟ ରହିବା ଉଚିତ । ସେଇଟା ହିଁ ଲେଖକର ସତ୍ୟ ପରିଚୟ । ସେଥିପାଇଁ ମୁଁ କହେ ଲେଖକର ବ୍ୟକ୍ତିଗତ ଜୀବନ ଓ ତା'ର ଲେଖକ ଜୀବନ ଏକ ନୁହେଁ । କୌଣସି କାରଣରୁ ହିଁ ଏହି ଦୁଇଟାକୁ ମିଳେଇବା ଉଚିତ ନୁହେଁ । ମୋ' ଲେଖାରେ ଯେତିକିଟା ମୁଁ ନିଜକୁ ବ୍ୟକ୍ତ କରିଛି ମୋର ପରିଚୟ ପାଠକମାନଙ୍କ ପାଇଁ ସେତିକି ଯଥେଷ୍ଟ ।"

ମାନବ ମାତ୍ରକେ ଦୋଷ ଦୁର୍ଗୁଣଯୁକ୍ତ । ନିରବଚ୍ଛିନ୍ନ ସଦଗୁଣ ବା ନିରବଚ୍ଛିନ୍ନ ଦୁର୍ଗୁଣଯୁକ୍ତ ମାନବ ଜଗତରେ ଦୁର୍ଲଭ । ଏଣୁ ଆମେ କୌଣସି ଲେଖକ ବା କବିଙ୍କୁ ସମ୍ବର୍ଦ୍ଧନା ବା ପୁରସ୍କାର ଦେବାବେଳେ ତାଙ୍କର ସଂପୂର୍ଣ୍ଣ ବ୍ୟକ୍ତିତ୍ୱକୁ ସମ୍ମାନ ଦେଇ ନଥାଉ, ସମ୍ମାନ ଦେଇଥାଉ ତାଙ୍କର ସର୍ଜନଶୀଳ ଦିଗକୁ । ତା'ସତ୍ତ୍ୱେ ଏହା ଅବଶ୍ୟ ସ୍ୱୀକାର୍ଯ୍ୟ ଯେ ଉଭୟ ବ୍ୟକ୍ତି ଜୀବନ ଓ ସାହିତ୍ୟିକ ଜୀବନରେ ଶୁଦ୍ଧତା ରହିଲେ ତାହା ଜନସମାଜ ପାଇଁ ବେଶି ପ୍ରଭାବଶାଳୀ ଓ ପ୍ରେରଣାଦାୟୀ ହୁଏ । ସମାଜ ପାଇଁ ଏହା ହିଁ ସ୍ପୃହଣୀୟ ।

□□

ଲେଖକଙ୍କ ଇ-ମେଲ ଠିକଣା:
csarangi1958@gmail.com

*ଲେଖକ ବନ୍ଧୁମାନଙ୍କୁ ଅନୁରୋଧ*




**'ସାହିତ୍ୟ ଚର୍ଚ୍ଚା'ରେ ପ୍ରକାଶନ ପାଇଁ ପଠାଇବାକୁ ଥିବା ଲେଖା କେବଳ ଆମର ଇ-ମେଲ୍ ଠିକଣା info@sahityacharcha.com କିମ୍ବା ହ୍ୱାଟସ୍‌ଆପ୍ ନଂ. ୯୩୬୮୭୭୨୫୦୬ କୁ ପଠାନ୍ତୁ ।**
**ବିଶେଷ ସୂଚନା ପାଇଁ ଦେଖନ୍ତୁ:**
www.sahityacharcha.com/submit-articles

ଗଳ୍ପ


# ଦୁଇଟି ନିୟମ



ଜାକିର ଖାନ୍

'ଏ' ହେଉଛି ପୁଅ ଆଉ 'ବି' ହେଉଛି ଝିଅ । ଗୋଟିଏ ଅଫିସରେ ଦିହେଁ କାମ କରନ୍ତି । ଅଫିସରେ ହିଁ ଦୁହିଁଙ୍କ ପରିଚୟ । ପରିଚୟ ହେବାର କିଛିଦିନ ଭିତରେ ଧୀରେ ଧୀରେ 'ଏ' ଆଉ 'ବି' ମଧ୍ୟରେ ଦୂରତା କମି କମିଗଲା । ଦୁହେଁ ଦୁହିଁଙ୍କର ନିକଟତର ହେଲେ । ଆଉ ଦୁହେଁ ପରସ୍ପରକୁ ଭଲପାଇବସିଲେ । ଦୁହେଁ ଦୁହିଁଙ୍କ ସହ ଅଧିକରୁ ଅଧିକ ସମୟ ବିତାଇବାକୁ ଲାଗିଲେ ।

ଉଭୟେ ଉଭୟଙ୍କୁ ଭଲ ଭାବରେ ଚିହ୍ନି ସାରିବା ପରେ ବର୍ଷେ ଦୁଇ ବର୍ଷ ଭିତରେ ବିବାହ କରିନେବାକୁ ସ୍ଥିର କଲେ। ଥରେ ଦୁହେଁ ଅଫିସରୁ ଛୁଟି ନେଇ ସହରଠାରୁ ଦେଢ଼ଶହ କିଲୋମିଟର ଦୂରରେ ଥିବା ଗୋଟେ ସମୁଦ୍ରକୂଳ ସହରକୁ ଗଲେ । ହୋଟେଲରେ ରହିଲେ । ରାତିରେ ଦୁହେଁ ସାଙ୍ଗ ହୋଇ ବିଅର ପିଇଲେ ଓ ପ୍ରଥମଥର ପାଇଁ ଶାରୀରିକ ସଂପର୍କ ସ୍ଥାପନ କଲେ ।




ଏମିତି କିଛି ଦିନ ବିତିଗଲା । ଦୁହିଁଙ୍କ ମଧ୍ୟରେ ସଂପର୍କ ଜାରି ରହିଥାଏ । ଦିନେ ଗୋଟେ କାଫେରେ ଦିହେଁ ବସିଥାନ୍ତି। ଏଇ ସମୟରେ 'ବି' କହିଲା- ମର୍ଫିଙ୍କ ନିୟମ କହୁଛି - ଏନିଥିଙ୍ଗ ଦାଟ୍ କ୍ୟାନ୍ ଗୋ ରଙ୍ଗ୍ ୱିଲ୍ ଗୋ ରଙ୍ଗ୍ - ଯାହା ଭୁଲ ହେବାର ଥିବ, ତାହା ଭୁଲ ହିଁ ହେବ। ମୁଁ ଏଥିରେ ସଂପୂର୍ଣ୍ଣ ବିଶ୍ୱାସୀ । ତମେ ? 'ଏ' ଉଦ୍ଦେଶ୍ୟରେ ପ୍ରଶ୍ନକଲା 'ବି'।

ଛାଡ଼ ସେ କଥା । ଆଉ କିଛି କୁହ । ପ୍ରଶ୍ନଟିକୁ ଏଡ଼ାଇ ଯିବା ଉଦ୍ଦେଶ୍ୟ ରଖି 'ଏ' ଏମିତି କହିଲା ।

ନା, ନା । ଏଡ଼ାଇଗଲେ ହେବନି । ତମକୁ କହିବାକୁ ହିଁ ପଡ଼ିବ । ଅଝଟ କଲା 'ବି' ।

ଶେଷରେ 'ବି'ର ଜିଦ୍ ଆଗରେ ହାରିଗଲା 'ଏ' । ବାଧ ହେଲା ପାଟି ଖୋଲିଲା କହିବାକୁ ।

'ଏ' କହିଲା- ଜାଣିଚ, ମର୍ଫିଙ୍କ ନିୟମର ଗୋଟେ ଓଲଟା ନିୟମ ବି ଅଛି। ଅପୋଜିଟ୍ ଅଫ୍ ମର୍ଫିସ୍ ଲ' । ତାକୁ କେତେକ ୟୁପ୍ରମସ୍ ଲ' ବୋଲି ଉଚ୍ଚାରଣ କରନ୍ତି । ଏଭ୍ରିଥିଙ୍ଗ ଦାଟ କ୍ୟାନ ୱାର୍କ, ୱିଲ ୱାର୍କ । 'ଯାହା ଠିକ୍ ଭାବରେ ହେବାର ଥିବ, ତାହା ଠିକ୍ ହିଁ ହେବ'। ମୁଁ ଏଥିରେ ବିଶ୍ୱାସୀ ।

'ବି' କିନ୍ତୁ 'ଏ'ଠାରୁ ଏମିତି ଉତ୍ତର ଆଶା କରିନଥିଲା। ସେ ଆଶା କରିଥିଲା ତା' ପ୍ରଶ୍ନ ଶୁଣି 'ଏ' କହି ଉଠିବ- ୟେସ୍ ବେବି ! ତମେ ଯେମିତି ଭାବୁଚ ମୁଁ ବି ସେମିତି ଭାବୁଚି ବେବି । ହେଲେ 'ଏ'ର ଉତ୍ତର ଶୁଣି ମର୍ମାହତ ହେଲା 'ବି' । ଆଉ ଏହି କଥାକୁ ନେଇ ଦୁହିଁଙ୍କ ଭିତରେ ଆରମ୍ଭ ହେଲା ତୁମ୍ବିତୋଫାନ ।

ମର୍ଫିଙ୍କ ନିୟମ, ୟୁପ୍ରମସ୍ଙ୍କ ନିୟମରୁ କଥା ବାହାରି ବ୍ୟକ୍ତିଗତ ସ୍ତରକୁ ଚାଲିଗଲା କଥା। ଅବଶ୍ୟ ମର୍ଫିଙ୍କ ନିୟମକୁ ନେଇ 'ବି' ଥିଲା ଅଧିକ ଆକ୍ରାମକ। ଯଥା ସମ୍ଭବ ନିଜକୁ ଶାନ୍ତ ରଖିବାକୁ ପ୍ରୟାସ ଜାରି ରଖିଥାଏ 'ଏ' ।

ରାଗରେ ଭିତରେ ଭିତରେ ଜଳିଯାଉଥାଏ 'ବି' । ଥିଲା ଥିଲା କହିଉଠିଲା- ମୋତେ ଲାଗୁଚି, ଆମର ବାହା ହେବାଟା ମଧ୍ୟ ଏଇ ମର୍ଫିଙ୍କ ନିୟମ ଭଳି ହେବ । ଏନିଥିଙ୍ଗ ଦାଟ୍ କ୍ୟାନ୍ ଗୋ ରଙ୍ଗ୍ ୱିଲ୍ ଗୋ ରଙ୍ଗ୍ । ଏ ବିବାହ ତିଷ୍ଠିବ ନାହିଁ । ତେଣୁ ଆମେ ପରସ୍ପରଠୁ ଦୂରେଇଯିବା ଉଚିତ ।

'ବି'ର କଥା ଶୁଣି ପ୍ରଚଣ୍ଡ ଭାବରେ ରାଗିଗଲା 'ଏ'। ଉତ୍ତ୍ୟକ୍ତ ହୋଇ ଚିତ୍କାର କରିଉଠିଲା- ଆରେ ପାଗଳ ନା

କ'ଣ ? ଆମ ବିବାହ ଭିତରକୁ ଏ ମର୍ଫିଙ୍କ ନିୟମ ବା ଆସିଲା କୁଆଡୁ । ତମେ ଏତେ ନେଗେଟିଭ କାହିଁକି ? ତମେ ଏମିତି ବି ଭାବି ପାରିଥାନ୍ତ- ଏଭ୍ରିଥିଙ୍ଗ ଦାଟ୍ କ୍ୟାନ୍ ୱାର୍କ, ୱିଲ୍ ୱାର୍କ। ଆଓ୍ୱାର ମ୍ୟାରେଜ ୱିଲ ୱାର୍କ । ଆମ ବାହାଘର ଚିରସ୍ଥାୟୀ ହେବ । ... ତମର କ'ଣ ହିତାହିତ ଜ୍ଞାନ ବୋଲି କିଛି ନାହିଁ? ଏତେ ନିରାଶାବାଦୀ କାହିଁକି ତମେ ? ଆଇ ଆମ ରିଅଲ୍ଲି ଫେଡ ଅପ୍ । ରାଗରେ ଏସବୁ ବାହାରିଗଲା 'ଏ' ମୁହଁରୁ ।

'ଏ' କଥା ନସରୁଣୁ ଗର୍ଜି ଉଠିଲା 'ବି' । ଓ, ସତକଥା ତା'ହେଲେ ତମ ମୁହଁରୁ ବାହରିଗଲା । ମୁଁ ବି ଦେଖୁଚି ବେଶ କିଛିଦିନ ହେବ ତମେ ଆଉ ଆଗଭଳି ନାହଁ । ସେଦିନ ସେ ହୋଟେଲରୁ ଫେରିଲା ପରଠୁ ମୁଁ ବି ମାର୍କ କରିଛି । ସତରେ ମୋର ମସ୍ତବଡ଼ ଭୁଲ ହେଇଗଲା । ସେଦିନ ମୁଁ ସରେଣ୍ଡର କରିବାର ନଥିଲା ।

ହାଓ ମିନ୍ ୟୁ ଆର୍ । ମୁଁ ତମକୁ କ'ଣ ବୋଲି ଭାବିଥିଲି ଆଉ ଦେଖିଲା ବେଳକୁ ତମେ ଏତେ ଚିପ୍। ଛିଃ । ତମକୁ ଜାଣିବାରେ ମୋର ଭୁଲ ହେଇଗଲା । ସତରେ ତମେ ମୋ' ପାଇଁ ଆଦୌ ଯୋଗ୍ୟ ନୁହଁ । ରାଗରେ ଥରି ଥରି କ'ଣ ନା କଣ କହିଗଲା 'ଏ' ।

ଏବେ ବି ମୁଁ କହୁଛି, ଏଇ ମର୍ଫିଙ୍କ ନିୟମ ହିଁ ଠିକ୍ । ମୁଁ ତ ଚାହିଁବି ତମଭଳି ଗୋଟେ ଇତର ନପୁଂସକ ମୋତେ କ'ଣ, ମୋର କୌଣସି ଦୂର ପରିଚିତକୁ ମଧ୍ୟ ବାହା ନହେଉ ବୋଲି । ଏସବୁ କହିଲା ବେଳେ 'ବି'ର ଚେହେରା ପୂରା ଲାଲ ହୋଇଉଠୁଥିଲା ।



କଥା ଏତେ ବଢ଼ିଗଲା ଯେ ଉଭୟଙ୍କ ମଧ୍ୟରେ କଥାବାର୍ତ୍ତା ବନ୍ଦ ହେଇଗଲା । ଦୁହେଁ ଅଫିସରେ ପରସ୍ପର ଆଡ଼କୁ ଚାହିଁବା ବି ବନ୍ଦ କରିଦେଲେ । ହଠାତ ଦିନେ 'ଏ' ଚାକିରିରୁ ଇସ୍ତଫା ଦେଇଦେଲା । ଏପରିକି ସେ ସେଇ ସହର ଛାଡ଼ି କୁଆଡ଼େ ଚାଲିଗଲା । ଦୁହେଁ ଦୁହିଁଙ୍କଠାରୁ କେବଳ ଦୂରେଇଗଲେ ନାହିଁ, ପୁଣି ଥରେ ସତେ ଯେପରି ଅପରିଚିତ ପାଲଟି ଗଲେ ।

'ଏ' ଅନ୍ୟ ଏକ ଖୁବ ଦୂରବର୍ତ୍ତୀ ସହରରେ ଆଉ ଏକ କଂପାନୀରେ ଯୋଗ ଦେଲା । ସେଇ ଅଫିସରେ 'ସି' ନାମକ ଝିଅଟିଏ ଚାକିରି କରୁଥାଏ । 'ସି' କ୍ରମେ 'ଏ' ପ୍ରତି ଆକୃଷ୍ଟ ହୋଇପଡ଼ିଲା । ପ୍ରଥମେ ପ୍ରଥମେ 'ଏ' ପୁଣି ଥରେ ପ୍ରେମରେ ପଡ଼ିବାକୁ ଚାହୁଁ ନଥିଲା । ହେଲେ 'ସି'ର ଅଝଟ ଓ ନିରୀହ ପଣ ଆଗରେ ହାର ମାନିବାକୁ ଲାଗିଲା । ଦିନେ 'ଏ' ନିଜର ବିଗତ ପ୍ରେମ ସଂପର୍କ ବିଷୟରେ 'ସି'କୁ କହିଲା। 'ସି'ର ସେସବୁ ପୁରୁଣା କଥା ଶୁଣିବାରେ ଆଦୌ ଆଗ୍ରହ ନଥିଲା । ଏପରିକି ଯେତେବେଳେ ମର୍ଫିଙ୍କ ନିୟମ ଓ ୟୁପ୍ରମସ୍‌ଙ୍କ ନିୟମ କାରଣରୁ 'ଏ'ର ପ୍ରେମିକା ସଂପର୍କ କାଟିଦେଲା ବୋଲି ଶୁଣିଲା ସେ ବହେ ହସିଲା । ହସି ହସି ସେ କହିଲା- ମୋ' ପାଇଁ ତ ନିୟମ ସବୁ ବେଳେ ନିୟମ । ଯେତେବେଳେ ଯୋଉଟା ସୁହେଇଲା ସେଇଟା ଠିକ୍, ଆରଟା ଢ଼ୋ – ଏମିତି ହାଲକା ମତଟିଏ ଦେଇ ହସି ହସି 'ଏ' ଉପରେ ଲୋଟିପଡ଼ିଲା । 'ସି'ର ଏଇ ଚପଳତା ପାଖରେ 'ଏ' ଏଥର ସଂପୂର୍ଣ୍ଣ ହାରିଗଲା ଓ ପୁଣି ଥରେ ପ୍ରେମରେ ପଡ଼ିଗଲା ।

ଏଥର 'ଏ' ଆଉ ଡ଼େରି କରିବାକୁ ଚାହୁଁନଥିଲା । ଶୀଘ୍ର ବାହା ହୋଇଯିବାକୁ ଚାହୁଁଥିଲା । ତେଣୁ ସେ 'ସି'କୁ ଖୋଲିକରି ନିଜ ମନକଥା କହିଦେଲା । 'ସି' ମଧ୍ୟ 'ଏ'କୁ ହାତଛଡ଼ା କରିବାକୁ ଚାହୁଁ ନଥିଲା। ଶେଷରେ ନିଜ ଘରେ ସବୁ କଥା କହି ବାପା-ମା'ଙ୍କୁ ରାଜି କରାଇବାକୁ ଦାୟିତ୍ୱ ନେଇ 'ସି' ଛୁଟି ପାଇଁ ଆବେଦନ କଲା । ତାକୁ ଛୁଟି ମିଳିଗଲା ଓ ସେ ଛୁଟି ନେଇ ଘରକୁ ଗଲା ।

'ସି'ର ଘରଲୋକଙ୍କର ଝିଅ କଥାରେ ଅରାଜି ହେବାର କିଛି କାରଣ ନଥିଲା । କେବଳ ଗୋଟିଏ ସମସ୍ୟା ଥିଲା । 'ସି'ର ଜଣେ ବଡ଼ ଭଉଣୀ ଥିଲା, ଯିଏକି ଏଯାଏଁ ବାହା ହୋଇନଥିଲା । ସେପଟେ କିନ୍ତୁ 'ସି' ଅପେକ୍ଷା କରିବା ଅବସ୍ଥାରେ ନଥିଲା । ତେଣୁ ନିଜର ବଡ଼ଝିଅଠାରୁ ତାର ମତାମତ କଣ ଜାଣିବା ପାଇଁ ବାପା ତାକୁ ଫୋନକଲେ। 'ସି' ସଂପର୍କରେ ସବୁକଥା କହିସାରି ଝିଅକୁ ପଚାରିଲେ- ଆରେ ମାମା, ତୋ' କଥା କ'ଣ କରିବା ? ବାପା ଯେ ସତରେ

କ'ଣ ପଚାରିବାକୁ ଚାହୁଁଛନ୍ତି ବଡ଼ଝିଅ ବୁଝିଗଲା । ସେ ଅତି ଥଣ୍ଡା ସ୍ୱରରେ କହିଲା- ବାପା, ମୁଁ ଅବିକା ବିବାହ ସଂପର୍କରେ କିଛି ସ୍ଥିର କରିନାହିଁ। ତେଣୁ ମୋତେ ଅପେକ୍ଷା ନ କରି ତମେ ପ୍ରଥମେ ଆମ ସାନର ବାହାଘର କରିଦିଅ । ଆଜିକାଲି ତ ଆଉ ସେ ପୁରୁଣା ଯୁଗନାହିଁ, ତେଣୁ ସବୁ ଚଳୁଛି। ବଡ଼ଝିଅର ରୋକ୍‌ଠୋକ୍ କଥା ପରେ ବାପା ସାନଝିଅର କଥାରେ ରାଜି ହୋଇଗଗଲେ। ତେବେ ବିବାହ ପୂର୍ବରୁ ଥରୁଟେ 'ଏ'କୁ ଦେଖିବା ପାଇଁ ଓ କଥାବାର୍ତ୍ତା କରିବା ପାଇଁ 'ସି'ର ବାପା ସର୍ତ୍ତ ରଖିଲେ ।

**ଏ ଗପର ପରିଣତି କ'ଣ ହୋଇଥିବ? ଯାହା ଭୁଲ୍ ହେବାର ଥିବ, ତାହା ଭୁଲ୍ ହିଁ ହେବ।**


'ସି' ଏ କଥା 'ଏ'କୁ ଜଣାଇଲା ଓ 'ଏ' ମଧ୍ୟ ଏଥିରେ ରାଜି ହୋଇଗଲା। କେଉଁ ତାରିଖରେ 'ଏ' ଯାଇ 'ସି'ର ସହରରେ ପହଞ୍ଚିବ ସେ କଥା ମଧ୍ୟ ସ୍ଥିର ହୋଇଗଲା। ସେଇ ଦିନଟି ଆସିଗଲା ଓ ଠିକ୍ ସମୟରେ 'ଏ' ଯାଇ 'ସି' ଘରେ ପହଞ୍ଚିଗଲା । 'ସି'ର ଉପସ୍ଥିତିରେ 'ଏ' ସହ ଅଳ୍ପ ସମୟ କଥାହୋଇ ବେଶ୍ ଖୁସି ହୋଇଗଲେ ତାର ବାପା । କଥାବାର୍ତ୍ତା ଜମି ଆସୁଛି, ଏଇସମୟରେ 'ଏ'କୁ ଆପ୍ୟାୟିତ କରିବା ପାଇଁ ଜଳଖିଆ ସାମଗ୍ରୀ ଟ୍ରେ ଧରି ପ୍ରବେଶ କଲା 'ସି'ର ବଡ଼ ଭଉଣୀ। 'ଏ' ଉପରେ ନଜର ପଡ଼ିବା କ୍ଷଣି ସେ ଚମକି ଉଠିଲା। ସେପଟେ ବଡ଼ ଭଉଣୀକୁ ଦେଖି 'ଏ' କାନରେ ଗୁଞ୍ଜରିତ ହେଲା ଗୋଟିଏ ବାକ୍ୟ- ମୁଁ ତ ଚାହିଁବି ତମଭଳି ଗୋଟେ ଇତର ନପୁଂସକ ମୋତେ କ'ଣ, ମୋର କୌଣସି ଦୂର ପରିଚିତକୁ ମଧ୍ୟ ବାହା ନହେଉ ବୋଲି । ଆଉ ଯାରି ଭିତରୁ ତା' ତୁଣ୍ଡରୁ ବାହାରି ପଡ଼ିଲା- ଏଭ୍ରିଥିଙ୍ଗ ଦାଟ୍ କ୍ୟାନ୍ ୱାର୍କ, ୱିଲ୍ ୱାର୍କ।

ଏତିକିରେ ବିଜ୍ଞ ପାଠକେ ବୁଝିଯାଇଥିବେ ଯେ 'ବି' ହିଁ ହେଉଛି 'ସି'ର ବଡ ଭଉଣୀ । ଏହା ପରେ କ'ଣ ସବୁ ଘଟିଥିବ, ଘଟଣାଟି କିଭଳି ମୋଡ଼ ନେଇଥିବ ଏବଂ ଏ ଗପର ପରିଣତି କ'ଣ ହୋଇଥିବ ସେସବୁ ଏ ଲେଖକ ତାର ବିଜ୍ଞ ତଥା ଚିନ୍ତାଶୀଳ ପାଠକଙ୍କ ଉପରେ ଛାଡ଼ି ଦେବାକୁ ଶ୍ରେୟସ୍କର ମଣୁଛି । ଯେମିତି ଜଣେ ଲେଖକର ଗୋଟାଏ ସାମାଜିକ ଦାୟିତ୍ୱବୋଧ ରହିଛି ସେହିଭଳି ସବୁ ପାଠକ ମଧ୍ୟ କିଛି ଚିନ୍ତା ଓ କଳ୍ପନା କରିବା ଆବଶ୍ୟକ ବୋଲି ଏ ଲେଖକ ମନେକରେ। ତେଣୁ ସେ ଏସବୁ ଝାମେଲାରେ ନ ପଶି ଏ ଦାୟିତ୍ୱଟି ତା'ର ପ୍ରିୟ ପାଠକଙ୍କ ଉପରେ ନ୍ୟସ୍ତ କରି ଖସିଯିବାକୁ ସ୍ଥିର କରିଛି।

ତାହେଲେ ପାଠକେ – ଏ ଗପର ପରିଣତି କ'ଣ ହୋଇଥିବ? ଯାହା ଭୁଲ୍ ହେବାର ଥିବ, ତାହା ଭୁଲ୍ ହିଁ ହେବ। - ଏଇ ବାଗରେ ଗପ ଶେଷ ହୋଇଥିବ ନା, ଯାହା ଠିକ୍ ଭାବରେ ହେବାର ଥିବ, ତାହା ଠିକ୍ ହିଁ ହେବ । ଏମିତି ଭାବରେ ଗପର ପରିସମାପ୍ତି ହୋଇଥିବ? ଆପଣ କ'ଣ ଭାବୁଛନ୍ତି ଯେ? ନା ଏ ଦୁଇ ନିୟମକୁ ଛାଡ଼ି ଗପ ଆଉ କେଉଁ ରାସ୍ତାରେ ଖସିଯାଇଥିବ? ଠିକ ଆମ ଜୀବନ ଭଳି ?

□□

ଗାଳ୍ପିକଙ୍କ ଇ-ମେଲ ଠିକଣା:
zakirkhanbbsr@gmail.com





ପଢ଼ନ୍ତୁ! ବୈଷ୍ଣବ ଚରଣ ସାମଲଙ୍କ
ରମ୍ୟରଚନା ସମଗ୍ର
ପୃଷ୍ଠାସଂଖ୍ୟା : ୧୪୨୮, ମୂଲ୍ୟ : ଟ.୧୩୫୦
ଧାରା ଶ୍ରୀରାଧା ଟ୍ରଷ୍ଟ, ଭୁବନେଶ୍ୱର

ସାକ୍ଷାତକାର

# ସାରସ୍ୱତ ସ୍ରଷ୍ଟା ଅଜୟ କୁମାର ମିଶ୍ରଙ୍କ ସହ ଅନ୍ତରଙ୍ଗ ଆଳାପ

**ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍ ଓ ଐତିହ୍ୟ ତଥା ସଂସ୍କୃତି ଗବେଷକ ଅଜୟ କୁମାର ମିଶ୍ର, ଓଡ଼ିଶାର ସାରସ୍ୱତ ଜଗତରେ ସୁପରିଚିତ। ତାଙ୍କର ବୟସ ବର୍ତ୍ତମାନ *୬୬* ବର୍ଷ। ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ ସଫଳତାର ସହ କଲମ ଚାଳନା କରିବା ସହ ସେ 'ମିଶ୍ରଶାଳ' ନାମକ ଏକ ସଂଗ୍ରହାଳୟ ସ୍ଥାପନ କରି ସେଠାରେ ଓଡ଼ିଶାର ଲୁପ୍ତପ୍ରାୟ ଲୋକ-ଉପକରଣଗୁଡ଼ିକୁ ନିଜ ହାତରେ ଗଢ଼ି ଆମର ଉତ୍ତର ପିଢ଼ି ପାଇଁ ସଂରକ୍ଷିତ କରିରଖିଛନ୍ତି। ତା'ଙ୍କ ସହିତ ବାର୍ତ୍ତାଳାପ କରିଥିଲେ 'ସାହିତ୍ୟ ଚର୍ଚ୍ଚା'ର ସମ୍ପାଦକ ନିହାର ଶତପଥୀ।**

**ସାହିତ୍ୟ ଚର୍ଚ୍ଚା:** ଜଣେ ଲେଖକ ଭାବରେ ଆପଣ ତ ଗଳ୍ପ, ଉପନ୍ୟାସ, କବିତା, ପ୍ରବନ୍ଧ, ଅନୁବାଦ, ସମାଲୋଚନା, ଶିଶୁ ସାହିତ୍ୟ, ବ୍ୟଙ୍ଗ, ନାଟକ ଓ ରମ୍ୟରଚନାଠାରୁ ନେଇ ସାହିତ୍ୟର ସମସ୍ତ ବିଭାଗରେ ନିଜର ପାରଦର୍ଶିତା ଦେଖାଇ ପାରିଛନ୍ତି। ସେହିଭଳି ଅଧ୍ୟାପନା, ଗବେଷଣା ଓ ବହୁ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଗତିବିଧି ସହିତ ମଧ୍ୟ ଆପଣ ଜଡ଼ିତ। ଲୋକେ କହନ୍ତି ଯେ ଘାସକଟାଠାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁ ଆପଣଙ୍କୁ ଜଣା। ତଥାପି ଏମିତି କିଛି କାର୍ଯ୍ୟ ରହିଯାଇଛି କି, ଯାହାକୁ ଆପଣ ଛୁଇଁନାହାନ୍ତି ?



**ଅଜୟ କୁମାର ମିଶ୍ର:** ବ୍ରାହ୍ମଣ କୁଳରେ ଜନ୍ମ। ଶାସ୍ତ୍ରୀୟ ବିଧି ବ୍ୟବସ୍ଥା ଦୃଷ୍ଟିରୁ ହଳ କରିବାଟା ବ୍ରାହ୍ମଣର କର୍ତ୍ତବ୍ୟ ନୁହେଁ ବୋଲି ମୁଁ କେବଳ ହଳ ହିଁ କରିନାହିଁ; ଯଦିଓ ମଇରେ ଠିଆ ହୋଇଛି, ଶଗଡ଼ ମହଣ୍ଡାରେ ବସିକରି ବଳଦ ଅଡ଼େଇଛି, କିନ୍ତୁ ହଳ କରିନାହିଁ।

**ସାହିତ୍ୟ ଚର୍ଚ୍ଚା:** ଏକଥା ଶୁଣି ଆମର ମନେ ପଡ଼ିଯାଉଛି ଯେ ଆପଣ ବିଭିନ୍ନ ପ୍ରକାର ଲୋକବାଦ୍ୟ ବଜାଇବାରେ ପାରଙ୍ଗମ। 'ମିଶ୍ରଶାଳ'ରେ ଆପଣଙ୍କର ଅନନ୍ୟ ବଢ଼େଇ କାରିଗରିର କଥା ତ ସମସ୍ତଙ୍କୁ ଜଣା। ଏପରିକି ସବୁ ପ୍ରକାର ଗାଡ଼ି, ଯଥା ଟ୍ରକ୍ ଓ ଟ୍ରାକ୍ଟର ଆଦି ମଧ୍ୟ ଆପଣ ଭଲ ଭାବରେ ଚଳାଇପାରନ୍ତି।

**ଅଜୟ କୁମାର ମିଶ୍ର:** କେବଳ ଉଡ଼ାଜାହାଜ ଓ ଟ୍ରେନ୍‌କୁ ଛାଡ଼ି, କାରଣ ସେ ସୁଯୋଗ ମୋତେ ମିଳିନାହିଁ; ଆଉ ସବୁ ପ୍ରକାର ଗାଡ଼ି ଚଳାଇପାରେ।

**ସାହିତ୍ୟ ଚର୍ଚ୍ଚା:** ଆପଣ ଓଡ଼ିଆ ବ୍ୟଙ୍ଗ ସାହିତ୍ୟର ଜଣେ ସାର୍ଥକ ସ୍ରଷ୍ଟା ଭାବରେ ଏବେ ଏବେ ଅଧିକ ପ୍ରସିଦ୍ଧି ପାଉଛନ୍ତି, ଯଦିଓ ପୂର୍ବରୁ ମଧ୍ୟ ଆପଣ ଏହା ଲେଖିଛନ୍ତି। ତେବେ ଏ ପରିଣତ ବୟସରେ ଆପଣ ବ୍ୟଙ୍ଗ ସାହିତ୍ୟ ଆଡ଼କୁ ଅଧିକ ଢଳିଲେ କେମିତି ?

**ଅଜୟ କୁମାର ମିଶ୍ର:** ପ୍ରକୃତରେ, ମୁଁ ଯାହା ଅନୁଭବ କରିଛି, ସବୁଠାରୁ ଦୁଃଖୀ ଲୋକ ଯିଏ ସେ ବ୍ୟଙ୍ଗ କରେ। ଦୁଃଖରେ ଅତି ଜଡ଼ସଡ଼ ହେଲା ପରେ, ମୁଁ ବୋଧହୁଏ ହାଇସ୍କୁଲ୍‌ରେ ପଢ଼ିବା ବେଳେ ବ୍ୟଙ୍ଗ ଲେଖୁଥିଲି; କଲେଜରେ ମଧ୍ୟ ଅଧ୍ୟାପନା କରିବାବେଳେ ବ୍ୟଙ୍ଗ ଲେଖୁଥିଲି। ଆଜି ଯେଉଁ

ଖ୍ୟାତି କଥା ଆପଣ କହୁଛନ୍ତି, ସେଭଳି ଖ୍ୟାତି ପଛରେ ମୁଁ ଆଦୌ ଧାଇଁ ନାହିଁ, ଧାଉଁ ନାହିଁ କି ଧାଇଁବାର ସମ୍ଭାବନା ବି ନାହିଁ।

**ସାହିତ୍ୟ ଚର୍ଚ୍ଚା:** 'ସାହିତ୍ୟ ଚର୍ଚ୍ଚା'ର ପାଠକମାନେ ଆପଣଙ୍କର ଘଣ୍ଟୁଆ ଚରିତ୍ର ସହିତ ବହୁତ ପରିଚିତ। ଘଣ୍ଟୁଆ ବିଷୟରେ ଆପଣ ବର୍ଷ ବର୍ଷ ଧରି ଲେଖିଚାଲିଛନ୍ତି; କିନ୍ତୁ ପ୍ରତି ମାସ ଘଣ୍ଟୁକୁ ଆମେ ଦେଖୁ ଗୋଟିଏ ଗୋଟିଏ ନୂଆ ଭୂମିକାରେ। ତାକୁ ଏମିତି ଭାବରେ ସଜାଇବା ପାଇଁ ଆପଣଙ୍କୁ କ'ଣ ମାନସିକ ରୂପରେ ଅଧିକ କିଛି କସରତ କରିବାକୁ ପଡ଼େ ?

**ଅଜୟ କୁମାର ମିଶ୍ର:** ମୁଖ୍ୟ କଥାଟି ହେଉଛି, ଏହି ପତ୍ରିକା ପକ୍ଷରୁ ଗୋଟିଏ ଅନୁରୋଧ ଆସିଥିଲା ଯେ ଗୋଟିଏ ଚରିତ୍ରକୁ ନେଇ ତା'କୁ ବ୍ୟଙ୍ଗ ଢାଞ୍ଚାରେ ଉପସ୍ଥାପନା କରାଯାଉ; ଏହା ଚାଲିଛି। ଆଖି ଖୋଲିଦେଲେ ଚାରିପାଖର ଚରିତ୍ରମାନେ ଉଦ୍‌ଭାସିତ ହେଉଛନ୍ତି। ମୋତେ ସେହି ଚରିତ୍ରମାନଙ୍କୁ ଘଣ୍ଟୁଆ ଉପରେ ଆରୋପଣ କରିବାକୁ ପଡ଼େ।

**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ସମାଲୋଚନା ସାହିତ୍ୟକୁ ଆପଣ ବହୁମାତ୍ରାରେ ସମୃଦ୍ଧ କରିଛନ୍ତି। ଆପଣଙ୍କ ଯେତେକ ବହି ପ୍ରକାଶିତ ହୋଇଛି, ତାହା ମଧ୍ୟରେ ଅଛି ଷୋହଳଟି ସମାଲୋଚନାମୂଳକ ପୁସ୍ତକ। ତେବେ ଓଡ଼ିଆ ସମାଲୋଚନା ସାହିତ୍ୟର ଧାରା ଆଜିକାଲି ଟିକିଏ ଧିମେଇ ଯାଇଥିବାର କାରଣ କ'ଣ ?

> **ମୁଁ ତ କହେ ଯେ, ଏବର ଯାତ୍ରା ହେଉଛି 'ଥିଏଟାତ୍ରା'। ଅର୍ଥାତ୍ ଏଇଟା ଗୋଟିଏ ମିଶ୍ରିତ ଧାରାର ସୂଚକ, ଥିଏଟର+ଯାତ୍ରା।**

**ଅଜୟ କୁମାର ମିଶ୍ର:** ସମାଲୋଚନା ସାହିତ୍ୟ ତ ଲେଖାହେଉଛି। ମୁଁ ଯାହା ଦେଖୁଛି, ପିଲାମାନେ ସମାଲୋଚନା ସାହିତ୍ୟ ପ୍ରତି ଆଗ୍ରହୀ। ଏ କ୍ଷେତ୍ରକୁ ନୂଆ ନୂଆ ପ୍ରତିଭାମାନେ ଆସୁଛନ୍ତି।

**ସାହିତ୍ୟ ଚର୍ଚ୍ଚା:** ୧୯୯୬ ମସିହାରେ ଆପଣଙ୍କର ଗୋଟିଏ ପୁସ୍ତକ ପ୍ରକାଶ ପାଇଥିଲା, 'ଓଡ଼ିଆ ସମାଲୋଚନା ସାହିତ୍ୟର କ୍ରମବିକାଶ'। ଏହାର ଗୋଟିଏ ନୂଆ ସଂସ୍କରଣର ପ୍ରସ୍ତୁତି ଏବେ ଆପଣ କରୁଛନ୍ତି ବୋଲି ଆମେ ଜାଣିବାକୁ ପାଇଲୁ।

**ଅଜୟ କୁମାର ମିଶ୍ର:** ହଁ, ସେହି ସମୟ ପର୍ଯ୍ୟନ୍ତ ଯେତିକି ସାହିତ୍ୟ-ସମାଲୋଚକଙ୍କୁ ମୁଁ ଜାଣିଥିଲି, ସେମାନଙ୍କ ବିଷୟରେ ଆଗରୁ ଲେଖିଛି। ଆଜି ତିରିଶି ବର୍ଷ ଅତିକ୍ରାନ୍ତ ହେବାପରେ ସମାଲୋଚନାର ଧାରା ବଦଳିଛି, ଏବଂ ଅନେକ ନୂଆ ସମାଲୋଚକ ଆସିଛନ୍ତି ମଧ୍ୟ। ଏମାନଙ୍କୁ ଅନ୍ତର୍ଭୁକ୍ତ କରିବାର କାର୍ଯ୍ୟ ଚାଲିଛି।

**ସାହିତ୍ୟ ଚର୍ଚ୍ଚା:** ଏହା ସମାଲୋଚନା ସାହିତ୍ୟ ପାଇଁ ଏକ ବଡ଼ କାର୍ଯ୍ୟ। ଓଡ଼ିଆ ଲୋକସଂସ୍କୃତି ଓ ଲୋକସାହିତ୍ୟର ଅଧ୍ୟୟନ ତଥା ଗବେଷଣା ପ୍ରତି ଆପଣଙ୍କର ଅବଦାନ ମଧ୍ୟ ବହୁ ସ୍ୱୀକୃତ। ଆପଣଙ୍କର 'ଓଡ଼ିଆ ଲୋକସାହିତ୍ୟ ଓ ଲୋକସଂସ୍କୃତି' ଏହି ବିଷୟରେ ଗୋଟିଏ ପ୍ରାମାଣିକ ଗ୍ରନ୍ଥ। ଏଇଟି ପ୍ରଣୟନ କରିବା ବେଳେ ଆପଣ ପୂର୍ବର କେତେଜଣ ବିଶିଷ୍ଟ ଲେଖକଙ୍କ ଲେଖାର ଆଧାର ବ୍ୟବହାର କରିଛନ୍ତି କି ?

**ଅଜୟ କୁମାର ମିଶ୍ର:** ନିଶ୍ଚୟ, ଅନ୍ୟମାନେ ତୃଣମୂଳ ସ୍ତରରେ ଏ ଦିଗରେ ଅନେକ ମହତ୍ତ୍ୱପୂର୍ଣ୍ଣ କାମ କରିଛନ୍ତି। ୧୯୯୬ ମସିହାରେ ମୁଁ ଅଧ୍ୟାପକ ଥିଲାବେଳେ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଯେତେବେଳେ ଏହି ବିଷୟକୁ ପାଠ୍ୟକ୍ରମର ଅନ୍ତର୍ଭୁକ୍ତ କଲେ, ସେତେବେଳେ ଦେଖିଲି ଯେ ମୋ ପିଲାଙ୍କ ପାଇଁ ବହି ନାହିଁ। ତେଣୁ ମୁଁ ବିଧିବଦ୍ଧ ଭାବରେ ଲାଗିପଡ଼ିଲି ବହିଟି ଲେଖିବା ପାଇଁ। ଏହି ବହିର ଏବେ ସାତଟି ସଂସ୍କରଣ ବାହାରି ସାରିଲାଣି।

**ସାହିତ୍ୟ ଚର୍ଚ୍ଚା:** ଆପଣ ହେଉଛନ୍ତି ଜଗତସିଂହପୁର ଅଂଚଳର ସନ୍ତାନ, ଯେଉଁ ମାଟିକୁ ଓଡ଼ିଆ ଯାତ୍ରାକଳାର ଏନ୍ତୁଡ଼ିଶାଳ ବୋଲି କୁହାଯାଏ। ଓଡ଼ିଶାର ଯାତ୍ରା ଦଳମାନଙ୍କୁ ଗୋଟିଏ ଗୁଣାତ୍ମକ ଦିଶା ଓ ପ୍ରେରଣା ଦେବାରେ ଆପଣଙ୍କର ଭୂମିକା ଅଛି। ଏ ବିଷୟରେ ଆପଣଙ୍କର ଅନୁଭୂତି କ'ଣ ?

**ଅଜୟ କୁମାର ମିଶ୍ର:** ମୁଁ ଯେତିକି ଜାଣିଛି, ସାମାଜିକ ସ୍ଥିତାବସ୍ଥାରେ ଜନ-ଶିକ୍ଷଣ ଓ ଜନ-ମନୋରଂଜନ, ଉଭୟର ସମନ୍ୱୟ ହେଉଛି ଓଡ଼ିଆ ଯାତ୍ରା। ଓଡ଼ିଶାରେ ଏମିତି କୌଣସି ଲୋକନାଟକ ଆପାତତଃ ନାହିଁ, ଯାହା ଯାତ୍ରା ଭିତରେ ପ୍ରବେଶ ନ କରିପାରେ। ଯାତ୍ରା ହେଉଛି ମହାନଦୀର ସେହି ମହାପ୍ରବାହ, ଯେଉଁଥିରେ ଲୋକନୃତ୍ୟ, ଲୋକଗୀତ ଓ ଲୋକସଂଗୀତ ଭଳି ଉପନଦୀମାନଙ୍କର ସଙ୍ଗମ ଘଟିଛି।


**ସାହିତ୍ୟ ଚର୍ଚ୍ଚା:** ତେବେ ଓଡ଼ିଆ ଯାତ୍ରା କ'ଣ ଧୀରେ ଧୀରେ ପରମ୍ପରାଠାରୁ ଦୂରେଇ ଯାଉଛି ?

**ଅଜୟ କୁମାର ମିଶ୍ର:** ହଁ, ପରମ୍ପରାଠାରୁ ଆଜିର ଯାତ୍ରା

ଦୂରେଇଯାଇଛି; ତାହା ଏଇଥିପାଇଁ ହେଉଛି ଯେ ସମାଜ ବଦଳିଲେ ସଂସ୍କୃତି ବଦଳିବାଟା ସ୍ୱାଭାବିକ।

**ସାହିତ୍ୟ ଚର୍ଚ୍ଚା:** ଡି.ଲିଟ୍ ପାଇଁ ଆପଣଙ୍କ ଗବେଷଣାର ବିଷୟ ଥିଲା 'ଓଡ଼ିଆ ଯାତ୍ରାର ସାମାଜିକ ରୂପବିଭବ'। ଏହାପରେ 'ଓଡ଼ିଆ ଯାତ୍ରାର ଉନ୍ମେଷ ଓ ଉତ୍ତରଣ' ମଧ୍ୟ ଏ ବିଷୟରେ ଆପଣଙ୍କର ଗୋଟିଏ ପ୍ରସିଦ୍ଧ ପୁସ୍ତକ। ଯାତ୍ରାକଳା ଓ ଯାତ୍ରାସାହିତ୍ୟକୁ ଏତେ ବ୍ୟାପକ ଭାବରେ ଅଧ୍ୟୟନ କରିବା ପରେ ପୂର୍ବର ଓ ଏବର ଯାତ୍ରାଦଳମାନଙ୍କର ଭୂମିକାକୁ ଆପଣ ଯେତେବେଳେ ତୁଳନା କରନ୍ତି, ଆପଣଙ୍କର କ'ଣ ମନେହୁଏ? ଏବେ ସେମାନଙ୍କର ଅଧୋଗତି ଚାଲିଛି, ନା ଉନ୍ନତି?

**ଅଜୟ କୁମାର ମିଶ୍ର:** ଯାତ୍ରାଦଳମାନଙ୍କର ଅଧୋଗତି ନିଶ୍ଚୟ ହେଉଛି। ମୋ'ର ଗବେଷଣା ଗ୍ରନ୍ଥରେ ମୁଁ ତିନୋଟି କଥା ଦେଖାଇଛି; ମଞ୍ଚନାଟକ, ଯାତ୍ରା, ଆଉ ଚଳଚ୍ଚିତ୍ର। ଏ ତିନିଟିଙ୍କୁ ତୁଳନା କଲାବେଳେ ମୁଁ ଅନୁଭବ କଲି ଯେ ଯାତ୍ରା ଚଳଚ୍ଚିତ୍ରରୁ କିଛି ଆଣି ନିଜ ଭିତରେ ଅଙ୍ଗୀଭୂତ କରିଛି, ମଞ୍ଚନାଟକରୁ ମଧ୍ୟ। ଫଳରେ ଯାତ୍ରାର ଲୋକପ୍ରିୟତା ବଢ଼ିଛି।




**ସାହିତ୍ୟ ଚର୍ଚ୍ଚା:** ଓଡ଼ିଆ ମଞ୍ଚନାଟକ, ଯାହାକୁ ଆମେ ଥିଏଟର ବୋଲି କହୁ, ଏହାର ଲୋକପ୍ରିୟତା ଧୀରେ ଧୀରେ କମିଯାଉଛି, ଏବଂ ସେହି ତୁଳନାରେ ଓଡ଼ିଆ ଯାତ୍ରାର ଲୋକପ୍ରିୟତା ବଢ଼ିଚାଲିଛି। ଏହା କ'ଣ ସତ?

**ଅଜୟ କୁମାର ମିଶ୍ର:** ନିହାତି ସତ। କାରଣ ଯେଉଁମାନେ ମଞ୍ଚନାଟକର ନାଟ୍ୟକାର, ସେମାନେ ପାଶ୍ଚାତ୍ୟ ଜଗତର ଚିନ୍ତା, ଚେତନାକୁ ମଞ୍ଚନାଟକରେ ପ୍ରବେଶ କରାଇବା ପାଇଁ ଚେଷ୍ଟା କରୁଛନ୍ତି, ଯାହା ଫଳରେ ଦର୍ଶକ ସେମାନଙ୍କଠାରୁ ଦୂରେଇଯାଉଛନ୍ତି। କିନ୍ତୁ ଯାତ୍ରା ଦର୍ଶକୀୟ ରୁଚିବୋଧକୁ ନେଇ ଥିଏଟରକୁ ଏକ ନୂଆ ରୂପରେ ପରିବେଷଣ କରୁଥିବାରୁ ଆଜିର ଦର୍ଶକମାନେ ତାହା ଆଡ଼କୁ ଢଳୁଛନ୍ତି। ମୁଁ ତ କହେ ଯେ, ଏବର ଯାତ୍ରା ହେଉଛି 'ଥିଏଟାତ୍ରା'।

**ସାହିତ୍ୟ ଚର୍ଚ୍ଚା:** ଅର୍ଥାତ୍ ଏହା ଥିଏଟର ସହିତ ଯାତ୍ରାର ସଂଗମ!

**ଅଜୟ କୁମାର ମିଶ୍ର:** ଯେମିତି ଆମେ କହୁ ଆଙ୍ଗ୍ଲୋଡ଼ିଆ, ସେହିଭଳି ଏଇଟା ଗୋଟିଏ ମିଶ୍ରିତ ଧାରାର ସୂଚକ, ଥିଏଟର+ଯାତ୍ରା।

**ସାହିତ୍ୟ ଚର୍ଚ୍ଚା:** ଆଜିକାଲି ଯାତ୍ରାରେ ଯେଉଁଳି ଶସ୍ତା ମନୋରଂଜନମୂଳକ ନୃତ୍ୟ ବା ଆଇଟମ୍ ଡ୍ୟାନ୍ସ ଆଦି ପ୍ରସ୍ତୁତ କରାଯାଉଛି, ସେହି ଅବକ୍ଷୟ ଯାତ୍ରାକଳାର ନିମ୍ନଗତି ଆଣିବ କି?

**ଅଜୟ କୁମାର ମିଶ୍ର:** ଆଣିସାରିଲାଣି। ଚଳନ୍ତି ସମୟର ଯାତ୍ରା ମନୋରଂଜନକୁ ପ୍ରାଧାନ୍ୟ ଦେବାକୁଯାଇ ବିଭତ୍ସ ନଗ୍ନ ନୃତ୍ୟ ପରିବେଷଣ କରୁଥିବାରୁ ଘୋର ସଙ୍କଟର ସାମନା କରିବାକୁ ଯାଉଛି। ଏବେ ତ ଗାଡ଼ିରେ ବୁଲି ମାଇକ୍ ଦ୍ୱାରା ପ୍ରଚାର କରାଯାଉଛି, 'ଆସନ୍ତୁ ଦେଖିବେ ଆଧୁନିକ ତରୁଣୀମାନଙ୍କର ନୃତ୍ୟ।' ଏହି ଆଧୁନିକ ତରୁଣୀ ହେଉଛନ୍ତି ବେଳାଏ ଖାଇ, ବେଳାଏ ନ ଖାଉଥିବା ଝିଅମାନେ, ଯେଉଁମାନେ ଅଧା ପୋଷାକ ପିନ୍ଧି ନାଚ ନାମରେ ଷ୍ଟେଜ୍‌ରେ ଡିଆଁଡେଇଁ କରନ୍ତି। ଏହି ଅପସଂସ୍କୃତି ଯେତେ ଶୀଘ୍ର ବନ୍ଦ ହେବ, ତାହା ଓଡ଼ିଆ ଯାତ୍ରା ପାଇଁ ଶୁଭଙ୍କର।

**ସାହିତ୍ୟ ଚର୍ଚ୍ଚା:** ଆପଣ ଜଣେ ସଫଳ ଅଭିଧାନବିତ୍ ମଧ୍ୟ। ଆପଣଙ୍କ ଦ୍ୱାରା ରଚିତ ପୁସ୍ତକଗୁଡ଼ିକର ତାଲିକାରେ ଛଅଟି ଅଭିଧାନ ଅଛି। ଓଡ଼ିଶାରେ ଏବେ ଅଭିଧାନର ସଂଖ୍ୟା କିଛି କମ୍ ନୁହେଁ। ତଥାପି ଏବେ ଆହୁରି ନୂଆ ନୂଆ ଅଭିଧାନ ପ୍ରଣୟନର ଆବଶ୍ୟକତା ଅଛି କି?

**ଅଜୟ କୁମାର ମିଶ୍ର:** ଆବଶ୍ୟକତା ଅଛି, ଏଥିପାଇଁ ଯେ ଏକଦା ଅଭିଧାନ ଶବ୍ଦବିଭବରେ ଭରପୂର ରହୁଥିଲା, ଶବ୍ଦ ବ୍ୟୁତ୍ପତ୍ତି ରହୁଥିଲା, ଶବ୍ଦ ଚିହ୍ନଟ କରିବାର ବ୍ୟବସ୍ଥା ରହୁଥିଲା। ଆପଣ ଇଂରାଜୀ ଭାଷା ସାହିତ୍ୟକୁ ଯାଆନ୍ତୁ, ତାଙ୍କର

ଅକ୍ସଫୋର୍ଡ ଡିକ୍ସନାରୀ ଦେଖନ୍ତୁ, ତା'ଭିତରେ ପ୍ରତିବର୍ଷ ଗୁଡ଼ିଏ ନୂଆ ଶବ୍ଦ ପ୍ରବେଶ କରୁଛି। ଆମେ ପ୍ରହରାଜ ମହାଶୟଙ୍କର ପୂର୍ଣ୍ଣଚନ୍ଦ୍ର ଭାଷାକୋଷରେ ଦେଖୁଛେ ଯେ ଏବେ ବି ଅଜସ୍ର ଶବ୍ଦ ତାହା ଭିତରେ ପ୍ରବେଶ କରିବାର ଆବଶ୍ୟକତା ଅଛି।

**ସାହିତ୍ୟ ଚର୍ଚ୍ଚା:** ଆରମ୍ଭରେ ଆମେ କହିଥିଲୁ ଯେ, ଆପଣ ସାହିତ୍ୟର କୌଣସି ବିଭାଗକୁ ନ ଛୁଇଁ ରହିନାହାନ୍ତି।

**ଅଜୟ କୁମାର ମିଶ୍ର:** କିନ୍ତୁ ରହିଯାଇଛି ଗୋଟିଏ ବିଭାଗ, ଆତ୍ମଜୀବନୀ।

**ସାହିତ୍ୟ ଚର୍ଚ୍ଚା:** ସତକଥା, ଆପଣ ତ ପାଞ୍ଚଗୋଟି ଜୀବନୀ ପୁସ୍ତକ ଲେଖିଛନ୍ତି, କିନ୍ତୁ ଆତ୍ମଜୀବନୀ ଏ ଯାବତ୍ ଲେଖିନାହାନ୍ତି।

**ଅଜୟ କୁମାର ମିଶ୍ର:** ଆତ୍ମଜୀବନୀ ନ ଲେଖିବାର କାରଣ ହେଉଛି, ମୁଁ କେଉଁ ମଣିଷରେ ଗଣା ଯେ ଲୋକେ ମୋ'ର ଆତ୍ମଜୀବନୀ ପଢ଼ିବେ ?

**ସାହିତ୍ୟ ଚର୍ଚ୍ଚା:** ଆମେ ଆପଣଙ୍କର ଉପନ୍ୟାସ ସାହିତ୍ୟକୁ ଆସିବା। ଆପଣ ତିନୋଟି ଉପନ୍ୟାସ ଲେଖିଛନ୍ତି। ଏହି ତିନିଟି ଭିତରୁ ଆପଣଙ୍କ 'ରାଧା' ଉପନ୍ୟାସଟି ବେଶ୍ ମହତ୍ତ୍ୱପୂର୍ଣ୍ଣ। ମିଥ୍ ଉପରେ ଆଧାରିତ ଏହା ଗୋଟିଏ କ୍ଲାସିକ୍ ଉପନ୍ୟାସ। ଆପଣଙ୍କର ଏତେ ଉଚ୍ଚକୋଟୀର ଉପନ୍ୟାସଟିଏ କାହିଁକି ଯେ ଆମ ସାହିତ୍ୟ ଜଗତରେ ବହୁଚର୍ଚ୍ଚିତ ଓ ବହୁସ୍ୱୀକୃତ ହୋଇପାରିନାହିଁ, ତାହା ଭାବି ଆମେ ଆଶ୍ଚର୍ଯ୍ୟ ହେଉଛୁ। ଏହି ବହିଟି ଆପଣଙ୍କର ସବୁଠାରୁ ପ୍ରିୟ ମାନସ ସନ୍ତାନ ହୋଇଥିବ ବୋଲି ଆମେ ଅନୁମାନ କରୁଛୁ।

**ଅଜୟ କୁମାର ମିଶ୍ର:** ଏକଦା ପ୍ରିୟ ଥିଲା। ଏହି ବହି ପ୍ରସାରଣ ନ ହେବାର ମୁଖ୍ୟ କାରଣ ହେଉଛି, ଆମ ଓଡ଼ିଶାରେ ଗୋଟିଏ ହେଲା ପଦବୀ ସାହିତ୍ୟ, ଆଉ ଗୋଟିଏ ହେଉଛି ବିପଦୀ ସାହିତ୍ୟ।

**ସାହିତ୍ୟ ଚର୍ଚ୍ଚା:** ପଦବୀ, ବିପଦୀ ? ଇଏ ପୁଣି କ'ଣ ?

**ଅଜୟ କୁମାର ମିଶ୍ର:** ପଦବୀ ସାହିତ୍ୟ କହିଲେ, ଯିଏ ସବୁ ପଦାଧିକାରୀ ଅଛନ୍ତି, ସେମାନେ ଯାହା ଗାରେଇଦେଲେ ବି ବେଦ ପାଲଟିଯାଏ। ଆଉ ବିଗତ ପଦ ଯାହାର, ସେ ହେଲା ବି-ପଦୀ। ଅର୍ଥାତ୍ ପଦ ଯାହାର ନାହିଁ, ସେମନ୍ତ ମୋ'ର ଅବସ୍ଥା। ମୁଁ ଅଧ୍ୟାପକ ଥିବାବେଳେ ଏହା ଲେଖିଥିଲି; ସେତେବେଳେ ବହିଟି ପ୍ରଚୁର ଆଦୃତି ପାଇଲା। ସେତେବେଳେ ଯେଉଁମାନେ ପଢ଼ିଛନ୍ତି ଏଇଟି, ସେମାନଙ୍କ ମଧ୍ୟରୁ ଅନେକେ ଏହାକୁ ଏ++ ରେଟିଙ୍ଗ୍ ଦେଇଛନ୍ତି। କିନ୍ତୁ ଏବେ ସମସ୍ତେ ତାହା ଭୁଲିଗଲେଣି।

**ସାହିତ୍ୟ ଚର୍ଚ୍ଚା:** ଏ ଉପନ୍ୟାସଟି ଏବେ ଆମ ଏହି ଟେବୁଲ୍ ଉପରେ ଅଛି। ୧୯୬ ପୃଷ୍ଠାର ଉପନ୍ୟାସ ଇଏ। ଆଖି ବୁଜି ଯେଉଁ ପୃଷ୍ଠାଟି ବି ଖୋଲିଦେଲେ ଦିଶିଯାଏ, ଗୋଟିଏ ଗୋଟିଏ ମୂଲ୍ୟବାନ ବାକ୍ୟ। ଯେମିତି ଦେଖନ୍ତୁ, ଆପଣ ଏଠି ଲେଖିଛନ୍ତି, 'ଶସ୍ତ୍ରର ଆଘାତ ଶଲ୍ୟ ଚିକିତ୍ସାରେ ଉପଶମ କରାଯାଇପାରେ, ମାତ୍ର ଶାସ୍ତ୍ରର ଆଘାତ କାଳ କାଳକୁ ରହିଯାଏ।' ଏହିଭଳି ଅଜସ୍ର ଉଦ୍ଧୃତିଯୋଗ୍ୟ ବାକ୍ୟ ରହିଛି ଉପନ୍ୟାସଟିରେ। ଏଣୁ ବର୍ଷୀୟାନ ସମାଲୋଚକ ବୈଷ୍ଣବ ଚରଣ ସାମଲ ଠାଏଁ ଯଥାର୍ଥରେ କହିଛନ୍ତି, 'ରାଧା ଉପନ୍ୟାସଟି ଗୋଟିଏ ମନ୍ମୟ ନିର୍ବାଧ ଗତିଧାରା।' ଦୁଃଖିତ ହେବାକୁ ହୁଏ, ବହିଟି ପାଠକମାନଙ୍କ ଦୃଷ୍ଟିକୁ ଯେତିକି ଆସିବା କଥା ସେତେ କାହିଁକି ଆସିପାରିଲା ନାହିଁ !

**'ଶସ୍ତ୍ରର ଆଘାତ ଶଲ୍ୟ ଚିକିତ୍ସାରେ ଉପଶମ କରାଯାଇପାରେ, ମାତ୍ର ଶାସ୍ତ୍ରର ଆଘାତ କାଳ କାଳକୁ ରହିଯାଏ।'**

**ଅଜୟ କୁମାର ମିଶ୍ର:** ମୁଁ ମଧ୍ୟ ସେକଥା ଅନୁଭବ କରିଛି। ବୋଧହୁଏ ଲୋକଙ୍କ ପାଖରେ ମୋ ପାଠ ପହଞ୍ଚୁଥାଇପାରେ, କିନ୍ତୁ ମୁଁ ପହଞ୍ଚି ପାରୁନାହିଁ। ତାହା ହୋଇଥିଲେ ବୋଧହୁଏ ବହିଟି ଚର୍ଚ୍ଚାର ପରିସରକୁ ଆସିପାରିଥାଆନ୍ତା। ଆଜି ପର୍ଯ୍ୟନ୍ତ ମୋର କୌଣସି ବହି ପିଛା ମୁଁ ମୁଣ୍ଡ ଖେଳାଇନାହିଁ।

**ସାହିତ୍ୟ ଚର୍ଚ୍ଚା:** ଶେଷକୁ ପଚାରିବୁ, ଓଡ଼ିଆ ଭାଷା ଓ ସାହିତ୍ୟର ଭବିଷ୍ୟତକୁ ଆପଣ କେମିତି ଦେଖନ୍ତି ?

**ଅଜୟ କୁମାର ମିଶ୍ର:** ମୁଁ ଦେଖୁଛି ଯେ ଏହା ଉଜ୍ଜ୍ୱଳ। ଏବେ ପାଠକୀୟତା ଟିକିଏ ହ୍ରାସ ପାଇଥିବା ନେଇ ଆମେ ବିବ୍ରତ ହେବା କଥା ନୁହେଁ। ଦିନେ ତ ପୁଣି ଲୋକତୁଣ୍ଡରେ ମଧ୍ୟ ଆମର ସାହିତ୍ୟ ବଞ୍ଚିରହିଥିଲା !

**ସାହିତ୍ୟ ଚର୍ଚ୍ଚା:** ଆଜିର ଏହି ଅନ୍ତରଙ୍ଗ ଆଳାପଟି ପାଇଁ ଆପଣଙ୍କୁ ଅଶେଷ ଧନ୍ୟବାଦ।



ପ୍ରବନ୍ଧ

# ଶାନ୍ତି ନିକେତନରୁ ପ୍ରକାଶିତ ପତ୍ରପତ୍ରିକା: ଏକ ଅନୁଧ୍ୟାନ

ସୋନାଲି ସାହୁ

କବିଗୁରୁ ରବୀନ୍ଦ୍ରନାଥଙ୍କ ପ୍ରତିଷ୍ଠିତ ଶାନ୍ତିନିକେତନ ସାହିତ୍ୟ ଓ ସଂସ୍କୃତିର ଏକ ଅନୁପମ କ୍ଷେତ୍ର। ଦେଶ ବିଦେଶର ଭାଷା, ସାହିତ୍ୟ ଓ ସଂସ୍କୃତିର ଅଧ୍ୟୟନ ଓ ଅନୁଶୀଳନ ନିମନ୍ତେ ଏଠାରେ ମୁକ୍ତ ବାତାବରଣ ରହିଛି। ଏହା ଏକ ସୃଜନର ଭୂମି। ଏହି ଭୂମିରୁ ହିଁ ରବୀନ୍ଦ୍ରନାଥଙ୍କ କାବ୍ୟିକ ପ୍ରତିଭାର ବିକାଶ ଘଟିଥିଲା। ଏଠାରେ 'ଗୀତାଞ୍ଜଳି' ରଚନା କରି ସେ ନୋବେଲ ପୁରସ୍କାର ଲାଭ କରିଥିଲେ। ପରବର୍ତ୍ତୀ ସମୟରେ ଏହା ଅନ୍ୟମାନଙ୍କ ପାଇଁ ଏକ ପ୍ରେରଣାର ଭୂମି ପାଲଟିଥିଲା। ଭାରତ ଓ ଭାରତ ବାହାରର ବହୁ ସାହିତ୍ୟିକ ଏଠାରେ ରହି ସାହିତ୍ୟ ସାଧନା କରିଥିଲେ। ୧୯୫୧ ମସିହାରେ ଏହା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମାନ୍ୟତା ପାଇବା ପୂର୍ବରୁ ୧୯୪୭ ମସିହାରୁ ସେଠାରେ ଓଡ଼ିଆ ଗବେଷଣା କେନ୍ଦ୍ର ଖୋଲିଥିଲା। ପରେ ୧୯୫୧ ମସିହାରୁ ସେଠାରେ ଓଡ଼ିଆ ବିଭାଗ ଏକ ସ୍ୱତନ୍ତ୍ର ବିଭାଗ ଭାବେ ମାନ୍ୟତା ଲାଭକଲା। ଓଡ଼ିଆ ବିଭାଗ ବ୍ୟତୀତ ଅନ୍ୟାନ୍ୟ ବିଭାଗରେ ମଧ୍ୟ ବହୁ ଓଡ଼ିଆ ଯୋଗଦେଲେ। ଓଡ଼ିଆ ଭାଷା ଓ ସାହିତ୍ୟରେ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା ନିମନ୍ତେ ବହୁ ଓଡ଼ିଆ ଶାନ୍ତିନିକେତନରେ ରହି ଓଡ଼ିଆ ଭାଷାର ବିକାଶ ଓ ସମୃଦ୍ଧି ଦିଗରେ ନିଜକୁ ନିୟୋଜିତ କଲେ। ତାହାର ଫଳଶ୍ରୁତି ସ୍ୱରୂପ ବହୁ ପୁସ୍ତକ ଓ ପତ୍ରପତ୍ରିକା ବି ପ୍ରକାଶ ପାଇଲା।

**ଶାନ୍ତିନିକେତନରେ ବହୁ ଓଡ଼ିଆ ପତ୍ରପତ୍ରିକା ପ୍ରକାଶ ପାଇ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଋଦ୍ଧିମନ୍ତ କରିଛି।**

ପତ୍ରପତ୍ରିକା ହେଉଛି ମୁଦ୍ରିତ ଗଣମାଧ୍ୟମର ଏକ ବଳିଷ୍ଠ ରୂପ। ଏସବୁ ପତ୍ରପତ୍ରିକାଗୁଡ଼ିକ ମାନବୀୟ ଚିନ୍ତାଜଗତରେ ସାହିତ୍ୟିକ ଭାବସମ୍ପଦ ସୃଷ୍ଟି କରିବାରେ ଗଭୀର ସହାୟକ ହୋଇଥାଏ। ଭାରତରେ ଶିକ୍ଷାକ୍ଷେତ୍ରରେ ଏକ ନୂତନ ଦିଶା ପ୍ରଦାନ କରିଥିବା ଶାନ୍ତିନିକେତନରେ ବହୁ ଓଡ଼ିଆ ପତ୍ରପତ୍ରିକା ପ୍ରକାଶ ପାଇ ଓଡ଼ିଆ ସାହିତ୍ୟ କ୍ଷେତ୍ରକୁ ଋଦ୍ଧିମନ୍ତ କରିଛି। ସାହିତ୍ୟ, ସଂସ୍କୃତି, କଳାର ଏକ ପ୍ରାଚୀନ ପୀଠ ହୋଇଥିବାରୁ ସେଠାରେ ବାସ କରୁଥିବା ଛାତ୍ର, ଶିକ୍ଷକ, ଗବେଷକମାନେ ସର୍ଜନଶୀଳ ଓ ସମାଲୋଚନା କ୍ଷେତ୍ରରେ ଯେତିକି ଗୁରୁତ୍ୱ ଦିଅନ୍ତି ପୁସ୍ତକ ଓ ପତ୍ରପତ୍ରିକା ପ୍ରକାଶନ କ୍ଷେତ୍ରରେ ସେତିକି ଆଗ୍ରହ ଦେଖାଇଥାନ୍ତି। ତାର ଫଳସ୍ୱରୂପ ଶାନ୍ତି ନିକେତନ ଓଡ଼ିଆ ବିଭାଗ ପ୍ରତିଷ୍ଠା ପରଠାରୁ ବହୁ ପତ୍ରପତ୍ରିକା ପ୍ରକାଶ ପାଇଆସୁଛି।

### ପ୍ରଥମ ପତ୍ରିକା 'ଆଲୋକ'

ଶାନ୍ତିନିକେତନରେ ପାଠ ପଢ଼ିଲାବେଳେ ଦିବଙ୍ଗତ କବି ଦିଲୀପ ଦାସ 'ଆଲୋକ' ନାମରେ ଏକ ପତ୍ରିକା ପ୍ରକାଶ କରୁଥିଲେ। ୧୯୬୩ ମସିହାରୁ ପ୍ରକାଶ ପାଉଥିବା ଏହି ପତ୍ରିକାଟି ୩/୪ଟି ସଂଖ୍ୟା ପରେ ବନ୍ଦ ହୋଇଯାଇଥିଲା।

୧୯୫୪ ମସିହାରେ ଦୁର୍ଗାଚରଣ ପରିଡ଼ା ଓ କୃଷ୍ଣଚରଣ ବେହେରାଙ୍କ ସମ୍ପାଦନାରେ 'କବିତା' ପତ୍ରିକା ପ୍ରକାଶ ପାଇଥିଲା। ଏଥିରେ କେବଳ କବିତା ଓ କବିତା ସମ୍ପର୍କୀୟ ସମାଲୋଚନା ସ୍ଥାନିତ ହୋଇଥିଲା। ପରବର୍ତ୍ତୀ ସମୟରେ ଧୀରେନ୍ ଆଚାର୍ଯ୍ୟଙ୍କ ସମ୍ପାଦନାରେ ୧୯୭୦ ମସିହାରେ 'କବିତା ସାମୟିକୀ' ପ୍ରକାଶ ପାଇଥିଲା।

ଏହା ଥିଲା ବୁଧବାରିଆ ସାହିତ୍ୟ ସଂସଦର ମୁଖପତ୍ର।୧୯୭୮ ମସିହାରେ ଶାନ୍ତିନିକେତନରେ 'ବୁଧବାରିଆ ସାହିତ୍ୟ ଆସର' ମୁଷ୍ଟିମେୟ କିଛି ଛାତ୍ରଙ୍କୁ ନେଇ ସୃଷ୍ଟି ହୋଇଥିଲା। ତା'ର ଯୁଗପୂର୍ତ୍ତି ଅର୍ଥାତ୍ ୧୯୯୨ ମସିହାରେ ମିହିର କୁମାର ସାହୁ, ଅରୁଣ ହୋତା ଏବଂ ପ୍ରମୋଦ ସରଙ୍କ ସମ୍ପାଦନାରେ 'ବୈତାଳିକ' ନାମରେ ଏକ ପତ୍ରିକା ପ୍ରକାଶ ପାଇଥିଲା। ଏହା ପୂର୍ବରୁ ବିଭିନ୍ନ ସମୟରେ 'କିଛି ପତ୍ର କିଛି ଫୁଲ', 'ଯେ ପକ୍ଷୀ ଉଡ଼େ ଯେତେ ଦୂର, 'ବେଦୁଇନ୍', 'ଶାନ୍ତିପତ୍ର', 'ଋତୁପର୍ଣ୍ଣା', ସହିତ ଉତ୍କଳ ଭାରତୀ ଓ ବେଲୁନ୍

(ଦୁଇଟି ପ୍ରାଚୀର ପତ୍ର) ମଧ୍ୟ ପ୍ରକାଶ ପାଇଥିଲା। ବୈତାଳିକରେ ଡ.ଗୋପବନ୍ଧୁ ମିଶ୍ର, ଧନେଶ୍ୱର ବେଜ୍, ଡ.ପ୍ରକାଶ କୁମାର ପରିଡ଼ା, ଡ.ବସନ୍ତ କୁମାର ପଣ୍ଡା, ଲକ୍ଷ୍ମୀକାନ୍ତ ତ୍ରିପାଠୀ, ରାଜ୍ୟବର୍ଦ୍ଧନ ଧଳ ମହାପାତ୍ର, ଅନନ୍ତ କିଶୋର ଜେନା ନିଜର ସ୍ମୃତି ଉପସ୍ଥାପିତ କରିଥିଲେ। ବୁଧବାରିଆ ସାହିତ୍ୟ ଆସରରେ ଗୋପବନ୍ଧୁ ମିଶ୍ର (୧୯୭୮-୭୯), ପ୍ରଫୁଲ ପାଣି (୧୯୭୯-୮୦), କ୍ଷୀରୋଦ ବେହେରା(୧୯୮୦-୮୧), ମନୋରଞ୍ଜନ ପ୍ରଧାନ(୧୯୮୧-୮୨), ହିମାଂଶୁ ପଟ୍ଟନାୟକ (୧୯୮୫-୮୬), ପୀତବାସ ପ୍ରଧାନ(୧୯୮୬-୮୭), ଅନନ୍ତ ଜେନା (୧୯୮୭-୮୮), ଉମାକାନ୍ତ ମିଶ୍ର (୧୯୮୮-୮୯), ଜିତେନ୍ଦ୍ର ରାଉତ ଓ ପ୍ରମୋଦ ସର(୧୯୮୯-୯୦) ସମ୍ପାଦକ ଥିଲେ। କଇଲାଶ ପଟ୍ଟନାୟକଙ୍କ ଉଦ୍ୟମରେ ଗଢ଼ିଉଠିଥିବା ଏହି ଅନୁଷ୍ଠାନ କିଛି ବର୍ଷପରେ ବନ୍ଦ ହୋଇଯାଇଥିଲା।

## ବିଶ୍ୱଭାରତୀ ଦୀପିକା

ଶାନ୍ତିନିକେତନ ଓଡ଼ିଆ ବିଭାଗ ପକ୍ଷରୁ ଏକାଡ଼େମିକ୍ ସ୍ତରରେ 'ବିଶ୍ୱଭାରତୀ ଦୀପିକା' ନାମରେ ଏକ ଗବେଷଣାଧର୍ମୀ ପତ୍ରିକା ୧୯୮୦ ମସିହାରୁ ପ୍ରକାଶ ପାଇଆସୁଛି। ଏହାର ପ୍ରତ୍ୟେକଟି ସଂଖ୍ୟା ଗୋଟିଏ ଗୋଟିଏ ବିଶେଷାଙ୍କ ରୂପେ ପରିଚିତ। ଏଯାବତ୍ ଏହାର ୨୮ଟି ସଂଖ୍ୟା ପ୍ରକାଶ ପାଇଛି। ପ୍ରାରମ୍ଭିକ ସମୟରେ ପତ୍ରିକାଟି କ୍ରମାଗତ ଭାବେ ପ୍ରକାଶ ପାଇଆସୁଥିବା ବେଳେ ୨୦୧୦ ମସିହାରୁ ଏହା ଅନିୟମିତ ହୋଇଛି। ଏହାର ଅନେକ ସଂଖ୍ୟା ବି ଅନୁପଲବ୍ଧ। ଉପଲବ୍ଧ ହୋଇଥିବା ସଂଖ୍ୟାମାନଙ୍କରୁ ଜଣାଯାଏ ଯେ, ୧୯୮୨ ମସିହାରେ ଏହାର ତୃତୀୟ ସଂଖ୍ୟା ପ୍ରଫେସର ଖଗେଶ୍ୱର ମହାପାତ୍ରଙ୍କ ସମ୍ପାଦନାରେ ଆଦିବାସୀ ବିଶେଷାଙ୍କ ଭାବେ ପ୍ରକାଶ ପାଇଥିଲା। ୧୯୮୭ ମସିହାରେ ପ୍ରଫେସର ନୀଳାଦ୍ରୀଭୂଷଣ ହରିଚନ୍ଦନଙ୍କ ସମ୍ପାଦନାରେ 'ଲୋକସାହିତ୍ୟ' ବିଶେଷାଙ୍କ ୧୯୮୮ ମସିହାରେ ନରେନ୍ଦ୍ରନାଥ ମିଶ୍ରଙ୍କ ସମ୍ପାଦନାରେ 'ଉପନ୍ୟାସ' ବିଶେଷାଙ୍କ, ୧୯୮୯ ମସିହାରେ ନରେନ୍ଦ୍ରନାଥ ମିଶ୍ରଙ୍କ ସମ୍ପାଦନାରେ 'ଲୋକସାହିତ୍ୟ' ବିଶେଷାଙ୍କ, ୧୯୯୧ ମସିହାରେ ପ୍ରଫେସର ଶ୍ୟାମସୁନ୍ଦର ମହାପାତ୍ରଙ୍କ ସମ୍ପାଦନାରେ 'କ୍ଷୁଦ୍ରଗଳ୍ପ' ବିଶେଷାଙ୍କ, ୧୯୯୨ ମସସିହାରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସମ୍ପାଦନାରେ 'ଫକୀର ମୋହନ' ବିଶେଷାଙ୍କ, ୧୯୯୩ ମସିହାରେ ପ୍ରଫେସର ନରେନ୍ଦ୍ରନାଥ ମିଶ୍ରଙ୍କ ସମ୍ପାଦନାରେ 'ତୁଳନାତ୍ମକ ସାହିତ୍ୟ ବିଶେଷାଙ୍କ, ୧୯୯୫ ମସିହାରେ ପ୍ରଫେସର ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସମ୍ପାଦନାରେ 'ସାରଳା' ବିଶେଷାଙ୍କ, ୧୯୯୬-୯୭ ମସିହାରେ ବିଭାଗର ସମସ୍ତ ଅଧ୍ୟାପକଙ୍କ ମିଳିତ ସମ୍ପାଦନାରେ 'ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ', ୨୦୦୧ମସିହାରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସମ୍ପାଦନାରେ 'ଲୋକସାହିତ୍ୟ ବିଶେଷାଙ୍କ', ୨୦୦୨ ମସିହାରେ ନୀଳାଦ୍ରିଭୂଷଣ ହରିଚନ୍ଦନଙ୍କ ସମ୍ପାଦନାରେ 'କୁନ୍ତଳାକୁମାରୀ ସାବତ ବିଶେଷାଙ୍କ', ୨୦୦୬ ମସିହାରେ ପ୍ରଫେସର କଇଳାସ ପଟ୍ଟନାୟକଙ୍କ ସମ୍ପାଦନାରେ 'ସମକାଳୀନ ସାହିତ୍ୟ ବିଶେଷାଙ୍କ', ୨୦୧୦ ମସିହାରେ ପ୍ରଫେସର ଗିରିବାଳା ମହାନ୍ତିଙ୍କ ସମ୍ପାଦନାରେ 'ଅଭିଧାନ ବିଜ୍ଞାନ ବିଶେଷାଙ୍କ' ଓ ୨୦୧୨ ମସିହାରେ ପ୍ରଫେସର ସବିତା ପ୍ରଧାନଙ୍କ ସମ୍ପାଦନାରେ 'କଥା ସାହିତ୍ୟ: ନାରୀବାଦ' ବିଶେଷାଙ୍କ ପ୍ରକାଶ ପାଇଛି।





ବିଶ୍ୱଭାରତୀ ଦୀପିକା ଏକ ଉତ୍କୃଷ୍ଟମାନର ଗବେଷଣା ପତ୍ରିକା ଭାବରେ ଓଡ଼ିଶାର ଆଲୋଚକମାନଙ୍କ ନିକଟରେ ଅତିପ୍ରିୟ ଥିଲା। ତେବେ ୨୦୧୦ ମସିହାରୁ ପତ୍ରିକାଟି ଅନିୟମିତ ଭାବେ ମାତ୍ର ଦୁଇ ତିନିଟି ସଂଖ୍ୟା ପ୍ରକାଶ ପାଇଛି। ତଥାପି ଏ ପତ୍ରିକା ପ୍ରତି ଲୋକଙ୍କ ଆଗ୍ରହ ଓ ଅନ୍ୱେଷଣ ଜାରି ରହିଛି। ଏହି ପତ୍ରିକାରେ ଓଡ଼ିଶା ଓ ଓଡ଼ିଶା ବାହାର ସାହିତ୍ୟ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବିଶିଷ୍ଟ ଲେଖକ ଓ ସମାଲୋଚକଙ୍କ ଲେଖା ପ୍ରକାଶ ପାଇଛି।

ଶାନ୍ତିନିକେତନ ଓଡ଼ିଆ ବିଭାଗର ପ୍ରାଚୀର ପତ୍ରିକା ଭାବେ 'ସ୍ପନ୍ଦନ' ପ୍ରତ୍ୟେକ ବର୍ଷ ପ୍ରକାଶ ପାଇ ଆସୁଛି। ଶାନ୍ତିନିକେତନ ଓଡ଼ିଆ ବିଭାଗର ଛାତ୍ରଛାତ୍ରୀମାନେ ଏହି ପ୍ରାଚୀର ପତ୍ରିକାରେ ନିଜର ମନର ଭାବକୁ କବିତା ଓ ଗଳ୍ପ ମାଧ୍ୟମରେ

ପରିପ୍ରକାଶ କରିଆସୁଛି।

୨୦୧୩ ମସିହାରେ ମିଥୁନ୍ କୁମାର ଦେ'ଙ୍କ ସମ୍ପାଦନାରେ 'ଶାନ୍ତିନୀଡ଼' ପତ୍ରିକା ପ୍ରକାଶିତ। କିଛି ତରୁଣ ଗବେଷକଙ୍କ ଉଦ୍ୟମରେ ଏହା ପ୍ରକାଶ ପାଇ ମାତ୍ର ଦୁଇଟି ସଂଖ୍ୟାରେ ସୀମିତ ରହିଥିଲା। ଗବେଷକମାନେ ନିଜ ଅଧ୍ୟୟନ ଓ ଗବେଷଣା ଶେଷ କରି ଓଡ଼ିଶା ଚାଲିଯିବା ଫଳରେ ଏହି ପତ୍ରିକାଟି ବନ୍ଦ ହୋଇଯାଇଥିଲା।




୨୦୧୪ ମସିହାରୁ ଶାନ୍ତିନିକେତନରୁ ଡ.ଶରତ କୁମାର ଜେନାଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପ୍ରିୟରଞ୍ଜନ ପଟ୍ଟନାୟକଙ୍କର ସମ୍ପାଦନାରେ 'ଅନ୍ୟତ୍ର' ପତ୍ରିକା ପ୍ରକାଶିତ ପାଇ ଆସୁଛି। କରୋନା କାରଣରୁ ଏହି ପତ୍ରିକାଟି ୨୦୨୦-୨୧ରେ ପ୍ରକାଶିତ ହୋଇପାରିନାହିଁ। ଏଯାବତ୍ ୭ଟି ସଂଖ୍ୟା ପ୍ରକାଶ ପାଇଆସିଥିବା ଏହି ପତ୍ରିକାର ଆଭିମୁଖ୍ୟ ସମ୍ପର୍କରେ ଡ. ଜେନା କହନ୍ତି - ଓଡ଼ିଶା ବାହାରେ ରହି ବି ବହୁ ଓଡ଼ିଆ ଏଥିରେ ନିଜକୁ ସାମିଲ୍ କରିଛନ୍ତି। ଶାନ୍ତିନିକେତନରୁ ପ୍ରକାଶ ପାଉଥିବା ଏମିତି ଏକ ସ୍ୱପ୍ନଶୀଳ ସର୍ଜନପତ୍ର 'ଅନ୍ୟତ୍ର' ବି ସେଇ ବିକାଶଧାରାର ଅନ୍ୟତମ ଫଳଶ୍ରୁତି। ଓଡ଼ିଶା ବାହାରେ, ବିଦେଶରେ ରହୁଥିବା ଲୋକଙ୍କ ଆଶା, ଆକାଂକ୍ଷା, ସ୍ୱପ୍ନଶୀଳ ମନୋଭାବର ଅନ୍ତରଙ୍ଗ ସ୍ୱରକୁ ଏଥିରେ ଅଗ୍ରାଧିକାର ଦିଆଯିବାର ଅଭିଳାଷ ରହିଛି। ଏ ଅଭିଳାଷ; ଓଡ଼ିଶା ଓ ଓଡ଼ିଶା ବାହାରେ ରହୁଥିବା ଅଗଣିତ ସାହିତ୍ୟପ୍ରେମୀଙ୍କ ଦ୍ୱାରା ସାକାର ହୋଇପାରିବ।" (ଅନ୍ୟତ୍ର-୧, ଅନ୍ତିମ ଆଳାପ)- ଅନ୍ୟତ୍ରର ବିଭିନ୍ନ ସଂଖ୍ୟା ପଦ୍ମଜପାଲ ବିଶେଷାଙ୍କ, ପ୍ରତିଭା ରାୟ ଗଳ୍ପ ବିଶେଷାଙ୍କ ଓ ୨୦୨୨ରେ ସାହିତ୍ୟ ଓ ସିନେମା ବିଶେଷାଙ୍କ ପ୍ରକାଶ ପାଇଛି। ଅନ୍ୟତ୍ରର ୨୦୨୨ ସଂଖ୍ୟାର ସମ୍ପାଦକ ଦିପୁନ୍ ପୁହାଣ ଅଟନ୍ତି। ସାହିତ୍ୟ ଓ ସିନେମା ସମ୍ପର୍କରେ ଏଭଳି ଏକ ସଂଖ୍ୟା ଓଡ଼ିଆ ପତ୍ରିକା ଜଗତ ପାଇଁ ଏକ ନୂଆ ପରିକଳ୍ପନା। ଶରତ କୁମାର ଜେନାଙ୍କ ଉଦ୍ୟମରେ ଏହା ଏକ ଅନୁଷ୍ଠାନ ଭାବେ ଜାତୀୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରି ଆସୁଛି।

ଶାନ୍ତିନିକେତନ ବିଭିନ୍ନ ଭାଷା, ସାହିତ୍ୟ ଓ ସଂସ୍କୃତିର ମିଳନ ସ୍ଥଳ। ତେଣୁ ସେଠାରେ ଅନ୍ୟାନ୍ୟ ଭାରତୀୟ ଭାଷାର ପତ୍ରପତ୍ରିକା ସହିତ ଓଡ଼ିଆ ପତ୍ରପତ୍ରିକା ପ୍ରକାଶନ ଓଡ଼ିଆ ସାହିତ୍ୟର ବିକାଶରେ ଓ ସମୃଦ୍ଧିରେ ଏକ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ।

□□

ଲେଖିକାଙ୍କ ଇ-ମେଲ ଠିକଣା:
sonali1993ak@gmail.com





ଅନୁବାଦ

# ଦେଶାନ୍ତର



ମୂଳ ନେପାଳୀ: ଏସ୍. ଲୋହାନୀ    ଅନୁବାଦ: କନକ ମଂଜରୀ ସାହୁ

ପବନ ଥଣ୍ଡା ଥିଲା। ଲାଗୁଥିଲା ବରଫ ପଡ଼ିବ। ରାଜହଂସମାନେ ପରକୁ ଫଡ଼ଫଡ଼ କରି ପାଣି କୂଳକୁ ଆସି ବସିଗଲେ ତା'ପରେ ସେମାନେ ପାଣିର ଛୋଟ ଲହଡ଼ିରେ ପହଁରି ହ୍ରଦର ଅନ୍ୟ କୂଳକୁ ଯାଉଥିଲେ। ଗୋଟିଏ ଠେକୁଆ ଅଦାର ଶୁଖିଲା ପତ୍ର ଖୁଣ୍ଟୁଥିଲା ଏବଂ ତା' ନାକକୁ ସଙ୍କୁଚିତ କରୁଥିଲା। ଗୋଟିଏ ମାଛ ପାଣିରେ ବୁଡ଼ ମାରୁଥିଲା। ଗୋଟିଏ ପକ୍ଷୀ ପାହାଡ଼ି ବାଦାମକୁ ଥଣ୍ଟ ମାରୁଥିଲା। ରାଜହଂସମାନେ ତା'ପରେ ଘାସ ଉପରେ ନିଷ୍ପନ୍ଦ ହୋଇ ଲୋଟିପଡ଼ିଥିଲେ। ବରଫରେ ଢାଙ୍କି ହୋଇଥିବା ପାହାଡ଼ ଯେମିତି ହ୍ରଦର ଛାତି ଉପରେ ଅଟଳ ଭାବେ ଛିଡ଼ାହୋଇଛି।

ଖରା ଦିନର ସନ୍ଧ୍ୟା ଥିଲା। ସାଢ଼େ ଛଅଟା ବାଜିଥିଲା। ଅସ୍ତ ହେଉଥିବା ସୂର୍ଯ୍ୟଙ୍କ ନାଲି କିରଣ ଗୋଟିଏ କୋଣରୁ ଧୀରେ ଧୀରେ ଆକାଶରୁ ଆଉ ଏକ କୋଣକୁ ଯାଉଥିଲା। ଏକ କଳା ବାଦଲ ଖଣ୍ଡ ଭାସି ବୁଲୁଥିଲା। ମୁଁ କାଠର ସରୁ ଶିଢ଼ି ଚଢ଼ି ତୃତୀୟ ମହଲାର ସେଇ କୋଠରି ଆଡ଼କୁ ଯାଉଥିଲି, ଯେଉଁଠି ମୋତେ ଏକ ଡିନର ପାର୍ଟି ପାଇଁ ନିମନ୍ତ୍ରଣ କରାଯାଇଥିଲା। ତାହା ଏକ ଲମ୍ବା ଆୟତାକାର କୋଠରି ଥିଲା। କାଠମାଣ୍ଡୁର ପୁରୁଣା ଘରମାନଙ୍କରେ ପ୍ରାୟ ଏମିତି ହୋଇଥାଏ। ମଝିରେ ପଡ଼ିଥିବା ଛୋଟ ଟେବୁଲ, ବିଭିନ୍ନ ଆକୃତିର ଚେୟାର ଏବଂ ପାଳରେ ଭରା ଛିଣ୍ଡା ଖଟ। କିନ୍ତୁ ବ୍ରାଉନ ରଙ୍ଗର କାର୍ପେଟ ଉଜ୍ଜଳ ଥିଲା ଏବଂ ଏହା ମଇଳା କି କପଡ଼ାର ଗଠନ ଚଟାଣରେ ବିଛାଯାଇଛି ତାହା ଜାଣିବା କଷ୍ଟକର। କୋଠରିଟି ଗରମ ଥିଲା, ତା'ର ରଙ୍ଗ ଫିକା ଦେଖାଯାଉଥିଲା ଏବଂ ସେଠାରୁ ଝାଳୁଆ ଗନ୍ଧ ବାହାରୁଥିଲା।

ଯଦି ମୁଁ ଠିକ୍‌ଭାବେ ମନେପକାଇବି ତ ମୋ' ସମେତ କୋଠରିରେ ପାଞ୍ଚ କିମ୍ବା ଛଅ ଜଣ ଲୋକ ଥିଲେ। ମୋର ଦୁଇ ଜଣ ଯୁବକଙ୍କ ମୁହଁ ଠିକ୍ ମନେଅଛି ଯେଉଁମାନେ ମୋ' ବୟସର ଥିଲେ। ସେମାନେ ବିଭିନ୍ନ ରଙ୍ଗର ଶାର୍ଟ ଏବଂ ଢିଲା ପ୍ୟାଣ୍ଟ ପିନ୍ଧିଥିଲେ। ଜଣେ ମଧ୍ୟ ବୟସ୍କ ବ୍ୟକ୍ତି ଥିଲେ ଯିଏ ଟିକେ ଖଦା, ସେ ବ୍ୟାଙ୍କରେ କ୍ଲର୍କ ଥିଲେ। ଆଉଜଣେ ମହିଳା ଥିଲେ, ପ୍ରାୟ ସେ ତିରିଶ ବର୍ଷ ବୟସର ହୋଇଥିବେ, ସେ ଜିନ୍ସ ଏବଂ ବାନିୟାନ ପିନ୍ଧିଥିଲେ।



ମୁଁ ମୋ' ସାମନାରେ ଥୁଆ ହୋଇଥିବା ବିୟର ଗ୍ଲାସକୁ ଚାହୁଁଥିଲି। ଚେଷ୍ଟା କରୁଥିଲି ମୁଁ ଯେମିତି ମୋ' ନାକର ଅଗ୍ରଭାଗକୁ ଦେଖିପାରେ। ମୁଁ ପୂର୍ବରୁ ଥରେ ଦୁଇଥର ବିୟର ପିଇଥିଲି, କିନ୍ତୁ ସତକଥା ବୟସ୍କମାନଙ୍କ ସାଙ୍ଗରେ ବିୟର ପିଇବା ବହୁତ ସନ୍ତୋଷଜନକ ଥିଲା। ମୁଁ ଷୋଳ ବର୍ଷର ହୋଇଥିଲି ଏବଂ ଆମ କ୍ଲାସରେ ସବୁଠାରୁ ମେଧାବୀ ଛାତ୍ର ଥିଲି। ମୁଁ ପ୍ରଥମଥର ବୟସ୍କମାନଙ୍କ ଦୁନିଆରେ ପାଦ ରଖିଥିଲି। ମୁଁ ମନଭିତରେ ଏହି ଆଶା ରଖିଥିଲି ଯେ ମୁଁ ମୋ' ବାକ୍‌ଚାତୁରୀରେ କୋଠରିରେ ଥିବା ସମସ୍ତଙ୍କୁ ପଛରେ ପକାଇଦେବି। ଯେଉଁଠି ମୋ' ନିଜ ଉପରେ ଭରସା ଥିଲା ସେଠାରେ ମୁଁ ବହୁତ ଘାବରାଉଥିଲି ମଧ୍ୟ।

ଦୁଇ ଯୁବକ ବିୟର ପିଉଥିଲେ ଏବଂ ଲମ୍ବା ଫିଲଟର ସିଗାରେଟ ଫୁଙ୍କୁଥିଲେ, ମହିଳା ଜଣକ ଏକ ପୁରୁଣା କଂସା ବାସନରେ ସିଝା ବୁଟ ଖାଉଥିଲେ। କ୍ଲର୍କ ଜଣକ ବାମ ହାତରେ ଟେବୁଲ୍ ଉପରେ ଥପଥପ୍ କରୁଥିଲେ। ମୁଁ ପୂରା ସନ୍ଧ୍ୟାଟାରେ ଗୋଟିଏ ଗ୍ଲାସ ବିୟର ପିଇଥିଲି, ଯାହାକି

ଅନ୍ୟମାନେ ଆଠ/ଦଶ ଗ୍ଲାସ ପିଇଥିବେ। ମୋର ମନେଅଛି, ସେମାନେ ଲଗାତାର ଗ୍ଲାସରେ ବିୟର ଢାଳୁଥିଲେ। ମହିଳା ଜଣକ କିଛି ମିନିଟ ବ୍ୟବଧାନରେ ଧଳା ଦାନ୍ତକୁ ପ୍ରଦର୍ଶନ କରୁଥିଲେ ଏବଂ କ୍ଲର୍କ ଜଣକ ବାରମ୍ବାର ଶବ୍ଦକରି ନାକ ସଫା କରୁଥିଲେ।

ହାତରେ ବିୟର ଗ୍ଲାସ ନେଇ ମୁଁ ସୂର୍ଯ୍ୟଙ୍କ କିରଣକୁ ଗାଲିଚା ଆକୃତି ହେଉଥିବାର ଚାହୁଁଥିଲି। ସେଇ ଆକୃତି ଏକ ପୋଖରୀର ରୂପ ନେଇଥିଲା, ଯାହାକି ତୁମ ଉପରେ ଅଧିକ ସମୟ ପର୍ଯ୍ୟନ୍ତ ଆଲୋକ ପକାଇ ନଥିଲା କିନ୍ତୁ ଏହା ତୁମକୁ ନିଜ ଭିତରର ଗଭୀରତାକୁ ଦେଖିବାକୁ ଅନୁମତି ଦେଇଥିଲା, ଯେଉଁଠି ଜୀବନ ଘୂରିବୁଲୁଥିଲା, ସଂଘର୍ଷ କରୁଥିଲା। ଦୁଇ ଯୁବକ ଫିଲ୍ମ ଷ୍ଟାର ହେବା କଥା କଥାବାର୍ତ୍ତା କରୁଥିଲେ, ସେତେବେଳେ ଜିନ ପିନ୍ଧା ମହିଳା ତାଙ୍କୁ ଖୁସିରେ ଚାହୁଁଥିଲେ। ମୁଁ ଥରେ ଦୁଇଥର ଚେଷ୍ଟା କରୁଥିଲି, ନିଜର ମତାମତ ଦେବାକୁ କିନ୍ତୁ କିଛି ବି କହିବା ପୂର୍ବରୁ ମୋ' ପାଟି ବନ୍ଦ ହେଇଯାଉଥିଲା, ଯଦିବା ମୁହଁ ଖୋଲୁଥିଲି ମୋ' କଣ୍ଠରେ କମ୍ପନ ସୃଷ୍ଟି ହେଉଥିଲା। ସେତେବେଳେ କେବଳ କିଛି ଗୁଣୁଗୁଣୁ ହେଉଥିଲି, ଯେମିତି ଶୁଖିଲା ଘାସ ଜଳୁଥିଲା ବା କୋଉ ଭୂତ ଫୁସ୍‌ଫୁସ୍ ହେଉଥିଲା। ମୁଁ କ'ଣ ନିରବ ରହି ବିୟର ଏବଂ ସେଇ କୋଠରିର ଗରମ ଅନ୍ଧାରପଣର ଆନନ୍ଦ ଉଠେଇ ପାରିନଥାନ୍ତି ? ନାଇଁ ଏମିତି ହୋଇପାରୁନଥିଲା... ମୁଁ ଜଣେ ମଣିଷ, କୌଣସି ମୂକ ପକ୍ଷୀ କିମ୍ବା ପଶୁ ନୁହେଁ।

**ମୁଁ ଏମିତି ଘେରରେ ଫସିଗଲି ଯାହା ମୋ' ଆୟତରେ ନଥିଲା। ମୋତେ ଦୁଇ ବାର୍ତ୍ତାଳାପ, ଚାରି ଶବ୍ଦ, ଛଅ ଭାଷାର ସାମନା କରିବାକୁ ପଡ଼ିଥିଲା।**

ମୋର ଅକୁହା ଶବ୍ଦ ରୋଷେଇ ଘରୁ ଆସୁଥିବା ଭୋକକୁ ଜଗାଇ ଦେଉଥିବା ସୁଗନ୍ଧ ସହିତ ମିଶାମିଶି ହେଇଯାଉଥିଲା। ସମୟ ଦୂରର ଛାୟାପଥରେ ଘୂରିବାକୁ ଲାଗିଲା। ଦୁଇ ଯୁବକ ଫିଲ୍ମ ଷ୍ଟାର ହେବା ପୂର୍ବରୁ ସବୁଠୁ ସୁନ୍ଦରୀ ଫିଲ୍ମ ଅଭିନେତ୍ରୀଙ୍କ ସହିତ ବିବାହ କରିବାକୁ ସ୍ଥିର କରିନେଲେ। ମୁଁ ଜମିଯାଇଥିବା ବରଫ ଖଣ୍ଡ ଭଳି ନିରବରେ ବସିରହିଲି। ମୋ' ଭିତରେ ମୁଁ ଗରମ ଅନୁଭବ କରୁଥିଲି। ମୋର ଏହା ଅନୁଭବ ହେଉଥିଲା ଯେ, ମୋର କିଛି ବି କହିବା ଉଚିତ୍ ଯାହାକି ସେଇ ଟେବୁଲ୍ ପାଖରେ ମୋର ଉପସ୍ଥିତିର ଅନୁଭବ ସମସ୍ତଙ୍କୁ ହେବ।

ଶେଷରେ ମୁଁ ସେଇ ଜିନ୍ସ ପିନ୍ଧିଥିବା ମହିଳାଙ୍କୁ ପଚାରିଲି ସେ କ'ଣ କରନ୍ତି। ଏହା ମୋ' ପାଇଁ ଖରାପ ହେଲା। ମୁଁ ଏମିତି ଘେରରେ ଫସିଗଲି ଯାହା ମୋ' ଆୟତରେ ନଥିଲା। ମୋତେ ଦୁଇ ବାର୍ତ୍ତାଳାପ, ଚାରି ଶବ୍ଦ, ଛଅ ଭାଷାର ସାମନା କରିବାକୁ ପଡ଼ିଥିଲା। ଭାଗ୍ୟ ଭଲ, ତାହା ସବୁ ଶୀଘ୍ର ଏକ ବାର୍ତ୍ତାଳାପରେ ମିଶାମିଶି ହୋଇଗଲା। କିନ୍ତୁ ମୁଁ ଏଥିରେ କୌଣସି ବି ଯୋଗଦାନ କରିପାରିଲିନି। କାରଣ ଏହି ବାର୍ତ୍ତାଳାପରେ ସେମାନେ ସମସ୍ତେ ଏମିତି ମିଶିଯାଉଥିଲେ ଯେ ଜାଣିଲି ସେମାନେ ପରସ୍ପର ସହିତ ପରିଚିତ ଥିଲେ। ମୁଁ ଏକଥା ଜାଣିନଥିଲି, ଝରକା ବାଟେ ବାହାର ରାସ୍ତାକୁ ଚାହୁଁଥିଲି। ବିୟର ପିଇ ବହୁତ ଖରାପ ଢ'କାରକୁ ଦବାଇବାକୁ ବିଫଳତାପୂର୍ଣ୍ଣ ଚେଷ୍ଟା କରିବାର ସାହସ ବି ନଥିଲା। ସତ କଥା, ମୋର ଅସ୍ତିତ୍ୱ ପ୍ରାୟ ସମାପ୍ତ ହୋଇଯାଇଥିଲା।

ଡିନର ପ୍ରସ୍ତୁତ ହୋଇଗଲା। ମୋତେ ବହୁତ ଭଦ୍ରତାର ସହ ଡକାଗଲା। ପୂର୍ବରୁ ମୁଁ ତ ହଲି ପାରୁନଥିଲି। ଟେବୁଲ ଏତେ ଅଧିକ ପ୍ଲେଟର ବୋଝରେ ଶବ୍ଦ କରୁଥିଲା ଏହା ମୋତେ ଭୟଭୀତ କରୁଥିଲା। ତାହା ବାଘ, ସିଂହର ଭୟ ନଥିଲା ବରଂ ପରୀକ୍ଷଣର ଭୟ ଥିଲା। ତାହା ଏକ ଛୋଟ, ଗୋଲ ନୁହେଁ, ବରଂ ଚାରିକୋଣିଆ ଟେବୁଲ ଥିଲା। ଯାହା ଛଅ ଯୋଡ଼ା ଓଦା ଆଖିକୁ ଏକ କେନ୍ଦ୍ର ସହିତ ସଂଯୋଗ କରୁଥିଲା। ଲାଗୁଥିଲା ସତେ ଯେମିତି ଏହି ଆଖିଗୁଡ଼ିକ ଅନେକ ବିନ୍ଦୁ ସହିତ ଗୋଲାକାର ବୃତ୍ତରେ ଏକ ଅସ୍ପଷ୍ଟ ଢଙ୍ଗରେ ଗତି କରୁଛନ୍ତି, ଯେମିତି ପରସ୍ପର ଭିତରକୁ ପଶି ଯାଉଛନ୍ତି। ତୁମ ପାଖ ଲୋକ ଉପରେ ଆଖି, ନିଜ ପ୍ଲେଟ ଉପରେ ଆଖି, ତୁମ ପାଖଲୋକର ତୁମ ଉପରେ ଆଖି, ତାଙ୍କର ନିଜ ପ୍ଲେଟ ଉପରେ ଆଖି, ତୁମ ଆଖି ତାଙ୍କ ପ୍ଲେଟ ଉପରେ, ଟେବୁଲ ବହୁତ ଆଖିର କେନ୍ଦ୍ରବିନ୍ଦୁ ଥିଲା। ମୁହଁରେ ଖାଦ୍ୟ ତା'ପରେ ଖାଇବା ସମାପ୍ତ ହୋଇଗଲା, ମୁହଁ ଶବ୍ଦରେ ଭରିଗଲା, ସବୁ ଶବ୍ଦ ସମାପ୍ତ ହୋଇଗଲା। ଡିନର ପାର୍ଟି ଏମିତି ହୋଇଥାଏ। ଏଥିରେ ମୁଁ ସମ୍ପୂର୍ଣ୍ଣ ବିଫଳ ହେଲି। ମୋତେ ଆଉ ଭୋକ ନଥିଲା, ମୋ ପାଖରେ କହିବାକୁ କିଛି ନଥିଲା, ମୋ ମୁହଁ ଭାବହୀନ ଥିଲା। ଯଦି ମୁଁ ନିଜ ଇଚ୍ଛାରେ ସେଠାରେ

କିଛି କହିଥାଆନ୍ତି, ମୋର ଡର ଥିଲା ମୋତେ କେହି ବୁଝି ପାରିବେ ନାହିଁ। ମୁଁ ଜାଣିଲି ମୁଁ କଥା କହିପାରିବି ନାହିଁ, କାରଣ ମୋର ଅନୁଭବ ହେଲା ଯେ, ମୁଁ କଥାକୁ ବୁଝାଇ ପାରିବି ନାହିଁ। କାରଣ ସେମାନେ କେହି ବି ମୋତେ ବୁଝି ପାରିବେ ନାହିଁ। ମୋ' ପାଇଁ ଶବ୍ଦ ବିସ୍ତାର କରିବାର ସାଧନ ନୁହେଁ ବରଂ ଗଳା ଚିପି ମାରିବାର ମାଧ୍ୟମ। ଏକ ଋତୁ କ୍ଷଣକରେ ଅତିବାହିତ ହୋଇଗଲା।

**ସେମାନେ କେହି ବି ମୋତେ ବୁଝି ପାରିବେ ନାହିଁ। ମୋ' ପାଇଁ ଶବ୍ଦ ବିସ୍ତାର କରିବାର ସାଧନ ନୁହେଁ, ବରଂ ଗଳା ଚିପି ମାରିବାର ମାଧ୍ୟମ।**

ରାଜହଂସ ତାଙ୍କର ପର ମେଲାଇଲେ। ସେ ଉଡ଼ର ପଟକୁ ତାଙ୍କ ବସାକୁ ଫେରୁଥିଲେ। ସ୍ୱପ୍ନରେ ହଜିଯାଇଥିବା ହ୍ରଦ ପୁଣି ଫୁଲ ସହିତ ଜୀବନ୍ତ ହୋଇଗଲା । ପ୍ରକୃତି ପୁଣି ସଙ୍ଗୀତମୟ ହୋଇଗଲା।

□□

ଅନୁବାଦିକାଙ୍କ ଇ-ମେଲ ଠିକଣା:
sahukanakmanjari@gmail.com

## 'ସାହିତ୍ୟ ଚର୍ଚ୍ଚା'କୁ ଲେଖା ପଠାଇବାର ନିୟମାବଳୀ

୧. 'ସାହିତ୍ୟ ଚର୍ଚ୍ଚା' ଏକ ପାରିବାରିକ, ସାଂସ୍କୃତିକ, ଆଧ୍ୟାତ୍ମିକ, ଅବା ଫିଚର-ଧର୍ମୀ ପତ୍ରିକା ନୁହେଁ, ବରଂ ଏକ ନିରୁତା ସାହିତ୍ୟ ପତ୍ରିକା। ଲେଖକମାନେ ନିଜର ଲେଖା ପଠାଇବା ବେଳେ ଏହା ଦୃଷ୍ଟିରେ ରଖିବା ପାଇଁ ଅନୁରୋଧ।

୨. ପ୍ରବନ୍ଧ, ସମାଲୋଚନା, ଗଳ୍ପ, ରମ୍ୟରଚନା, ବ୍ୟଙ୍ଗ, କବିତା, ଅନୁବାଦ ଓ ଶିଶୁଗଳ୍ପ ଆଦି ଯେକୌଣସି ବିଭାଗର ଲେଖା ପଠାଇ ପାରନ୍ତି। ଆମେ ଗଦ୍ୟ ରଚନାଗୁଡ଼ିକୁ ଅଧିକ ପ୍ରାଧାନ୍ୟ ଦେଉ।

୩. ପତ୍ରିକାରେ କେବଳ ଭାଷା ଓ ସାହିତ୍ୟ ଉପରେ ଆଧାରିତ ପ୍ରବନ୍ଧମାନ ପ୍ରକାଶିତ ହୁଏ। ଅବଶ୍ୟ କେବଳ ରଥଯାତ୍ରା ଓ ଦଶହରା ଅବସରରେ ପ୍ରକାଶିତ ସଂଖ୍ୟାରେ ଏହାର କିଛି ବ୍ୟତିକ୍ରମ ହୋଇଥାଏ।

୪. ପତ୍ରିକା ପାଇଁ କୌଣସି ପ୍ରବନ୍ଧ ଲେଖିବା ଆରମ୍ଭ କରିବା ପୂର୍ବରୁ ଦୟାକରି ଆମକୁ ତାହାର ବିଷୟ ସମ୍ପର୍କରେ ପୂର୍ବରୁ ଇ-ମେଲ୍ କିମ୍ବା ହ୍ୱାଟ୍‌ସଆପ୍ ଯୋଗେ ଜଣାନ୍ତୁ। ଆବଶ୍ୟକ ହେଲେ ଏ ବିଷୟରେ ଫୋନ୍‌ରେ ମଧ୍ୟ ଆଲୋଚନା କରିପାରନ୍ତି।

୫. ଲେଖାଗୁଡ଼ିକୁ ଟାଇପ୍ କରି ଇ-ମେଲ୍ ଯୋଗେ info@sahityacharcha.com ଠିକଣାରେ କିମ୍ବା ଆମର ହ୍ୱାଟସଆପ୍ ନମ୍ବର 9368772506 କୁ ପଠାଇବାକୁ ଅନୁରୋଧ। ଆବଶ୍ୟକ ସ୍ଥଳେ ସ୍ୱହସ୍ତଲିଖିତ ରଚନାର ସ୍ପଷ୍ଟ ଛବି ଉଠାଇ ମଧ୍ୟ ପଠାଇପାରନ୍ତି।

୬. ପୂର୍ବ ପ୍ରକାଶିତ କୌଣସି ଲେଖା ନ ପଠାଇବାକୁ ଅନୁରୋଧ। ଏପରିକି ଫେସ୍‌ବୁକ୍ ଇତ୍ୟାଦିରେ ପ୍ରକାଶିତ ଲେଖା ମଧ୍ୟ ପଠାନ୍ତୁ ନାହିଁ।

୭. କବି ଓ ଲେଖକମାନଙ୍କୁ ଅନୁରୋଧ, ପୂର୍ବରୁ ଆମର ପତ୍ରିକାଟି କେବେ ଥରଟିଏ ହେଲେ ପଢ଼ିନଥିଲେ, ଦୟାକରି କୌଣସି ଲେଖା ପଠାନ୍ତୁ ନାହିଁ।

୮. ଲେଖା ସହିତ ଲେଖକ ବା ଲେଖିକାଙ୍କର ଏକ ଫଟୋ, ମୋବାଇଲ୍ ନମ୍ବର ଏବଂ ଇ-ମେଲ୍ ଠିକଣା ରହିଥିବା ଆବଶ୍ୟକ।

୯. ଅତି ଦୀର୍ଘ ଲେଖା ନ ପଠାଇବାକୁ ଅନୁରୋଧ।

୧୦. ଲେଖକମାନଙ୍କ ପାଖକୁ ମାନଦେୟ ସ୍ୱରୂପ ଛଅ ମାସ ପାଇଁ ପତ୍ରିକା ପଠାଇବାର ବ୍ୟବସ୍ଥା ଅଛି। ମାତ୍ର ସାହିତ୍ୟ ଚର୍ଚ୍ଚା ପରିବାରର ସଦସ୍ୟମାନଙ୍କୁ ଏହି ମାନଦେୟ ପ୍ରେରିତ ହୁଏନାହିଁ।

୧୧. ଚୟନ କରାଯାଇଥିବା ଲେଖାର ପ୍ରକାଶନ ପାଇଁ ଅନ୍ତତଃ ଦୁଇମାସ ଅପେକ୍ଷା କରିବାକୁ ନିବେଦନ।

୧୨. ଅପ୍ରକାଶିତ ଲେଖାର କାରଣ ଦର୍ଶାଇବା ପାଇଁ ସମ୍ପାଦନାମଣ୍ଡଳୀ ବାଧ୍ୟ ନୁହନ୍ତି।

୧୩. ପ୍ରକାଶନ ପୂର୍ବରୁ ଲେଖାଗୁଡ଼ିକୁ ଆବଶ୍ୟକ ମୁତାବକ ସମ୍ପାଦନା, ସଂଶୋଧନ ବା ପୁନର୍ଲିଖନ କରିବାର ଅଧିକାର ସମ୍ପାଦନା ମଣ୍ଡଳୀର ରହିଛି।




ପ୍ରବନ୍ଧ

# ଲୋକଭାଷା ବନାମ ସାହିତ୍ୟର ଭାଷା

ଜ୍ୟୋତିପ୍ରଭା ମହାନ୍ତି

ଲୋକସାହିତ୍ୟର ଭାଷା ଓ ସାହିତ୍ୟର ଭାଷା ଦୁଇଟି ସମାନ୍ତରାଳ ଭାବରେ ଗତିକଲେ ମଧ୍ୟେ ଦୁହେଁ ପରସ୍ପର ଉପରେ ପ୍ରଭାବ ପକାଇଥାନ୍ତି। ଲୋକସାହିତ୍ୟର ଭାଷା ସାଧାରଣ ଜନତାର ଭାଷା ଯାହା ଶୃଙ୍ଖଳାରହିତ ଅଟେ। ବ୍ୟାକରଣଗତ ଅନୁବନ୍ଧିତ ନୁହେଁ। ମନର ଅସୁମାରିବେଦନା, ଦୁଃଖ, କଷ୍ଟ, ଯାତନା, ସୁଖ-ଆନନ୍ଦକୁ ପ୍ରକାଶ କରିବାର ଅଭିପ୍ରାୟରେ ରଚିତ ହୋଇଛି। ଲୋକଭାଷା, ଲୋକମନର ପରିପ୍ରକାଶ ଅଟେ। ମନର ପରିଧି ମଧ୍ୟରେ ଯାହା ସଂଚାଳିତ ହୁଏ ତାହାର ସ୍ୱଚ୍ଛଳ ପରିପ୍ରକାଶ ହେତୁ ଶୃଙ୍ଖଳା ରହିତ। ଏହା ନିଜସ୍ୱ ଗରିମାରେ ଗରୀୟାନ। ଭାଷାର ସରଳତା, ଆତ୍ମନିବିଡ଼ତା ବିଦଗ୍ଧ ସାହିତ୍ୟରେ ବ୍ୟବହାର କରାଯିବାର ଲକ୍ଷ୍ୟ କରାଯାଏ। ବିଦଗ୍ଧ ସାହିତ୍ୟର ଭାଷା ଶୃଙ୍ଖଳାଯୁକ୍ତ, ବ୍ୟାକରଣ ନିୟମ ଅନୁଯାୟୀ ଲିଖିତ। ଲୋକସାହିତ୍ୟର ଭାଷା ସମାଜର ନିମ୍ନସ୍ତରର ଲୋକମାନଙ୍କର ଭାଷା ଅଟେ। ଲୋକମାନଙ୍କର ଭାଷାଗତ ଅଜ୍ଞାନତା, ଅଶିକ୍ଷା ହେତୁ ଭାଷା ଶୃଙ୍ଖଳିତ ହୋଇନଥାଏ। ଲୋକସାହିତ୍ୟରେ ବ୍ୟବହାର କରାଯାଇଥିବା ଦେଶଜ, ପ୍ରାକୃତ, ଅପଭ୍ରଂଶ ଶବ୍ଦର ବ୍ୟବହାର ବିଦଗ୍ଧ ସାହିତ୍ୟରେ ଦେଖିବାକୁ ମିଳିଥାଏ।



**ଧ୍ୱନିଗତ ଉଚ୍ଚାରଣ**

ଧ୍ୱନିଗତ ଉଚ୍ଚାରଣ ଦୃଷ୍ଟି କୋଣରୁ ବିଚାର କଲେ ଲୋକସାହିତ୍ୟରେ ବ୍ୟବହୃତ ଧ୍ୱନିଗୁଡ଼ିକ ବିଦଗ୍ଧ ସାହିତ୍ୟ ଅଥବା ସାହିତ୍ୟର ଭାଷା ମଧ୍ୟରେ ବ୍ୟବହୃତ ହୋଇଥାଏ। ଲୋକସାହିତ୍ୟରେ ବ୍ୟବହୃତ ଅଳଙ୍କାର, ଛନ୍ଦ, ସାଂଗୀତିକତା, ଖଣ୍ଡବାକ୍ୟ, ବାକ୍ୟାଂଶ, ପୂର୍ଣ୍ଣବାକ୍ୟ, ପ୍ରତ୍ୟକ୍ଷୋକ୍ତିମୂଳକ ବାକ୍ୟ, ପରୋକ୍ଷଉକ୍ତି ମୂଳକ ବାକ୍ୟ, ଆଦେଶାତ୍ମକ ବାକ୍ୟ, ବିବରଣାତ୍ମକ ବାକ୍ୟ, ନାସ୍ତିବାଚକ ବାକ୍ୟର ବ୍ୟବହାର କୌଶଳ ସାହିତ୍ୟର ବିଭାଗମାନଙ୍କରେ ଦେଖିବାକୁ ମିଳିଥାଏ। ଲୋକସାହିତ୍ୟରେ ବ୍ୟବହାର କରାଯାଇଥିବା ଲୋକୋକ୍ତି, ବାକ୍ୟୋକ୍ତି କାହାଣୀ ବା ଗୀତରେ ବ୍ୟବହୃତ ହୋଇଥାଏ। କଥାଣୁ (ମୋଟିଫ୍)ର ବ୍ୟବହାର ସାହିତ୍ୟର ବିଭିନ୍ନ ବିଭାଗମାନଙ୍କରେ ଦେଖିବାକୁ ମିଳିଥାଏ। ଲୋକସାହିତ୍ୟରେ ଲୋକଗାଥାର ବ୍ୟବହାର ସମ୍ପର୍କରେ ଆଲୋଚନା କଲାବେଳେ ବୁଝିବାକୁ ହୁଏ ଯେ, ଗୋଟିଏ ଗାଥା କ୍ରମେ କାହାଣୀ ବା କିଂବଦନ୍ତୀ ହୁଏ। ଏହି କାହାଣୀ ବା କିଂବଦନ୍ତୀର ବ୍ୟବହାର ସାହିତ୍ୟର ବିଭିନ୍ନ ବିଭାଗମାନଙ୍କରେ ଲକ୍ଷ୍ୟ କରାଯିବା ସହ ଏହି କାହାଣୀ ଓ କିମ୍ବଦନ୍ତୀ କ୍ରମଶଃ ବିକଶିତହୋଇ ଏକ ମହାକାବ୍ୟରେ ପରିଣତ ହୋଇଥାଏ। ଅନେକଗୁଡ଼ିଏ ଲୋକଗାଥାର ସାର୍ଥକ ସମନ୍ୱୟରେ ହିଁ ମହାକାବ୍ୟ ସୃଷ୍ଟି। ଏ ପ୍ରକାର ମହାକାବ୍ୟ ମୌଳିକ ମହାକାବ୍ୟ (ପ୍ରାଇମେରୀ ଏପିକ୍) ଭାବରେ ପରିଚିତ ହୋଇଥାନ୍ତି। ସାରଳା ମହାଭାରତ ଓଡ଼ିଆ ଆଦିସାହିତ୍ୟର ଏକ ବିରାଟକୃତି। ଲୋକମୁଖର ପ୍ରଚଳିତ ବହୁ ଲୋକକାହାଣୀ କିଂବଦନ୍ତୀ ସବୁକୁ 'ମହାଭାରତ'ରେ ବ୍ୟବହାର କରାଯାଇଥିବାର ଲକ୍ଷ୍ୟ କରାଯାଏ। ସାରଳା ମହାଭାରତରେ ବ୍ୟବହାର କରାଯାଇଥିବା ପ୍ରସଙ୍ଗ ବା ଲୋକୋକ୍ତି ଲୋକସାହିତ୍ୟରେ ବ୍ୟବହାର କରାଯାଇଥିବାର ଲକ୍ଷ୍ୟ କରାଯାଇଥାଏ। ଯଥା-

୧. ଭଗବାନଙ୍କର ଗଧପାଦ ଧରିବା।

୨. ଶିମିଳି ଗଛରେ ଦେହ ଘଷିବା।

୩. କୋକୁଆ ଭୟ।

୪. ଝିମିଟି ଖେଳରୁ ମହାଭାରତ।

ସାରଳା ମହାଭାରତରେ ଯେଉଁ ଦାଣ୍ଡିବୃତ୍ତର ରଚିତ ହୋଇଛି ତା'ର ବ୍ୟବହାର ମଧ୍ୟ ଲୋକସାହିତ୍ୟର ହଳିଆଗୀତରେ ଦେଖିବାକୁ ମିଳେ। ଏହା ଅକ୍ଷରଅସାମଞ୍ଜସ୍ୟ ଜନିତ ବୃତ୍ତ ଅଟେ। ଯଥା -

"ମଳୟ ବସନ୍ତ ଘେନିଣ ଅନନ୍ତ
ବିଜୟେ କରୁଣାକର ଗଗନାଧୀନାଥ।" (ସାରଳାମହାଭାରତ)

କଖାରୁପତର ଯେ ଲମ୍ବାଲମ୍ବା ଆଁଶୁ
ମାଟିଆଭାଙ୍ଗିଲେ ଫୁଲଲୋ, ଗାଳିଦେବେ ଶାଶୁ।(ହଳିଆଗୀତ)

**ପଞ୍ଚସଖାଯୁଗ**

ପଞ୍ଚସଖାଯୁଗର ବଳରାମ ଦାସଙ୍କ ଦ୍ୱାରା ରଚିତ ଦାଣ୍ଡି ରାମାୟଣରେ ନିରୋଳା ଲୋକମୁଖର ଭାଷା ବ୍ୟବହାର କରିବା ସଙ୍ଗେ ସଙ୍ଗେ ତଥାକଥିତ ଲୋକପ୍ରଚଳିତ ବହୁ କାହାଣୀ ଓ କିଂବଦନ୍ତୀକୁ ସେ ବିଷୟବସ୍ତୁର ଅନ୍ତର୍ଭୁକ୍ତ କରିଛନ୍ତି। ପଞ୍ଚସଖାଯୁଗର ଅନ୍ୟତମ ପୁରୋଧା ଜଗନ୍ନାଥ ଦାସ ଭାଗବତରେ ଲୋକମୁଖର ଭାଷା ପ୍ରୟୋଗ ବା ବ୍ୟବହାର କରାଯାଇଥିବାବେଳେ କେତେକ ଉପଦେଶାତ୍ମକ ବାଣୀ, ଢଗଢ଼ମାଳି, ଲୋକୋକ୍ତିର ବ୍ୟବହାର ଦେଖିବାକୁ ମିଳିଥାଏ। ଜୀବନର ଅସାରତା, କର୍ମବାଦ, ସମାନତା ସମ୍ପର୍କରେ ଯେଉଁ ଲୋକୋକ୍ତିର ବ୍ୟବହାର କରାଯାଇଛି, ସେଗୁଡ଼ିକ ମଧ୍ୟରୁ ଅନେକ ଲୋକସାହିତ୍ୟରେ ମଧ୍ୟ ବ୍ୟବହୃତ ହୋଇଥିବାର ଲକ୍ଷ୍ୟ କରାଯାଏ। ଯଥା -

**ଭାଗବତରେ ବ୍ୟବହାର କରାଯାଇଥିବା ଅସଂଖ୍ୟ କ୍ରିୟାପଦ ଉହ୍ୟ ଥିବା ବାକ୍ୟ, ଲୋକ ସାହିତ୍ୟରେ ବାକ୍ୟଗଠନର ଏକ ବୈଶିଷ୍ଟ୍ୟ।**

୧. ଯାହାକୁ ରଖିବେ ଅନନ୍ତ, କି କରିପାରେ ବଳବନ୍ତ - (ଭାଗବତ)

- ଯାହାକୁ ରଖିବେ ଅନନ୍ତ କି କରିପାରେ ବଳବନ୍ତ -(ଲୋକସାହିତ୍ୟ)

୨. ଯେ ପକ୍ଷୀ ଉଡ଼େ ଯେତେ ଦୂର, ସେ ଜାଣେ ତହିଁର ବେଭାର (ଭାଗବତ)

'ଯେ ଦେଶ ଯାଇ, ସେ ଫଳ ଖାଇ' - (ଲୋକସାହିତ୍ୟ)

୩. ଅମୃତ ବିନୟ ବଚନ, କହି ତୋଷିବ ଜନମନ - (ଭାଗବତ)

କହି ଜାଣିଲେ କଥା ସୁନ୍ଦର - (ଲୋକସାହିତ୍ୟ)

୪. 'ସଂସାର ଈଶ୍ୱର ଆୟତ୍ତେ, କାଷ୍ଠ ପିତୁଳି ଯେହ୍ନେ ହସ୍ତେ (ଭାଗବତ)

'ଦଇବ ଦଉଡ଼ି ମଣିଷ ଗାଈ, ଯେଣିକି ଓଟାରେ ତେଣିକି ଯାଇ'ର ଭାବେ ବ୍ୟବହୃତ ହୋଇଛି।

ଭାଗବତରେ ବ୍ୟବହାର କରାଯାଇଥିବା ଅସଂଖ୍ୟ କ୍ରିୟାପଦ ଉହ୍ୟ ଥିବା ବାକ୍ୟ, ଯାହା ଲୋକ ସାହିତ୍ୟରେ ବାକ୍ୟଗଠନର ଅନ୍ୟଏକ ବୈଶିଷ୍ଟ୍ୟ ଅଟେ ଯଥା -

୧. ଆହାରେ ଭଲମନ୍ଦ ନାହିଁ।

୨. ସମ ମଣଇ ଦୁଃଖସୁଖ।

୩. ଧନେ ମୋ ନାହିଁ ପ୍ରୟୋଜନ।

୪. ସକଳ ଘଟେ ନାରାୟଣ।

୫. ନିରତେ ଜ୍ଞାନେ ଥିବ ମନ।

୬. ଏଣୁ ଦରିଦ୍ର ମୋ ଜୀବନ।

ଲୋକସାହିତ୍ୟରେ ବ୍ୟବହାର କରାଯାଇଥିବା ଶବ୍ଦଗୁଡ଼ିକ ସାରଳା ଦାସଙ୍କ ସାରଳା ମହାଭାରତ, ବଳରାମ ଦାସଙ୍କ ରାମାୟଣ ଓ ଜଗନ୍ନାଥ ଦାସଙ୍କ ଭାଗବତରେ ନିମ୍ନୋକ୍ତ ପ୍ରକାରରେ କରାଯାଇଛି। ଯଥା —

| *ଲୋକଗୀତ/ ଲୋକକାହାଣୀ* | *ମହାଭାରତ* | *ରାମାୟଣ* | *ଭାଗବତ* |
|---|---|---|---|
| ଅପଛାତି | ଅପଛାତି | ଅପଛାତି | ଅପଖ୍ୟାତି |
| ଆଚମନ | ଆଞ୍ଚୋବନ | ଆଚୋଂବନ | ଆଚମନ |
| ଉପୁଗାର | ଉପଗାର | ଉପଗାର | ଉପକାର |
| ତୁସ୍ତି | ତୁସ୍ତି | ସ୍ତୁତି | ସ୍ତୁତି |
| ମୁଇଂ | ମୁହିଂ | ମୁଇ | ମୁହିଁ |
| ଥାନ | ଥାନ | ଥାନ | ସ୍ଥାନ |
| ଥିର | ଥିରି | ଥିର | ସ୍ଥିର |

| | | | |
|---|---|---|---|
| କିଆଁ | କାହିଂ | କାହିଂ | କାହିଁ |
| କୋଡ଼ | କୋଳ | କୋଡ଼ | କୋଳ |
| ମୁଣୋହିଁ | ମୁଣୋହିଂ | ମୁଣୋହି | ମୁଣୋହି |
| ଭିଆଏ | ଭିଆଣ | ଭିଆଣ | ଭିଆଣ |
| ଅଇଲା | ଅଇଲା | ଅଇଂଲେ | ଅଇଲେ |
| କିସ | କିସ | କିସ | କିସ |
| କାଏଁ | କିସ | କିସ | କିସ |
| କେଣେ | କାହିଂ | କାହିଂ | କାହିଁ |
| କୋଠାଇ | କାହିଂ | କାହିଂ | କାହିଁ |
| ବିଡ଼ିବା | ବିଡ଼ିବା | ବିଡ଼ିବା | ବିଡ଼ିବା |
| ଭୋକ | ଭୋଖ | ଭୋଖ | ଭୋକ |
| ମୁଇଁ | ମୁଂ | ମୁଂ/ମୁଁ/ମୁ | ମୁଁ/ମୁଂ |

ଭାଗବତ ପର୍ଯ୍ୟନ୍ତ ବ୍ୟବହାର କରାଯାଇଥିବା ଶବ୍ଦମାନଙ୍କ ପରିବର୍ତ୍ତନ ଲକ୍ଷ୍ୟ କରାଗଲେ ଜଣାପଡ଼େ ଯେ, ଏଗୁଡ଼ିକ ମଧ୍ୟରେ ସାମଞ୍ଜସ୍ୟ ବହୁ ପରିମାଣରେ ରହିଛି। ବୈଷମ୍ୟ ଅତି ଅଳ୍ପ ବା ଆଦୌନାହିଁ କହିଲେ ଅନ୍ୟଥା ହେବ ନାହିଁ। ରୀତିଯୁଗରେ ଉପେନ୍ଦ୍ର ଭଞ୍ଜଙ୍କ ପ୍ରତିଭା, ପାଣ୍ଡିତ୍ୟ ଓ ବହୁଶାସ୍ତ୍ରଦର୍ଶିତାର ପ୍ରମାଣ ତାଙ୍କର ବିଭିନ୍ନ କୃତିରୁ ଦେଖିବାକୁ ମିଳିଥାଏ ତଥାପି ଲୋକଜୀବନର ବିଚିତ୍ର ଅନୁଭୂତି ଓ ଲୋକ ଉପାଦାନ ତାଙ୍କ ସୃଷ୍ଟିରେ ରୂପ ପାଇଛି। ଚିତ୍ରିତ ହୋଇଛି, ସଂସ୍କୃତର ପ୍ରତିସ୍ପର୍ଦ୍ଧୀ ସାହିତ୍ୟ ସୃଷ୍ଟି କରିବା ସହ ଲୋକସାହିତ୍ୟର ଆଙ୍ଗିକ ଓ ଆତ୍ମିକ ବିଭାଗଗୁଡ଼ିକ ମଧ୍ୟ ବର୍ଣ୍ଣନା କରିଛନ୍ତି। ସମାଜରେ ପ୍ରଚଳିତ, ମଙ୍ଗଳଗୀତ ଯାହାକୁ ବିବାହ-ଉତ୍ସବ ଓ ମାଙ୍ଗଳିକ କାର୍ଯ୍ୟାଦିରେ ଗାନ କରାଯାଏ, ତାହାର ବ୍ୟବହାର ପରିଲକ୍ଷିତ ହୋଇଥାଏ। ବିବାହ ଉତ୍ସବମାନଙ୍କରେ ଗଣିକାମାନଙ୍କ ଦ୍ୱାରା ମଙ୍ଗଳଗୀତ ଗାନ କରିବାର ପରମ୍ପରା ଥିବାରେ ଉପେନ୍ଦ୍ର 'ଲାବଣ୍ୟବତୀ' କାବ୍ୟରେ ଏହାର ସୂଚନା ଦେଇଛନ୍ତି। ଯଥା -




"ଗଣକ ଗଣ ମଙ୍ଗଳାଷ୍ଟକ ପଢୁଛନ୍ତି।
ମଙ୍ଗଳଗୀତ ଗାବନ୍ତି ଗଣିକା ଯୁବତୀ ଯେ।" (୩୦/୪୩, ଲାବଣ୍ୟବତୀ) ଉପେନ୍ଦ୍ରଭଞ୍ଜ କାବ୍ୟ କବିତାରେ ତତ୍ସମ ଶବ୍ଦର ବହୁଳ ବ୍ୟବହାର କରିଥିଲେ ହେଁ କେତେକ କ୍ଷେତ୍ରରେ ଦେଶଜ ଶବ୍ଦ ବା ଲୋକ କଥିତ ଭାଷାର ଚମତ୍କାର ପ୍ରୟୋଗ / ବ୍ୟବହାର ହୋଇଥିବାର ଲକ୍ଷ୍ୟ କରାଯାଇଥାଏ। ଯଥା –

୧. ନେତ୍ର ବଡ଼ଶୀରେ ସେ ଧଡ଼ସି ଅନୁରାଗେ(ଲା.ବ - ୧/୪୪)

୨. ସୁଖ ମାଠି ତଇଲେ କରିଛି ଜକଜକ ଯେ(ଲା.ବ - ୧୫/୬)

୩. ପାଠକଲେ ଘେନାଘେନି ବଚନ(କୋ.ବ୍ର.ସୁ - ୨/୫୬)

୪. ହୀରା ଠେକରା ପରାରାଜି(କୋ.ବ୍ର.ସୁ. - ୧୩/୭)

୫. ହସ୍ତ ଟେକି ଓଳଗଇ କରୀ(କୋ.ବ୍ର.ସୁ. - ୧୬/୧୭)

**ଲୋକଜୀବନ**

ଉପେନ୍ଦ୍ର ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ଲୋକଚରିତ୍ର ସଂସ୍ପର୍ଶରେ ଆସି ଲୋକଜୀବନକୁ ଗଭୀର ଭାବରେ ଅନୁଧ୍ୟାନ କରିବା ସହ ସେଠାରେ ରୂଢ଼ି ମାଧ୍ୟମରେ ଜୀବନର ସାର୍ବଜନୀନ ସତ୍ୟକୁ ଉଦ୍‌ଘାଟନ କରିବାର ଚେଷ୍ଟା କରିଛନ୍ତି। ଯଥା -

ଉପେନ୍ଦ୍ରଙ୍କ ରଚନାରେ ବ୍ୟବହୃତ ରୂଢ଼ି -

୧. ପବନକୁ ବାଂଶ ପାତି ବସିଥିଲେ ସେ ହୋଇବ କାହିଁ ବନ୍ଧନ (ଲା.ବ)

୨. ଜଳ କଳସେ ଚନ୍ଦ୍ର ବିମ୍ବ ଧରିବା(ଲା.ବ)

୩. ରଙ୍କ ରତନ ପାଇଲା ପରି (ରସପଞ୍ଚକ)

୪. ବିଧିରେ ଯଥା ମାଗଧ ବନ୍ଦଇ (ବୈ.ବି)

୫. କ୍ଷୁଦ୍ର ଭସ୍ମ ଆଚ୍ଛନ୍ନେ ଥାଇ (ବୈ.ବି)

୬. ଯହିଁ ଯାହା ମନ ତହିଁ ସେ ପଶିଲା (ରସଲେଖା)

୭. ମୁହିଁ ଯେ ଅନ୍ଧ ବାନ୍ଧବୀ ଲଉଡ଼ି (ସୁବର୍ଣ୍ଣରେଖା)

ଉପେନ୍ଦ୍ରଙ୍କ ରଚନାରେ ବ୍ୟବହୃତ ହୋଇଥିବା ପ୍ରବାଦ ପ୍ରବଚନ –

୧. ବିଧାତା ବିଧାନ କେ କରିବ ଆନ(ବୈ.ବି)

୨. କରମେ ଯାହା ବିଧି ଲେଖିଥିବ, ଭୋଗ କରିବ ତାହା (ଲା.ବ)

୩. ଯେ ଯାହା ଅର୍ଜଇ ସେ ତାହା ଭୁଞ୍ଜଇ(ଲା.ବ)

୪. ବିଷ ବୃକ୍ଷ ସ୍ଥାପି ନାଶ କରିବାର ଦୋଷ(ଲା.ବ)

୫. ମୁର୍ଖଙ୍କୁ ବୁଝାଇବା ଅତି କଷ୍ଟ ଜାଣ(ଲା.ବ)

୬. କାର୍ଯ୍ୟକାଳେ ମିଥ୍ୟା କହିବାର ଦୋଷ ନାହିଁ(ଲା.ବ)

୭. ନୟନରେ ଯାହା ନ ଦେଖିବ ଗୁରୁ କହିଲେ ପରତେ ନ ଯିବ। (ଲା.ବ)

୮. ମଲା ପ୍ରୀତିରେ କପୋତ ପକ୍ଷୀ(ଲା.ବ)

ରୀତିଯୁଗର ଗଦ୍ୟସ୍ରଷ୍ଟା ଭାବେ ବ୍ରଜନାଥ ବଡ଼ଜେନା ଶ୍ରେଷ୍ଠ ସ୍ଥାନ ଗ୍ରହଣକରିଛନ୍ତି। ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ପ୍ରତ୍ୟକ୍ଷ ଭାବରେ ଲୋକସାହିତ୍ୟ ଦ୍ୱାରା ପ୍ରଭାବିତ ବୋଲି କହିଲେ ଭୁଲ୍ ହେବନାହିଁ। ଏଥିରେ ଲିଖିତ ଥିବା ଭାଷାଗୁଡ଼ିକ ଲୋକମୁଖର ଭାଷା ଏବଂ କାହାଣୀଗୁଡ଼ିକ ଲୋକମୁଖରେ ପ୍ରଚଳିତ କାହାଣୀ ଅଟେ। କ୍ରିୟା, ବିଶେଷ୍ୟ, ବିଶେଷଣ, ଧ୍ୱନ୍ୟାତ୍ମକ ଶବ୍ଦ, ଯୁଗ୍ମାତ୍ମକ, ଅଯୁଗ୍ମାତ୍ମକ ଶବ୍ଦ, ଉପମା ଓ ରୂପକର ବ୍ୟବହାରରେ ଦେଶଜ ଶବ୍ଦର ଓ ଲୋକଭାଷାର ପ୍ରଭାବ ଅନୁଭୂତ ହୋଇଥାଏ।

**ବ୍ରଜନାଥ ବଡ଼ଜେନାଙ୍କ 'ଚତୁର ବିନୋଦ' ପ୍ରତ୍ୟକ୍ଷ ଭାବରେ ଲୋକସାହିତ୍ୟ ଦ୍ୱାରା ପ୍ରଭାବିତ ବୋଲି କହିଲେ ଭୁଲ୍ ହେବନାହିଁ।**

## ଆଧୁନିକ ଯୁଗ

ଆଧୁନିକ ଯୁଗର ଯୁଗସ୍ରଷ୍ଟା ରାଧାନାଥ ରାୟ, ଫକୀରମୋହନ ସେନାପତି, ଗୋପବନ୍ଧୁ ଦାସ, ନନ୍ଦକିଶୋର ବଳ, ସଚ୍ଚିଦାନନ୍ଦ ରାଉତରାୟ, ମାୟାଧର ମାନସିଂହ ପ୍ରଭୃତିଙ୍କ ରଚନାରେ ଲୋକଭାଷାର ବ୍ୟବହାର ଦେଖିବାକୁ ମିଳିଥାଏ। ଫକୀରମୋହନଙ୍କ 'ଛ ମାଣ ଆଣ୍ଠଗୁଣ୍ଠ' ଉପନ୍ୟାସରେ ବୁଢ଼ୀ ମଙ୍ଗଳାଙ୍କ ବର୍ଣ୍ଣନା ଓ ତାଙ୍କ ପ୍ରତି ସାଧାରଣ ଗ୍ରାମବାସୀଙ୍କ ବିଶ୍ୱାସବୋଧ, ଲୋକକଳା ଓ ଲୋକ ଅଳଙ୍କାରର ବ୍ୟବହାର, ବିଭିନ୍ନ ଚେରମୂଳ ଓ ପିଠାପଣାର ସୂଚନା ଓଡ଼ିଶାର ଲୋକଚଳଣି ଓ ପ୍ରାଚୀନ ଲୋକସମାଜ ସହିତ ଥିବା ଘନିଷ୍ଠ ସମ୍ପର୍କ ବୋଧକୁ ସୂଚିତ କରିଛି। ଏତଦ୍ ବ୍ୟତୀତ ବ୍ୟବହାର କରାଯାଇଥିବା ଲୋକୋକ୍ତିଗୁଡ଼ିକ ଯଥା – 'ଗୋଦରୀଲୋ ଆପଣା ଗୋଡ଼କୁ ଅନା', 'ପିତାଗୁଣେ ପୁତା', 'ହାଉଡ଼ା କଥା ହାଉଡ଼ା ମା ଜାଣେ', 'ଭେକ ଥିଲେ ଭିକ', 'ଏହିକି ଏ ତେନା', 'ମୁଦି ନାହିଁ ବଡ଼େ ବହୁତ', 'ଗଲାବେଳେ ଯାଏ ମୂଳ ସହିତ'।

'ଟାଙ୍ଗୀ ମାଉସୀ' ପରିଚ୍ଛେଦରେ 'ଆକାଶରେ ଗୋଟିଏ କାଉ କୋଇଲି ଉଡ଼ିବାକୁ ନାହିଁ, ପୁତ୍ର ମଧ୍ୟରେ ଲୁଚି ଆଁ କରି ବସିଅଛନ୍ତି। ମୁଣ୍ଡଫଟା ଖରା ଦିନ ତିନିପହର ଗଡ଼ିଲାଣି ତଥାପି ଆକାଶରୁ ନିଆଁ ଛିଟୁଛି'ର ବର୍ଣ୍ଣନା ଭିତରେ ପଦଟିଏ ବର୍ଣ୍ଣନା କରିଛନ୍ତି। ଯଥା –

"ହୁଁ ମେରା ଭାଇରେ ହୁଂ ହୁଁ ଖବର ଦାରିରେ ହୁଂ ହୁଁ<br>
ଜୋର କରିରେ ହୁଂ ହୁଁ ଡାହାଣେ ଧରରେ ହୁଂ ହୁଁ<br>
ବାଁ କୁ ଛାଡ଼ିରେ ହୁଂ ହୁଁ<br>
ଖଡ଼ପା ଖଡ଼ପା ଖଡ଼ପା।"

ଯାହାର ମେଳ ଲୋକଗୀତର 'ସବାରୀ ଗୀତ' ସହିତ ରହିଛି।

'ମାମୁଁ'ରେ ବ୍ୟବହୃତ ହୋଇଥିବା 'ଦିଅକାଳି ଖାଅ ଗାଳି', 'ବାପ ମଲେ ବିଲୁଆ ରଜା', 'ଲୁହା ଜାଣି ପାଣି ଦେବା', 'ବଡ଼ ଲୋକଙ୍କୁ ଦିଅ ଧରା', 'ଯାଉଣୁଆସୁଣୁ ନମସ୍କାର' ଆଦି ଲୋକୋକ୍ତି ଦେଖିବାକୁ ମିଳିଥାଏ। ଯଥା – "ଝମର ଝମର ଝୁଣ୍ଟିଆ କେତେ ନବରଙ୍ଗେ ଚାଲୁ ଉଇହୁଙ୍କା ହୁଣି ହସର ପସର ଧାଇଁ ଯାଉଥାଏ ଭାଲୁ, ଥୋବଡ଼ାନାକରେ ନାଟେଣୀ ମୟୂର ଘୋଡ଼ାଏ ବେହେଡ଼ା ଦାନ୍ତ ଆଖି ଦୁଇଗୋଟି ମିଟିରି ମିଟିରି କେମ୍ପାଟି ଡେବିରି ହାତ।" ପ୍ରଭୃତି ଢଗଢ଼ମାଳିର ପ୍ରୟୋଗ, 'ଛ'ମାଣ ଆଠଗୁଣ୍ଠ'ରେ ବୁଢ଼ୀମଙ୍ଗଳା ଓ ଅସୁରଦୀଘିକୁ ନେଇ ବହୁ ଲୋକବିଶ୍ୱାସ ଗଢ଼ି ଉଠିଥିବା ପରି 'ମାମୁଁ'ରେ ମଧ୍ୟ କାକଟପୁର ମଙ୍ଗଳାପୂଜା ସମ୍ପର୍କରେ ଯେଉଁ ବର୍ଣ୍ଣନା ପ୍ରଦାନ କରିଛନ୍ତି। 'ମାମୁଁ'ରେ କେତେକ ଡାକବଚନର ବ୍ୟବହାର ହୋଇଥିବାର ସୂଚନା ରହିଛି। ଯଥା "ଜାଣ ନ

ଜାଣ, ଖାଡ଼ିଆ ଶିଙ୍ଗା ସବୁଠାରୁ ଟାଣ; ମୂଳା ଶିଙ୍ଗା କିଣିବୁ ରସି, କାନ୍ଦୁଥିବୁ ହିଡ଼ମୂଳେ ବସିଗାଇ ପଛାଡ଼ ବଳଦ ଆଗ, ଦେଖି କିଣିବ ପାଇଲେ ବାଗ।

'ପ୍ରାୟଶ୍ଚିତ' ଉପନ୍ୟାସରେ ଲୋକୋକ୍ତିର ବ୍ୟବହାର ଦେଖିବାକୁ ମିଳେ। ଯଥା - ଉଭା ଯେତେ ପୋତା ତେତେ, ଜହିଁ ଧନ ତହିଁ ଜନ, ବେଙ୍ଗଲୋ ବୋଲେ ବେଙ୍ଗୁଲୀଲୋ ପୃଥିବୀ କ୍ଷଣ କ୍ଷଣକେ ଆନେ, କୋଶେ ଯିବୁ ତ ପୋଷେ ବାନ୍ଧିବୁ ଆଦି।

ଓଡ଼ିଶାର ଲୋକଜୀବନର ବାସ୍ତବ ପ୍ରତିଫଳନ ଦେଖିବାକୁ ମିଳେ ନନ୍ଦକିଶୋର ବଳଙ୍କ ରଚନାକୃତିରେ। ପଲ୍ଲୀ ବାସ୍ତବତାର ଚିତ୍ର ସହ ପଲ୍ଲୀ ଜନତାର ଭାଷାକୁ ସୁନ୍ଦର ଭାବରେ ପ୍ରକାଶ କରିଛନ୍ତି କବି ନନ୍ଦକିଶେର ବଳ ଉଡ଼ିଗଲା ଗେଣ୍ଡାଳିଆ ଛାଡ଼ିଗଲା ପର ଜେମାଦେଇ କାନ୍ଦୁଅଛି ଦେଖି ବୁଢ଼ାବର; ବାପା ବୋଇଲେ ଝିଅ ମୋର ବାର ବରଷର ମା' ବୋଇଲେ ଝିଅ ମୋର କୋଠାକୁ ସୁନ୍ଦର। (ଜେମାଦେଇ)

> **ଲୋକସାହିତ୍ୟର କୌଣସି ଲିପିବଦ୍ଧ ସ୍ୱରୂପ ନ ଥିବାରୁ ଏହାର ଗଠନ ପ୍ରକ୍ରିୟା ସ୍ଥିର ନୁହେଁ, ପରିବର୍ତ୍ତନଶୀଳ।**

୨. ମେଘ ବରଷିଲା ଟୁପୁରୁ ଟାପୁରୁ କେଶୁର ମାଇଲା ଗଜା କେଉଁ ରାଇଜରେ ରହିଲେ ମୋ ରଜା ତେଲିଙ୍ଗି ବାଇଦ ବଜା। (ନବବର୍ଷ ଭାବ)

୩. 'ଡାମରା କାଉରେ ଡାମରା କାଉ ଉଞ୍ଚ ପରବତେ ବୋବାଉ ଥାଉ

ଉଞ୍ଚ ପରବତ ଘୁଞ୍ଚିଘୁଞ୍ଚିକା

ତହିଁରେ ବସିଛି ତିନି ମଞ୍ଜିକା।' (କାକବାରତା)

ଗୋପବନ୍ଧୁ ଦାସଙ୍କ 'ଧର୍ମପଦ' କବିତାର 'ବାରଶହ ବଢ଼େଇର ଦାୟ ନା ପୁଅରେ ଦାୟ' ଲୋକୋକ୍ତିଟି ଓଡ଼ିଶାର ଜନଜୀବନରେ ବହୁଳ ପ୍ରଚଳିତ ହେବାର ଦେଖାଯାଏ। ସଚ୍ଚିଦାନନ୍ଦ ରାଉତରାୟ ଓ ମାୟାଧର ମାନସିଂହ ପ୍ରଭୃତିଙ୍କ ରଚନାରେ ଲୋକଭାଷା ଅନ୍ତର୍ଗତ ଶବ୍ଦ, ବିଭକ୍ତ, ସର୍ବନାମ, ଅବ୍ୟୟପଦ, ଲୋକୋକ୍ତି ଆଦିର ପ୍ରଚଳନ ଲୋକସାହିତ୍ୟର ଭାଷା ଓ ସାହିତ୍ୟର ଭାଷାକୁ ଏକଜୁଟ୍ କରି ରଖିଛି।

### ଲୋକ ମିଥ୍‌ର ପ୍ରୟୋଗ

ଏତଦ୍ ବ୍ୟତୀତ ଆଧୁନିକ କାବ୍ୟ ଓ କବିତା କ୍ଷେତ୍ରରେ ପ୍ରସିଦ୍ଧ ସ୍ଥାନ ଗ୍ରହଣ କରିଥିବା କବି ସୀତାକାନ୍ତ ମହାପାତ୍ରଙ୍କ କବିତାରେ ଲୋକ ମିଥ୍‌ର ପ୍ରୟୋଗ ଦେଖିବାକୁ ମିଳିଥାଏ। ସେହି କବିତାଗୁଡ଼ିକ ଯଥାକ୍ରମେ 'ଘାସଫୁଲ', 'ଧୂସର ବିଲରେ କୃଷ୍ଣଚୂଡ଼ା', ରମାକାନ୍ତ ରଥଙ୍କ 'ନବଗୁଞ୍ଜର', 'ଦୁର୍ଘଟଣାରେ ମୃତ୍ୟୁ' କବିତା ପ୍ରଭୃତି। ଏତଦ୍‌ବ୍ୟତୀତ ହୃଷିକେଶ ମଲ୍ଲିକ, ପ୍ରତିଭା ଶତପଥୀ, ହରପ୍ରସାଦ ଦାସଙ୍କ କବିତାରେ ଲୋକମିଥ୍‌ର ପ୍ରୟୋଗ ଦେଖିବାକୁ ମିଳିଥାଏ। ଲୋକଗାଥା ଓ କିଂବଦନ୍ତୀର ପ୍ରୟୋଗ ମଧ୍ୟ ଆଧୁନିକ କାବ୍ୟ ଓ କବିତାରେ ଦେଖିବାକୁ ମିଳିଥାଏ। ରାଧାମୋହନ ଗଡ଼ନାୟକଙ୍କ କବିତାରେ ମଧ୍ୟ ସୁନ୍ଦର ଭାବରେ ଲୋକମିଥ୍‌ର ବ୍ୟବହାର କରିବା ସହ ପ୍ରବାଦ, ପ୍ରବଚନ ଓ ରୂଢ଼ିର ପ୍ରୟୋଗ ଦେଖିବାକୁ ମିଳିଥାଏ।

ପାଲା ଓ ଦାସକାଠିଆ ଶୈଳୀ ମାଧ୍ୟମରେ ଲୋକ ଶୈଳୀର ପ୍ରୟୋଗ ଆଧୁନିକ ନାଟକରେ କରାଯିବା ସହ ଲୋକମିଥ୍‌ର ପ୍ରୟୋଗ ମନୋରଞ୍ଜନ ଦାସଙ୍କ 'କାଠଘୋଡ଼ା', 'ନନ୍ଦିକାକେଶରୀ' ଲୋକଗୀତ ଶୈଳୀର ବ୍ୟବହାର ରତିମିଶ୍ରଙ୍କ 'ସତର୍କ ସଂଘମିତ୍ରା', 'ସୀତା', 'ଅବତାର', ବିଜୟ ମିଶ୍ର, ପ୍ରମୋଦ ତ୍ରିପାଠୀଙ୍କ ଶୁଣ ପରୀକ୍ଷ ଦଣ୍ଡଧାରୀ, ଗୋଟିଏ ବୁଲା କୁକୁରର ଜନ୍ମ ବୃତ୍ତାନ୍ତ, ନିଶାନ୍ତ, ଶଙ୍କର ତ୍ରିପାଠୀ, ସୁବୋଧ ପଟ୍ଟନାୟକ, ବିଜୟ ଶତପଥୀ, ନାରାୟଣ ସାହୁ, ଦିଲୀଶ୍ୱର ମହାରଣା ପ୍ରଭୃତି।

ଆଧୁନିକ ଉପନ୍ୟାସରେ ଲୋକଶୈଳୀ, ଲୋକଗଳ୍ପର ବ୍ୟବହାର କରାଯାଇଅଛି। ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି, କାହ୍ନୁଚରଣ ମହାନ୍ତି, କାଳିନ୍ଦୀ ଚରଣ ପାଣିଗ୍ରାହୀ ଅନ୍ୟତମ। ଗଳ୍ପ କ୍ଷେତ୍ରରେ ଯେଉଁମାନେ ଲୋକଶୈଳୀକୁ ଅନୁସରଣ କରିବା ସହ ଗଳ୍ପାଣୁ, ଆଖ୍ୟାୟିକାର ବ୍ୟବହାର କରିଛନ୍ତି, ସେମାନେ ହେଲେ ସତ୍ୟପ୍ରିୟ ମହାଳିକ, ଗୌରହରି ଦାସ, ରମେଶ ବେହେରା ଓ ପରେଶ ପଟ୍ଟନାୟକ ପ୍ରଭୃତି।

### ଲୋକ ଭାଷା ଓ ସାହିତ୍ୟ ଭାଷା

୧.ଲୋକସାହିତ୍ୟର କୌଣସି ଲିପିବଦ୍ଧ ସ୍ୱରୂପ ନ ଥିବାରୁ ଏହାର ଗଠନ ପ୍ରକ୍ରିୟା ସ୍ଥିର ନୁହେଁ, ପରିବର୍ତ୍ତନଶୀଳ। ଗୋଟିଏ ଲୋକଗୀତ ବା ଲୋକକାହାଣୀର ଏକକ ରୂପ ସର୍ବତ୍ର

ଦେଖାଯାଏ ନାହିଁ। କାରଣ ଏହା ଅଞ୍ଚଳ ଭିତ୍ତିରେ ଭିନ୍ନ ଭାବରେ ଉଚ୍ଚାରିତ ହେଇଥିବାରୁ ଏଥିରେ ଭିନ୍ନତା ଦେଖାଯାଏ। ସାହିତ୍ୟର ଭାଷା ବ୍ୟାକରଣାନୁମୋଦିତ, ଶୃଙ୍ଖଳିତ ଓ ଧରାବନ୍ଧା ନିୟମରେ ରଚିତ ହେତୁ ସ୍ଥିର ଓ ଅପରିବର୍ତ୍ତନୀୟ। ଲୋକସାହିତ୍ୟ ପରିବର୍ତ୍ତନଶୀଳ ହେତୁ ସମୟାନୁସାରେ ଏହାର ଭାଷା କିଞ୍ଚିତ୍ ପରିମାଣରେ ପରିବର୍ତ୍ତନ ହୋଇ ବା ନ ହୋଇ ମଧ୍ୟ ସାହିତ୍ୟର ବିଭିନ୍ନ ବିଭାଗମାନଙ୍କରେ ନିଜର ସ୍ଥିତି ଜାହିର କରିଛି ବା ବ୍ୟବହୃତ ହୋଇଛି।

୨.ଲୋକସାହିତ୍ୟ ପ୍ରସାରଣଶୀଳ ହେତୁ ଏହା କଣ୍ଠରୁ କଣ୍ଠକୁ ପ୍ରସାରିତ। ଏହାକୁ ଶୁଣି ଶୁଣି ମନେ ରଖାଯାଉଥିବା ହେତୁ ଏହା ଶ୍ରୁତିମୁଖର ହେବା ପାଇଁ ଗାନ କରାଯାଉଥିଲା ଯାହା ଅଜ୍ଞାନତାବଶତଃ ସଙ୍ଗୀତାତ୍ମକ ସଂରଚନା ସହ ସହଜ, ସରଳ ଓ ସାବଲୀଳ ଭାଷାଯୁକ୍ତ ହୋଇଥାଏ ଯାହାକୁ ସହଜରେ ମନେ ରଖିବା ସମ୍ଭବପର ହେବ ଏବଂ ଭାବବ୍ୟକ୍ତ କରିହେବ। ସାହିତ୍ୟର ଭାଷା ମଧ୍ୟ ଯୁଗୋପଯୋଗୀ ହେବାପାଇଁ ଆମକୁ ସହଜ, ସରଳ ଭାଷା ଲୋକମୁଖର ଭାଷା ସାଙ୍ଗୀତିକତାର ପ୍ରବାହ ମଧ୍ୟରେ ରଚନା କରିବାକୁ ପଡୁଥିବାରୁ ସାହିତ୍ୟର ଭାଷା ମଧ୍ୟରେ ଲୋକମୁଖର ଭାଷା ଅଧିକାଂଶ ବ୍ୟବହୃତ ହୋଇଥାଏ।

**ଅଜ୍ଞାନତାବଶତଃ ଲୋକଗୀତକୁ ଶ୍ରୁତିମଧୁର କରିବା ପାଇଁ ଏଥିରେ ଅଳଙ୍କାରର ବ୍ୟବହାର କରାଯାଇଥାଏ।**

୩.ଲୋକସାହିତ୍ୟର ରଚୟିତାମାନେ କିଏ ଜଣା ପଡ଼େନାହିଁ କିନ୍ତୁ ଏହାର ଲିପିବଦ୍ଧ ରୂପ ଆଧୁନିକ କି ଯୁଗରେ ପ୍ରାଣ ପାଇଥିବାରୁ ଏଥିରେ ଦେଶଜ, ପ୍ରାକୃତ, ଅପଭ୍ରଂଶ ଶବ୍ଦ ସହ ହିନ୍ଦୀ, ଉର୍ଦ୍ଦୁ, ଯାବନିକ, ପାରସକି ଶବ୍ଦର ବ୍ୟବହାର ଦେଖିବାକୁ ମିଳେ।

୪.ଲୋକଭାଷା କହିବାର ଶୈଳୀ ମଧ୍ୟରେ ଲକ୍ଷିତ କରାଯାଉଥିବା ବ୍ୟଞ୍ଜନାତ୍ମକ ଶବ୍ଦ ଓ ସାଂକେତିକତା ଭାଷାର ବ୍ୟବହୃତ ସାହିତ୍ୟିକ ଭାଷାରେ ବ୍ୟବହୃତ ହୋଇଥାଏ। କଥନ ଭଙ୍ଗୀର ଶୈଳୀ ଯଥା - 'କି କଥା ? ଓ କଥାଟିଏ କହୁ ଇତ୍ୟାଦି।

୫.ଅଜ୍ଞାନତାବଶତଃ ଲୋକଗୀତକୁ ଶ୍ରୁତିମଧୁର କରିବା ପାଇଁ ଏଥିରେ ଅଳଙ୍କାରର ବ୍ୟବହାର କରାଯାଇଥାଏ ଯାହା ସାହିତ୍ୟର ଆଙ୍ଗିକ ବିଭାଗର ଏକ ବୈଶିଷ୍ଟ୍ୟ ଅଟେ।

୬.ମହାଭାରତ, ରାମାୟଣ, ଭାଗବତର କେତେକ ପଙ୍କ୍ତି, ବାକ୍ୟଗଠନ ରୀତି, ଉପମା, ପ୍ରତୀକର ବ୍ୟବହୃତ ଲୋକସାହିତ୍ୟରେ ମଧ୍ୟ ଦେଖିବାକୁ ମିଳେ।

ଉପରୋକ୍ତ ଆଲୋଚନାରୁ ଜଣାଯାଏ ଯେ ଲୋକଭାଷା ଓ ସାହିତ୍ୟ ଭାଷା ପରସ୍ପରର ପରିପୂରକ ଓ ନିର୍ଭରଶୀଳ। ଲୋକସାହିତ୍ୟ ପୁରାତନ ହେଲେ ହେଁ ଲୋକସମାଜରେ ଏହା ଜୀବନ୍ତ ହେବା ସହ ପୁରାତନ ଭାଷା ମଧ୍ୟ ସାହିତ୍ୟରେ ଅପରିବର୍ତ୍ତିତ ରହିଛି କାରଣ ସାହିତ୍ୟ ସଂରଚନା ଲୋକମୁଖର ଭାଷାରେ ରଚିତ ହୋଇ କାଳଜୟୀ ହୋଇଥାଏ। ଲୋକସାହିତ୍ୟ ଲୋକମୁଖରେ ଜୀବନ୍ତ ରହି ଭାଷାର ଅବିଚ୍ଛିନ୍ନ ପ୍ରୟୋଗ ପ୍ରବାହକୁ ଦର୍ଶାଇ ଓଡ଼ିଆ ଭାଷାର କାଳାନୁଯାୟୀ ଅବିଚ୍ଛିନ୍ନ ଧାରାକୁ ଦର୍ଶାଇବାରେ ସକ୍ଷମ ହୋଇପାରିଛି।

**ସହାୟକ ଗ୍ରନ୍ଥ:**


୧. ସାରଳା ମହାଭାରତ – ସଂ. ଆର୍ତ୍ତବଲ୍ଲଭ ମହାନ୍ତି, ଓଡ଼ିଶା ସାଂସ୍କୃତିକ ବ୍ୟାପାର ବିଭାଗ।

୨. ଶ୍ରୀମଦ୍ଭାଗବତ – ସଂ. ନୀଳମଣି ମିଶ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ।

୩. ପଲ୍ଲୀଗୀତି ସଂଚୟନ - କୁଞ୍ଜବିହାରୀ ଦାଶ

୪. ଓଡ଼ିଆ ଲୋକସାହିତ୍ୟ – ଶ୍ୟାମସୁନ୍ଦର ମହାପାତ୍ର, ଗ୍ରନ୍ଥ ମନ୍ଦିର।

୫. ଫକୀର ମୋହନ ଗ୍ରନ୍ଥାବଳୀ - ଫକୀର ମୋହନ ସେନାପତି, ୩ୟ ଖଣ୍ଡ – ଗ୍ରନ୍ଥ ମନ୍ଦିର।

୬. ଲାବଣ୍ୟବତୀ – ସଂ. ଆର୍ତ୍ତବଲ୍ଲଭ ମହାନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟ।

୭. ଓଡ଼ିଆ ନାଟକର ଉତ୍ତର ଆଧୁନିକ ପର୍ବ – ଡକ୍ଟର ହେମନ୍ତ କୁମାର ଦାସ, ବିଦ୍ୟାପୁରୀ।

୮. ଆଧୁନିକ ଓଡ଼ିଆ କବିତା ପରିଚର୍ଚ୍ଚା – ଶତ୍ରୁଘ୍ନ ପାଣ୍ଡବ।


□□


ଲେଖିକାଙ୍କ ଇ-ମେଲ ଠିକଣା:
Jyotipmohanty@gmail.com

**ଗଳ୍ପ**

# ଭାଇ



**ହରେକୃଷ୍ଣ ସାହୁ**

**ବା**ସୁର ପାଠ ନାହିଁ । ପଞ୍ଚମ ପାସ୍ କରିବା ଭିତରେ ଦି' ତିନିଥର ଫେଲ୍ ହେଇ... ସ୍କୁଲ ଛାଡ଼ିଲା ବେଳକୁ ତାକୁ ପନ୍ଦର ବର୍ଷ ହୋଇଯାଇଥିଲା। ତାର ଦ, ବ, କ, ନ, ଏ ସବୁ ସବୁ ଅକ୍ଷରଗୁଡ଼ିକ ଦେଖିବା ପାଇଁ ଏକାପରି। ର, ଲ, ଳ, ଉ, ଇ, ଇଏବି ଗୋଟିଏ ଅକ୍ଷରପରି। ମାନେ ଓଡ଼ିଆର ସବୁ ଅକ୍ଷରକୁ ସୀମିତ କରି କୋଡ଼ିଏ ବାଇଶିଟାରେ ପହଞ୍ଚେଇ ଦେଇଥିଲା... ବାସୁ। ଇଂରାଜୀ ଅକ୍ଷରଠାରୁ ସଂଖ୍ୟାରେ କମ୍। ନିଜେ ଥରେ ଲେଖି ସାରିଲା ପରେ... ଆଉ ସେ ନିଜ ପାଠକୁ ପଢ଼ିପାରୁ ନଥିଲା।

ସେତେବେଳକୁ ତାର ସାନଭାଇଟିଏ ପାଞ୍ଚ ବର୍ଷର ହୋଇଥାଏ। ତେଣୁ ବାସୁ ଉପରୁ ଭରସା ଛାଡ଼ି ସାନପୁଅ ମୁନାକୁ ଭଲ ପାଠପଢ଼ା ମଣିଷଟିଏ କରିବାକୁ ବାସୁର ବାପା ମନ ବଳେଇଲେ।

**ବାପାଙ୍କ ସ୍ୱପ୍ନ ପୁରା କରିବ। ସତକଥା ହେଲା ସେ ଲକ୍ଷ୍ୟଟା ହୋଇଗଲା ବାସୁର ସ୍ୱପ୍ନ।**

ବାସୁ ଚାଷ ବାସରେ ବାପାଙ୍କୁ ସାହାଯ୍ୟ କଲା। ତାଙ୍କର ଚାଷଜମି ବାଇଶି ମାଣ ଉପରେ ଥିଲା। ଦି'ହଳ ବଳଦ ଥିଲେ।

ଚଳାଚଳ ଭାରି ସ୍ୱଚ୍ଛଳ ଥିଲା। ଗୋଟେ ହଳ ମୂଲିଆ ଚଳେଇଲା ବେଳେ ଗୋଟେ ବାପା ଚଲାଉଥିଲେ । କହୁଥିଲେ- ନିଜେ ବିଲରେ ପଡ଼ି ମୂଲିଆ ସାଙ୍ଗରେ କାମ କଲେ ମୂଲିଆ ଠକିବେ ନାହିଁ । ସାଙ୍ଗରେ ଥିଲେ ତାଙ୍କଠୁ ଅଧିକ କାମ ଆଦାୟ କରିହେବ।

ବାସୁ ପାଠରେ ତ ଗଧ ଥିଲା। ଚାଷରେ ବି ଗଧ ବୋଲି ଜଣେଇ ଦେଲା। ଥରେ ଦି'ଥର ହଳ ବୁଲେଇ ଲଙ୍ଗଳ ଫାଳ ବଳଦ ଗୋଡ଼ରେ ବଜେଇ ଦିଟା ବଳଦଙ୍କୁ ଜଖମ କରିଦେଲା।

ବାପା କହିଲେ-ତୁ ସବୁଥିରେ ଅଯୋଗ୍ୟ। ତେଣୁ ସେଇ ହିଡ଼ ଉପରେ ରହି କାମ ଦେଖ। ତେଣିକି ତୋ' ଭାଗ୍ୟରେ ଯାହା ଥିବ। ମୁଁ ବଞ୍ଚିଥିବାଯାଏ ମୋ' ସାଙ୍ଗରେ ରହି କାମ ଶିଖିନେ।

କାମ ଶିଖୁ ଶିଖୁ ବାପା ଚାଲିଗଲେ। ଗଲାବେଳେ କହିଗଲେ- ମୁନା (ସାନପୁଅ)କୁ ମଣିଷ କରିବୁ । ପାଠ ପଢ଼େଇବୁ। ସେ ଯେମିତି ଏ ବିଲ ହିଡ଼ ନ ମାଡ଼େ।

ମୁନା ତୃତୀୟ ଶ୍ରେଣୀରେ ପଢ଼ିଲା ବେଳକୁ ବୋଉ ମରିଗଲା। ଏ ଦୁଃଖ ଭୁଲୁ ଭୁଲୁ ଅନେକ ସମୟ ବିତିଗଲା। ସେତେବେଳକୁ ଦି' ଭାଇଙ୍କ ଭିତରେ ବାପ-ପୁଅ ଭଳି ସମ୍ପର୍କ ହୋଇଯାଇଥାଏ।

ମୁନାକୁ ବାସୁ ପାଠ ପଢ଼େଇଲା। ନିଜେ ବିଲ ମାଟିରେ ପୂରା ମିଶିଗଲା। ଭାଇକୁ ମଣିଷ କରିବ। ବାପାଙ୍କ ସ୍ୱପ୍ନ ପୁରା କରିବ। ସତକଥା ହେଲା ସେ ଲକ୍ଷ୍ୟଟା ହୋଇଗଲା ବାସୁର ସ୍ୱପ୍ନ।

ମୁନା ଏମ୍.ଏସ୍‌ସି. ପରେ କହିଲା-ଭାଇ, ଆଇ.ଏ.ଏସ୍. କରିବି। ଦିଲ୍ଲୀରେ ରହି ପଢ଼ିବାକୁ ହେବ।

ବାସୁ ସାନ ଭାଇକୁ କିଛି ନ ଜଣାଇ ବିଲ ବିକି ପଇସା ଯୋଗାଡ଼ କରି ମୁନା ଏକାଉଣ୍ଟରେ ଟଙ୍କା ଜମା କରିଦେଲା। ମୁନାକୁ ପଠେଇଦେଲା ଦିଲ୍ଲୀ। ଦୁଇବର୍ଷ। ବାସୁ ପଇସା ପଠାଇ ଚାଲିଲା। ମୁନା ପାଠ ପଢ଼ିଲା। ପରୀକ୍ଷା ଦେଲା। ବିହାର କ୍ୟାଡ଼ରର ଆଇ.ଏ.ଏସ୍ . ହେଲା। ଟ୍ରେନିଂ ପରେ ସିଧା ଜଏନ୍ କଲା ପାଟନାରେ ଅତିରିକ୍ତ ଜିଲ୍ଲାପାଳ ହୋଇ। ଅବଶ୍ୟ ଘରକୁ ଆସି ଭାଇର ଆଶୀର୍ବାଦ ନେଇଯାଇଥିଲା।

ୟା' ଭିତରେ ବାସୁ ବାହା ହୋଇସାରିଥିଲା। ଦି'ବର୍ଷ ପରେ ତାର ପିଲାଟିଏ ଜନ୍ମ ହେବାର ଥିଲା। ତା' ସ୍ତ୍ରୀ ଛୁଆ ଜନ୍ମକଲା। କିନ୍ତୁ ତିନିଦିନ ଭିତରେ ମା' ଛୁଆ ଦି' ଜଣ ଚାଲିଗଲେ। ବାସୁ ଦୁଃଖ ସହିନେଲା। ମୁନାକୁ ପୁଅ ବୋଲି

ସବୁଦିନେ ତ ଭାବୁଥିଲା। ସେଇ ପୁଅକୁ ମନରେ ରଖି ଆଉ ବାହା ହେଲାନାହିଁ। କିନ୍ତୁ ଏବେ ମୁନା ବାହା ହେବା ଦରକାର। ତାକୁ ବାହା କରାଇବାର ଯୋଗ୍ୟତା ବାସୁ ପାଖରେ ନାହିଁ ବୋଲି ନିଜେ ବାସୁ ଅନୁଭବ କଲା। ତେଣୁ ମୁନାକୁ ସବୁ ବୁଝାଇ ଦେଇ ନିଜ ପାଇଁ ନିଜେ ଝିଅ ଖୋଜ୍ ବୋଲି ବାସୁ କଠୋର ନିର୍ଦ୍ଦେଶ ଦେଇଦେଲା। ସତେବେଳକୁ ମୁନାକୁ ଜୋଇଁ କରିବା ପାଇଁ ଅନେକ ଲୋକ ସିଧାସଳଖ ପ୍ରସ୍ତାବ ଦେଇସାରିଥାନ୍ତି। ମୁନା ଉତ୍ତରରେ କହୁଥାଏ- ମୋ ବଡ଼ଭାଇ ମୋ' ମୁରବି, ତାଙ୍କ ବିନା ମୁଁ କଛି କହି ପାରିବିନି।

ସେଣ୍ଟ୍ରାଲ୍ ଆର.ଡି.ସି.ଙ୍କ ଝିଅ ସହିତ ବାହାଘର ହେବାକଥା ସ୍ଥିର ହେଲା। ଝିଅ ଡାକ୍ତର। ମୁନା, ଝିଅ ଦେଖିବା ପାଇଁ ଭାଇଙ୍କୁ ଡାକିଲା ଏବଂ ଭାଇଙ୍କ ଗୁଣ, ରୂପ, ଚାଲିଚଳନ ବିଷୟରେ ଆଗରୁ ଝିଅ ଘରକୁ ଜଣାଇଦେଲା।

ଠିକ୍ ସମୟରେ ବାସୁ ପହଞ୍ଚିଲା। ସେଇ ଗାଉଁଲି ପୋଷାକ। ଧୋତି, ପଞ୍ଜାବୀ, ଗାମୁଛା ଓ ହାତରେ ଗୋଟେ କପଡ଼ା ବ୍ୟାଗ, ଯେଉଁଥିରେ ଥିଲା ଲୁଙ୍ଗିଟିଏ।

କମିଶନର ମହାଶୟ, ତାଙ୍କ ପତ୍ନୀ ଓ ନିଜେ କନ୍ୟା ଏ ରୂପର ମଣିଷଟିକୁ କେଇମିନିଟ ପାଇଁ ଦେଖି ଯାହାବି ଭାବିଲେ କ୍ଷାଇଁ କଥା ମନେ ପକାଇ ସବୁ ଭୁଲିଗଲେ। ବାସୁ କହିଲା-ଏ ଖିଆପିଆ ଭଳି ପୁରୁଣା କଥା ଛାଡ଼ନ୍ତୁ। ପାଞ୍ଚ ମିନିଟ କଥାହେବା। ବାହାଘର ତ ସ୍ଥିର ହୋଇ ସାରିଛି। ମୁଁ ଟିକେ ଝିଅକୁ ଦେଖିବି। ନ ହେଲେ ମୁନା ମନ ଦୁଃଖ କରିବ।

ମୁନା ତଳକୁ ମୁହଁ କରି ବସି ଥାଏ।

ସାଙ୍ଗେ ସାଙ୍ଗେ ଝିଅକୁ ଡାକନ୍ତୁ। କଥାହେବା ଓ ସମସ୍ତେ ସାଙ୍ଗ ହୋଇ ଖାଇବା, ବାସୁ କହିଲା । ବାସୁ କଥାରେ କ'ଣ ଥିଲା କେଜାଣି। ସମସ୍ତେ ନିରବ ଥାଆନ୍ତି। ଏକ ରକମ ସମସ୍ତେ ତାର କଥା ହିଁ ପାଳନ କରୁଥାନ୍ତି। ମୁନା, ଭାଇକୁ ଏଠି ଭଗବାନ ରୂପରେ ଦେଖୁଥାଏ। ମୁର୍ଖ ଭାଇଟା କି କଥା କହୁଛି। କମିଶନର ସାର୍ ବି ଚୁପ୍। ମାନେ ମୋ' ଭାଇ ଏ ମଇଳା ପୋଷାକ ତଳେ କେତେ ଆଧୁନିକ ମନଟିଏ ସାଇତି ରଖିଛି।



ସମସ୍ତେ ବସିଲେ। ବାସୁ କହିଲା-ପୁଅ-ଝିଅ ଏଇ ସହରରେ ରହିବେ। ମୁନାର କ୍ୱାର୍ଟରରେ। ତା'ପରେ ମୁନା ନିଜେ ଘରଟିଏ କରିବ। ସେଠାରେ ଦୁହେଁ ରହିବେ। ଦୁହେଁ ରୋଜଗାର କରୁଛନ୍ତି। ନିଶ୍ଚୟ କରିପାରିବେ। ଆପଣ କିଛି ଯୌତୁକ ଦେବେନାହିଁ। ଦୟାକରି କିଛି ବି ଦେବେ ନାହିଁ। ଏହା ମୋର ଏକ ସର୍ତ୍ତ। ମୋ' ସର୍ତ୍ତ ନ ମାନିଲେ ବାହାଘର ଭାଙ୍ଗିବ ନାହିଁ। ମୁଁ ଭାଙ୍ଗି ପଡ଼ିବି ଓ ବାହାଘର ସହିତ ମୋର କୌଣସି ସମ୍ପର୍କ ରହିବ ନାହିଁ।

ସମସ୍ତେ କେବଳ ନିରବ ଥିଲେ। ବାସୁ କହୁଥାଏ- ଆମ ପାରିବାରିକ ସମ୍ପତ୍ତିରେ ମୁନାର ଅଧା ଭାଗ ଅଛି। ତାହା ସେ ପାଇବ। କେବେ ଇଚ୍ଛାକଲେ ସେମାନେ ସେଠାକୁ ବୁଲିବାକୁ ଯାଇପାରନ୍ତି। ମୁନାକୁ ଛାଡ଼ିଦେଲେ ମୋର କେହିନାହିଁ । ମୋତେ ସୁଯୋଗ ଦେଲେ ବାର୍ଦ୍ଧକ୍ୟ ସମୟରେ ମୁଁ ତାଙ୍କ ପାଖରେ ରହିବାକୁ ଇଚ୍ଛୁକ ଅଛି।

ବାସୁ ଗାଁରୁ ଦୁଇଦିନ ତଳୁ ଆସିଥିଲା। ସେଇ ହଳେ ପୋଷାକ ପିନ୍ଧି। ମଇଳା ହୋଇଯାଇଥିଲା। କିନ୍ତୁ ଏ ମଇଳା ପୋଷାକ ତଳେ ଜଣେ ମହାନ ମଣିଷ ଲୁଚି ରହିଛି ବୋଲି କମିଶନର ପରିବାର ଅନୁଭବ କଲେ। ମୁଗ୍ଧ ହୋଇଗଲେ। କମିଶନର କହିଲେ-ଆପଣଙ୍କ ପ୍ରତ୍ୟେକଟି କଥା ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି। ଖୁବ୍ ଆନନ୍ଦରେ। ଆପଣଙ୍କ ଭଳି ମହାନ ମଣିଷର ପରିବାର ସହିତ ମୋ' ଝିଅ ଓ ଆମେ ଯୋଡ଼ିହେବା ମୋ' ପାଇଁ ଗର୍ବର କଥା।

ବାସୁ କହିଲା-ଝିଅ ମୋର ପସନ୍ଦ।

ତା'ପରେ ନିଜ ବ୍ୟାଗରୁ ବାହାର କଲା ପୁଡ଼ିଆଟିଏ। ସେଥିରୁ ବାହାର କଲା ସୁନା ଗହଣା। ପାଦରୁ ମୁଣ୍ଡ ପର୍ଯ୍ୟନ୍ତ ଝିଅଟିଏକୁ ସଜାଇବା ପାଇଁ ଯାହା ଦରକାର ସେଥିରେ ସବୁଥିଲା। ବାସୁ କହିଲା-ଝିଅ ପସନ୍ଦ ହେଲେ ପ୍ରଥମ ଦେଖାରେ କିଛି ସୁନା ଜିନିଷ ଦେବାର ପରମ୍ପରା ଆମର ଅଛି। ସେଥିପାଇଁ ଦେଲି।

ତା'ପରେ ପକେଟରୁ ବାହାର କଲା ଲଫାପାଟିଏ। ତହିଁରୁ ବାହାର କଲା ଏକ କୋଟି ଟଙ୍କା ମୂଲ୍ୟର ବ୍ୟାଙ୍କ

ଡ୍ରାଫ୍ଟ। ମୁନା ହାତରେ ଦେଇ କହିଲା: ଆମର ଜମିବାଡି ବନ୍ଧକ ଦେଇ ବ୍ୟାଙ୍କରୁ ଋଣ ଆଣିଛି। ଆଜିଠାରୁ ଜମିକିଣା ଓ ଘର ତିଆରି କାମରେ ମନ ଦେ। ଦୁହେଁ ନିଜ ଦରମାରୁ ଶୁଝିବ। ବାହାଘର ତାରିଖ ସ୍ଥିର କରି ମତେ ଖବର କରିବ।

ବାସୁ ଠିଆହେଲା । ହାତ ଯୋଡ଼ିଲା। କମିଶନର ମହାଶୟ ପାଖକୁ ଆସି ବାସୁକୁ କୁଣ୍ଢେଇ ପକେଇଲେ।

ବିଦାୟ।

ବାହାଘର ତାରିଖ ସ୍ଥିର ହେଲାପରେ ମୁନା, କମିଶନର ମହାଶୟ, ତାଙ୍କ ପତ୍ନୀ ଓ ନିଜର ଭାବୀପତ୍ନୀକୁ ସାଙ୍ଗରେ ନେଇ ଭାଇଙ୍କୁ ଆଣିବା ପାଇଁ ଗାଁର ନିଜଘର ଆଗରେ ପହଞ୍ଚିଲା। ଘରେ ଚାବି ପଡ଼ିଥାଏ। ପ୍ରାୟ ବାସୁ ବିଲକୁ ଯାଇଥିବ।

**ଏ ମଇଳା ପୋଷାକ ତଳେ ଜଣେ ମହାନ ମଣିଷ ଲୁଚି ରହିଛି ବୋଲି କମିଶନର ପରିବାର ଅନୁଭବ କଲେ।**

ପଡ଼ୋଶୀ ଘରର ଦାଦାଙ୍କୁ ମୁନା ପଚାରିଲା-ଭାଇ କ'ଣ ବିଲକୁ ଯାଇଛନ୍ତି ?

ଦାଦା ବିସ୍ମୟ ଦୃଷ୍ଟିରେ ଚାହିଁ କହିଲେ- ତୁ ବାସୁକୁ ଏଠି କ'ଣ ଖୋଜୁଛୁ ? ସେ ପରା ଘରବାଡ଼ି, ବିଲ ସବୁ ବିକିଦେଇ ତୋ' ପାଖକୁ ପଳେଇଲା। କହିଲା, ଏଠି ଏକୁଟିଆ ଭଲ ଲାଗୁନି, ଯାଉଛି ମୁନା ପାଖରେ ରହିବି। ପଚାଶ ଲକ୍ଷ ଟଙ୍କାର ଗହଣା କିଣିଲା, କୋଟିଏ ଟଙ୍କାର ଡ୍ରାଫ୍ଟ ତିଆରି କରି ତୋ' ପାଖକୁ ଗଲା । ଏ ତ ମାସେ ତଳର କଥା ହେଲାଣି। କୁଆଡ଼େ ପଳେଇଲା କିରେ।

□□

ଲେଖକଙ୍କ ଇ-ମେଲ ଠିକଣା:
harekrushna.mugupal@gmail.com




*ପ୍ରକାଶ ପାଇଛି*

**ଅନ୍ତରଙ୍ଗ ଆଳାପ**

**ପରିବର୍ଦ୍ଧିତ ସଂସ୍କରଣ**

**ସାହିତ୍ୟ ଚର୍ଚ୍ଚାର ବିଭିନ୍ନ ସଂଖ୍ୟାରେ ପ୍ରକାଶିତ
୩୨ ଜଣ ପ୍ରବୀଣ ସାହିତ୍ୟିକଙ୍କ ସହ ସାକ୍ଷାତକାର**

*ପ୍ରକାଶକ :*
ସାହିତ୍ୟ ଚର୍ଚ୍ଚା, ୧୯, ଆର୍ଯ୍ୟ ଭିଲେଜ୍, ଡୁମୁଡୁମା
ଫେଜ୍-୪, ଭୁବନେଶ୍ୱର-୭୫୧୦୧୯
ମୋବାଇଲ : ୯୩୬୮୭୭୨୫୦୬

**ମୂଲ୍ୟ : ଟ.୨୫୦/-**

**ବିଭିନ୍ନ ବହି ଦୋକାନ ତଥା amazon ରେ ଉପଲବ୍ଧ।**



କବିତା

# ଦାଦନର ଦୁଃଖ

ବେଣୁଧର ସୂତାର



ଆଖିରେ ସପନ ହୃଦୟେ କଂପନ
ମନରେ ଅଜଣା ଭିତି
ଆଜି କିଆଁ ଏତେ ମନେପଡୁଅଛି
ମାନମୟୀ ପ୍ରିୟା ପ୍ରୀତି
ତାରୁଣ୍ୟ ତନୁର ତାତି
ଦୂର ଅତୀତ ସେ ସାଇତା ସ୍ୱପ୍ନର
ଜୀବନର ମଧୁ ସ୍ମୃତି ।।

ଅପଦେବତାର ଅଭିସଂପାତରେ
ଭାଗ୍ୟ ଯେ ଦେଲାନି ସାହା
ଅଭାବ ରାହୁର ଜଠରେ ଜଳିଲା
ବଞ୍ଚିବାର ଶେଷ ରାହା
ଜୀବନ ଜୀବିକା ବୃତ୍ତି
ଅର୍ଥପାଇଁ ଆଜି ବିଦେଶ ମାଟିରେ
ଖଟୁଛି ଦାଦନ ଗୋଟି ।।

କିଏବା ଜାଣିବ ଦାଦନର ଦୁଃଖ
ଆକୁଳ ପ୍ରାଣର ତୃଷା
ଅଭାବ ଯାହାର ଜୀବନ ଲିପିର
ନୈରାଶ୍ୟର ପରିଭାଷା
ଭଗ୍ନ ବୁକୁର କୋହ
ଭାଗ୍ୟଭୂଗୋଳର ବେଦନାବଳୟେ
ଉଜୁଡିଛି ପ୍ରାଣ ମୋହ ।।

ଅଭାବୀ ସଂସାର ଯାତନା ଯଜ୍ଞର
ଲେଲିହାନ ଅଗ୍ନି ଶିଖା
ଭାଗ୍ୟ ଭବଷ୍ୟର ଅଜଣା ଆତଙ୍କେ
ଲଙ୍ଘିଛି ଲକ୍ଷ୍ମଣ ରେଖା
ଲଗାଇ ଜୀବନ ବାଜି
ଦାଦନ ଶ୍ରମିକ ଶୋଷଣ ଜୁଇରେ
ବୟସ ଯାଇଛି ହଜି ।।

ଉଜୁଡ଼ା କ୍ଷେତରେ ଲହଡ଼ି ମାରୁଛି
ଭଙ୍ଗା ସପନର ଢେଉ
ଯନ୍ତ୍ରଣା ଅନଳେ ନିତି ସିଏ ଜଳେ
ସହି ନିୟତିର ଦାଉ
ବିଧାତା ଦେଇଛି ଦୁଃଖ
କିଏ ବା ପଢ଼ିବ ଦାଦନ ପ୍ରାଣର
ବେଦନାର ଅଭିଲେଖ ।

❑❑

କବିଙ୍କ ଇ-ମେଲ ଠିକଣା:
benudharsutar123@gmail.com

ଗଳ୍ପ


# ଦୁଇଟି ମିନିଗପ



ଲକ୍ଷ୍ମୀଧର ସାହୁ

## ଉବର୍


ନିର୍ଜନ ରାତି । ପୁରୁଷଜଣକ ଉବର୍‌ରେ ଚଢ଼ିଲା । ଆଉଜଣେ ମହିଳା ପୂର୍ବରୁ ବସିଛି । ପୁରୁଷଟି ବସିଲା । ଗାଡ଼ି ଚାଲିଲା । ମହିଳାଜଣକ ପର୍ସରେ ଅଣ୍ଡାଳୁଥାଏ ପେପର ସ୍ପ୍ରେ, ଥରେ ଆଗକୁ, ଥରେ କଡ଼କୁ ଦେଖି । ପୁରୁଷଟି ବ୍ୟାଗରେ ଥିବା କଇଁଚିକୁ ଅଣ୍ଡାଳୁଥାଏ ସନ୍ଦେହଭରା ଦୃଷ୍ଟିରେ ଗାଡ଼ିସାରା ନଜର ବୁଲେଇ । ଡ୍ରାଇଭର ଗାଡ଼ି କମ୍ପାର୍ଟ ଖୋଲି ଖୋଜୁଥାଏ ସ୍କ୍ରୁ ଡ୍ରାଇଭର, ଆଇନାରେ ପାସେଞ୍ଜରଙ୍କୁ ଦେଖି । ମହିଳା ଖବରକାଗଜରେ ଦେଖିଥିଲା କେମିତି ଚଳନ୍ତି ଗାଡ଼ି ଭିତରେ ଅଧରାତିରେ ହୋଇଥିଲା ବଳାତ୍କାର । ପୁରୁଷଟି ଶୁଣିଥିଲା ତା' ସହକର୍ମୀଙ୍କୁ କେମିତି ହନିଟ୍ରାପରେ ଫସେଇ ନିଖୋଜ କରିଦେଇଥିଲେ । ଆଜି ବେଶି କାମ ଥିଲା ବୋଲି ଏତେ ରାତି ହେଲା । ଡ୍ରାଇଭର ଗାଁରେ କଥାଟା ସରଗରମ ଅଛି, ଥରେ ଏମିତି ତାଙ୍କ ଗାଁରୁ ସହରକୁ କାମ କରିବାକୁ ଆସିଥିବା ଲୋକର କିଡ଼ନୀ ହାର୍ଟ ସବୁ ବିକ୍ରି କରିଥିଲେ ସହରର ବେନାମୀ ଗ୍ୟାଙ୍ଗ । ଅନେକ ଆଖିର ଛକାପଞ୍ଝା ଓ ନିର୍ଜନତା ଭିତରେ ବିତିଗଲା ଦେଢ଼ ଘଣ୍ଟା ।




ଉବର୍ ଆସି ରହିଲା ତିନିମୁହାଣୀରେ । ପୁରୁଷ ମହିଳା ଦୁହେଁ ଗାଡ଼ିରୁ ଓହ୍ଲେଇ ତୀବ୍ର ଭାବେ ଦୌଡ଼ିଲେ ବିପରୀତ ଦିଗରେ । ଡ୍ରାଇଭର ମଧ୍ୟ ଭଡ଼ା ପଇସାକୁ ଖାତିର ନକରି ଗାଡ଼ିକୁ ଦୌଡ଼ାଇଲା ଶହେ ଉପରେ । ଦୁଇଘଣ୍ଟା ପରେ ମେସେଜ ଦେଖିଲା ଉଭୟ ପାସେଞ୍ଜରଙ୍କ ଆକାଉଣ୍ଟରୁ ଭଡ଼ା ପଇସା ଆସି ଯାଇଥିଲା ଅନଲାଇନ୍ । ସମସ୍ତ ମାମଲା ପ୍ରଶମିତ ହେଇଯାଇଥିଲା ।

## ଅବସାଦ

ଏକୁଟିଆ ରହୁଥିଲା ଝିଅଟି । ତା' ମନରେ ଭୟ ଥିଲା, ତେଣୁ ଦୁଆରେ ନିଜ ଚପଲ ସହିତ ଦୁଇ ହଳ ପୁରୁଷ ଜୋତା ଓ ସ୍ଲିପର ମଧ୍ୟ ସଜାଡ଼ି ରଖୁଥିଲା । ସଞ୍ଜବେଳେ ଜୋର ଭଲ୍ୟୁମରେ ସମାଚାର ଶୁଣୁଥିଲା । ନିଜ ପୋଷାକ ସହ ପୁରୁଷ ଲୁଙ୍ଗି, ଗେଂଜି, ସାର୍ଟ ଓଦା କରି ଶୁଖାଉଥିଲା । ଭଏସ୍ ଚେଞ୍ଜିଙ୍ଗ ଆପ୍‌ରେ ପୁଅ ଭଏସ୍ ନକଲ କରି ମଝିରେ ମଝିରେ ଲଗେଇ ଦେଉଥିଲା । ବେଳେ ବେଳେ ଦାଢ଼ିକଟା ଯନ୍ତ୍ର, ପୁରୁଷ ଅନ୍ତଃବସ୍ତ୍ର ବି ମଗେଇ ଥିବାର ପଡ଼ୋଶୀ ଦେଖିଛନ୍ତି । କିନ୍ତୁ କେହି ଦେଖିନାହାନ୍ତି ସେ ପୁଅକୁ ଯିଏ ତା' ସହିତ ରହୁଥିଲା । ଥରେ ପାଞ୍ଚଦିନ ବିତିଗଲା, ସେ ବାହାରକୁ ବାହାରିଲାନି । କଲୋନୀ ଲୋକେ ଆଶଙ୍କା କଲେ । ତା' କୋଠରିର ତାଲା ଭାଙ୍ଗିଲା ବେଳକୁ ଅନେକ ଖାଲି ବୋତଲ ମଝିରେ ପଡ଼ିଥିଲା ତାର ମୁର୍ଦ୍ଦାର ।



ପୋଲିସ ଆସିଲା, ତା' ପରିବାର ଆସିଲେ । ପୋଲିସ ସେ ମନଗଢ଼ା ପୁଅକୁ ଦୋଷୀ ମାନି ନେଲେ । ପରିବାର ଭାବିଲେ ଚାକିରି ନାଁ କହି ଝିଅ ଲିଭ୍-ଇନ୍‌ରେ ରହୁଥିଲା, ଶବ ନେବାକୁ ବି ମନା କରିଦେଲେ ।

□□

ଗାଳ୍ପିକଙ୍କ ଇ-ମେଲ ଠିକଣା:
Sahoolaxmidhar231@gmail.com



**ଶିଶୁ ଗଳ୍ପ**

# ହରିଣ ଗଲା ହାରି

**ରବୀନ୍ଦ୍ରନାଥ ମାଝୀ**


ବନି ପାଠ ବହିରେ ପଢ଼ିଛି – 'କଉତୁକିଆ ହରିଣ ଛୁଆ, ମାଆ ପାଶରେ ହୋଇଛି ଠିଆ'। ପିଲାବେଳେ ମାଆ ହିଁ ଛୁଆଟିର ସାହା ଭରସା । ବଡ଼ ହୋଇଗଲେ ହରିଣ ଡିଆଁ ମାରେ ଓ ଦଉଡ଼ିବାରେ ତାକୁ କେହି ପାରେନାହିଁ । ହରିଣ ବେଶି ବାଟ ଦଉଡ଼ି ଚାଲିଗଲେ, ମାଆ ତାକୁ ଡରେଇ ଦିଏ । କହେ, 'ବଣରେ ବାଘ ଅଛି, କୁକୁର ଅଛନ୍ତି । ତୋତେ ଧରି ମାରି ପକେଇବେ' ।

ହରିଣ ଛୁଆର ମନରେ ଏଇ ଭୟଟି ସବୁଦିନଯାଏଁ ରହିଯାଏ। ଧାଇଁବା ପାଇଁ ତା'ର ସରୁସରୁ ନଳୀ ଗୋଡ଼ । ଦେହ ବି ମୋଟା ନୁହଁ । ହାଲକା ଦେହକୁ ଧରି ସେ ଯେତେବେଳେ ଧାଏଁ, ଘଂଟାକୁ ୯୦ କିଲୋମିଟର ବେଗରେ ଧାଇଁପାରେ। ଏତିକି ବେଗରେ ସିଂହ, ବାଘ କି କୁକୁର ଧାଇଁ ପାରନ୍ତି ନାହିଁ । ସବୁଠୁ ଅତି ବେଗରେ ଚିତାବାଘ ଧାଇଁପାରେ । ମାତ୍ର ତା'ର ଗତି ୫୦ରୁ ୬୦ କିଲୋମିଟରରୁ ଅଧିକ ନୁହେଁ। ଚିତା ଯେତେ ଚେଷ୍ଟା କଲେ ବି ହରିଣକୁ ଦଉଡରେ ଟପିଯାଇପାରିବ ନାହିଁ। ବାଘ ଦେହ ଚିତାଠୁ ମୋଟା । ତା' ପାହୁଲରେ ସେ ପାହାଡ଼ିଆ, ଖାଲଢ଼ିପ ରାସ୍ତାରେ ସହଜରେ ଦୌଡ଼ି ପାରେ ।

ବଣ ରାଇଜର ପଶୁ ପକ୍ଷୀ ହରିଣକୁ ଖୁବ୍ ପ୍ରଶଂସା କରନ୍ତି । କୁହାକୁହି ହୁଅନ୍ତି, ବାଘ ଦଉଡ଼ି ହରିଣକୁ ଧରିପାରିବ ନାହିଁ ।

ଥରେ ବଣରେ ଦଉଡ଼ ପ୍ରତିଯୋଗିତା ହେଲା । ହରିଣ ପବନ ବେଗରେ କାହିଁ କେତେବାଟ ଦଉଡ଼ି ପଛକୁ ଚାହିଁଲା। ବାଘ ଧାଉଁଛି ଯେ, ବହୁ ପଛରେ ଅଛି। ମାଆ ଡରେଇ ଥିବା କଥା ମନ ଭିତରକୁ ଆସିଗଲା । ଭୟରେ ଥରିଗଲା । ଭାବିଲା ବାଘ ମୋ'ଠୁ ବଡ଼ । ମୋଟା ଦେହ । ପାହୁଲରେ ନଖ ଅଛି। ତା'ର ଛୁରୀପରି ଦାନ୍ତ ।

ପଶୁମାନେ ତାଳି ମାରି ତାକୁ ସାହସ ଦେଉଥାନ୍ତି । 'ସାବାସ୍... ସାବାସ୍..' ପାଟିରେ ଜଙ୍ଗଲ ଫାଟି ପଡୁଥାଏ । ବାଘ ରାଗରେ ଧାଇଁଥାଏ, ହେଲେ ହରିଣଠୁ କାହିଁ କେତେ ପଛରେ । ହରିଣ ବାଟ ମୋଡ଼ି ଧାଇଁଲା । ବାଘ ଜାଣିଲା ହରିଣ ଡରି ଯାଉଛି । ସାହସ ତାର ବଢ଼ିଗଲା । ବାଟ ଭାଙ୍ଗି ସେ ବି ଧାଇଁଲା । ହରିଣ ପ୍ରକୃତରେ ଡରି ଯାଇଥାଏ । ଭାଲୁ ଗୋଡ଼ଟେକି ପାଟିକଲା "ଡରିବ ଯିଏ ହାରିବ ସିଏ । ବାଘ ତୋତେ ଧରିପାରିବ ନାହିଁ । ଯା' ପଳା... ଆହୁରି ବେଗରେ ।''



ହରିଣ ପୁଣି ପଛକୁ ଚାହିଁଲା। ଦେଖିଲା ବାଘ ପାଖେଇ ଆସୁଛି । ସିଧା ଧାଇଁବ କ'ଣ ପୁଣି ବାଟ ଭାଙ୍ଗି ଦଉଡ଼ିଲା । ସେ ଧାଇଁବାକୁ ସକ୍ଷମ। ବାଘ କେବେ ବି ତାକୁ ଧରି ପାରିବ ନାହିଁ। ତା' ମନରେ ଏ ଦୃଢ଼ତା କମି କମିଗଲା । 'ଡର' ଗୋଟାଏ କଥାକୁ । ବାଘ ଧରିଲେ ତାକୁ ମାରି ପକେଇବ । ଚିଲଟିଏ ଉଡ଼ିଗଲା ତା' ପାଖକୁ । ବଡ଼ ପାଟିରେ କହିଲା ''ଡରିଲେ ହାରିଯିବୁ, ବାଘ ତୋତେ ଧରି ମାରି ପକାଇବ। ସାହସ ବଢ଼େଇ ଯାଆ, ଧାଇଁ ଯାଆ, ଧାଇଁ ଯାଆ..।''

ସମସ୍ତଙ୍କର ଉତ୍ସାହ ଦେବା ବିଫଳ ହୋଇଗଲା। ସାହସ ହରାଇଲା ହରିଣ, ବାରମ୍ବାର ମୁହଁ ବୁଲେଇ ପଛକୁ ଚାହିଁ ଦେଖୁଥାଏ ବାଘକୁ ।

ବାଘ ସାହସ ହରାଉ ନ ଥାଏ । ସେ ଭାବୁଥାଏ ''ମୁଁ

ପାରିବି, ହରିଣକୁ ଧରିପାରିବି ।''

ବାଘ ହରିଣ ପରି ଝଡ଼ବେଗୀ ନୁହେଁ। ତଥାପି ତା'ର ସାହସ ଥାଏ ବିଶ୍ୱାସ ଥାଏ ସେ ପାରିବ ।

ହରିଣ ବାଘଠୁ ବେଗବାନ। ତା' ଶକ୍ତି ପାଖରେ ବାଘର ଦଉଡ଼ ସଫଳ ହେବ ନାହିଁ। ମାତ୍ର ଡର ତାକୁ ଘାରିଯାଉଥାଏ। ମନରୁ ଭରସା ତୁଟି ଯାଉଥାଏ । ସେ ହାରିଯିବ । ବାଘ ତାକୁ ମାରି ଖାଇଯିବ, ଭୟରେ ସେ ଥକି ଗଲା। ପାଦ ଶିଥିଳ ହୋଇପଡ଼ିଲା । ବାଘ ତାକୁ ଶେଷକୁ ଧରି ନେଲା ।



ଭୟ ଓ ବାରମ୍ବାର ସେଇ ଭୟରେ ପଛକୁ ଚାହିଁବାରୁ ହରିଣର ଗତି କମିଗଲା ଓ ସେ ସକ୍ଷମ ଥିଲେ ବି ହାରିଗଲା ।

ମନରେ ଦୃଢ଼ତା ନ ରହିଲେ, ଯେତେ ସକ୍ଷମ ଓ ପାରିବାର ଥିଲେ ବି 'ଭୟ' ସମସ୍ତଙ୍କୁ ହରେଇ ଦିଏ । ଭୟକୁ ପରିହାର କର', ସାହସୀ ହୁଅ ଓ ନିଜ ଉପରେ ବିଶ୍ୱାସ ରଖ''....ଏକଥା ଘୁତୁରୁ ଘୁତୁର ହୋଇ ପେଚା ସମସ୍ତଙ୍କୁ ସେଇ ଦିନଠୁ କହି ଆସୁଛି।

□□

ଲେଖକଙ୍କ ଇ-ମେଲ ଠିକଣା:
rabindranathmajhee@gmail.com



## ବର୍ତ୍ତମାନ 'ଗୁଗୁଲ୍ ପ୍ଲେ-ବୁକ୍ସ'ରେ ପଢ଼ନ୍ତୁ 'ସାହିତ୍ୟ ଚର୍ଚ୍ଚା' ପତ୍ରିକାର ଇ-ବୁକ୍ ସଂସ୍କରଣ, ସୁଲଭ ମୂଲ୍ୟରେ ।

***It's Easy !***

1. **Download 'Google Play Books' from Play Store.**
2. **Register by using your Gmail ID and password.**
3. **In the Search box please type 'Sahitya Charcha'. Select the issue you wish to read.**
4. **Pay Rs.23.60 by using Google pay, UPI or any other payment mode.**
5. **Download the 'Sahitya Charcha' Magazine into your device.**

ପ୍ରତି ସଂଖ୍ୟାର ମୂଲ୍ୟ-
ଟ.୨୩.୬୦
(ତେଇଶି ଟଙ୍କା ଏବଂ ଷାଠିଏ ପଇସା ମାତ୍ର)

Google Play Books



**ପୁସ୍ତକ ସମୀକ୍ଷା**

# ଆତ୍ମମଗ୍ନା

**ସମ୍ପାଦନା : ସୁପ୍ରିୟା ପ୍ରଶାନ୍ତ**
**ପ୍ରକାଶକ: କୁନୁ ବହି, ହାଇଦ୍ରାବାଦ**
**ପୃଷ୍ଠା: ୩୧୨, ମୂଲ୍ୟ: ଟ. ୬୦୦/-**

ବହିଟିରେ ସର୍ବପ୍ରଥମେ ଯାହା ଆମକୁ ଆକର୍ଷିତ କରେ ତା'ହେଲା ଏହାର ନାମକରଣ। ନିଜର ଜୀବନାନୁଭୂତି ଲେଖି ଓଡ଼ିଆ ସାହିତ୍ୟରେ ନାରୀକୈନ୍ଦ୍ରିକ ଆତ୍ମଚରିତର ଏକ ସମାନ୍ତରାଳ ଧାରା ସୃଷ୍ଟି କରିଥିବା ମହିୟସୀ ମହିଳାମାନଙ୍କୁ ସଂକଳକ ସୁପ୍ରିୟା ପ୍ରଶାନ୍ତ କାହିଁକି 'ଆତ୍ମମଗ୍ନା' ବୋଲି ଅଭିହିତ କରିଛନ୍ତି, ତାହାର ଆଭାସ ଦେଖିବାକୁ ମିଳେ ବହିଟିର 'ଭୂମିକା' ବା ମୁଖବନ୍ଧରେ। ତା'ଙ୍କ ଭାଷାରେ, 'ଓଡ଼ିଆ ନାରୀ ଆତ୍ମଜୀବନୀକାରମାନେ, ଯେଉଁମାନେ ନିଜର ଜୀବନ କାହାଣୀକୁ କାଗଜରେ ଲିପିବଦ୍ଧ କରିଛନ୍ତି, ଦେଖିଲେ ଯେ ଧୀରେ ଧୀରେ ଏହା କଠୋର ନୈତିକ ଏବଂ ସାମାଜିକ ନିୟମମାନରୁ ମୁକ୍ତ ହୋଇ ନୂତନ ଜୀବନଶୈଳୀକୁ ସ୍ଥାନ ଦେଉଛି। ...ଏହି ନାରୀମାନେ ସେମାନଙ୍କର ପୂର୍ବଜମାନଙ୍କର ସାହସ ଓ କାର୍ଯ୍ୟର ଫସଲ ଅମଳ କଲେ ଏବଂ ସ୍ୱତଃପ୍ରବୃତ୍ତ ଭାବେ ଆତ୍ମପ୍ରତ୍ୟୟ ଓ ଉଚ୍ଚାକାଂକ୍ଷାର ସହ ଆଗକୁ ବଢ଼ିଲେ।' ଏହି କ୍ରମରେ ସେହି ବିଶିଷ୍ଟ ମହିଳାଗଣ କିଭଳି ନିଜକୁ ଆତ୍ମମଗ୍ନତାରୁ ରଚନାମଗ୍ନତାକୁ ଉତ୍ତରିତ କରିପାରିଛନ୍ତି, ତାହାର ନିଦର୍ଶନ ହେଉଛି ଏହି ସଂକଳନ।

ସଂକଳନଟିରେ ମୋଟ ୨୧ ଜଣ ନାରୀ ଆତ୍ମଜୀବନୀକାରଙ୍କ ରଚନାର ଚୟନିତ ଅଂଶ ସ୍ଥାନପାଇଛି। ଲେଖାଗୁଡ଼ିକୁ ତାଲିକାଭୁକ୍ତ କରିବାବେଳେ ସଂକଳକ ମହାଶୟା ସେଗୁଡ଼ିକର ରଚୟିତାଙ୍କୁ ପାଞ୍ଚଗୋଟି ଭାଗରେ ବିଭକ୍ତ କରିଛନ୍ତି; ଯଥା: ଗାନ୍ଧୀବାଦୀ, ସମାଜସେବୀ, ଲେଖିକା, କର୍ମଜୀବୀ ଓ 'ସ୍ମୃତିର କାରିଗର'। ଏହି ବର୍ଗୀକରଣ ଯଥାର୍ଥ। ତେବେ 'ସମାଜସେବୀ' ଶ୍ରେଣୀରେ ଦୁଇଜଣ ଲେଖିକାଙ୍କୁ ଅନ୍ତର୍ଭୁକ୍ତ କରିଥିବାପାଇଁ ସଂକଳକଙ୍କ ସ୍ପଷ୍ଟୀକରଣ, "ସ୍ୱାଧୀନତା ପରବର୍ତ୍ତୀ ଯୁଗରେ ଅନେକ ବ୍ୟକ୍ତି ସମାଜବାଦୀ ତଥା ବାମପନ୍ଥୀ ଦୃଷ୍ଟିକୋଣ ଏବଂ ସାମାଜିକ ପରିବର୍ତ୍ତନର ବାଟ ଆପଣାଇଥିଲେ," ପଢ଼ି ମନରେ ସ୍ୱତଃ ପ୍ରଶ୍ନ ଉଠେ ଯେ ଯେଉଁମାନେ ବାମପନ୍ଥା ନ ଆପଣାଇ ମଧ୍ୟ ସମାଜସେବାରେ ନିଜକୁ ଉତ୍ସର୍ଗ କରିଥିଲେ, ସେମାନେ କ'ଣ ସମାଜସେବୀ ନ ଥିଲେ?


ଏଥିରେ ସନ୍ନିବେଶିତ ୨୧ଟି ଯାକ ଲେଖା ସଂପୃକ୍ତ ମହିଳା ପ୍ରତିଭାଧରଙ୍କ ଦ୍ୱାରା ଲିଖିତ ତଥା ପୂର୍ବରୁ ପ୍ରକାଶିତ ଆତ୍ମଚରିତର ସୁସମ୍ପାଦିତ ଅଂଶ। ଯେହେତୁ ଲେଖାଗୁଡ଼ିକ ବିଭିନ୍ନ ସ୍ରୋତରୁ ସଂଗୃହୀତ, ତେଣୁ ସେହି ବିବିଧବର୍ଣ୍ଣା ରଚନାଗୁଡ଼ିକରେ ଆମେ ସମରୂପତା ବା ୟୁନିଫର୍ମିଟି ଆଶା କରିନପାରୁ। କିନ୍ତୁ ଯାହା ସମସ୍ତ ଲେଖାକୁ ଗୋଟିଏ ସୂତ୍ରରେ ବାନ୍ଧି ରଖିପାରିଛି, ତା'ହେଲା ପାଠକମାନଙ୍କ ସାମନାରେ ନିଜ ମନକଥା ଉନ୍ମୁକ୍ତ କରିଦେବାର ଅନ୍ତଃସ୍ୱର। ମନେହୁଏ, ଏଥିରେ ସଂକଳିତ ସମସ୍ତ ମହୀୟସୀ ନିର୍ବାଧରେ ପରିପ୍ରକାଶ କରିଛନ୍ତି ନିଜକୁ। ଏଥିରେ ଆମ ଦୃଷ୍ଟିରେ ପଡ଼େ ସରଳା ଦେବୀଙ୍କ ଗୋଟିଏ ଉକ୍ତି, 'ସକାଳ ଘଟଣା ସଞ୍ଜବେଳକୁ ମରିଯାଏ, ରାତିଘଟଣା ସକାଳକୁ ମରିଯାଏ, ରହିଯାଏ ସୀମିତ କାଳ ପାଇଁ ସୀମିତ ସ୍ମୃତିରେ ରେଖାପାତ।' (ପୃଷ୍ଠା-୭୬) ସେମିତି ମଧ୍ୟ ଅଛି ଗୀତା ହୋତାଙ୍କର ଏକ କବିତାସୁଲଭ ପ୍ରତିବେଦନ, 'କୃଷ୍ଣଚୂଡ଼ାର ଲାଲ ଫୁଲ ଦେଖି ମଣିଷ ସେଇ ଗଛ ସହିତ ଏକାତ୍ମତା ଅନୁଭବ କରେ। କାରଣ ତାର ଦେହରେ ମଧ୍ୟ ଲାଲ ରକ୍ତ ପ୍ରବାହିତ ହୁଏ।' (ପୃଷ୍ଠା- ୧୮୭)। ରମାଦେବୀ ଚୌଧୁରୀ, ଗୋଦାବରୀ ଦେବୀ ଅନ୍ନପୂର୍ଣ୍ଣା ମହାରଣା ଓ ସୀତାଦେବୀ ଖାଡ଼ଙ୍ଗାଙ୍କ ଭଳି ବହୁ ସୁବିଦିତ ବ୍ୟକ୍ତିତ୍ୱ ନିଜ ନିଜର ସ୍ମୃତିଚାରଣରେ ସମୃଦ୍ଧ କରିଛନ୍ତି ପୁସ୍ତକଟିକୁ।

ଏହି ପର୍ଯ୍ୟାୟର ଲେଖାଗୁଡ଼ିକୁ ସଂଗ୍ରହ କରି ତାହାର ଯଥାଯଥ ସଂକଳନ ଓ ସମ୍ପାଦନା ନିଶ୍ଚିତ ଭାବରେ ଆୟାସସାଧ୍ୟ। ଏଣୁ ସଂକଳକଙ୍କର ଏହି ସାରସ୍ୱତ ପ୍ରୟାସକୁ ସାଧୁବାଦ।

**ନିହାର ଶତପଥୀ**

# ସାହିତ୍ୟ ସମାଚାର

## ପ୍ରକାଶିତ ହେବ ବୈଦେହୀଶ ବିଳାସର ପ୍ରାମାଣିକ ଇଂରାଜୀ ଅନୁବାଦ




ଓଡ଼ିଆ ଜାତି ତଥା ଓଡ଼ିଆ ସାହିତ୍ୟ ପ୍ରେମୀଙ୍କର ଦୀର୍ଘକାଳର ଆକାଂକ୍ଷା – କବିସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ କୃତ 'ବୈଦେହୀଶ ବିଳାସ'ର ଇଂରାଜୀ ଭାଷାରେ ଏକ ପ୍ରାମାଣିକ ଅନୁବାଦ, ଖୁବ୍ ଶୀଘ୍ର ସାର୍ଥକ ହେବାକୁ ଯାଉଛି। ଏହି ଅନୁବାଦ କାର୍ଯ୍ୟଟି ସମ୍ପନ୍ନ କରିଛନ୍ତି ଆମେରିକାସ୍ଥିତ ଉଇସ୍‌କନ୍‌ସିନ୍ ବିଶ୍ୱବିଦ୍ୟାଳୟର ପ୍ରାଧ୍ୟାପକ ଦ୍ୱୟ ଅମ୍ରିତା ଚୌଧୁରୀ ଓ ଉଜାନ୍ ଘୋଷ। ଏହି ମହତ୍ତ୍ୱପୂର୍ଣ୍ଣ ଅନୁବାଦ-ପରିଯୋଜନାର ଯୋଗସୂତ୍ର ସ୍ଥାପନ କରିଛନ୍ତି କଲିକତାରେ ଅବସ୍ଥାନ କରୁଥିବା ବିଶିଷ୍ଟ ଅନୁବାଦକ କମଳାକାନ୍ତ ମହାପାତ୍ର। ପୁସ୍ତକଟି ଆଉ ମାତ୍ର ମାସକ ମଧ୍ୟରେ 'ୱାଇଡ୍ ଓପନ୍ ୱିଣ୍ଡୋ ବୁକ୍ସ' ପ୍ରକାଶନ ସଂସ୍ଥା ଦ୍ୱାରା ଲୋକାର୍ପିତ ହେବ ବୋଲି ଜଣାପଡ଼ିଛି।

ପ୍ରକାଶ ଅପେକ୍ଷାରେ ଥିବା ଏହି ଅନୁବାଦ ପୁସ୍ତକଟି ଉପରେ ନିଜର ମତ ଦେଇ ଆମେରିକାର ସୁପ୍ରସିଦ୍ଧ ଇଣ୍ଡୋଲୋଜିଷ୍ଟ (ଭାରତବିତ୍) ୱେଣ୍ଡି ଡୋନିଗର୍ କହିଛନ୍ତି ଯେ 'ଏହା ହେଉଛି ଏକ ଅସାମାନ୍ୟ କାବ୍ୟର ଅସାମାନ୍ୟ ଅନୁବାଦ।' ଏହା ପୂର୍ବରୁ, ଗତ ଶତାବ୍ଦୀର ପଞ୍ଚମ ଦଶନ୍ଧି ବେଳକୁ ଭଞ୍ଜ ସାହିତ୍ୟର ଅଗ୍ରଣୀ ଗବେଷକ ବିଚ୍ଛନ୍ଦ ଚରଣ ପଟ୍ଟନାୟକ ବୈଦେହୀଶ ବିଳାସର ଅଳ୍ପ କିଛି ଅଂଶ ଇଂରାଜୀରେ ଅନୁବାଦ କରିବାକୁ ଚେଷ୍ଟା କରିଥିଲେ। ଏବେ ପ୍ରକାଶ ଅପେକ୍ଷାରେ ଥିବା ଅନୁବାଦ ପୁସ୍ତକଟି ଉପେନ୍ଦ୍ର ଭଞ୍ଜଙ୍କ ରଚନା ପ୍ରତି ବୈଶ୍ୱିକ ରୁଚି ଜାଗ୍ରତ କରିବାରେ ବିଶେଷ ସହାୟକ ହେବ ବୋଲି ଆଶା କରାଯାଉଛି।

## ଚଳନ୍ତା ରେଳରେ କବିତାପାଠର କାର୍ଯ୍ୟକ୍ରମ: ନେଇଯା'ରେ ରେଳ ମୋତେ



ଜୟପୁର ସାହିତ୍ୟ ପରିଷଦ ଦ୍ୱାରା ଆୟୋଜିତ ଚଳନ୍ତା ଟ୍ରେନ୍ ଭିତରେ କବିତା ପାଠର ଏକ ଅନନ୍ୟ କାର୍ଯ୍ୟକ୍ରମ ମଇ ୨୭ ତାରିଖ ଦିନ ଜୟପୁରରୁ ଜଗଦଳପୁର ଯାଉଥିବା ହୀରାଖଣ୍ଡ ଏକ୍ସପ୍ରେସ୍ ?ରେ ଅନୁଷ୍ଠିତ ହୋଇଥିଲା। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଜୟପୁର ସହରର ୩୬ ଜଣ ବିଶିଷ୍ଟ କବି ଓ ଲେଖକ ଟ୍ରେନ୍‌ରେ ଜଗଦଳପୁର ଅଭିମୁଖେ ସେମାନଙ୍କର ଯାତ୍ରା ଆରମ୍ଭ କରିଥିଲେ; ଏବଂ ସେଠାକୁ ଯିବା ଓ ଫେରିବା ଉଭୟ ଅବସରରେ ଟ୍ରେନ ଭିତରେ ହିଁ ସମସ୍ତେ ନିଜର କବିତା ପାଠ କରିଥିଲେ। କାର୍ଯ୍ୟକ୍ରମଟିରେ ଭାଗନେଇଥିବା ସମସ୍ତ ସାହିତ୍ୟିକଙ୍କ ପାଇଁ ଏହା ଏକ ଅପୂର୍ବ ଅନୁଭବ ଥିଲା।

ସମସ୍ତେ ଟ୍ରେନ୍ ଯୋଗେ ଯାଇ ଜଗଦଳପୁରଠାରେ ପହଞ୍ଚିବା ପରେ ସେଠାକାର ଉତ୍କଳ ଭବନଠାରେ ଏକ ସାହିତ୍ୟ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ ସଭାପତିତ୍ୱ କରିଥିଲେ ଛତିଶଗଡ଼ର ସୁପରିଣ୍ଟେଣ୍ଡିଂ ଆନ୍ଥ୍ରୋପୋଲୋଜିଷ୍ଟ ପୀୟୂଷ ରଞ୍ଜନ ସାହୁ। ସଭାରେ ଛତିଶଗଡ଼ ଓ ଓଡ଼ିଶା ରାଜ୍ୟ ଦ୍ୱୟ ମଧ୍ୟରେ ଥିବା ସାରସ୍ୱତ ସମ୍ପର୍କ ଉପରେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସୁଲେଖିକା ଊର୍ମିଳା ଆଚାର୍ଯ୍ୟ, ଜୟପୁର ସାହିତ୍ୟ ପରିଷଦର ସଭାପତି ହରିହର ସୁଧା ପଟ୍ଟନାୟକ, ସମ୍ପାଦକ ନିରଞ୍ଜନ ପାଣିଗ୍ରାହୀ ପ୍ରମୁଖ ମଧ୍ୟ ଉଦ୍‌ବୋଧନ ଦେଇଥିଲେ। ଏହି ଅବସରରେ ବିଜୟଲକ୍ଷ୍ମୀ ପାଣିଗ୍ରାହୀଙ୍କ 'ପରଜାପତି' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଧନ୍ୟବାଦ ଅର୍ପଣ କରିଥିଲେ ଉପସଭାପତି ମଧୁସୂଦନ ମିଶ୍ର।

## ଶେଷ ପୃଷ୍ଠା



# ଆପଣାକିଆ*

**‘ସା**ହିତ୍ୟ’ ପାଇଁ ଅତି ଅଳ୍ପରେ ଦୁଇଜଣଙ୍କର ଉପସ୍ଥିତି ଆବଶ୍ୟକ। ଜଣେ ‘ସାହିତ୍ୟ’ ଲେଖିବା ଲୋକ ଆଉ ଜଣେ ‘ସାହିତ୍ୟ’ ପଢ଼ିବା ଲୋକ। ଆଉ ତା’ଠାରୁ ତାତ୍ପର୍ଯ୍ୟପୂର୍ଣ୍ଣ ହେଲା; ଏ ଦୁହେଁ ‘ସାହିତ୍ୟ’କୁ ବୁଝିବା ଲୋକ ମଧ୍ୟ ହୋଇଥିବେ। କାରଣ, ‘ସାହିତ୍ୟ’କୁ ଯଦି ‘ସାହିତ୍ୟ’ ଭଳି ଲେଖି ଦିଆଯାଇପାରୁଥାଆନ୍ତା ତେବେ ‘ସାହିତ୍ୟ’ କଣ ସତରେ ‘ସାହିତ୍ୟ’ ହୋଇ ରହି ନ ଥାନ୍ତା!

ଆସନ୍ତୁ; ଏହି ଅବବୋଧର ପ୍ରୋତ୍‌ଫୁଲ୍ଲରେ ହିଁ ଅଛି ଏହି କଥାର ସାରମର୍ମ। ପିଲାଦିନେ ବିଦ୍ୟାଳୟରେ ପଢ଼ିଥିବା: ଲୋ ରେବତୀ, ଲୋ ରେବି, ଲୋ ନିଆଁ, ଲୋ ଚୂଲି! ଏଇ ଧାଡ଼ିଟି ପଢ଼ିଲା ପରେ ଗାଁ ପିଲାଟିଏ ଯେଉଁ ସରଳବୋଧରେ ଏହାକୁ ହୃଦୟଙ୍ଗମ କରେ ହୁଏତ ସହର ଆଉ ନଗରରେ ବହୁଭାଷୀ ପରିବାରରେ ବଢ଼ି ଆସିଥିବା ପିଲାଟିଏ ଏହାକୁ ସେଇ ବୋଧରେ ନ ନେଇପାରେ। ଗାଁ ଗହଳିର ସରଳ ମାଧିଆ ସହରରେ ମାଧବ ହୁଏ। ସାହିତ୍ୟର ଚକରା ସିନେମାରେ ଚକ୍ରଧର ହୋଇପାରେ। ପିଲାଟି ଦିନରୁ ମୋତେ ଏହା ଆଶ୍ଚର୍ଯ୍ୟଚକିତ କରେ ଯେ ସେଇ ଏକା ବ୍ୟକ୍ତିର ପରିଚୟୋକ୍ତି ଏହି ଭାବେ ବଦଳି ଯାଏ କିପରି! ଜନପଦ ଓ କଥାସାହିତ୍ୟର ଏଇ ଚରିତ୍ରସମୂହଙ୍କୁ ଶୁଦ୍ଧବୋଧ କରିବାର ଏହି ପ୍ରଚେଷ୍ଟା କିଆଁ! ପୋଥିପୁରାଣକୁ ମୁଣ୍ଡିଆ ମାରି ଭକ୍ତିବୋଧରେ, ଅମର ସାହିତ୍ୟକୃତିକୁ ଆଦରରେ ପଢ଼ି ନିଜ ଭାଷାର ଗୌରବବୋଧରେ ଉତ୍‌ଫୁଲ୍ଲ ହେବାପରେ ହଠାତ୍ ଗୋଟିଏ ନାମ ଅବା ଶବ୍ଦ କିପରି ଅବ୍ୟକ୍ତ ଆଉ ଅସ୍ପୃଶ୍ୟ ହୋଇଯାଏ!

ବର୍ତ୍ତମାନ ଦେଖାଗଲାଣି ଯେ, ନାମ ପରେ ଏବେ ବିଭିନ୍ନ ଶବ୍ଦର ପାଳି। ସାହିତ୍ୟ ସଂସାରରେ ଅତର୍କିତ ଭାବେ ପ୍ରବେଶ କରିଥିବା ରାଜନୀତିଜ୍ଞ, ଚିତ୍ରନାଟ୍ୟକାର, ସ୍ୱଘୋଷିତ ବୁଦ୍ଧିଜୀବିଗଣ ଏବେ ଅକ୍ଷର ଆଉ ଶବ୍ଦ ତଥା ସାହିତ୍ୟର ଆତ୍ମାକୁ ପରିବର୍ତ୍ତନ କରିବାକୁ ଖଡ୍‌ଗହସ୍ତ। ଆସନ୍ତୁ ପଢ଼ିବା ଶବ୍ଦକୋଷରୁ ସାଉଁଟି ଆଣିଥିବା ଆମ ଓଡ଼ିଆ ଶବ୍ଦସମୂହରୁ କିଛି;

“ଅମନୀ ମାଇପ ମନ କରିଛି, ମନର ମାଇପ ଶେଜ ପାରିଛି,
ଥୋଇ ମାଇପର ପାଳି,
କନିଆଁ ମାଇପ ବନ୍ଧାପନା ଦିନ, ଗେରସ୍ତ ବସିଛି ଭାଳି।”

ଓଡ଼ିଆରେ ମାଇପ ଶବ୍ଦ ଭାର୍ଯ୍ୟା ଅର୍ଥରେ ଓ ମାଇପୀ ବା ମାଇପେ ଶବ୍ଦ ସାଧାରଣ ସ୍ତ୍ରୀ ବା ସ୍ତ୍ରୀ ଜାତି ଅର୍ଥରେ ବ୍ୟବହୃତ ହୁଏ। ମାଇପରଣ୍ଡା, ମାଇପରାଣ୍ଡି, ମାଇପରାଣ୍ଡୁଆ ହେଉ ଅବା ମାଇପୀରଣ୍ଡା ହେଉ ବୋଧ ଏକ। ଗଡ଼ଜାତରେ ବ୍ୟବହୃତ ମେହିଲୀ ରାଣ୍ଡିଆ ଅବା ମେହେଲୀ ରାଣ୍ଡିଆ, ଭାବ ସେଇ। ରାଣ୍ଡୀ ଖଣ୍ଡୀ କହିଲେ ବିଧବା ଓ ମାତୃପିତୃହୀନା ବାଳିକା ବୁଝାଯାଏ। ଆମ ବୋଧରେ ରାଣ୍ଡ ହେଉଛି ବିଧବା। କୃଷ୍ଣସିଂହଙ୍କ କାବ୍ୟଗ୍ରନ୍ଥରୁ ଉଦାହରଣଟିଏ ଦେବି;

“ତୁମ୍ଭ କୁଳନାରୀଏ ହୋଇ କରି ରାଣ୍ଡୀ । ଆମ୍ଭପରି କାନ୍ଦିବେ ହୋଇଣ ଦରାଣ୍ଡି।” ତଥା,

“ବୋଇଲା ମୋ’ ଘରେ ଥାଇଲୋ ସୀତା ରାଣ୍ଡୀ, ଖାଇଲୁ ରାକ୍ଷସମାନଙ୍କ ଭେଣ୍ଡା ଗଣ୍ଡି।”

ହିନ୍ଦି ଓ ବଙ୍ଗଳା ଅନୁକୃତରେ ଏହାର ଅର୍ଥ ବେଶ୍ୟା ଅବା ରକ୍ଷିତା, କିନ୍ତୁ ଓଡ଼ିଆରେ ନୁହେଁ। ଏଇ ରାଣ୍ଡ, ରାଣ୍ଡି, ରାଣ୍ଡୀ, ରଣ୍ଡା ବୋଧରେ ଯଦି ଏହି ଅବ୍ୟୁତ୍ପନ୍ନ ବ୍ୟକ୍ତିବିଶେଷ ସର୍ବେ ନିଜ ଅବ୍ୟବହୃତ ବୋଧ ପୁରାଇ ବସିବେ ତେବେ ସଇଲା କଥା। ଶେଷକୁ ସେହି ପଦକ କଥା କହିବି, ଯାହା ବ୍ୟାସକବି ଫକୀରମୋହନ ଲେଖିଯାଇଛନ୍ତି କଥାଛଳରେ;

“ଯାହା ଆପଣାକିଆ ତହିଁକି ଇଲାଜ କିଆଁ।”

– ପ୍ରଭୃ

***ଆପଣାକିଆ** – ସ୍ୱକୃତ (ନିଜେ କରିଥିବା କାର୍ଯ୍ୟ)

ଲେଖକଙ୍କ ଇ-ମେଲ୍ ଠିକଣା:
prasantabhunya@gmail.com

34 YEARS OF LEGACY

UTKAL BUILDERS
BUILDING TRUST

# STEP INTO A WORLD OF LUXURY



Redefining modern living in Odisha-rooted in nature,
designed for space, crafted for wellness.

**5Mn+ sq. ft. Delivered, 10,000+ Happy Families.**
**Building Dreams with Trust and Excellence.**

*Terms & Conditions Apply

UTKAL LEVELS PAHAL
**The Next Level of Luxury Living**
NH-16, Pahal

UTKAL iSQUARE SMART HOMES IN PATIA
**Bhubaneswar's First Smart Homes**
Patia Square

UTKAL RESERVE
**Bhubaneswar's Finest Luxury Verse**
NH-16, Patrapada

UTKAL utopia
**Embrace the Art of Anandam Living**
NH-16, Patrapada

**Corporate Office:**
777, Maharishi College Road, Saheed Nagar, Bhubaneswar, Odisha - 751 007
www.utkalbuilders.com

9509 121 121

Levels ORERA No. RP/19/2022/00840 | Utopia ORERA No. MP/19/2022/00646
Reserve ORERA No. MP/19/2022/00687 | Isquare ORERA No. MP/19/2024/01120

www.rera.odisha.gov.in/

Eastern India's **No.1*** Paediatric Hospital

# JAGANNATH HOSPITAL

AN EXCLUSIVE PERINATAL CENTRE

## Because we treat every child like our own



- 24 X 7 PAEDIATRIC NEONATAL EMERGENCY
- LEVEL - 3 NICU
- PAEDIATRICS & NEONATAL SURGERY
- 24 X 7 OBSRETRIC & GYNAECOLOGY
- 24 X 7 PATHO LAB

Call : 8093091301

185-P, Saheed Nagar, Bhubaneswar-15

*Source: Times of India Critical Healthcare Survey




Printed, Published and owned by Nihar Ranjan Satpathy, and Printed at Gayatri Industries, TS 3/193, Mancheswar Industrial Estate, Bhubaneswar - 751010 and published from SB-19, Arya Village, Dumuduma, Phase-4, Bhubaneswar - 751019.
Editor : Nihar Ranjan Satpathy